


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-40 • SUNDAY • 3 AUGUST 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୪୦ • ରବିବାର • ୩ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)


# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

### ଶୋକ ବ୍ୟକ୍ତକଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା

### ପରିବାରକୁ ନ୍ୟାୟ ଦାବି କଲେ ବିରୋଧୀ

### ଦିଲ୍ଲୀ ଏମ୍ସରେ ପରିବାରକୁ ସମବେଦନା ଜଣାଇଲେ ବିଜେଡି ସଂସଦୀୟ ପ୍ରତିନିଧି ଦଳ

### ଅପରାଧୀ ଧରା ନ ପଡ଼ିଲେ ରାଜରାସ୍ତା ଘେରଉ କରିବ କଂଗ୍ରେସ: ଭକ୍ତ



■ **ଭୁବନେଶ୍ୱର/ବଳଙ୍ଗା, ୨।୮ (ସମିସ):** ନିର୍ଯାତନା ନିଆଁରେ ଆଖି ବୁଜିଲେ ରାଜ୍ୟର ଆଉ ଜଣେ ପୀଡ଼ିତା। ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ନୂଆ ଗୋପାଳପୁର ଗ୍ରାମର ନାବାଳିକା ଶନିବାର ସନ୍ଧ୍ୟା ୬ଟା ୨୨ମିନିଟ୍‌ରେ ପ୍ରାଣ ହରାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ନାରୀ ନିର୍ଯାତନାର କ୍ରୂର ଫାଶରେ ପଡ଼ି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲଗାଇଦେଇଛି। ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି, ୬ ମାସ ଧରି ମନ୍ତ୍ରୀ, ସାଂସଦ, ବିଧାୟକ, ପୁଲିସ, କଲେଜ କର୍ତ୍ତୃପକ୍ଷଙ୍କୁ ନ୍ୟାୟ ଭିକ୍ଷାରେ ବିଫଳ ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କଲେ। ଏହି ଘଟଣାରେ ସରକାରଙ୍କ ନାରୀ ସୁରକ୍ଷା ନୀତିକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ବନ୍ଧୁ ଘରକୁ ବୁଲି ଯାଉଥିବା ବଳଙ୍ଗାର ଏହି ନାବାଳିକାକୁ କିଛି ଦୁର୍ବୃତ୍ତ କିରାସିନି ଢାଳି ପୋଡ଼ିଦେବାକୁ ଉଦ୍ୟମ କଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ନାବାଳିକାକୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାର ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କଲେ। ତେବେ ସମସ୍ତ ଉଦ୍ୟମ ସତ୍ତ୍ୱେ ଆଜି ସନ୍ଧ୍ୟାରେ ସେ ଜୀବନ ଓ ନ୍ୟାୟଯୁଦ୍ଧରେ ହାରିଯାଇଛନ୍ତି। ଏହି ଘଟଣାକୁ ନେଇ ▶ପୃଷ୍ଠା-୭

## ଅନ୍ଧାରରେ ତଦନ୍ତ, ଅଦୃଶ୍ୟରେ ଅପରାଧୀ

■ **ପୁରୀ, ୨।୮ (ସମିସ):** ଦୀର୍ଘ ୧୫ ଦିନ ଧରି ଜୀବନ ମରଣ ସହ ଯୁଝି ହେଉଥିବା ବଳଙ୍ଗା ପୀଡ଼ିତା ଶେଷରେ ହାରି ଯାଇଛନ୍ତି। ଶନିବାର ସନ୍ଧ୍ୟାରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତଦନ୍ତରୁ କିଛି ନିଷ୍କର୍ଷ ବାହାରି ନ ଥିବାବେଳେ ପୀଡ଼ିତା ଆଖି ବୁଜି ଦେଇଛନ୍ତି। ଏବେ ତଦନ୍ତ କୁଆଡ଼େ ଯିବ ତାହା ବଡ଼ ପ୍ରଶ୍ନ? ପୀଡ଼ିତାଙ୍କଠାରୁ ୪ ଥର ବୟାନ ରେକର୍ଡ ପରେ ବି ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ୧୫ ଦିନ ମଧ୍ୟରେ ଏହି ଜଘନ୍ୟ କାଣ୍ଡ ଉପରୁ ପରଦା ହଟାଇପାରି ନାହାଁ। ଘଟଣାର ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ ହୋଇନାହାନ୍ତି। ଏହି ରହସ୍ୟମୟ ଘଟଣାର ସବୁଠୁ ବଳିଷ୍ଠ ପ୍ରତ୍ୟକ୍ଷଦର୍ଶୀ ନିଜେ ପୀଡ଼ିତା ହିଁ ଥିଲେ। ହେଲେ ତାଙ୍କ ବୟାନକୁ ନେଇ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହୋଇଛି। ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁ ନ ଥିବା ଖବର ଲୋକମୁଖରେ ପ୍ରଚାରିତ ହୋଇଛି। ତେଣୁ କ'ଣ ପାଇଁ ଜଣେ ନାବାଳିକାଙ୍କୁ ଜିଅନ୍ତା ପୋଡ଼ି ମାରିଦେବାକୁ ହୋଇଥିଲା ଉଦ୍ୟମ ତାହା ରହସ୍ୟରେ ହିଁ ରହିଯିବ ବୋଲି ଚର୍ଚ୍ଚା ହେଉଛି।

> **ପୋଡ଼ିରେ କାହାରି ସମ୍ପୃକ୍ତି ନାହିଁ: ପୁଲିସ**
>
> **ତଦନ୍ତର ଦିଗ କୁଆଡ଼େ ଯିବ ?**

ଗତ ଜୁଲାଇ ୧୯ ତାରିଖରେ ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଯେଉଁଠି ଥିଲେ ବି ଖୋଜି ଧରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ, ଅପରାଧୀଙ୍କୁ ଖୋଜି ବାହାର କରିବୁ, କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯିବ। ଘଟଣାଦିନ ବଳଙ୍ଗାର ନୂଆ ଗୋପାଳପୁରରେ ପୁରୀ ଏସ୍‌ପି ପିନାକ ମିଶ୍ର ଏବଂ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ପହଞ୍ଚି ତଦନ୍ତ କରିଥିଲେ। ୧୯ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋରଞ୍ଜନ ସାହୁଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ବିଏନ୍‌ଏସ୍‌ଏସ୍ ଧାରା-୧୮୦ ଅନୁଯାୟୀ ବୟାନ ରେକର୍ଡ କରାଯାଇଥିଲା। ଏହି ସମୟରେ ପୀଡ଼ିତାଙ୍କ ପରିବାର ଲୋକେ, ଡାକ୍ତର, ବଳଙ୍ଗା ପୁଲିସ ଓ ଖଣ୍ଡଗିରି ଥାନା ପୁଲିସ ଉପସ୍ଥିତ ଥିଲେ।

୨୦ ତାରିଖରେ ବଳଙ୍ଗା ପୀଡ଼ିତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ଦିଲ୍ଲୀ ଏମ୍‌ସକୁ ଏୟାରଲିଫ୍ଟ କରାଯାଇଥିଲା। ସେହିପରି ବଳଙ୍ଗା ଗସ୍ତ କରିଥିଲେ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ▶ପୃଷ୍ଠା-୭

## ୭୫ ବର୍ଷରେ ଏନଡିଏରେ ପ୍ରଥମ ଓଡ଼ିଆ ଝିଅ

## ସାବାସ୍ ଶ୍ରାବଣୀ



■ **ଭୁବନେଶ୍ୱର, ୨।୮ (ଏଜେନ୍ସି):** ଶ୍ରାବଣୀ ଦାସ ପ୍ରଥମ ଓଡ଼ିଆ ବାଳିକା ଭାବେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସେ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ। ସେ ସଶସ୍ତ୍ର ସୀମା ବଳ ପାଇଁ ଏସ୍‌ଏସ୍‌ବି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡିଏଭି ପବ୍ଲିକ ସ୍କୁଲ ସମେତ ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଉଛି।

### ଅନିଶ୍ଚିତତାରେ ମହାନଦୀ ଜଳ ବିବାଦ

# ସଂଶୟ ବଢ଼ାଇଲା ସାଏଙ୍କ ମନ୍ତବ୍ୟ

## ଆପୋସ ସମାଧାନ ପାଇଁ ଚିଠି ଲେଖିଥିଲେ ମୋହନ

■ **ଭୁବନେଶ୍ୱର, ୨।୮ (ସମିସ):** ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଏବେ ଅନିଶ୍ଚିତତା ଘେରକୁ ଠେଲି ହୋଇଯାଇଛି। ଏହି ଜଳବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆଲୋଚନା ଜାରି ରହିଛି ବୋଲି ବାରମ୍ବାର ଦାବି କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯାଏଁ ଗଣମାଧ୍ୟମକୁ ଏନେଇ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିଛନ୍ତି। ମାତ୍ର ବିଭିନ୍ନ ମହଲର ଦୃଢ଼ ଦାବି ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାର ରୂପରେଖ କୌଣସି ଚିତ୍ର ସ୍ପଷ୍ଟ ହେଉନାହିଁ। ଏନେଇ ରାଜ୍ୟ ସରକାର ମଧ୍ୟ ମୁହଁ ଖୋଲୁନାହାନ୍ତି। ଯାହାକୁ ନେଇ ସାଧାରଣରେ ସଂଶୟ ବଢ଼ୁଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏକ ଚିଠିର ପ୍ରତ୍ୟୁତ୍ତରରେ ଛତିଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଚିଠି ଏହି ସଂଶୟକୁ ଦ୍ୱିଗୁଣିତ କରିଛି। ଶ୍ରୀ ମାଝୀଙ୍କୁ ଲେଖିଥିବା ଚିଠିରେ ଶ୍ରୀ ସାଏ ଉଲ୍ଲେଖ କରିଛନ୍ତି ଯେ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଗତ ୨୫ ତାରିଖରେ ଆପଣଙ୍କ ଚିଠିରେ ଉଲ୍ଲେଖଥିବା ପ୍ରସ୍ତାବ ମୋର ଅବଗତ ହୋଇଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି ବୋଲି ଶ୍ରୀ ସାଏ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏପରି ପ୍ରତ୍ୟୁତ୍ତରକୁ ନେଇ ବିଶେଷଜ୍ଞ ମହଲ ମାଳମାଳ



### ଓଡ଼ିଶାର ପ୍ରସ୍ତାବକୁ ବିଚାର କରୁଛୁ: ଛତିଶଗଡ଼

### ବିଶେଷଜ୍ଞ ମହଲର ଦାବି, ଆଲୋଚନାକୁ ସାର୍ବଜନୀନ କରନ୍ତୁ ସରକାର

### ଚିଠିରେ ଆପୋସ ସମାଧାନ ହୁଏନି: କଂଗ୍ରେସ

### ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲେ ବିରୋଧୀ

ପ୍ରଶ୍ନ ବାଢ଼ିଛନ୍ତି। ରାଜ୍ୟ ସରକାର ବିବାଦର ସମାଧାନ ପାଇଁ ଛତିଶଗଡ଼ ସହ କେଉଁ ପ୍ରକାର ଆଲୋଚନା କରୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ମହାନଦୀ ଓଡ଼ିଶାର ଜୀବନରେଖା ଅଟେ। ତେଣୁ ଓଡ଼ିଶାର ଏହି ବୃହତ୍ତର ସ୍ୱାର୍ଥ ସହ କୌଣସି ▶ପୃଷ୍ଠା-୭

## ସେପ୍ଟେମ୍ବର ୬କୁ ଘୁଞ୍ଚିଲା ଶୁଣାଣି

■ **ଭୁବନେଶ୍ୱର, ୨।୮ (ସମିସ):** ମହାନଦୀ ମାମଲାର ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ଶନିବାର ଟ୍ରିବ୍ୟୁନାଲରେ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ତେଣୁ ତାଙ୍କ ଅନୁରୋଧକ୍ରମେ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି ଟ୍ରିବ୍ୟୁନାଲ।

ଗଣମାଧ୍ୟମକୁ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଆପୋସ ସମାଧାନ ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଉଛି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସମ୍ପର୍କରେ ଆମେ ▶ପୃଷ୍ଠା-୭

## ପୁଣି ଝୁଲିଲା ନିଗମ, ବୋର୍ଡ ନିଯୁକ୍ତି

### ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ପରେ ଓଡ଼ିଶା ବିଜେପି ଟିମ୍: ମନମୋହନ

■ **ଭୁବନେଶ୍ୱର, ୨।୮ (ସମିସ):** ଗୋଟିଏ ପଟେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବିତ ହେବାରେ ଲାଗିଥିବା ବେଳେ ବିଜେପିର ରାଜ୍ୟ ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଓ ବୋର୍ଡ ନିଯୁକ୍ତିରେ ମଧ୍ୟ ବିଳମ୍ବ ଘଟିପାରେ। ଶନିବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ସାମଲ କହିଛନ୍ତି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ଦଳର ସାମ୍ବିଧାନିକ ବ୍ୟବସ୍ଥା ଅଟେ। ତେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ କେବେ ସରିବ, ସେନେଇ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ସେହିଭଳି ନିଗମ ଓ ବୋର୍ଡ ନେଇ ଆମେ ବସି ନିଷ୍ପତ୍ତି ନେବୁ ବୋଲି ମନମୋହନ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ ଯେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ମାସ ଧରି ଚର୍ଚ୍ଚା ଆଲୋଚନା ଜାରି ରହିଥିଲେ ମଧ୍ୟ ଏହା ସାକାର ହୋଇପାରୁ ନାହିଁ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ବାର ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତୃବୃନ୍ଦଙ୍କୁ ଭେଟି ସାରିଛନ୍ତି। ଏହି ଭେଟଘାଟ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା ଦାବି କରାଯାଇଥିଲେ ମଧ୍ୟ ଏଯାବତ୍ ସମ୍ପ୍ରସାରଣକୁ ବାସ୍ତବତାର ରୂପ ଦିଆଯାଇ ପାରୁନାହିଁ। ତେବେ ପୁନର୍ବାର ବିଜେପି ସଭାପତି ଭାବେ ନିର୍ବାଚିତ ହେବାପରେ ରାଜ୍ୟରେ ଖୁବଶୀଘ୍ର ସାଂଗଠନିକ ▶ପୃଷ୍ଠା-୭

## ମୁଣ୍ଡ-ଗଣ୍ଡି ଅଲଗା କରିଦେଲା ହାତୀ

■ **ହିନ୍ଦୋଳ, ୨।୮ (ସମିସ):** ହାତୀ ଆକ୍ରମଣରେ ହିନ୍ଦୋଳ ଉପଖଣ୍ଡରେ ଶୁକ୍ରବାର ପୁଣି ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମହାଲୁଣ୍ଡା ପଞ୍ଚାୟତ ଟାଙ୍ଗିଶାଳ ଗ୍ରାମର ଚାଷୀ ସୁଧାକର ସାମଲ (୫୮)। ଶୁକ୍ରବାର ଅପରାହ୍ଣରେ ସୁଧାକର କାମ କରିବାକୁ ବିଲକୁ ଯାଇଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀ ସୁଧାକରଙ୍କ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରିଦେଇଥିଲା। ଅନ୍ୟପଟେ ଗୁରୁବାର ହାତୀ ଆକ୍ରମଣରେ ହିନ୍ଦୋଳ ବ୍ଲକ୍ ବଘଧରିଆ ଗ୍ରାମର ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ଦୁଇଦିନ ମଧ୍ୟରେ ହାତୀ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହିନ୍ଦୋଳ

### ୨ ଦିନରେ ୪ ଜଣଙ୍କ ମୃତ୍ୟୁ

ଉପଖଣ୍ଡରେ ହାତୀ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗୋଠଛଡ଼ା ଦନ୍ତାର ଉତ୍ପାତ ଯୋଗୁଁ ଅଞ୍ଚଳବାସୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ମଧ୍ୟ ଦିନକୁ ଦିନ ▶ପୃଷ୍ଠା-୭



### ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନବନ୍ଦର

## ପୁଣି ୮ କୋଟିର ବିଦେଶୀ ଗଞ୍ଜେଇ ଜବତ

■ **ଭୁବନେଶ୍ୱର, ୨।୮ (ସମିସ):** ଭୁବନେଶ୍ୱର ବିମାନ ବନ୍ଦର ପାଲଟିଛି ନିଶା ମାଫିଆଙ୍କ ଗଳାବାଟ। ସେମାନେ ବ୍ୟାଙ୍କକ୍‌ରୁ ବିଦେଶୀ ଗଞ୍ଜେଇ (ମାରିଜୁଆନା)କୁ ଭୁବନେଶ୍ୱର ଚାଲାଣ କରୁଛନ୍ତି। ଦୁଇ ଦିନ ତଳେ ବିମାନ ବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ କରାଯାଇଥିବା ବେଳେ ୩ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା। ହେଲେ ଆଜି ପୁଣି ବିମାନ ବନ୍ଦରରୁ ଧରାପଡ଼ିଲା ବିଦେଶୀ ଗଞ୍ଜେଇ ବା ମାରିଜୁଆନା। ଥାଇଲାଣ୍ଡରୁ ଭୁବନେଶ୍ୱର ଆସୁଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆଜି ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟରେ ଆସୁଥିବା ବେଳେ ଧରିଲା ଡିଆରଆଇ ବିଭାଗ। ଏହାକୁ ଚାଲାଣ କରୁଥିବା ଅହମଦାବାଦର ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ପୂର୍ବରୁ ଏକାଧିକ ବାର ଏଭଳି ମାରିଜୁଆନା ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଯାତ୍ରୀ ଜଣଙ୍କ ଚକୋଲେଟ୍ ଜରି ଭିତରେ ପ୍ୟାକ୍ କରି ବିମାନରେ ଭୁବନେଶ୍ୱର ପହଞ୍ଚିଥିଲେ। ହେଲେ ଗୁଇନ୍ଦା ଖବର ଆଧାରରେ ଯାତ୍ରୀଙ୍କୁ କଷ୍ଟମ ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ୮ କେଜିର ଏହି ବିଦେଶୀ ନିଶା ମାରିଜୁଆନା ଜବତ କରାଯାଇଥିଲା। ଗିରଫ ଯାତ୍ରୀ ଜଣଙ୍କ ▶ପୃଷ୍ଠା-୭



### ଅହମଦାବାଦର ଯାତ୍ରୀଙ୍କୁ ଗିରଫ କଲା କଷ୍ଟମ ବିଭାଗ

### ଟ୍ରମ୍ପଙ୍କ ମୁଖା ଖୋଲିଲା ଅର୍ଥ ବିଭାଗର ତଥ୍ୟ

# କମୁଛି ନିଯୁକ୍ତି, ବଢୁଛି ଦରଦାମ୍

■ **ୱାଶିଂଟନ, ୨।୮ (ଏଜେନ୍ସି):** ଶୁଳ୍କ ଧମକ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରିଛନ୍ତି। ସେ କାହା କଥା ଶୁଣୁ ନାହାନ୍ତି। ବିଶେଷଜ୍ଞଙ୍କ ଚେତାବନୀ ମଧ୍ୟ ମାନୁନାହାନ୍ତି। ଫଳରେ ଆମେରିକା ଅର୍ଥନୀତି ଏବେ ମାନ୍ଦାବସ୍ଥା ମୁହାଁ ହୋଇଛି। ବିପୁଳ ଋଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଙ୍କଟକୁ ବଢ଼ାଇ ଦେଇଛି। ତେଣୁ ସେ ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଦେଶ ଉପରେ ଶୁଳ୍କ ବଢ଼ାଉଛନ୍ତି ବୋଲି କୁହାଯାଉଛି। ଏହାର ପ୍ରଭାବ ମଧ୍ୟ ଭାରତ ଉପରେ ପଡ଼ିବ। ଅନେକ ଭାରତୀୟ ଆମେରିକାର ଆଇଟି, ଫାର୍ମା ସହିତ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ଭାରତୀୟ କମ୍ପାନୀ ମଧ୍ୟ ଠିକାରେ ଆମେରିକା କମ୍ପାନୀଠାରୁ କାମ ଆଣୁଛନ୍ତି। ଟ୍ରମ୍ପ ପୂର୍ବରୁ ଭାରତୀୟଙ୍କୁ କାମ ନ ନେବା ପାଇଁ ଆମେରିକୀୟ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ସ୍ଥଳେ ଭାରତୀୟଙ୍କୁ ଚାକିରିରୁ ବିଦା କଲେ ଭାରତର ଅର୍ଥନୀତି ପ୍ରଭାବିତ ହେବ। ଭାରତୀୟ କମ୍ପାନୀଙ୍କୁ ଠିକା ନ ମିଳିଲେ ଅର୍ଥନୀତି ମନ୍ଥର ହୋଇଯିବାର ସମ୍ଭାବନା ରହିଛି।



### ନିଯୁକ୍ତି ନେଇ ଭାରତୀୟଙ୍କ ଉପରେ ପଡ଼ିବ ପ୍ରଭାବ

### ଛଟେଇ ନିର୍ଦ୍ଦେଶ ଦେଇପାରନ୍ତି ଆମେରିକା ରାଷ୍ଟ୍ରପତି

### ବିଶେଷଜ୍ଞଙ୍କ ଚେତାବନୀକୁ ଉପେକ୍ଷା କରୁଛନ୍ତି ଟ୍ରମ୍ପ

### ରାଜନୈତିକ ବିବାଦ ସୃଷ୍ଟି ହେବା ଆଶଙ୍କା

ଅନ୍ୟପକ୍ଷରେ ନିଜର ଦାୟିତ୍ୱହୀନ ନୀତି ପାଇଁ ଟ୍ରମ୍ପ ଆମେରିକୀୟଙ୍କ ସଙ୍କଟ ବଢ଼ାଉଛନ୍ତି। ତାଙ୍କ ପାଇଁ ଲୋକଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି। ଆମେରିକାରେ ନିଯୁକ୍ତି ସୁଯୋଗ ହ୍ରାସ ପାଇ ଚାଲିଥିବା ବେଳେ ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବିକାଶ ହାର ମନ୍ଥର ହୋଇଯାଇଛି। ଆର୍ଥିକ ସୁବର୍ଣ୍ଣ ଯୁଗ ଆଣିଥିବା ନେଇ ଟ୍ରମ୍ପ ପ୍ରଶାସନ ଦାବି କରୁଥିବା ।ବେଳେ ତଥ୍ୟରୁ ଭିନ୍ନ ସୂଚନା ମିଳୁଛି। ସେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ମିଳେଇ ଯାଇଛି। ଶୁଳ୍କର ବିପରୀତ ପ୍ରଭାବ ଆମେରିକା ଅର୍ଥନୀତି ଉପରେ ପଡ଼ିଛି। ଚଳିତ ସପ୍ତାହରେ ଆମେରିକା ଅର୍ଥ ବିଭାଗ ଜାରି କରିଥିବା ତଥ୍ୟରୁ ଏଭଳି ସଙ୍କେତ ମିଳିଛି।

ଟ୍ରମ୍ପ ୬ ମାସରୁ ଅଧିକ ସମୟ ହେଲା ଦାୟିତ୍ୱ ଗ୍ରହଣ କଲେଣି। ଏହି ଅବଧିରେ ତାଙ୍କ ଶୁଳ୍କ ବୃଦ୍ଧି, ନୂଆ ଟିକସ ଏବଂ ବ୍ୟୟ ବିଲ୍ ବହୁତ ବଡ଼ ପରିବର୍ତ୍ତନ ଆଣିଛି। ସେ ଆମେରିକାର ବାଣିଜ୍ୟ, ଉତ୍ପାଦନ କ୍ଷେତ୍ର, ଶକ୍ତି ଏବଂ ଟିକସ ପ୍ରଣାଳୀକୁ ନିଜ ଅନୁସାରେ ପରିବର୍ତ୍ତନ କରୁଛନ୍ତି। ଏହା ସହିତ କୌଣସି ସମ୍ଭାବ୍ୟ ବିଜୟର ଶ୍ରେୟ ନେବାକୁ ମଧ୍ୟ ପଛାଉନାହାନ୍ତି। ତେବେ ସମ୍ପ୍ରତି ଆମେରିକୀୟ ଅର୍ଥନୀତିରେ ମାନ୍ଦାବସ୍ଥାକୁ ଟାଳିବା ପାଇଁ ଟ୍ରମ୍ପଙ୍କ ଶୁଳ୍କ ରାଜନୀତିରେ ସେପରି ବୈଶ୍ୱିକ ସଫଳତା ପାଇପାରୁନାହାନ୍ତି। ଏହି ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତିର ପ୍ରଭାବ ଦେଖାଯାଇ ନାହିଁ। ତେଣୁ ଆର୍ଥିକ ନୀତି ପାଇଁ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଦୋଷ ଦେବା ନୀତି ବି ଏବେ ଫେଲ୍ ମାରିଛି। ▶ପୃଷ୍ଠା-୭

## ହକ୍ ପାଇଁ ବିଇଓ ଅଫିସ ଘେରିଲେ ଶିକ୍ଷକ, କର୍ମଚାରୀ



**କେସିଙ୍ଗା, ୨।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ସମସ୍ତ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶନିବାର ସେମାନେ ନିଜର ଶିକ୍ଷାଦାନ ସମାପ୍ତ କରି ଦିନ ୧୨ଟା ୩୦ରେ ଏକାଠି ହୋଇଥିଲେ। ଏହାପରେ ସ୍ଥାନୀୟ ବିଇଓ ଅଫିସ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସ ୬୨କୁ ବୃଦ୍ଧି, ଗ୍ରେଡ୍ ପେରେ ଥିବା ଅସଙ୍ଗତି ଦୂର, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଏବଂ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ ଇନକ୍ରୀମେଣ୍ଟ ସହିତ ବାରିଷ୍ଠତା ପ୍ରଦାନ କରି ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରିଛନ୍ତି। ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ ରଥ, କେସିଙ୍ଗା ବ୍ଲକ ସଭାପତି ଅଭୟ ଦେବତା, ଉପଦେଷ୍ଟା ଭବାନୀଶଙ୍କର ମିଶ୍ର, ବ୍ଲକ ସମ୍ପାଦକ ସମୀର ବେହେରା ଓ ୭୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ମଦଦୋକାନ ମ୍ୟାନେଜରଙ୍କୁ ଗୁଳିମାଡ଼

**ରାଉରକେଲା, ୨।୮ (ସମିସ):** ଓଡ଼ିଶା- ଝାଡ଼ଖଣ୍ଡ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟ ସିମଡେଗା ପୁଲିସ ଜିଲ୍ଲା ଅଧୀନ ବାଉଁଶଯୋରରେ ଶନିବାର ରାତିରେ ସରକାରୀ ମଦ ଦୋକାନର ଜଣେ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରି ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଥାନା ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ସୀମାନ୍ତବର୍ତ୍ତୀ ବାଂଶଯୋର ନିକଟରେ ଥିବା ସରକାରୀ ମଦ ଦୋକାନର ମ୍ୟାନେଜର ମନୋଜ କୁମାର ମାହାନ୍ତଙ୍କ ଉପରକୁ ଏକ ରାଉଣ୍ଡ ଗୁଳିଚାଳନା କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ରାତି ପ୍ରାୟ ୮ଟା ବେଳେ ୪ ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ଉକ୍ତ ମଦ ଦୋକାନକୁ ଆସିଥିଲେ। ତେବେ ମଦ କିଣିବା ବାହାନାରେ ଆସି ଡକାୟତି କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ମ୍ୟାନେଜର ମନୋଜଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଏହାପରେ ସେମାନଙ୍କ ମଧ୍ୟରୁ ଜଣେ ମନୋଜଙ୍କ ଉପରକୁ ଗୁଳି ଚାଳନା କରିଥିଲା। ଏହାପରେ ସେମାନେ ମନୋଜଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ଉଭାନ ହୋଇ ଯାଇଥିଲେ। ଗୁଳି ମନୋଜଙ୍କ ହାତରେ ବାଜିଥିବା ସୂଚନା ମିଳିଛି। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ ଓ ବାଉଁଶଯୋର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆହତ ମନୋଜଙ୍କ ଘର ସୀମଡେଗାରେ ବୋଲି ସୂଚନା ମିଳିଛି।

## ଆର୍‌ଏସ୍‌ପିରେ କ୍ରାୟୋଜେନିକ୍ ସଫେଇ ସିଷ୍ଟମ୍ ଓ ମେକ୍-ସିଫ୍ଟ ହଟ୍‌ବକ୍ସ କାର୍ଯ୍ୟକ୍ଷମ

**ରାଉରକେଲା, ୨।୮ (ସମିସ):** ପଣଧାରୀମାନଙ୍କୁ ଉନ୍ନତ ରକ୍ଷଣାବେକ୍ଷଣ ସମାଧାନ ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇ, ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଇଏମ-ରିପେୟାର ସପ୍ ଇଲେକ୍ଟ୍ରିକାଲ୍ (ସିଇଏମ-ଆରଏସଇ) ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ କ୍ରାୟୋଜେନିକ ସଫେଇ ସିଷ୍ଟମ୍ ଏବଂ ଏକ ଅଭିନବ ମେକ୍-ସିଫ୍ଟ ହଟ୍ ବକ୍ସ କାର୍ଯ୍ୟକ୍ଷମ କରାଯାଇଛି। ବୈଦ୍ୟୁତିକ ବିଭାଗର ସିଜିଏମ୍ ରାଜକିଶୋର ମୁଦୁଲି ଏବଂ ସିଇଏମ୍ ବିଭାଗର ଜିଏମ୍ ଇନଚାର୍ଜ ତଥା ବିଭାଗ ମୁଖ୍ୟ ପୋଲାକି ସନ୍ତୋଷ କୁମାରଙ୍କ ଉପସ୍ଥିତିରେ ନୂତନ ଉପକରଣଗୁଡ଼ିକର ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପ୍ଲାଣ୍ଟର ଅନେକ ବରିଷ୍ଠ ଅଧିକାରୀ ଏବଂ ସିଇଏମ-ଆରଏସଇ ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। କ୍ରାୟୋଜେନିକ୍ ସଫେଇ ବ୍ୟବସ୍ଥା ମୋଟରଗୁଡ଼ିକର ସଫେଇ ପାଇଁ ଏକ ଅତ୍ୟନ୍ତ ଆଧୁନିକତର ଏବଂ ସୁରକ୍ଷିତ ପଦ୍ଧତି ଅଟେ। ଏହି ବ୍ୟବସ୍ଥା ଡ୍ରାଏ-ଆଇସ୍ ବ୍ଲାଷ୍ଟର ସହାୟତାରେ ୩-୧୫ ବାର୍ ଚାପ ପରିସରରେ କାର୍ଯ୍ୟକରିବା ସହିତ ଘଣ୍ଟାପ୍ରତି ୧୦ ରୁ ୬୫ କିଲୋଗ୍ରାମ ହାରରେ ଶୁଷ୍କ ବରଫ ପ୍ରଦାନ କରେ। କାର୍ବନ ଡାଇଅକ୍ସାଇଡର କଠିନ ରୂପ, ଡ୍ରାଏ-ଆଇସ୍ ତରଳ ଅବସ୍ଥାରେ ପ୍ରବେଶ ନକରି ସିଧାସଳଖ କଠିନ ଅବସ୍ଥାରୁ ଗ୍ୟାସୀୟ ଅବସ୍ଥାକୁ ରୂପାନ୍ତରିତ ହୁଏ ଏବଂ ଇନସୁଲେସନ ଅଖଣ୍ଡତାକୁ ବିନା ବ୍ୟାଘାତରେ ମୋଟର ୱାଇଣ୍ଡିଂଗୁଡ଼ିକୁ ସଫା କରିବାରେ ସହାୟକ ହୋଇଥାଏ। ଏହି ପ୍ରଯୁକ୍ତିବିଦ୍ୟା ମୋଟର ୱାଇଣ୍ଡିଂଗୁଡ଼ିକୁ ଏକ ଉତ୍ତପ୍ତ ବାକ୍ସରେ ରଖିବା ଆବଶ୍ୟକତାକୁ ଏଡାଇ ସେଗୁଡିକର ଇନସୁଲେସନ ପ୍ରତିରୋଧ (ଆଇଆର)କୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ ଯାହା ଫଳରେ ସାମଗ୍ରିକ ମରାମତି ସମୟ ହ୍ରାସ କରିଥାଏ। ସେହିଭଳି ନବ ପ୍ରଚଳିତ ମେକ୍-ସିଫ୍ଟ ହଟ୍ ବକ୍ସ, ଏକ ଉତ୍ତାପ-ପ୍ରତିରୋଧୀ ତାରପାଲିନ୍ ଏବଂ ଶିଳ୍ପ ହଟ୍ ବ୍ଲୋୟର ସହିତ ସଜ୍ଜିତ ହୋଇଛି ଯାହା ଦୂରବର୍ତ୍ତୀ ଅଞ୍ଚଳରେ ସ୍ଥିତ କାର୍ଯ୍ୟ ପାଇଁ ପ୍ରଭାବଶାଳୀ ଅନ-ସାଇଟ୍ ହିଟ୍ ଟ୍ରିଟମେଣ୍ଟ ସୁବିଧା ପ୍ରଦାନ କରିବା ସହିତ ସିଇଏମ-ଆରଏସଇ ବିଭାଗକୁ ମୋଟର ପରିବହନ କରିବାର ଆବଶ୍ୟକତାକୁ ଦୂରକରେ। ଏହି ଦୁଇଟି ଅତ୍ୟାଧୁନିକ ବ୍ୟବସ୍ଥାର କମିଶନିଂ ସିଇଏମ-ଆରଏସଇର ଅଭିନବ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାର ପ୍ରୟାସକୁ ଗୁରୁତ୍ୱାରୋପ କରିବା ସହିତ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଏବଂ ନିର୍ଭରଯୋଗ୍ୟତାରେ ସେଲ୍‌ଫ ୟୁନିଟଗୁଡ଼ିକ ମଧ୍ୟରେ ଏହାର ଅନନ୍ୟ ସ୍ଥିତିକୁ ସୁଦୃଢ଼ କରିଛି।



## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ସିନାପାଲି, ୨।୮ (ସମିସ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଧାରଣା ଦିଆଯାଇଛି। ଶତାଧିକ ଶିକ୍ଷକ ଓ କର୍ମଚାରୀ ରାଲିରେ ଆସି ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ବ୍ଲକ ସଭାପତି ଅଶ୍ୱିନୀ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମନ୍ୱୟ ସମିତିର ଜିଲ୍ଲା ଆବାହକ ତଥା ଓଷ୍ଟା ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଭୟ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କ ସରକାରି ଘୋଷଣା, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ନିୟମିତ ପୂର୍ବ ୬ ବର୍ଷ ଚାକିରି କାଳକୁ ମୂଳ ଚାକିରିରେ ଗଣନା କରିବା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ୨୮୦୦ ଗ୍ରେଡ ପେରେ ଥିବା ଅସଙ୍ଗତି ଦୂରୀକରଣ ଇତ୍ୟାଦି ଦାବି ରହୁଥିବା ଜଣା ପଡ଼ିଛି। କାର୍ଯ୍ୟକ୍ରମରେ ବ୍ଲକ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ, ଜଗନ୍ନାଥ ସେଠୀ, ରାଜ କୁମାର ତାଣ୍ଡି, କିଶୋର ଚନ୍ଦ୍ର ଯୋଷୀ, ନବ କିଶୋର ଆଚାର୍ଯ୍ୟ, ରୁଦ୍ର ମାଧବ ସା, ଧବଳେଶ୍ୱର୍ ମେହେର, ସୁରେଶ ମହାନ୍ତି, ରମାକାନ୍ତ ମାଝୀ, ରୂପ ସିଂ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

■ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

**ନୂଆପଡ଼ା, ୨।୮ (ସମିସ):** ନୂଆପଡ଼ା ସରକାରୀ ବାଳିକା ବିଦ୍ୟାଳୟରେ ସମଗ୍ର ଶିକ୍ଷା, ନୂଆପଡ଼ା ତରଫରୁ



ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ପରିଷଦ ଉପଧକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ, ଭାନୁ ପ୍ରତାପ ସିଂ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରେଶମ ଲାଲ ନାଏକ, ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସମଗ୍ର ଶିକ୍ଷା ନୂଆପଡ଼ା ହେମନ୍ତ କୁମାର ଭୋଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ନୂଆପଡ଼ା ଓ କୋମନା ବ୍ଲକର ୧୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ଏଥିରେ ହ୍ୱିଲ ଚେୟାର ୫ ଟି, ରୋଲେଟର ୧୦ଟି, ବ୍ଲାଇଣ୍ଡ କିଟ ୫ଗୋଟି, ଶିକ୍ଷଣ ସାମଗ୍ରୀ ୮ ଟି, ଶ୍ରାବଣ ଯନ୍ତ୍ର ୩୦ଟି, ପ୍ରତିସରଣ ତ୍ରୁଟିଯୁକ୍ତ ପିଲାଙ୍କୁ ୬୦ଟି ଚଷମା ବଣ୍ଟନ କରାଯାଇ ଥିଲା। ଶଙ୍କର୍ଷନ ପୁରୋହି ମଞ୍ଚ ପରିଚାଳନା କରୁଥିବା ବେଳେ ନୂଆପଡ଼ା ବ୍ଲକ ସାଧନ କର୍ମୀ ଉପେନ୍ଦ୍ର ସାମଲ, କାର୍ତ୍ତିକ ବିଶ୍ୱାଳ, ସମେଶ ତ୍ରିପାଠୀ, ନୂଆପଡ଼ା ଓ କୋମନା ବ୍ଲକର ସମସ୍ତ ଆଇଇଡି ଶୁଭେନ୍ଦୁ ପାଢ଼ୀ, କିଶୋର ମହଲା, ଅବିନାଶ ମିଶ୍ର ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଟକେନ୍ଦ୍ରରେ ପୁନଃ ବ୍ୟବସ୍ଥା ଲାଗି ସର୍ବଦଳୀୟ ବୈଠକ



**ରାଉରକେଲା, ୨।୮ (ସମିସ) :** ଭୋଟ୍ କେନ୍ଦ୍ର ଗୁଡ଼ିକର ପୁନଃ ବ୍ୟବସ୍ଥା କରାଯିବା ନେଇ ଆଜି ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଭୋଟ କେନ୍ଦ୍ର ଗୁଡ଼ିକର ପୁନଃ ବ୍ୟବସ୍ଥା କରିବାର ଉଦ୍ଦେଶ୍ୟ ହେଉଛି କୌଣସି ଭୋଟ କେନ୍ଦ୍ର ଗୁଡିକ ୧୨୦୦ ଭୋଟରରୁ ଅଧିକ ହୋଇ ନ ଥିବ, ସଂକ୍ଷିପ୍ତ, ସୁଗମ ଏବଂ ମାନକୀକରଣ ମତଦାନ କ୍ଷେତ୍ର ସୃଷ୍ଟି କରିବା, ଏଲେକ୍ଟୋରାଲ ରୋଲ ଏବଂ ଭୋଟର ପରିଚୟପତ୍ରରେ ସମାନତାକୁ ସୁନିଶ୍ଚିତ କରିବା ଆଦି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀଗୁଡିକରେ ନୂତନ ଭୋଟକେନ୍ଦ୍ର ଗୁଡ଼ିକ ସୃଷ୍ଟି କରାଯାଇଛି। ତଳସରା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୭୭ଟି ବୁଥ୍ ଭୋଟକେନ୍ଦ୍ର ରହିଥିଲା। ସେଠାରେ ଏବେ ୨୬ଟି ନୂତନ ଭୋଟକେନ୍ଦ୍ର କରାଯାଇଛି। ସେହିଭଳି ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ ପୂର୍ବରୁ ୨୯୬ଟି ଭୋଟ କେନ୍ଦ୍ର ରହିଥିବାବେଳେ ବର୍ତ୍ତମାନ ୧୮ଟି କେନ୍ଦ୍ର କରାଯାଇଛି। ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୩୦୧ଟି ଭୋଟ କେନ୍ଦ୍ର ରହିଥିଲା ଏବଂ ସେଠାରେ ଏବେ ୧୬ଟି ନୂତନ ଭୋଟ କେନ୍ଦ୍ର କରାଯାଇଛି। ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ପୂର୍ବରୁ ୧୯୩ଟି ଭୋଟକେନ୍ଦ୍ର ଥିବାବେଳେ ବର୍ତ୍ତମାନ ୬ଟି ନୂତନ କେନ୍ଦ୍ର, ରାଉରକେଲା ନିର୍ବାଚନ ମଣ୍ଡଳୀରେ ଆଗରୁ ୧୯୭ ଭୋଟ କେନ୍ଦ୍ର ଥିଲା ଏବଂ ଏବେ ୧୨ଟି ନୂତନ କେନ୍ଦ୍ର, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୭୪ଟି ଭୋଟକେନ୍ଦ୍ର ଥିଲା ବେଳେ ଏବେ ୩୬ଟି ବୃଦ୍ଧି କରାଯାଇଛି। ସେହିପରି ବଣାଇ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୩୦୯ଟି ଭୋଟ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ୧୬ଟି ନୂତନ ଭୋଟ କେନ୍ଦ୍ର କରାଯାଇଛି। ଜିଲ୍ଲାରେ ସମୁଦାୟ ୧୮୪୭ ଟି ଭୋଟ କେନ୍ଦ୍ର ରହିଥିଲା ବର୍ତ୍ତମାନ ୧୩୦ ଗୋଟି ନୂତନ କେନ୍ଦ୍ର ବୃଦ୍ଧି ହେବାପରେ ତାହା ୧୯୭୭ଟି ଭୋଟ କେନ୍ଦ୍ର ହୋଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ, ବିଜେପି ପକ୍ଷରୁ ଭେଷଜ ରଥ, ଆମ ଆଦମୀପାର୍ଟିରୁ ରାଧା ମୋହନ ପଟେଲ, ବିଜେଡିରୁ ଜୟ ନାରାୟଣ ତ୍ରୀପାଠୀ, ଆଇ ଏନ୍ ସି ରୁ ଅଜିତ ପ୍ରସାଦ ଓ ପର୍ଶୁରାମ ସରାଫ ଉପସ୍ଥିତ ରହି ନିଜ ନିଜର ମତାମତ ଦେଇଥିଲେ।

ଚୋରି ମାମଲା

## ୩ ନାବାଳକ ସହ ୪ ଗିରଫ

**ରାଉରକେଲା, ୨।୮ (ସମିସ):** ଏକ ଚୋରି ଘଟଣାରେ ଉଦିତନଗର ଥାନା ପୁଲିସ ୩ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହାସହ ଚୋରି ସାମଗ୍ରୀ କ୍ରୟ କରିବା ଅଭିଯୋଗରେ ରଘୁନାଥପାଲି ଥାନାଞ୍ଚଳର ସ୍କ୍ରାପ୍ ବ୍ୟବସାୟୀ ଅମିତ ଗୁପ୍ତା (୨୨)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ୫ଟି ୱାସିଂ ମେସିନ ମଟର ଜବତ ହୋଇଛି। ଗତ କିଛି ଦିନ ପୂର୍ବେ ଉକ୍ତ ଥାନାଞ୍ଚଳର ବିଭିନ୍ନ ସ୍ଥାନରୁ ୱାସିଂ ମେସିନ ମଟର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ୩ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅଧିକ ପଚରା ଉଚରା ପରେ ସ୍କ୍ରାପ ବ୍ୟବସାୟୀ ଅମିତକୁ ବିକ୍ରି କରିଥିବା ଜଣାପଡ଼ିଥିଲା। ଶନିବାର ୩ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ଇନ୍ସପେକ୍ଟର ଦିଲୀପ କୁମାର ଲାକ୍ରା ସୂଚନା ଦେଇଛନ୍ତି।

## ୪ ଦିନ ହେଲା ବୃଦ୍ଧ ନିଖୋଜ

**ଲାଞ୍ଜିଗଡ଼, ୨।୮ (ସମିସ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ କାଣ୍ଡାମ ଗ୍ରାମର ରଘୁ ପାତ୍ର (୬୦) ନିଖୋଜ ଅଛନ୍ତି। ୪ ଦିନ ହେଲା ସେ ଘରକୁ ନ ଫେରି ନାହାନ୍ତି। ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଏହାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଗତ



୩୦ ତାରିଖ ସନ୍ଧ୍ୟା ୭ଟାରେ କୌଣସି କାରଣରୁ ସେ ନିକଟସ୍ଥ ବଣ୍ଡେଲ ଗ୍ରାମକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହି ଘରୁ ବାହାରିଥିଲେ; କିନ୍ତୁ ସେଦିନ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଆରଦିନ ସକାଳେ ଆଖପାଖ ଗାଁରେ ଖୋଜଖୋଜି କରି ନିଜ ସମ୍ପର୍କୀୟଙ୍କୁ ବୁଝାସୁଝା କରିଥିଲେ; କିନ୍ତୁ କୌଣସି ସନ୍ଧାନ ମିଳି ନ ଥିଲା। ଏଣୁ ତାଙ୍କ ପୁଅ ମୁରଲୀ ପାତ୍ର ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଶୁକ୍ରବାର କାଣ୍ଡାମା ଗାଁକୁ ଯାଇ ତଦନ୍ତ କରିଛି। ଶନିବାର କାଣ୍ଡାମା ଗ୍ରାମର କିଛି ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଛି।

## ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି

**ଲାଞ୍ଜିଗଡ଼, ୨।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରାଥମିକ ସ୍କୁଲଠାରୁ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଦିନ ପୁରସ୍କୃତ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ମହାଆଡମ୍ବର ସହିତ ସ୍ୱାଧୀନତା ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସକାଳ ୪ଟାରେ ପ୍ରଭାତଫେରି କରାଯିବ। ସକାଳ ୮ ଟାରେ ସାମୂହିକ ପତାକା ଉତ୍ତୋଳନ କରାଯିବ। ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏହି ସାମୂହିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଡ଼ିଓ ଶଶାଙ୍କ ପାତ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ମାଁ ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଙ୍କନ ରାଏ, ବରିଷ୍ଠ ନାଗରିକ ବଳରାମ ବେହେରା, ଲାଞ୍ଜିଗଡ଼ ବ୍ଲକ କଳାକାର ସଂଘ ଉପ ସଭାପତି ହରେକୃଷ୍ଣ ଘଡେଇ, ମାଁ ହୀରନୀଳା ଡିଗ୍ରୀ ମହାବିଦ୍ୟାଳୟ ଖେଳ ଶିକ୍ଷକ ଜି. ଶ୍ରୀନିବାସ ଦାସ, କାନକୁଟ୍ଟ ସମିତି ସଭ୍ୟ ମନୋହର ହରପାଳ, ଗୋପାଳ ଦାସ ମହାନନ୍ଦ, ବିଶ୍ୱନାଥପୁର କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ଧରିତ୍ରୀ ବିଶୋଇ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖେଳ ଶିକ୍ଷକ ଅଜୟ ପଲୋଇ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ଲାଷ୍ଟିକମୁକ୍ତ ଅଭିଯାନ ଓ ବର୍ତ୍ତନ ବ୍ୟାଙ୍କ ଶୁଭାରମ୍ଭ

ସିନାପାଲି, ୨।୮ (ସମିସ)

ବର୍ତ୍ତମାନ ଯୁଗରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପାଇଁ ପରିବେଶ ପ୍ରଦୂଷିତ ହେବା ସହ ପ୍ରାଣୀ ଜଗତ ପାଇଁ ବିପଦ ମନେ କରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ନୂଆପଡ଼ା ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଅନେକ ସଚେତନତା ମୂଳକ ପଦକ୍ଷେପ ଆଗେଇ ନେବାରେ ଆଗଭର ହୋଇ ପଦକ୍ଷେପ ନେଇଛନ୍ତି। ପ୍ଲାଷ୍ଟିକ ବର୍ଜନ କରି ବାସନ କୁସନର ବ୍ୟବହାର କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ସିନାପାଲି ପଞ୍ଚାୟତ ସମିତି ଆନୁକୂଲ୍ୟରେ ସିନାପାଲି ମହାବିଦ୍ୟାଳୟ ଠାରେ ଏକକ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ନିଷେଧ ଅଭିଯାନ, ବୃକ୍ଷ ରୋପଣ ପଦଯାତ୍ରା, ଗାଁ ସଫେଇ ସଚେତନ କାର୍ଯ୍ୟକ୍ରମ ସାଙ୍ଗକୁ ସିନାପାଲି ଜଗନ୍ନାଥ ମନ୍ଦିର ପରିସରରେ ବର୍ତ୍ତନ ବ୍ୟାଙ୍କର ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଉଭୟ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ, ଏବିଡିଓ ସୁବ୍ରତ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି ପ୍ରମୁଖ ଯୋଗଦେଇ ଥିଲେ। ସିନାପାଲି କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ କ୍ଷେତ୍ର ମୋହନ ଦୁରିଆ ପ୍ରଦାନ କରିଥିବା ବେଳେ କଲେଜ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାଅର୍ଚ୍ଚନା ପରେ ଅତିଥିମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ରଜନୀକାନ୍ତ ମେହେର ମାନପତ୍ର ପଠନ କରିଥିବା ବେଳେ କନକବର୍ଦ୍ଧନ ସାହୁ ସ୍ୱରଚିତ କବିତା ପଠନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀ କବିତା ପଠନ କରିଥିବା ବେଳେ ଅଧ୍ୟାପକ ହେମନାଥ ଭୋଇ ପୁରସ୍କାର ବିତରଣ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଶେଷରେ ଲିପିପୁଷ୍ପା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ କଲେଜ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ, ସଫେଇ ସଚେତନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବର୍ତ୍ତନ ବ୍ୟାଙ୍କ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରି ବର୍ତ୍ତନ ବ୍ୟାଙ୍କର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସିନାପାଲି ଅଞ୍ଚଳ ଏକକ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ନିଷେଧ କରି ବିବାହ ତଥା ସରକାରୀ ବେସରକାରୀ ସାମାଜିକ କାର୍ଯ୍ୟକ୍ରମରେ ଷ୍ଟିଲ ସାମଗ୍ରୀ ବ୍ୟବହାର କରିବା ନେଇ ସଚେତନ ତଥା ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ ପୁଣରିକାକ୍ଷ ହୋତା, ପିଇଓ ସୁଶାନ୍ତ ବେହେରା, ସିଡିପିଓ ଉର୍ମିଳା ମହାପାତ୍ର, ସରପଞ୍ଚ ସୁନିତା ମେହେରଙ୍କ ସହ ବୁଦ୍ଧିଜୀବୀ, ଭଦ୍ରବ୍ୟକ୍ତି, ଅଙ୍ଗନୱାଡି କର୍ମୀ ଓ ଏସଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

## ଭରୁଆମୁଣ୍ଡା ହାଇସ୍କୁଲରେ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ସିନାପାଲି, ୨।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ ହାଇସ୍କୁଲ ଓ ସିନାପାଲି ବନବିଭାଗର ମିଳିତ ଆନୁକୂଲ୍ୟରେ 'ମାଁ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ରୀନିବାସ ପାତ୍ର ସଭାପତିତ୍ୱ କରିଥିଲା ବେଳେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବରେ ସିନାପାଲି ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ଭରୁଆମୁଣ୍ଡା ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ନାଏକ, ସେକ୍ସନ ଅଫିସର ଚୁଡ଼ାନାଥ ସରାଫ, ଜିଲ୍ଲା ଇକକୋ କ୍ଲବ୍ ନୋଡାଲ ଅଫିସର କୃଷ୍ଣ ଚନ୍ଦ୍ର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରମେଶ ଦୁବେ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରି ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବ ଜଗତର ଅସ୍ତିତ୍ୱ ନାହିଁ। ବୃକ୍ଷ ଲଗାଇବା, ଜୀବନ ବଞ୍ଚାଇବା ବୋଲି ଅତିଥି ମତପ୍ରକାଶ କରିବା ସହ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତା କାର୍ଯ୍ୟକ୍ରମର କୃତୀ ଛାତ୍ରଛତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଛାତ୍ରଛତ୍ରୀମାନଙ୍କ ସହ ମିଳିତ ଭାବେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବନବିଭାଗର ସମସ୍ତ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

### ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପଣ୍ଡ

# ୬ କୁଖ୍ୟାତ ଅପରାଧୀ ଗିରଫ; ମାରଣାସ୍ତ୍ର ଜବତ

**ରାଉରକେଲା, ୨।୮ (ସମିସ)**



ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ କୌଣସି ଏକ ପେଟ୍ରୋଲ ପମ୍ପ ସମେତ କିଛି ଦୋକାନରେ ଡକାୟତି ଯୋଜନା କରୁଥିବାବେଳେ ପୁଲିସ ଚଢ଼ଉ କରି ଘଟଣା ସ୍ଥଳରୁ ୬ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଜନତାନିବାସ ଗଳିପଛ ପାର୍ଶ୍ୱରେ ଥିବା ଇଦଗା ପଡ଼ିଆ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକାଠି ହୋଇ ବସି କୌଣସି ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିବା ପୁଲିସକୁ ସୂଚନା ମିଳିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିଭସ୍ୱ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ୟୁ.କେ. ଅହିର ନିଜ ଟିମ୍ ସହ ସେଠାରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ପୁଲିସ ୬ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମହତାବ ରୋଡ ଗଞ୍ଜାମ ବସ୍ତିର ରାହୁଲ ରାମ (୨୪), ଗୋପବନ୍ଧୁପାଲି ବସ୍ତିର କରନ୍ କେରକେଟା (୨୬), ସୁରଜ୍ ମଣ୍ଡଳ (୨୪), ଏମ୍‌ଡି ଗୁଲାବ (୨୪), ରେଲୱେ କଲୋନୀ ଇନ୍ଦିରା ନଗର ବସ୍ତିର ବଜରଙ୍ଗ ପାସୱାନ (୨୬) ଓ ପୁରୁଣାଷ୍ଟେସନ ଗଣେଶ ଛକର ଟକଲୁ କୁମାର (୨୦) ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୩ଟି ରଡ଼, ଗୋଟିଏ ଭୁଜାଲି ଓ ୨ଟି ଛୁରି ଜବତ କରାଯାଇଛି। ଅଧିକ ପଚରାଉଚରା ପରେ ସ୍ଥାନୀୟ ଦୋକାନ, ଘର ଓ ପେଟ୍ରୋଲ ପମ୍ପ ଠାରେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ରାହୁଲ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୭ଟି, କରନ ନାଁରେ ୧୦ଟି, ବଜରଙ୍ଗ ନାଁରେ ୫ଟି, ସୁରଜ୍ ନାଁରେ ୩ଟି ଓ ଗୁଲାବ ନାଁରେ ୮ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ି ଥିବା ବେଳେ ଟକଲୁର ଅପରାଧିକ ମାମଲା ବିଷୟରେ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ, ଗତ ୩୧ ଜୁଲାଇରେ ରେଲୱେ କଲୋନୀ ବଡ଼ ପାର୍କ ଠାରେ ଡକାୟତି ଯୋଜନାବେଳେ ପୁଲିସ ଚଢ଼ଉ କରି ୫ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଗୌରୀ ନର୍ସିଂ ସ୍କୁଲରେ ବନ ମହୋତ୍ସବ

**ବଣାଇ, ୨।୮ (ସମିସ) :** ବଣାଇଁ ବ୍ଲକ କେନ୍ଦ୍ରିକଳା ପଞ୍ଚାୟତ ଅଧୀନ ଉପରପଡ଼ାସ୍ଥିତ ଗୌରୀ ନର୍ସିଂ ସ୍କୁଲ ପରିସରରେ ବନ ମହୋତ୍ସବ ପାଳନ ହୋଇଛି। ନିର୍ଦ୍ଦେଶକ ରାଜୁ ପୃଷେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଣାଇଁ ସହକାରୀ ବନ ସଂରକ୍ଷକ ନଳିନୀ କାନ୍ତ ବେହେରା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନ, ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଗୌରୀ ଆଇଟିଆଇ, ସେଣ୍ଟ ଜାଭିୟର୍ସ ଓ ଗୌରୀ ନର୍ସିଂ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା।

## ଆର୍‌ଏସ୍‌ପିରେ ଆପ୍ରେଣ୍ଟିସ ତାଲିମ ସୁଯୋଗ

**ରାଉରକେଲା, ୨।୮ (ସମିସ):** ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଆପ୍ରେଣ୍ଟିସ ଆକ୍ଟ ୧୯୬୧/୧୯୭୩ ଅନୁଯାୟୀ ଏକ ବର୍ଷ ନିମନ୍ତେ ଆପ୍ରେଣ୍ଟିସ ତାଲିମ ନେବା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରାଯାଇଛି। ଆଇଟିଆଇ ଯୋଗ୍ୟତା ସହିତ ଟ୍ରେଡ୍ ଆପ୍ରେଣ୍ଟିସ ଅଧୀନରେ ୪୪୦ ପ୍ରାର୍ଥୀ, ଡିପ୍ଲୋମା ଯୋଗ୍ୟତା ସହିତ ୨୭୧ ଟେକ୍‌ନିସିଆନ୍ ଆପ୍ରେଣ୍ଟିସ ଏବଂ ବି.ଟେକ୍ ଯୋଗ୍ୟତା ସହିତ ୧୦୫ ସ୍ନାତକ ଆପ୍ରେଣ୍ଟିସଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ମନୋନୀତ ଆପ୍ରେଣ୍ଟିସମାନେ ଆପ୍ରେଣ୍ଟିସ ଆଇନ, ୧୯୬୧ ଏବଂ ଆପ୍ରେଣ୍ଟିସ ନିୟମ, ୧୯୯୨ (ସମୟ ସମୟରେ ସଂଶୋଧିତ) ଅନୁଯାୟୀ ମାସିକ ଷ୍ଟାଇପେଣ୍ଡ ପାଇବେ। ଯୋଗ୍ୟ ପ୍ରାର୍ଥୀଙ୍କ ବୟସ ୨୦୨୫ ଅଗଷ୍ଟ ୩୧ ତାରିଖ ସୁଦ୍ଧା ସର୍ବନିମ୍ନ ୧୮ ବର୍ଷ ଏବଂ ସର୍ବାଧିକ ୨୮ ବର୍ଷ ହୋଇଥିବା ଆବଶ୍ୟକ। ଆବେଦନ ଦାଖଲର ଶେଷତାରିଖ ୩୧ ଅଗଷ୍ଟ ରହିଛି। ତେବେ ସୁନ୍ଦରଗଡ଼ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କୁହାଯାଇଛି। ଖାଲି ପଦପୂରଣ ନ ହେଲେ କେବଳ ଓଡ଼ିଶାର ଅନ୍ୟ ଜିଲ୍ଲା ଏବଂ ଅନ୍ୟାନ୍ୟ ରାଜ୍ୟର ଆବେଦନଗୁଡ଼ିକୁ ବିଚାର କରାଯିବ। ଉଲ୍ଲେଖନୀୟ ଯେ ଆରଏସପି ଆପ୍ରେଣ୍ଟିସ ପରେ ସ୍ଥାୟୀ ନିଯୁକ୍ତିର ଗ୍ୟାରେଣ୍ଟି ଦିଏ ନାହିଁ। ଅଧିକ ସୂଚନା ଏବଂ ଅପଡେଟ୍ ପାଇଁ, ପ୍ରାର୍ଥୀମାନଙ୍କୁ ନିୟମିତ ଭାବରେ ସମ୍ପୃକ୍ତ ଆପ୍ରେଣ୍ଟିସ ପୋର୍ଟାଲ୍ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

## ଏକତ୍ରର ଏକକ ଅଭିନୟ ଉତ୍ସବ 'ନାଟକ ସମାଜର ଦର୍ପଣ'



**ରାଉରକେଲା, ୨।୮ (ସମିସ):** ରାଉରକେଲାର ୨୬ଟି ନାଟ୍ୟ ଅନୁଷ୍ଠାନକୁ ନେଇ ଗଠିତ ଏକତ୍ର ରାଉରକେଲା ଦ୍ୱିଦିବସୀୟ ଏକକ ଅଭିନୟ ଉତ୍ସବ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଓ ଏନଏସଡିର ଅଭିନେତା ତଥା ନିର୍ଦ୍ଦେଶକ ଜଗନ୍ନାଥ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି ମତ ରଖିଥିଲେ। ଏହି ଅବସରରେ ଏକତ୍ରର ଉପଦେଷ୍ଟା ଡ. କୃପାସିନ୍ଧୁ ନାୟକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରଫେସର ସମର ମୁଦୁଲି ମଞ୍ଚାସୀନ ଥିଲେ। ଏହି ଅବସରରେ ୩୦ ବର୍ଷରୁ କମ୍ ବୟସ୍କ ଅଭିନେତା ଅଭିନେତ୍ରୀ କୋଏଲ, ଶଙ୍ଖ, ସରସ୍ୱତୀ ଭାବେ ୩ ଭାଗରେ ବିଭକ୍ତ ହୋଇ ଏକକ ଅଭିନୟ କରିଥିଲେ। କୋଏଲ ବିଭାଗରେ ପ୍ରୀତମ କୁମାର ରଣା, ସାଇ ସିଦ୍ଧାର୍ଥ ଦାସ, ଶାଶ୍ୱତୀ ମହନ୍ତ, ଦେବଲୀନା କୁଣ୍ଡୁ, ଓମକାର ଜେନା, ଦେବସ୍ମିତା ପଟ୍ଟନାୟକ, ଅମୀଶା ମିଶ୍ର, ଶ୍ରୀକାନ୍ତ ନନ୍ଦ, ବିଶ୍ୱଜିତ ମହାପାତ୍ର, ଶୁଭସ୍ମିତା ମହାନ୍ତି, ସୋନାଲି ମହାରଣା, ସୌମ୍ୟଜିତ ଭାରତୀ, ତନୁସୌମ୍ୟ ହୋତା, ଶଙ୍ଖ ଗ୍ରୁପରେ ସୁଜଳ ମହାନନ୍ଦ, ଅପର୍ଣ୍ଣା ପଣ୍ଡା, ସୌରଭ ମହାନନ୍ଦ, ଓମ୍ ନିଖିଲ ସାହୁ, ଗୁନଗୁନ ମହାପାତ୍ର, ଶ୍ରେୟାଶ୍ରୀ ମହାନ୍ତି, ରଷିତୋଷ ମହାନ୍ତି, ଦେବିଶିଷ ହୋତା, ପ୍ରିୟାଂଶୁ ନାୟକ, ହରପ୍ରିୟା ମହାରଣା, ଶିବାନୀ ମହାନ୍ତି, ଇନ୍ଦ୍ରଜିତ ରାଉଳ, ସୁଶ୍ରୀପ୍ରିୟା ମିଶ୍ର, ଶୃତିଶ୍ରୀ ଜେନା ଓ ସରସ୍ୱତୀ ଗ୍ରୁପରେ କୁଇନ ଦାସ, ଅଭିଜିତ ସାହୁ, ସାଗୁନ ବାରିକ, ସୁଲିପ୍ତା ଜେନା, ଅଞ୍ଜଳି କୁମାରୀ ସିଂହ, ରୋହିତ ଜଗଦଲ, ସ୍ୱାରକ ଅନୁରାଗ ବାରିକ, ପ୍ରିୟଙ୍କା ପଲେଇ, ସୌରଭ ମିଶ୍ର, ଚିନ୍ମୟ ତ୍ରିପାଠୀ, ସୌରାଜ ଉପାଧ୍ୟାୟ ପ୍ରମୁଖ ଏକକ ଅଭିନୟ କରିଥିଲେ। ବିଚାରକ ଭାବେ ଏଲ୍‌ଏନ୍ ପଟ୍ଟନାୟକ, ଡ. ସଞ୍ଜୟ ହାତୀ, ପ୍ରଶାନ୍ତ କୁମାର ପତି ଦାୟିତ୍ୱ ତୁଲାଇଥିଲେ। ଏକତ୍ରର ସଭାପତି ରାଜୀବ ପାଣି, ଉପସଭାପତି ଆଲୋକ ବୋଷ, ରମେଶ ମହାନ୍ତି, ବିଲୋଚନ ପାତ୍ର ଓ ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରବୀର କୁମାର ଜେନା, ପ୍ରଜ୍ଞାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କନକଲତା ଦାସ, କଲ୍ୟାଣୀ ଦାସ, ବବି ମହାଲିକ, ପ୍ରିତୀ ବାରିକ, ପ୍ରସନ୍ନ ମହାନ୍ତି, ସୁଦେଶ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଳୟ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଭାରତଭୂଷଣ ମହାନ୍ତି, ଅଭୟ କୁମାର ଦାସ, ଶର୍ମିଷ୍ଠା କବି ଶତପଥୀ ଉପସ୍ଥିତ ଥିଲେ।

## ଗୁରୁ ବ୍ୟାସଦେବଙ୍କ ଜୟନ୍ତୀ ପାଳିତ

**ରାଉରକେଲା, ୨।୮ (ସମିସ):** ଏନ୍‌ଆଇଟି ରାଉରକେଲା ପରିସରସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ 'ଭାରତୀୟ ଗୁରୁ ପରମ୍ପରାରେ ବ୍ୟାସ ଦେବ' ଶୀର୍ଷକ ବ୍ୟାସ ଦେବ ଜୟନ୍ତୀ ପାଳିତ ହୋଇଯାଇଛି।



ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ଆବାହକତ୍ୱ ଓ ମାଧବନଗର ଶାଖାର ସଭାପତି ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ତାରିଣୀ ଚରଣ ସାହୁ ମୁଖ୍ୟ ଅତିଥି, ଅଜୟ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ଦାଶ ପତିଙ୍କର ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଜୟ ରାଉତ, ଛବିରାଣୀ ପ୍ରଧାନ, ପ୍ରମିଳା ଡୁଙ୍ଗଡୁଙ୍ଗ, ମିନତୀ ଖମାରୀ, ପୂଜାସ୍ୱାଇଁ, ହରିହର କାମିଲା, ସୁଜାତା ମିଶ୍ର, ସୁଶାନ୍ତ ରାୟ, ସୁରେଖା ନାୟକ, ବନିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ଶ୍ରେୟସୀ ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶିକ୍ଷକ ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମ୍ କିଶାନର ୨୦ତମ କିସ୍ତି ପାଇଲେ ଚାଷୀ



**ରାଉରକେଲା, ୨।୮ (ସମିସ):** ସୁନ୍ଦରଗଡ଼ସ୍ଥିତ ସଂସ୍କୃତିଭବନଠାରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧିର ୨୦ ତମ କିସ୍ତି ବିତରଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଉତ୍ତରପ୍ରଦେଶରର ବାରଣାସୀଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୯ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନଙ୍କୁ ପି.ଏମ୍. କିଶାନର ୨୦ ତମ କିସ୍ତି ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରିଥିଲେ। ଜିଲ୍ଲା ସଂସ୍କୃତିଭବନ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାରମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଧାନ ସଭାର ଉପ ବାଚସ୍ପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରଘୁନାଥପାଲିର ବିଧାୟକ ଦୁର୍ଗାଚରଣ ତନ୍ତୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ସେହିଭଳି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବିଶ ଫାବୀ ରସିଦ ସଦୟ ଉପସ୍ଥିତ ରହିଥିଲେ। ସେହିଭଳି କେନ୍ଦ୍ର ସରକାର ତଥା ଓଡ଼ିଶା ସରକାରଙ୍କ ଦ୍ୱାରା ଚାଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଯୋଜନା ଗୁଡ଼ିକରେ ଅର୍ନ୍ତଭୁକ୍ତ ହୋଇ ତାହାକୁ କୃଷି କ୍ଷେତ୍ରରେ ଉପଯୋଗ କରିବାକୁ ଅତିଥିମାନେ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ପି ଏମ କିଶାନ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ୧, ୩୫, ୩୯୫ ଜଣ ଚାଷୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରାୟ ୨୭ କୋଟି ଟଙ୍କା ସହାୟତା ରାଶି ହସ୍ତାନ୍ତର ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପରିଚାଳନା କରିଥିଲେ।

## ଆଜବେଷ୍ଟସ୍ କାଟି ଦୋକାନରୁ ଚୋରି

**ବଣାଇଁ, ୨।୮ (ସମିସ):** ବଣାଇଁ ଥାନା ଅଧୀନ ଦରେଇକଳା ଛକ ନିକଟରେ ଥିବା ଗୋଟିଏ ଦୋକାନରୁ ଶୁକ୍ରବାର ରାତିରେ ମୂଲ୍ୟବାନ ସାମଗ୍ରୀ ସହ ଟଙ୍କା ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଟିଣ ଆଜବେଷ୍ଟସକୁ କାଟି ଭିତରେ ପଶିଥିବା ଜଣାପଡ଼ିଛି। ଦରେଇକଳା ଗ୍ରାମର ହୃଷିକେଶ ସୂତାର(୫୫)ଙ୍କ ଦରେଇକଳା ଛକ ନିକଟରେ ଏକ ରାସନ୍ ଦୋକାନ ରହିଛି। ସବୁଦିନ ଭଳି ଗତକାଲି ମଧ୍ୟ ରାତି ୯.୩୦ ରେ ଦୋକାନ ବନ୍ଦ୍ କରି ଘରକୁ ଯାଇଥିଲେ। ଆଜି ସକାଳ ୭ ଟାବେଳେ ଆସି ଦୋକାନ ଖୋଲିବା ବେଳକୁ ଆଜବେଷ୍ଟସ କଟା ହୋଇଥିବା ବେଳେ ଦୋକାନରୁ ଅନେକ ସାମଗ୍ରୀ ଓ ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ହୃଷିକେଶ ବଣାଇଁ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୀର୍ଘଦିନ ହେବ ବଣାଇଁ ଅଞ୍ଚଳରେ ଚୋରି ଡକାୟତି ବୃଦ୍ଧି ଘଟୁଥିବାରୁ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ସରସ୍ୱତୀ ଶିଶୁମନ୍ଦିରେ ଜ୍ଞାନବିଜ୍ଞାନ ମେଳା



**ରାଉରକେଲା, ୨।୮ (ସମିସ):** ସ୍ଥାନୀୟ ପାନପୋଷ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉକ୍ତ ବିଜ୍ଞାନମେଳାରେ ଡେଭଲପମେଣ୍ଟ ସରକାର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ, ସଭାପତି ଭବାନୀଶଙ୍କର ଚାନ୍ଦେଲ, କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉଷାରାଣୀ ମିଶ୍ର ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବର୍ଷ ୨୦୨୫-୨୬ର ଜ୍ଞାନବିଜ୍ଞାନ ମେଳାରେ ପ୍ରଶ୍ନମଞ୍ଚ, ପ୍ରୟୋଗ, ମୂର୍ତ୍ତିକଳା ପତ୍ରଗଠନ, ଗଳ୍ପକଥନ, ପ୍ରବନ୍ଧଲିଖନ ଓ ପ୍ରକଳ୍ପରେ ଶିଶୁବାଟିକା ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ ୨୧୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମ୍ୟୁନିସିପାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସୁନୀତା ରାଣୀ ପ୍ରଧାନ ଡେଭଲପମେଣ୍ଟ ଏରିଆ ହାଇସ୍କୁଲର ବିଜ୍ଞାନଶିକ୍ଷକ ବିଶ୍ୱଜିତ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରତିଭାଗୀ ଶିଶୁ ଭାଇଭଉଣୀମାନଙ୍କର ମୂଲ୍ୟାଙ୍କନ କରିଥିଲେ। ମଧୁସିକ୍ତା ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବସୁଧୈବ କୁଟୁମ୍ବକମ୍ ତରଫରୁ ଚାରାରୋପଣ

**ରାଉରକେଲା, ୨।୮ (ସମିସ):** ବୃକ୍ଷ ବିନା ସୁନ୍ଦର ପୃଥିବୀ ପରିକଳ୍ପନା ଅବଶ୍ୟମ୍ଭାବୀ ବୋଲି ସହରର ଜଣାଶୁଣା ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ବସୁଧୈବ କୁଟୁମ୍ବକମ୍' ତରଫରୁ ସ୍ଥାନୀୟ ବାସନ୍ତି କଲୋନୀ ସ୍ଥିତ ସରକାରୀ ହାଇସ୍କୁଲ ଠାରେ ଆୟୋଜିତ ବନମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବସୁଧୈବ କୁଟୁମ୍ବକମ୍' ଅନୁଷ୍ଠାନର ସଭାପତି କବୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପିକା ବିଜୟଲକ୍ଷ୍ମୀ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ବୃକ୍ଷ ହିଁ ଜୀବନ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ କହିଲେ ମଣିଷର ପ୍ରତିଟି ମୁହୂର୍ତ୍ତରେ, ଜୀବନଚର୍ଯ୍ୟା ଏବଂ ଦୈନନ୍ଦିନର ବ୍ୟବହାରିକ କାର୍ଯ୍ୟରେ ବୃକ୍ଷର ଆବଶ୍ୟକତା ପଡ଼ିଥାଏ। 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଲେ ଇଶ୍ୱରଙ୍କ ଦ୍ୱାରା ସୃଷ୍ଟି ଏହି ସୁନ୍ଦର ସବୁଜିମା ପୃଥିବୀ ଆଜି ଶ୍ରୀହୀନ ହୋଇ ଧ୍ୱଂସାଭିମୂଖୀ। ଯାହାକି ମଣିଷ ସମାଜ ପାଇଁ ଏକ ବିରାଟ ସତର୍କ ଘଣ୍ଟିବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନୀଲ ଦାଶ ସଂଯୋଜନା କରିବା ସହ ହରିହର ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବସନ୍ତ ହଂସ, ଅପର୍ଣ୍ଣା ସାହୁ, ମମତା ସାମଲ, ରୂପକ ପାତ୍ର, ସଚ୍ଚିକାନ୍ତ ବିଶ୍ୱାଳ ଓ ସୂର୍ଯ୍ୟକାନ୍ତ ପଣ୍ଡା ଉପସ୍ଥିତ ଥିଲେ।




### ବନ ବିଭାଗ ପକ୍ଷରୁ ୭୬ତମ ବନମହୋତ୍ସବ

## ୮୯୫.୧୩ ହେକ୍ଟର ଜମିରେ ୫, ୬୧, ୫୫୦ ଚାରାରୋପଣ ଲକ୍ଷ୍ୟ





**ରାଉରକେଲା, ୨।୮ (ସମିସ)**

ସ୍ଥାନୀୟ ହନୁମାନ ବାଟିକା ନିକଟସ୍ଥ ରାଉରକେଲା ଇସ୍ପାତ କାରଖାନାର ବିସ୍ତୃତ ପଡ଼ିଆରେ ଆଜି ରାଉରକେଲା ବନ ବିଭାଗ ପକ୍ଷରୁ ୭୬ ତମ ବନମହୋତ୍ସବ - ୨୦୨୫ ପାଳନ କରାଯାଇଥିଲା। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଆତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ, ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ରାମାସାମୀ ପି., ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଯୋଗ ଦେଇଥିଲେ। ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ 'ମା ପାଇଁ ଗଛ ଟିଏ' ଯୋଜନାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ କହିଲେ ଯେ ଚଳିତବର୍ଷ ଭାରତରେ ୭ କୋଟିରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। 'ମା ପାଇଁ ଗଛ ଟିଏ' ପାଇଁ ଗଛ ଟିଏ ଯୋଜନାରେ ସମସ୍ତଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇ ସୁନ୍ଦରଗଡ଼ ଜିଲ୍ଲାକୁ ଏକ ସୁନ୍ଦର ସବୁଜିମାରେ ପରିଣତ କରିବା ପାଇଁ ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଡିଏଫଓ ଶ୍ରୀ ସେଠୀ ସୂଚନା ଦେଇ କହିଲେ ଚଳିତବର୍ଷ ରାଉରକେଲା ବନଖଣ୍ଡକୁ ସରକାରଙ୍କ ତରଫରୁ ୧୦, ୩୦, ୦୦୦ ଚାରା ବଣ୍ଟନ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଏଥି ପାଇଁ ରାଉରକେଲାରେ ୨ ଗୋଟି ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର କରାଯାଇଛି ଏବଂ ରାଉରକେଲା ବନଖଣ୍ଡର ସମସ୍ତ ବନାଞ୍ଚଳରେ ମଧ୍ୟ ଅସ୍ଥାୟୀ ଚାରା ବିତରଣ କେନ୍ଦ୍ର ଖୋଲା ଯାଇଛି। ତତ୍‌ସହିତ ରାଉରକେଲା ବନଖଣ୍ଡର ସମସ୍ତ ବନାଞ୍ଚଳର ସ୍ଥାୟୀ ଏବଂ ଅସ୍ଥାୟୀ ନର୍ସରୀରେ ମଧ୍ୟ ଚାରାବିତରଣ କରାଯାଉଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୮୯୫.୧୩ ହେକ୍ଟର ପରିସୀମାରେ ରାଉରକେଲା ବନଖଣ୍ଡ ଦ୍ୱାରା ୫, ୬୧, ୫୫୦ ଗୋଟି ବୃକ୍ଷରୋପଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପାନପୋଷ ବନାଞ୍ଚଳ ଅଧିକାରୀ ଜ୍ଞାନେନ୍ଦ୍ର ଲିମା ଆୟୋଜନ କରିଥିଲେ। ସହକାରୀ ବନସଂରକ୍ଷକ, ରାଉରକେଲା ବନଖଣ୍ଡ ରାଉରକେଲା ବନଖଣ୍ଡର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ ସହଯୋଗ କରିଥିଲେ। ଏହି ଅବସରରେ ରାଉରକେଲା ବନମଣ୍ଡଳ, ଅନ୍ୟାନ୍ୟ ଅତିଥି ବୃନ୍ଦ ସମେତ ରାଉରକେଲା ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# ହକ୍ ପାଇଁ ବିଇଓ ଅଫିସ ଘେରିଲେ ଶିକ୍ଷକ, କର୍ମଚାରୀ



**କେସିଙ୍ଗା, ୨।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ସମସ୍ତ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶନିବାର ସେମାନେ ନିଜର ଶିକ୍ଷାଦାନ ସମାପ୍ତ କରି ଦିନ ୧୨ଟା ୩୦ରେ ଏକାଠି ହୋଇଥିଲେ। ଏହାପରେ ସ୍ଥାନୀୟ ବିଇଓ ଅଫିସ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସ ୬୨କୁ ବୃଦ୍ଧି, ଗ୍ରେଡ୍ ପେରେ ଥିବା ଅସଙ୍ଗତି ଦୂର, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଏବଂ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ ଇନକ୍ରୀମେଣ୍ଟ ସହିତ ବାରିଷ୍ଠତା ପ୍ରଦାନ କରି ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରିଛନ୍ତି। ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ ରଥ, କେସିଙ୍ଗା ବ୍ଲକ ସଭାପତି ଅଭୟ ଦେବତା, ଉପଦେଷ୍ଟା ଭବାନୀଶଙ୍କର ମିଶ୍ର, ବ୍ଲକ ସମ୍ପାଦକ ସମୀର ବେହେରା ଓ ୭୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ସିନାପାଲି, ୨।୮ (ସମିସ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଧାରଣା ଦିଆଯାଇଛି। ଶତାଧିକ ଶିକ୍ଷକ ଓ କର୍ମଚାରୀ ରାଲିରେ ଆସି ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ବ୍ଲକ ସଭାପତି ଅଶ୍ୱିନୀ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମନ୍ୱୟ ସମିତିର ଜିଲ୍ଲା ଆବାହକ ତଥା ଓଷ୍ଟା ଜିଲ୍ଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଭୟ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କ ସରକାରି ଘୋଷଣା, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ନିୟମିତ ପୂର୍ବ ୬ ବର୍ଷ ଚାକିରି କାଳକୁ ମୂଳ ଚାକିରିରେ ଗଣନା କରିବା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ୨୮୦୦ ଗ୍ରେଡ ପେରେ ଥିବା ଅସଙ୍ଗତି ଦୂରୀକରଣ ଇତ୍ୟାଦି ଦାବି ରହୁଥିବା ଜଣା ପଡ଼ିଛି। କାର୍ଯ୍ୟକ୍ରମରେ ବ୍ଲକ ସମ୍ପାଦକ ସୁବାଷ ଚନ୍ଦ୍ର ସାହୁ, ଜଗନ୍ନାଥ ସେଠୀ, ରାଜ କୁମାର ତାଣ୍ଡି, କିଶୋର ଚନ୍ଦ୍ର ଯୋଷୀ, ନବ କିଶୋର ଆଚାର୍ଯ୍ୟ, ରୁଦ୍ର ମାଧବ ସା, ଧବଳେଶ୍ୱର୍ ମେହେର, ସୁରେଶ ମହାନ୍ତି, ରମାକାନ୍ତୀ ମାଝୀ, ରୂପ ସିଂ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ପାଉତି କାଟିବାକୁ ଆର୍‌ଆଇ ଅଫିସରେ ଅସମ୍ଭାଳ ଭିଡ଼

**ଜୟପାଟଣା, ୨।୮ (ସମିସ):** ଚାଷୀ ପଞ୍ଜିକରଣ ପାଇଁ ଜମିର ପାଉତି ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଜୟପାଟଣା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଯାଇ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀ ୨୦୨୪-୨୫ରେ ସମସ୍ତ ଖଜଣା ଦେଇଥିଲେ ହେଁ କମ୍ପ୍ୟୁଟରରେ ବକେୟା ଥିବା ଦର୍ଶାଉଛି। ଚାଷୀ କମ୍ପ୍ୟୁଟର ଦୋକାନରୁ ଆରଆଇ ଅଫିସକୁ ଧାଇଁବାକୁ ପଡୁଛି। ଆରଆଇ ଅଫିସରେ ଭିଡ଼ ଜମୁଥିବାରୁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଜୟପାଟଣା ଆରଆଇ ଅଫିସରେ ଚାଷୀ ଦେଇଥିବା ଖଜଣାର ଅପଡେଟ କରାଯାଇ ନ ଥିବାରୁ ଅନଲାଇନ ପେମେଣ୍ଟ କଲେ ବକେୟା ଦେଖାଉଛି। ଶନିବାର ଜୟପାଟଣା ଆରଆଇ ଅଫିସକୁ ଜୟପାଟଣା, ପ୍ରତାପୁର, ଟିର୍କା ଅଞ୍ଚଳର ଅନେକ ଚାଷୀଙ୍କ ବକେୟା ଖଜଣା ରହିଥିବା ଜାଣିବାକୁ ପାଇ ଆରଆଇ ଅଫିସକୁ ଅପଟୁଡେଟ ପାଇଁ ଯାଇଥିଲେ। ପ୍ରଶ୍ନ ଉଠୁଛି ଅପଟୁଡେଟ କରିବା ଦାୟିତ୍ୱ କାହାର। ଜିଲ୍ଲା ପ୍ରଶାସନ ଅନଲାଇନ ଦେୟ ଉପରେ ଗୁରୁତ୍ୱ ଦେଉଥିବାବେଳେ ଅନଲାଇନ ଖଜଣା ଦେୟ ପାଇଁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**୨୦୨୪-୨୫ରେ ଖଜଣା ଦେଇଥିଲେ ହେଁ କମ୍ପ୍ୟୁଟରରେ ବକେୟା ଦର୍ଶାଉଛି**

■ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ

# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

**ନୂଆପଡ଼ା, ୨।୮ (ସମିସ):** ନୂଆପଡ଼ା ସରକାରୀ ବାଳିକା ବିଦ୍ୟାଳୟରେ ସମଗ୍ର ଶିକ୍ଷା, ନୂଆପଡ଼ା ତରଫରୁ




ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ପରିଷଦ ଉପଧକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ, ଭାନୁ ପ୍ରତାପ ସିଂ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରେଶମ ଲାଲ ନାଏକ, ସୁଧାଂଶୁ ଶେଖର ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଷୀ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସମଗ୍ର ଶିକ୍ଷା ନୂଆପଡ଼ା ହେମନ୍ତ କୁମାର ଭୋଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ନୂଆପଡ଼ା ଓ କୋମନା ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ଏଥିରେ ହ୍ୱିଲ ଚେୟାର ୫ ଟି, ରୋଲେଟର ୧୦ଟି, ବ୍ଲାଇଣ୍ଡ କିଟ ୫ଗୋଟି, ଶିକ୍ଷଣ ସାମଗ୍ରୀ ୮ଟି, ଶ୍ରାବଣ ଯନ୍ତ୍ର ୩୦ଟି, ପ୍ରତିସରଣ ତ୍ରୁଟିଯୁକ୍ତ ପିଲାଙ୍କୁ ୬୦ଟି ଚଷମା ବଣ୍ଟନ କରାଯାଇ ଥିଲା। ଶଙ୍କର୍ଷନ ପୁରୋହି ମଞ୍ଚ ପରିଚାଳନା କରୁଥିବା ବେଳେ ନୂଆପଡ଼ା ବ୍ଲକ ସାଧନ କର୍ମୀ ଉପେନ୍ଦ୍ର ସାମଲ, କାର୍ତ୍ତିକ ବିଶ୍ୱାଳ, ସମେଶ ତ୍ରିପାଠୀ, ନୂଆପଡ଼ା ଓ କୋମନା ବ୍ଲକର ସମସ୍ତ ଆଇଇଭି ଶୁଭେନ୍ଦୁ ପାଢ଼ୀ, କିଶୋର ମହଲା, ଅବିନାଶ ମିଶ୍ର ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍-ପିକଅପ୍ ମୁହାଁମୁହିଁ ଧକ୍କାରେ ୩ ଗୁରୁତର

**ଗୋଲାମୁଣ୍ଡା, ୨।୮ (ସମିସ):** ଗୋଲାମୁଣ୍ଡାରେ ଏକ ବାଇକ୍ ଏବଂ ପିକଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ବସିଥିବା ୩ ଜଣ ବ୍ୟକ୍ତି ଛିଟିକି ପଡ଼ି ଗୁରୁତର ହୋଇଛନ୍ତି। ସମସ୍ତେ ନୂଆପଡ଼ା ଜିଲ୍ଲା ସିନାପାଲି ଥାନା କୋକପଦର ଗ୍ରାମର ବୋଲି ଜଣାପଡ଼ିଛି। ତେବେ ସେମାନଙ୍କ ମଧ୍ୟରୁ ଜଣେ ଅତି ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଶ୍ୟାମସୁନ୍ଦର ଅଗ୍ରୱାଲ ଏବଂ ଗୋଲାମୁଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ପ୍ରଥମେ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପିକଅପ ଭ୍ୟାନ ଜବତ ହୋଇଛି। ଚାଳକକୁ ପୁଲିସ ଅଟକ ରଖିଛି। ପିକଅପଟି ଜଗଦଲପୁରରୁ ବାହାରି ଗୋଲାମୁଣ୍ଡା ଦେଇ ପାଇକମାଳ ଅଭିମୁଖେ ଯାଉଥିଲା। ବାଇକ୍‌ଆରୋହୀମାନେ ସିନାପାଲି ପଟୁ ଗୋଲାମୁଣ୍ଡାକୁ ଯାଉଥିଲେ।

# ୪ ଦିନ ହେଲା ବୃଦ୍ଧ ନିଖୋଜ

**ଲାଞ୍ଜିଗଡ଼, ୨।୮ (ସମିସ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ କାଣ୍ଡାମ ଗ୍ରାମର ରଘୁ ପାତ୍ର (୬୦) ନିଖୋଜ ଅଛନ୍ତି। ୪ ଦିନ ହେଲା ସେ ଘରକୁ ନ ଫେରି ନାହାନ୍ତି। ତାଙ୍କୁ ହତ୍ୟା କରାଯାଇଛି ବୋଲି



ପରିବାର ପକ୍ଷରୁ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଏହାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଗତ ୩୦ ତାରିଖ ସନ୍ଧ୍ୟା ୭ଟାରେ କୌଣସି କାରଣରୁ ସେ ନିକଟସ୍ଥ ବଣ୍ଡେଲ ଗ୍ରାମକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହି ଘରୁ ବାହାରିଥିଲେ; କିନ୍ତୁ ସେଦିନ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଆରଦିନ ସକାଳେ ଆଖପାଖ ଗାଁରେ ଖୋଜଖୋଜି କରି ନିଜ ସମ୍ପର୍କୀୟଙ୍କୁ ବୁଝାସୁଝା କରିଥିଲେ; କିନ୍ତୁ କୌଣସି ସନ୍ଧାନ ମିଳି ନ ଥିଲା। ଏଣୁ ତାଙ୍କ ପୁଅ ମୁରଲୀ ପାତ୍ର ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଶୁକ୍ରବାର କାଣ୍ଡାମା ଗାଁକୁ ଯାଇ ତଦନ୍ତ କରିଛି। ଶନିବାର କାଣ୍ଡାମା ଗ୍ରାମର କିଛି ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଛି।

# ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି

**ଲାଞ୍ଜିଗଡ଼, ୨।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରାଥମିକ ସ୍କୁଲଠାରୁ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଦିନ ପୁରସ୍କୃତ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ମହାଆଡମ୍ବର ସହିତ ସ୍ୱାଧୀନତା ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସକାଳ ୪ଟାରେ ପ୍ରଭାତଫେରି କରାଯିବ। ସକାଳ ୮ ଟାରେ ସାମୂହିକ ପତାକା ଉତ୍ତୋଳନ କରାଯିବ। ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏହି ସାମୂହିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଡ଼ିଓ ଶଶାଙ୍କ ପାତ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ମାଁ ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଙ୍କନ ରାଏ, ବରିଷ୍ଠ ନାଗରିକ ବଳରାମ ବେହେରା, ଲାଞ୍ଜିଗଡ଼ ବ୍ଲକ କଳାକାର ସଂଘ ଉପ ସଭାପତି ହରେକୃଷ୍ଣ ଘଡେଇ, ମାଁ ହୀରନୀଳା ଡିଗ୍ରୀ ମହାବିଦ୍ୟାଳୟ ଖେଳ ଶିକ୍ଷକ ଜି. ଶ୍ରୀନିବାସ ଦାସ, କାନକୁଟ୍ଟୁ ସମିତି ସଭ୍ୟ ମନୋହର ହରପାଳ, ଗୋପାଳ ଦାସ ମହାନନ୍ଦ, ବିଶ୍ୱନାଥପୁର କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ଧରିତ୍ରୀ ବିଶୋଇ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖେଳ ଶିକ୍ଷକ ଅଜୟ ପଲୋଇ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଏଲ୍‌ଏମ୍ କାର୍ଯ୍ୟାଳୟ କଡ଼ରେ ମୁକୁଳା ଟ୍ରାନ୍ସଫର୍ମର

**କୋମନା, ୨।୮ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପରିସରରେ ଥିବା ଓଏଲଏମ୍



ଅଫିସ କଡ଼ରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବ୍ଲକ ହେବା ଦିନ ଠାରୁ ମୁକୁଳା ହୋଇ ରହିଛି। ୨୪ ଘଣ୍ଟା ଉକ୍ତ ଟ୍ରାନ୍ସଫର୍ମରରେ ବିଦ୍ୟୁତ୍ ସଂଯୋଗ ରହିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ତାହାର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେଉ ନାହିଁ। ଅଫିସ କାମରେ ଅନେକ ଲୋକ ଓଏଲଏମ୍ ତଥା ବ୍ଲକ କାର୍ଯ୍ୟାଳୟକୁ ଆସିଥାନ୍ତି। ଅପରପଟରେ ଟ୍ରାନ୍ସଫର୍ମର ଚାରିକଡ଼ ମୁକୁଳା ଥିବାରୁ ଗାଇ ଗୋରୁ, ଛେଳି ମେଣ୍ଢା ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାର ବିଶେଷ ସମ୍ଭାବନା ରହିଛି। ଜିଲ୍ଲା ପ୍ରଶାସନ ତଥା ବିଦ୍ୟୁତ୍ ବିଭାଗ ମୁଖ୍ୟଯନ୍ତ୍ରୀ ବିହିତ ପଦକ୍ଷେପ ଗ୍ରହଣ କରି ସୁରକ୍ଷା ବାଡ଼ କରିବାକୁ ଦାବି ହେଉଛି।

# ଲାଞ୍ଜିଗଡ଼ ବ୍ଲକ୍ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନର ବୈଠକ



**ଲାଞ୍ଜିଗଡ଼, ୨।୮ (ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଶ୍ମିଆ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମୁଦୁଲି, ନୋଡାଲ ଖେଳ ଶିକ୍ଷୟିତ୍ରୀ ଧରିତ୍ରୀ ବିଷୋୟୀ, ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷକ ଅଜୟ ପଲେଇଙ୍କ ସମେତ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# କାହାଣୀ, ଉପନ୍ୟାସ ପାଇଁ ପ୍ରେମଚନ୍ଦ ଚିର ଅମର

**ବଲାଙ୍ଗିର, ୨।୮ (ସମିସ):** ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ପ୍ରେମଚନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସ୍ୱାଧୀନ ସାହୁଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ପ୍ରେମଚନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ହିନ୍ଦୀ ଶିକ୍ଷକ ରଞ୍ଜିତ ମିଶ୍ର ନିଜ ବକ୍ତବ୍ୟରେ ମୁଂଶୀ ପ୍ରେମଚନ୍ଦଙ୍କ କାହାଣୀ ଗୁଡିକ ଆଜି ମଧ୍ୟ ଲେଖକଙ୍କ ଉଦ୍ଦେଶ୍ୟରେ ଏକ ଆହ୍‌ୱାନ ଭାବରେ ମୁଣ୍ଡ ଟେକି ଠିଆ ହୋଇଛି ବୋଲି କହିବା ସହ ତାଙ୍କର ଉପନ୍ୟାସ ଓ କାହାଣୀ ପାଇଁ ସେ ଚିର ଅମର ହୋଇ ରହିବେ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ନିଜ ବକ୍ତବ୍ୟରେ ସାମୟିକ ଘଟଣା ଓ ଆନ୍ଦୋଳନ ପ୍ରଭୃତ ପ୍ରଭାବ ପ୍ରେମଚନ୍ଦଙ୍କ କାହାଣୀ ଉପରେ ପଡ଼ିଥିଲା ବୋଲି କହିଥିଲେ। ଶିକ୍ଷକ କାହ୍ନୁଚରଣ ଧରୁଆ କାହାଣୀ 'ନମକ କା ଦାରୋଗା', ଶିକ୍ଷକ ପ୍ରଦୀପ ଦଣ୍ଡସେନା କାହାଣୀ 'ସଦଗତି' ଓ ଶିକ୍ଷୟତ୍ରୀ ସୁଷମା ମେହେର କାହାଣୀ 'ପୂଷ କି ରାତ' କହି ଶୁଣେଇଥିଲେ। ଏହି ଅବସରରେ ପ୍ରେମଚନ୍ଦ ସାହିତ୍ୟ ସମ୍ପର୍କିତ ଏକ କୁଇଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ଶିକ୍ଷୟିତ୍ରୀ ପ୍ରତିଶା ମିଶ୍ର କରିଥିବା ବେଳେ ଶିକ୍ଷୟତ୍ରୀ ସୁବାସିନୀ ସେଠି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ନିରୁ ବିଶ୍ୱାଳ, ପ୍ରଜ୍ଞା ପରମିତା ଖୁଆସ, ଅଶ୍ୱିନୀ ମହାଲିଙ୍ଗ, ସଞ୍ଜୀବ ମିଶ୍ର ଓ ସୁଜିତ ଦେହେରୀ ସହଯୋଗ କରିଥିଲେ।

# ମହିଳା କଲେଜର ଯୁକ୍ତ ଦୁଇ ଛାତ୍ରୀଙ୍କ ସ୍ୱାଗତ ସମାରୋହ

**ସୁବଲୟା, ୨।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ନବାଗତ ଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ପ୍ରଥମେ ସଭା ଗୃହକୁ ସ୍ୱାଗତ କରାଯାଇଥିଲା। ପରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବିରାମହରାଜପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ପରିଚାଳନା କମିଟିର ବରିଷ୍ଠ ପ୍ରତିଷ୍ଠାତା ସଦସ୍ୟ ଡ. ପ୍ରଫୁଲ ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। କଠିନ ପରିଶ୍ରମ ଏବଂ ଶୃଙ୍ଖଳା ଜଣେ ବିଦ୍ୟାର୍ଥୀକୁ ସଫଳତାର ସ୍ୱାଦ ଦେଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଣଜିତ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପିକା ସନ୍ତୋଷିନୀ ନାୟକ କାର୍ଯ୍ୟକ୍ରମ ସଭାପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗ ଅଧ୍ୟପିକା ଗୀତାଞ୍ଜଳି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ଭବାନୀପାଟଣା, ୨।୮ (ସମିସ):** ସ୍ଥାନୀୟ ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ ମୁଣ୍ଡଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ମହାନ୍ତି, ଦେବେନ୍ଦ୍ର ବାଗ, ପ୍ରଶାନ୍ତ ମହାନ୍ତି, ଶ୍ରୀମତୀ ଶ୍ୱେତଲିନା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରବୀନ୍ଦ୍ର ମିଶ୍ର, ଅନୁଷ୍କା ସାହାଣୀ, ପ୍ରତିଭା ରଥ, ଅର୍ଚ୍ଚିତା ପଣ୍ଡା, ନିର୍ମଳ ସାହୁ, କିଶୋର ନାଗ, ରୋଜାରାଣୀ




ପଟ୍ଟନାୟକ, ଧର୍ମେନ୍ଦ୍ର ବାଗ, ଯୁଗଳ ନାଏକ, ପ୍ରଶାନ୍ତ ମହାନ୍ତି, ଦେବେନ୍ଦ୍ର ବାଗ, ଶ୍ୱେତଲିନା ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଜୟରାମ ସାହୁ, ଶିବ ପ୍ରଧାନ, ରଶ୍ମିତା ପଣ୍ଡା, ସୁଧୀର ନେଗୀ, ମନୋଜ ନାୟକ, ରାଜେଶ୍ୱରୀ ରଥ, ସୁମତି ମୁଣ୍ଡ, କୌସ୍ତୁବ ମଣି ବାଗ, ଗୋଦାବରୀଶ ମିଶ୍ର, ସୁଶାନ୍ତ ବାରିକ, ମନୋଜ ନାୟକ ଏବଂ ବନଶ୍ରୀ ଦାଶ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

# ପ୍ଲାଷ୍ଟିକମୁକ୍ତ ଅଭିଯାନ ଓ ବର୍ତ୍ତନ ବ୍ୟାଙ୍କ ଶୁଭାରମ୍ଭ

ସିନାପାଲି, ୨।୮ (ସମିସ)

ବର୍ତ୍ତମାନ ଯୁଗରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପାଇଁ ପରିବେଶ ପ୍ରଦୂଷିତ ହେବା ସହ ପ୍ରାଣୀ ଜଗତ ପାଇଁ ବିପଦ ମନେ କରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ନୂଆପଡ଼ା ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଅନେକ ସଚେତନତା ମୂଳକ ପଦକ୍ଷେପ ଆଗେଇ ନେବାରେ ଆଗଭର ହୋଇ ପଦକ୍ଷେପ ନେଇଛନ୍ତି। ପ୍ଲାଷ୍ଟିକ ବର୍ଜନ କରି ବାସନ କୁସନର ବ୍ୟବହାର କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ସିନାପାଲି ପଞ୍ଚାୟତ ସମିତି ଆନୁକୂଲ୍ୟରେ ସିନାପାଲି ମହାବିଦ୍ୟାଳୟ ଠାରେ ଏକକ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ନିଷେଧ ଅଭିଯାନ, ବୃକ୍ଷ ରୋପଣ ପଦଯାତ୍ରା, ଗାଁ ସଫେଇ ସଚେତନ କାର୍ଯ୍ୟକ୍ରମ ସାଙ୍ଗକୁ ସିନାପାଲି ଜଗନ୍ନାଥ ମନ୍ଦିର ପରିସରରେ ବର୍ତ୍ତନ ବ୍ୟାଙ୍କର ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଉଭୟ




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ, ଏବିଡିଓ ସୁବ୍ରତ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି ପ୍ରମୁଖ ଯୋଗଦେଇ ଥିଲେ। ସିନାପାଲି କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ କ୍ଷେତ୍ର ମୋହନ ଦୁରିଆ ପ୍ରଦାନ କରିଥିବା ବେଳେ କଲେଜ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାଅର୍ଚ୍ଚନା ପରେ ଅତିଥିମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ରଜନୀକାନ୍ତ ମେହେର ମାନପତ୍ର ପଠନ କରିଥିବା ବେଳେ କନକବର୍ଦ୍ଧନ ସାହୁ ସ୍ୱରଚିତ କବିତା ପଠନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀ କବିତା ପଠନ କରିଥିବା ବେଳେ ଅଧ୍ୟାପକ ହେମନାଥ ଭୋଇ ପୁରସ୍କାର ବିତରଣ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଶେଷରେ ଲିପିପୁଷ୍ପା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ କଲେଜ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ, ସଫେଇ ସଚେତନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବର୍ତ୍ତନ ବ୍ୟାଙ୍କ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦାନ କରି ବର୍ତ୍ତନ ବ୍ୟାଙ୍କର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସିନାପାଲି ଅଞ୍ଚଳ ଏକକ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ନିଷେଧ କରି ବିବାହ ତଥା ସରକାରୀ ବେସରକାରୀ ସାମାଜିକ କାର୍ଯ୍ୟକ୍ରମରେ ଷ୍ଟିଲ ସାମଗ୍ରୀ ବ୍ୟବହାର କରିବା ନେଇ ସଚେତନ ତଥା ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ ପୁଣ୍ଡରିକାକ୍ଷ ହୋତା, ପିଇଓ ସୁଶାନ୍ତ ବେହେରା, ସିଡିପିଓ ଉର୍ମିଳା ମହାପାତ୍ର, ସରପଞ୍ଚ ସୁନିତା ମେହେରଙ୍କ ସହ ବୁଦ୍ଧିଜୀବୀ, ଭଦ୍ରବ୍ୟକ୍ତି, ଅଙ୍ଗନୱାଡି କର୍ମୀ ଓ ଏସଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

# ଭରୁଆମୁଣ୍ଡା ହାଇସ୍କୁଲରେ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ




**ସିନାପାଲି, ୨।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ ହାଇସ୍କୁଲ ଓ ସିନାପାଲି ବନବିଭାଗର ମିଳିତ ଆନୁକୂଲ୍ୟରେ 'ମାଁ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ରୀନିବାସ ପାତ୍ର ସଭାପତିତ୍ୱ କରିଥିଲା ବେଳେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବରେ ସିନାପାଲି ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ଭରୁଆମୁଣ୍ଡା ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ନାଏକ, ସେକ୍ସନ ଅଫିସର ଚୁଡ଼ାନାଥ ସରାଫ, ଜିଲ୍ଲା ଇକକୋ କ୍ଲବ୍ ନୋଡାଲ ଅଫିସର କୃଷ୍ଣ ଚନ୍ଦ୍ର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରମେଶ ଦୁବେ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରି ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବ ଜଗତର ଅସ୍ତିତ୍ୱ ନାହିଁ। ବୃକ୍ଷ ଲଗାଇବା, ଜୀବନ ବଞ୍ଚାଇବା ବୋଲି ଅତିଥି ମତପ୍ରକାଶ କରିବା ସହ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତା କାର୍ଯ୍ୟକ୍ରମର କୃତୀ ଛାତ୍ରଛତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଛାତ୍ରଛତ୍ରୀମାନଙ୍କ ସହ ମିଳିତ ଭାବେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବନବିଭାଗର ସମସ୍ତ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

## ସହଜ ଜନ ସେବା କେନ୍ଦ୍ରର ତାଲା ଭାଙ୍ଗି ଚୋରି

**ବୌଦ୍ଧ, ୨।୮ (ସମିସ):** ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅଧୀନ ତେଲିବନ୍ଧ ହାଇସ୍କୁଲ ନିକଟରେ ଥିବା ସନାତନ ସାହୁଙ୍କ ସହଜ ଜନ ସେବା କେନ୍ଦ୍ରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଜହ୍ନାପଙ୍କ ଫାଣ୍ଡିରେ ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଫାଣ୍ଡି ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଫେରିଛଛି। ଶ୍ରୀ ସାହୁ ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳ ପ୍ରାୟ ସାଢେ ୭ଟା ବେଳେ ଆସିବାବେଳକୁ ଦୋକାନର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନ ଭିତରକୁ ଯାଇ ଦେଖିଲା ବେଳକୁ ଲାପଟପ୍ ସହ ପ୍ରାୟ ୮୦ ହଜାର ଟଙ୍କାର ଜିନିଷ ଚୋରି ଯାଇଥିବା ଜଣାପଡ଼ିଥିଲା।

## ଛାତ୍ରୀକୁ ଦୁଷ୍କର୍ମ ଅଭିଯୋଗର ତଦନ୍ତ

**ଦେଓଗାଁ, ୨।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଅଞ୍ଚଳର ଏକ କଲେଜର ଜନୈକା ଛାତ୍ରୀକୁ ଉକ୍ତ ଗାଁର ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାରକରି ମାମଲା ରୁଜୁ କରିବାସହ ତଦନ୍ତ ଆରମ୍ଭ କରିଥିବା ଓ ସମ୍ପୃକ୍ତ ଯୁବକକୁ ଗିରଫ କରିବାପାଇଁ ଡିଏସପି ସମର୍ଥ କେ.ବେହେରାଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତ ଯୁବକକୁ ଗିରଫ କଲାପରେ ଘଟଣା ବିଷୟରେ ସବିଶେଷ ତଥ୍ୟ ମିଳିବ ବୋଲି ସୂଚନା ଦେଇଛନ୍ତି। ସମ୍ପୃକ୍ତ ପିଡିତାଙ୍କ ବାପା ଦେଓଗାଁ ଥାନାରେ ଲିଖିତ ଭାବେ ଦେଇଥିବା ଅଭିଯୋଗ ଅନୁସାରେ ବୁଧବାର ଦିନ ଗାଁର ଆକାଶ ବିଶ୍ୱାଳ ନାମକ ଯୁବକ ତାଙ୍କ ଝିଅକୁ ପାଖ ଜଙ୍ଗଲକୁ ନେଇ ସେଠାରେ ଜବରଦସ୍ତ ବଳାତ୍କାର କରିବାସହ ମୋବାଇଲରେ ଅନ୍ତରଙ୍ଗ ସମୟର ଭିଡିଓ କରି ଶୁକ୍ରବାର ଦିନ ଭାଇରାଲ କରିଥିଲା। ସେ ଏହିଦିନ ସନ୍ଧ୍ୟା ରେ ଭିଡିଓ ଦେଖିବା ପରେ ଝିଅଠାରୁ ସବୁ ଘଟଣା ବୁଝିଥିଲେ। ଉକ୍ତ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାର ଧମକ ଦେବାରୁ ସମ୍ପୃକ୍ତ ଝିଅ କାହାକୁ କହିନଥିବା ପ୍ରକାଶ କରିଥିଲା। ପରେ ଝିଅର ବାପା ଦେଓଗାଁ ଥାନାରେ ନ୍ୟାୟ ପାଇଁ ଲିଖିତ ଭାବେ ଅଭିଯୋଗ କରିଥିଲେ।

## ଉପରଝରରେ ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଦେଓଗାଁ, ୨।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ନିକଟରେ ଶନିବାର ସନ୍ଧ୍ୟାରେ ୨ବାଇକ ମୁହାଁମୁହିଁ ଧକ୍କା ହୋଇ ଜଣେ ଯୁବକ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ନିକଟସ୍ଥ ପାଣ୍ଡେଲ ଗାଁର ରାଧୁ ନାଗ (୨୨)। ଗୁରୁତର ଆହତ ହୋଇଥିବା ଯୁବକ ଦୁଇଜଣ ହେଲେ ମହଲାଇ ଗାଁର ଶଙ୍କର ବାଙ୍କ ଓ ଜିତୁ ସାହୁ। ଖବରପାଇ ଦେଓଗାଁ ଥାନାଧିକାରୀ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ସୂଚନାନୁସାରେ ରାଧୁ ନାଗ ବାଇକ୍‌ରେ ଆସୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ମହଲାଇର ଦୁଇଜଣ ଯୁବକଙ୍କ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। ବାଇକ ଚୁରମାର ହୋଇଥିଲା। ସ୍ଥାନୀୟ ଲୋକେ ବାରମ୍ବାର ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ହେଁ ଆମ୍ବୁଲାନ୍ସ ନ ଆସିବାରୁ ବାଧ୍ୟ ହୋଇ ବାଇକରେ ସମସ୍ତଙ୍କୁ ଧରି ଭୀମଭୋଇ ମେଡିକାଲକୁ ନେଇଥିବା ବେଳେ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଗୋପେଶ୍ୱରୀ ଷଡଙ୍ଗୀଙ୍କ ପରଲୋକ

**ଲୋଇସିଂହା, ୨।୮ (ସମିସ):** ଶନିବାର ସଂଧାରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱତନ୍ତ୍ର ସଚିବ ପ୍ରସନ୍ନ ଷଡଙ୍ଗୀଙ୍କ ମା' ଗୋପେଶ୍ୱରୀ ଷଡଙ୍ଗୀଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହେଉଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅବହୂ, ଝିଅଜ୍ୱାଇଁ, ନାତିନାତୁଣୀ, ସମ୍ପର୍କୀୟ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଯାଇଛି। ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରି ଶବ ଧାରରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ ଯେ, ସ୍ୱର୍ଗତା ଷଡଙ୍ଗୀ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ମାଣ୍ଡିଆପଦର ଗ୍ରାମର। ମାଣ୍ଡିଆପଦର ଗ୍ରାମ ସ୍ଥିତ ଘରେ ବାର୍ଦ୍ଧକ୍ୟ ଯୋଗୁଁ ସେ ଶଯ୍ୟାଶାୟୀ ଥିଲେ। କିଛି ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଯାଇଛି।

## ଦ୍ୱିତୀୟ ମାସିକ କଷ୍ଟରସ୍ତରୀୟ ବୈଠକ

**ପଲଶାଗୋରା, ୨।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା କ୍ଲଷ୍ଟରସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ଦ୍ୱିତୀୟ ମାସିକ ବୈଠକ ଘୁଲୁଘୁଲାପଦର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏବିଇଓ ଉଦ୍ଧବ ମହାଲିକ, ସିଆରସିସି ହୃଦାନନ୍ଦ ଦନ୍ତା, ବରିଷ୍ଠ ପ୍ରଧାନ ଶିକ୍ଷକ ବଳଭଦ୍ର ବିଶ୍ୱାଳ, ନିରାକାର ସାହୁ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ

**ସୁବଳୟା, ୨।୮ (ସମିସ):** ସମ୍ବଲପୁରୀ ଭାଷା ସାହିତ୍ୟର ଅନନ୍ୟ ଯୁଗସ୍ରଷ୍ଟା ତଥା କାଳଜୟୀ କବି ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳିତ ହୋଇଛି। ସମ୍ବଲପୁରୀ ଦିନରେ ବୀରମହାରାଜପୁର କଦଳୀପାଲି ଛକର ମୁକ୍ତମଞ୍ଚରେ ଏହି କାର୍ଯ୍ୟକ୍ରମ ଖୁବ୍ ଧୁମଧାମରେ ପାଳିତ ହୋଇଥିଲା। ଏକତା ଗ୍ରୁପ ଦ୍ୱାରା ଆୟୋଜିତ ଉତ୍ସବରେ ଯୁବ ନିର୍ଦ୍ଦେଶକ ତଥା ପ୍ରଯୋଜକ ପାଣିନୀ ପ୍ରାଞ୍ଜ ପୌରୋହିତ୍ୟ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ପଦାର୍ଥ ଜଗଦଳା, ଅଶୋକ ସାହୁ, ନବଘନ ଗୁହୁରିଆ, ସତ୍ୟନାରାୟଣ ବିଶି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ କଣ୍ଠଶିଳ୍ପୀ ସୁନିତା ମିଶ୍ର, ସମ୍ବଲପୁରୀ ଅଭିନେତ୍ରୀ ଦିବ୍ୟା ସାହୁ, ଝରଣା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକନୃତ୍ୟ ଓ ଲୋକଗୀତ ପ୍ରଦର୍ଶିତ ହୋଇଥିଲା।

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା**

# ପ୍ରକଳ୍ପ ପ୍ରଦର୍ଶନ କରି ଦକ୍ଷତା ଦେଖାଇଲେ କୁନି ବୈଜ୍ଞାନିକ








**ଶଗଡ଼ା, ୨।୮ (ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ସଂକୁଳ ଅଧୀନ ଘଣ୍ଟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ସେଠ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ ନିଳାଚଳ ଭୋଇ, ବୀରେନ୍ଦ୍ର ପ୍ରସାଦ ଦେହୁରୀ, ସମିତି କୋଷାଧ୍ୟକ୍ଷ ଦେବେନ୍ଦ୍ରନାଥ ରଣା, ପ୍ରଭାତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶାନ୍ତନୁ ସେଠ ଓ ଶିକ୍ଷକ ଲିପୁନ ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ରୀତା ରଣା, ରଞ୍ଜୁ ମହଲା, ରଶ୍ମି ରଣା, ବବିତା ରଣା, ଗୁରୁଜୀ ବିଶିକେଶନ ସାହୁ ଓ ହିମାଦ୍ରୀ ରଣା ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପର ମୂଲ୍ୟାଭ୍‌କନ କରିଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୮୫ଟି, ଶିଶୁ ବର୍ଗରୁ ୩୫ଟି ଓ ବାଲବର୍ଗରୁ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

**ମନମୁଣ୍ଡା:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ୍ୟ ବିଦ୍ୟାଳୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗୁରୁମା ଅନୁସୂୟା ନାଏକ ସଂଯୋଜନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ଷାଣ୍ଢ ଆଭିମୁଖ୍ୟ କଥନ ପ୍ରଦାନ କରିଥିଲେ। ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ପ୍ରମୁଖ ଶକୁନ୍ତଳା ପଧାନ ଶିଶୁଙ୍କୁ ପ୍ରକଳ୍ପ କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଏଥିରେ ୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଶିଶୁବର୍ଗ ଓ ବାଲ୍ ବର୍ଗ ଗଣିତ ପ୍ରଶ୍ନମଞ୍ଚରେ ଆଚାର୍ଯ୍ୟ ପ୍ରମୋଦ ମେହେର ଓ ନେପାଳ ଭୋଇ, ବିଜ୍ଞାନ ପ୍ରଶ୍ନମଞ୍ଚରେ ଆଚାର୍ଯ୍ୟ ବ୍ରଜମୋହନ କର୍ମୀ ଓ ଆଚାର୍ଯ୍ୟା ଅନୁସୂୟା ନାଏକ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚରେ ଆଚାର୍ଯ୍ୟ ବାସୁଦେବ ପାଢ଼ୀ ଓ ଆଚାର୍ଯ୍ୟା ମମତା ମେହେର ପରିଚାଳନା କରିଥିଲେ। ପରିଚାଳନା ସମିତି ସଦସ୍ୟ ଶାନ୍ତନୁ ପ୍ରଧାନ, ଯୁଗ୍ମ ସମ୍ପାଦକ ବିଭୀଷଣ ଭୁକ୍ତା, କୋଷାଧ୍ୟକ୍ଷା ପ୍ରଜୀଣା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଗଣେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



**ବିନିକା:** ବିନିକା ବ୍ଲକ ବାଗଡ଼ିଆ ସରସ୍ୱତୀ ଶିଶୁ ମନ୍ଦିରଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଚାର୍ଯ୍ୟ ଗଙ୍ଗାଧର ନାଏକଙ୍କ ସଂଯୋଜନରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ସିଂଘିଯୁବା ଉଚ୍ଚ ବିଦ୍ୟାଳର ପ୍ରଧାନଶିକ୍ଷକ ରାଜକୁମାର ମହାକୁର, ସମ୍ମାନିତ ଅଥିତି ଭାବେ ବାବୁପାଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବ୍ରଜମୋହନ ବଡ଼ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ନାଏକ ଉଦ୍‌ଘାଟନ କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳରେ ସରସ୍ୱତୀ ଶିଶୁମନ୍ଦିର ସମ୍ପାଦକ ଉଦ୍ଧବ ପଧାନ ଓ ସଭାପତି ଲୋକନାଥ ପାତ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜମୋହନ ବଡ଼ପଣ୍ଡା, ମୁଖ୍ୟ ଅତିଥି ରାଜକୁମାର ମହାକୁର ଓ ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ନାଏକ ଥିବାବେଳେ ଅନ୍ୟ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

**ତରଭା:** ତରଭା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟନାରାୟଣ ମହାପାତ୍ର, ସମ୍ପାଦକ ଲକ୍ଷ୍ମଣ ରଣା, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗଣେଶ୍ୱର ମେହେର ପ୍ରମୁଖ ଶିଶୁ ମନରେ କିପରି ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଲିପି ନାଗ, ଜ୍ଞାନ ରଞ୍ଜନ ଭୋଳ, ଶଙ୍ଖପାଣି ପଧାନ, ଦିବ୍ୟ ସିଂ ସାହୁ, ନିରଞ୍ଜନ ରଣା ପ୍ରକଳ୍ପ, ପତ୍ରବାଚନ, ପ୍ରଶ୍ନମଞ୍ଚ, ପ୍ରୟୋଗରେ ବିଚାରକ ଭାବରେ ଯୋଗଦାନ କରିଥିଲେ। ସୁରେଶ ମହାର ଗୁରୁଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୨୧୦ଟି ପ୍ରକଳ୍ପ ବିଭିନ୍ନ ବର୍ଗରୁ ଆସିଥିଲା। ୩୧୦ ଜଣ ଶିଶୁ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଶାଖା ପରିଚାଳକ ସୁଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଶିଶୁ ଭାଇ ଭଉଣୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉପସଭାପତି ବିଚିତ୍ର ସାହୁ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ସହଯୋଗ କରିଥିଲେ। ପ୍ରଥମସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରଛାତ୍ରୀ ସଂକୁଳସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ପ୍ରଧାନ ଆଚାର୍ଯ୍ୟ ଶ୍ରୀ ନାଏକ କହିଛନ୍ତି।

**ଲାଞ୍ଚ କାରବାରକୁ ନେଇ ଚର୍ଚ୍ଚାରେ ପାଟଣାଗଡ଼ ଏନ୍‌ଏସି**

# ଅବସରପ୍ରାପ୍ତ କର୍ମଚାରୀ ଓ ସିନିୟର ଆସିଷ୍ଟାଣ୍ଟ ମୁହାଁମୁହିଁ

**ପାଟଣାଗଡ଼, ୨।୮ (ସମିସ):** ପାଟଣାଗଡ଼ ଏନ୍‌ଏସିରେ ଜଣେ ଅବସର ପ୍ରାପ୍ତ କର୍ମଚାରୀ ବିଭୁତି ଦେହୁରୀ ତାଙ୍କ ଅବସର ପରେ ବକେୟା ଟଙ୍କା ଗ୍ରାଚ୍ୟୁଇଟି ବାବଦକୁ ନେଇ ଏନ୍‌ଏସି କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ। କିନ୍ତୁ ଦାୟିତ୍ୱ ରେ ଥିବା ସିନିୟର ଆସିଷ୍ଟାଣ୍ଟ ପ୍ରିୟବ୍ରତ ମଲ୍ଲିକଙ୍କୁ ଶ୍ରୀ ଦେହୁରୀ ମୋଟା ଅଙ୍କର ଲାଞ୍ଚ ଦେଇଥିଲେ ସୁଦ୍ଧା ତାଙ୍କ କଥା ଶୁଣୁନଥିବା ଅଭିଯୋଗ ଆଣିଛନ୍ତି।ଏପରିକି ଏ ବିଷୟକୁ ନେଇ ସେ ଗତ ୧୪ ତାରିଖ ଦିନ ତାଙ୍କ ପରିବାର ସହ ବିଭାଗୀୟ ସଚିବ ଉଷା ପାଢ଼ୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଘଟଣା ବିଷୟରେ ଅବଗତ କରିଥିଲେ ସୁଦ୍ଧା ତାଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ ଆଣିଛନ୍ତି।ଯାହାକୁ ନେଇ କର୍ମଚାରୀ ଜଣକ ଶନିବାର ପୁଣି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସିନିୟର ଆସିଷ୍ଟାଣ୍ଟ ପାଖକୁ ଯାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବା ବେଳେ ସିନିୟର ଆସିଷ୍ଟାଣ୍ଟଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ବାର୍ତ୍ତାଳାପ ସମୟରେ ସିନିୟର ଆସିଷ୍ଟାଣ୍ଟ ଜଣକ ପୁଣି ଦଶ ହଜାର ଟଙ୍କା ଦେଲାପରେ ଆପଣଙ୍କ କାମ କରାଯିବ ବୋଲି କହିଥିଲେ।ଉତ୍ତରରେ ଶ୍ରୀ ଦେହୁରୀ ପୂର୍ବରୁ ଆପଣଙ୍କୁ ଅଢେଇ ଲକ୍ଷ ଟଙ୍କା ଦେଇସାରିଛି ମୋ କାମ କଲାପରେ ବାକି ଟଙ୍କା ଦେବି ବୋଲି କହିଥିଲେ।ଯାହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବଚସା ହୋଇଥିଲା।ଏଥିରେ ଉତକ୍ଷିପ୍ତ ହୋଇ ଦୀର୍ଘ ବର୍ଷରୁ ଗାଦି ମାଡି ବସିଥିବା ସିନିୟର ଆସିଷ୍ଟାଣ୍ଟ ଶ୍ରୀ ମଲ୍ଲିକ ଅଭିଯୋଗକାରୀଙ୍କୁ ଚପଲ ଉଠାଇ ମାଡ ମାରିଥିବା ଶ୍ରୀ ଦେହୁରୀ ଅଭିଯୋଗ ଆଣିଛନ୍ତି। ଏଥିସହ ଅଭିଯୋଗକାରୀଙ୍କ କହିବାନୁସାରେ ୨୦୨୩ ରେ ସେ ଏନ୍‌ଏସିରୁ ଅବସର ନେଇଥିଲେ।ତାଙ୍କ ଦରମାରୁ କଟୁଥିବା ଶତକଡା ଦଶ ପ୍ରତିଶତ ଟଙ୍କା ସହ ଗ୍ରାଚ୍ୟୁଇଟି ମିଳିଯିବା କଥା। ତାଙ୍କ ସହ ପରେ ଅବସର ନେଇଥିବା କର୍ମଚାରୀମାନେ ତାଙ୍କ ବକେୟା ଟଙ୍କା ପଇସାରିଛନ୍ତି।ତାଙ୍କ ସହ ଚିତ୍ରସେନ ସରାପ, ଖରା କୁମ୍ଭାରଙ୍କ ସହ ଅନ୍ୟ କର୍ମଚାରୀମାନଙ୍କ ଠାରୁ ଲାଞ୍ଚ ନେବାପରେ ମଧ୍ୟ ଶ୍ରୀ ମଲ୍ଲିକ ସେମାନଙ୍କୁ ମୋ ଭଳି ହଇରାଣ କରୁଥିବା ଅଭିଯୋଗ ଆଣିଛନ୍ତି।ପ୍ରକାଶଥାଉକି ପୂର୍ବରୁ ଏକ ଠିକାକାମକୁ ନେଇ ଶ୍ରୀ ମଲ୍ଲିକଙ୍କ ଲାଞ୍ଚ ନେବାର ଏକ ଅଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାସହ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।ଏ ସମ୍ପର୍କରେ ଶ୍ରୀ ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗ ସବୁ ଭିତ୍ତିହୀନ ମୁଁ ତାଙ୍କ ଠାରୁ କୌଣସି ଲାଞ୍ଚ ନେଇନାହିଁ ବୋଲି ସଫେଇ ଦେଇଥିଲେ।ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ହୋଇନଥିବା ବେଳେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ଦାବି ହେଉଛି।

**ଚିନିକଳ ନିରୀକ୍ଷଣ କଲେ କେନ୍ଦ୍ରୀୟ ସର୍ବେକ୍ଷଣ ଟିମ୍**

# ସରକାରଙ୍କୁ ଦାଖଲ କରାଯିବ ନୂଆ ଡିପିଆର

**ଦେଓଗାଁ, ୨।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ସାଗରପାଲି ନିକଟସ୍ଥ ବନ୍ଦ ପଡ଼ିରହିଥିବା ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ ନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆଗକୁ ବଢ଼ିଛି। ଫଳରେ ଚିନିକଳ ପୁନଃଚାଲୁକୁ ନେଇ ଆଶା ଉଜ୍ଜିବିତ ହୋଇଛି। ଗତ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଦିଲ୍ଲୀରୁ କେନ୍ଦ୍ରୀୟ ସର୍ବେକ୍ଷଣ ବୈଷୟୀକ ଦଳର ମୁଖ୍ୟ ମୂରଲୀଧର ଚୌଧୂରୀ ଓ ଆଇପିଏଲ ଟିମର ଏମକେ. ରଥ ଚିନିକଳକୁ ଆସି କାରଖାନାର ସ୍ଥିତି ଅବସ୍ଥିତି ଉପରେ ନିରୀକ୍ଷଣ କରିବାସହ ବର୍ତ୍ତମାନ ଯନ୍ତ୍ରପାତି ଗୁଡିକ କେଉଁ ଅବସ୍ଥାରେ ରହିଛି ଯାଞ୍ଚ କରିଥିଲେ। ଏହି ଚିନିକଳରେ ଆଉ କଣ କରାଗଲେ ଶ୍ରମିକ ନିଯୁକ୍ତି ଓ ଆଖୁଚାଷ କେମିତି ବୃଦ୍ଧିପାଇବ ଓ ସେ ଦିଗରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ଏହାସହ ଆଖୁଚାଷର ବୃଦ୍ଧି ଉପରେ କ୍ଷେତ୍ର ପରିଦର୍ଶନ କରି କିଛି ଆଖୁଚାଷୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ପୂର୍ବରୁ ବକେୟା ରହିଥିବା କର୍ମଚାରୀଙ୍କ ତିନିମାସର ଦରମା ଓ ଅନ୍ୟାନ୍ୟ ବକେୟାରହିଥିବା ଟଙ୍କାପ୍ରଦାନ କରିବାପାଇଁ ସରକାରୀ ସ୍ତରରେ ଉଦ୍ୟମଜାରୀ ଟିମ୍ ତରଫରୁ ସୂଚନା ମିଳିଛି। ସ୍ଥିତି ଯାଞ୍ଚପରେ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସହ ବୈଠକ କରି ଆଲୋଚନା କରିଥିବା ଜଣାପଡ଼ିଛି। ଟିମ୍‌କୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ମନିଟରିଂ ଟିମ ସହିତ ବିଜୟାନନ୍ଦ ଚିନିକଳର ଜିଏମ, ବଲାଙ୍ଗିର ଡିଆରସିଏସ ଉପସ୍ଥିତ ରହି ଚିନିକଳର ସମସ୍ତ ତଥ୍ୟ ଦେଇଥିଲେ। ଆଗକୁ ରାଜ୍ୟ ସରକାରଙ୍କୁ ଚିନିକଳ ପୁନଃ ଚାଲୁପାଇଁ ସମ୍ପୂର୍ଣ୍ଣ ବିସ୍ତୃତ ପ୍ରକଳ୍ପ ବିରରଣୀ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ।

## ସମ୍ବଲପୁରୀ ଦିନରେ ସମ୍ମାନିତ ହେଲେ ଦଣ୍ଡଗୁରୁ ବୀରେନ୍ଦ୍ର



**ବିନିକା, ୨।୮ (ସମିସ):** ବିନିକା ବ୍ଲକ ସେଲେଡି ଗ୍ରାମରେ ରୁମକୁଝୁମାନା ପକ୍ଷରୁ ସମ୍ବଲପୁରୀ ଦିନ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଳାକାର ଶାଶ୍ୱତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲମୁଠୀ ଗ୍ରାମର ଦଣ୍ଡକଳାକାର ବୀରେନ୍ଦ୍ର ପଟ୍ଟନାୟକଙ୍କୁ ଆଜୀବନ ଦଣ୍ଡ ସାଧନା ପାଇଁ ସମ୍ମାନିତ କରାଯାଇଛି। ଏହି ଅବସରରେ ସଭାପତି ମଧୁମିତା ପରମଗୁରୁ, ଉପସଭାପତି ସନ୍ତୋଷ ସାଲିମା, କାର୍ଯ୍ୟକାରୀ ସଭାପତି କମଳ ସେଠୀ, ସିମାଞ୍ଜଳି ପ୍ରଧାନ, ତରଙ୍ଗିନୀ ସଖୁଆ, ଅଙ୍କିତା ପୁଜାହାରୀ, ଅନିତା ବାରିକ, କିଶୁ ଜଗଦଲା ଉପସ୍ଥିତ ଥିଲେ।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

**ବୀରମହାରାଜପୁର, ୨।୮ (ସମିସ):** ବୀରମହାରାଜପୁର ବ୍ଲକ ଖଣ୍ଡହତା ରବୀନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ଜଗବନ୍ଧୁ ବେରିହା ସଭାପତିତ୍ୱ କରିଥିବାବେଳେ ଅଧ୍ୟାପିକା ଜ୍ୟୋସ୍ନାମୟୀ ଶଙ୍ଖୁଆ ସଂଯୋଜନା କରିଥିଲେ। ଅଧ୍ୟାପକ ଶରତ ଭୋଇ, ଅଧ୍ୟାପକ ଧନଞ୍ଜୟ ସାହୁ, ଅଧ୍ୟାପକ ଗୋପାଳ ସାହୁ, ଅଧ୍ୟାପିକା ବିଷ୍ଣୁପ୍ରିୟା ମହାକୁର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ନୀତିନିୟମ ମାନି ଶୃଙ୍ଖଳିତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ସୁମନ୍ତ ଦଳାଇ, ମଧୁସୂଦନ କର୍ଣ୍ଣ, ସତ୍ୟ ମୋହନ ପଧାନ, ରାଧେଶ୍ୟାମ ବାରିକ, ସୁଦାମ ଉର୍ମା, ସୀତାକାନ୍ତ ଭୋଇ, ସୁଦର୍ଶନ ପଣ୍ଡା ଓ ରଶ୍ମିତା ଶଙ୍ଖୁଆ ସହଯୋଗ କରିଥିଲେ। ଅଧ୍ୟାପିକା ଆଲିଶା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମାକାନ୍ତ ପୁରୋହିତ ପୌରୋହିତ୍ୟ କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସହ ନୂଆ ଅଧ୍ୟାପକ, ଅଧ୍ୟାପିକାଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟାପକ ଦେବାଶିଷ ପ୍ରଧାନ ସଂଯୋଜନା କରିଥିଲେ। ଅଧ୍ୟାପକ ସଞ୍ଜୟ ମେଣ୍ଡିଲି, ବିଶ୍ୱରଞ୍ଜନ ସାହୁ, ଓମ୍ କୁମାର ପ୍ରଧାନ, ଅଧ୍ୟାପିକା ସବନମ୍‌ଶ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳ ଭୋଇ, ଦିଲ୍ଲୀପ ମେହେର, ଶମ୍ଭୁ ପ୍ରସାଦ ସାହୁ, ହରିହର ସାହୁ, ଚନ୍ଦନ ମେହେର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

## ମାଇଗ୍ରେସନରେ ଯାଇଥିବା ଛାତ୍ରଛାତ୍ରୀ ଖୁବ୍ ଶୀଘ୍ର ଫେରିବେ

**ତରଭା, ୨।୮ (ସମିସ):** ସୋନପୁର ଜିଲ୍ଲା ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଝାଡ଼ଖଣ୍ଡ ଦେଓଘର ଜିଲ୍ଲା ରିଖିଆ ନବୋଦୟ ବିଦ୍ୟାଳୟକୁ ମାଇଗ୍ରେସନରେ ଯାଇ ଶାରୀରିକ ଓ ମାନସିକସ୍ତରରେ ନିର୍ଯାତିତ ହୋଇଥିବା ଛାତ୍ରଛାତ୍ରୀ ଖୁବ୍‌ଶୀଘ୍ର ସେମାନଙ୍କ ନିଜ ବିଦ୍ୟାଳୟକୁ ଫେରି ଆସିବେ ବୋଲି ଅଧ୍ୟକ୍ଷ ନିଶିକାନ୍ତ ସାମକୱର ଶନିବାର ସୂଚନା ଦେଇଛନ୍ତି। ନବୋଦୟର ମାଇଗ୍ରେସନ ନିୟମ ଅନୁଯାୟୀ ପ୍ରତିବର୍ଷ ନବମ ଶ୍ରେଣୀର ସଂଖ୍ୟା ଅନୁଯାୟୀ କିଛି ଛାତ୍ରଛାତ୍ରୀ ଦେଓଘର ନବୋଦୟ ବିଦ୍ୟାଳୟକୁ ଯିବାସହ ସେଠାକାର କିଛି ଛାତ୍ରଛାତ୍ରୀ ତରଭା ନବୋଦୟକୁ ଅଧ୍ୟୟନ ସକାଶେ ଆସି ଥାଆନ୍ତି। ଚଳିତବର୍ଷ ଏଠାରୁ ୧୧ ଜଣ ଛାତ୍ର ଓ ୧୦ ଜଣ ଛାତ୍ରୀ ଦେଓଘରକୁ ଯାଇଥିବାବେଳେ ସେଠାରୁ ୧୬ ଜଣ ଛାତ୍ର ଓ ୭ ଜଣ ଛାତ୍ରୀ ଏଠାକୁ ଆସିଛନ୍ତି। ଜୁଲାଇ ୩ରେ ଏଠାରୁ ବାହାରିଥିବା ଛାତ୍ରଛାତ୍ରୀ ୪ ତାରିଖ ରିଖିଆରେ ପହଞ୍ଚିଥିଲେ। ୯ ତାରିଖ ରାତ୍ର ଭୋଜନ ପରେ ସେହି ବିଦ୍ୟାଳୟର କିଛି ସିନିଅର ଛାତ୍ର ଏଠାରୁ ଯାଇଥିବା ଛାତ୍ରମାନଙ୍କୁ ମାଡ଼ ମାରିବା ସହ ଧମକ ଚମକ ଦେଇଥିଲେ। ନିର୍ଯାତିତ ଛାତ୍ରମାନେ ଏକ ଭିଡିଓରେ ସେମାନଙ୍କୁ ନିର୍ଯାତନା ଦିଆଯାଇଥିବାରୁ ସେମାନେ ଭୟଭୀତ ଥିବାରୁ ସେମାନଙ୍କୁ ନିଜ ତରଭାସ୍ଥିତ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଅନୁରୋଧ କରାଯାଉଥିବା ଦେଖାଯାଇଛି। ଭିଡିଓ ଭାଇରାଲ ହେବାପରେ ଅବିଭାବକମାନେ ତରଭା ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ସେମାନଙ୍କ ପିଲାମାନଙ୍କୁ ଫେରାଇ ଆଣିବାକୁ କହିଥିଲେ। ଅବିଭାବକ ମାନେ ଏବିଷୟ ବିଏମପୁର ବିଧାୟକ ରଘୁନାଥ ଜଗଦଲା ଓ ବଲାଙ୍ଗୀର ସାଂସଦ ସଙ୍ଗିତା କୁମାରୀ ସିଂହଦେଓଙ୍କୁ ଜଣାଇ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ। ସାଂସଦ ଶ୍ରୀମତୀ ସିଂହଦେଓ ଏସମ୍ବନ୍ଧେ ଜେଏନଭି ଭୋପାଲ ଓ ପାଟନା ରିଜନର କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା କରିଥିଲେ। ଘଟଣା ପ୍ରଘଟ ହେବାପରେ ନିର୍ଯାତନା ଦେଇଥିବା ଛାତ୍ରମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା ଜଣାଯାଇଛି।

# ବିକ୍ରିବେଳେ ଧରାପଡ଼ିଲା ନକଲି ସାର ବୋଝେଇ ଗାଡ଼ି

**ମନମୁଣ୍ଡା, ୨।୮ (ସମିସ)**

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ରୁଗୁଡ଼ିଘୁରା ଗ୍ରାମରୁ ଶନିବାର ପୁଲିସ ଏକ ନକଲି ସାର ବୋଝେଇ ଗାଡ଼ି ଜବତ କରିଛି। ଗାଡ଼ିର ଚାଳକ ଓ ବିକ୍ରେତାକୁ ଥାନାରେ ଅଟକ ରଖିଛି। ଚାଷୀ ଶ୍ୟାମସୁନ୍ଦର ମଲ୍ଲିକ ଏବଂ ବିରମିତ୍ର ଭୋଇ ସାର ଭେଜାଲ ତଥା ନକଲି ନେଇ ଥାନାରେ ଅଭିଯୋଗ କରିଛନ୍ତି। ଗାଁରେ ସକାଳୁ ସକାଳୁ ଏହି ଗାଡିଟି ଲାଗିଥିଲା। ଲୋକେ ପହଞ୍ଚି ସାର କିଣୁଥିଲେ। ଏତିକିବେଳେ କେତେକ ଚାଷୀ ପହଞ୍ଚି ଘେରି ଯାଇଥିଲେ। ପ୍ରବଳ ପାଟିତୁଣ୍ଡ ହୋଇଥିଲା। କେତେକ ଚାଷୀଙ୍କୁ ସାର ବିକ୍ରି କରୁଥିବା ଦୁଇ ବ୍ୟକ୍ତି ଟଙ୍କା ଫେରସ୍ତ କରିଥିଲେ। ଅନେକ ଚାଷୀ ଟଙ୍କା ଫେରସ୍ତ ପାଇ ନ ଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକେ ୧୧୨କୁ ଫୋନ୍ କରିବା ପରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରି ପରିସ୍ଥିତି ଶାନ୍ତ କରିଥିଲା। ଏହାପରେ ଗାଡ଼ିକୁ ଜବତ କରି ଥାନାକୁ ନେଇଛି।



**ରୁଗୁଡ଼ିଘୁରା ଗ୍ରାମରେ ଉତ୍ତେଜନା**

**ଘେରିଗଲେ ଉତ୍ତ୍ୟକ୍ତ ଚାଷୀ**

**ପିକଅପ୍ ଜବତ, ୨ ଜଣ ଅଟକ**

ବର୍ତ୍ତମାନ ଖରିଫ ଚାଷ ସମୟ। ସାରର ବହୁତ ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଅନେକ ବିକ୍ରେତା ଗୋଦାମରେ ସାର ଗଛିତ ରଖୁଛନ୍ତି; ହେଲେ ଅଭାବ ଥିବା ଦର୍ଶାଇ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ଠିକ୍ ସମୟରେ ବିଲରେ ସାର ନ ଦେଲେ ଫସଲ ନଷ୍ଟ ହେବାର ଆଶଙ୍କା ରହୁଛି। ଏଣୁ ଚାଷୀ ବାଧ୍ୟ ହୋଇ ଚଢ଼ା ଦରରେ ସାର କଣିବାକୁ ବାଧ୍ୟ ହେଉଛି। ମନମୁଣ୍ଡା ଥାନା ଅଞ୍ଚଳରେ ଭେଜାଲ ତଥା ମାଟି, ଗୋଡ଼ି ମିଶ୍ରିତ ନକଲି ସାର ବିକ୍ରି ହେଉଛି। କିଛି ଦିନ ହେବ ଏକ ବୋଲେରୋ (ଓଡ଼ି ୦୩ଏକ୍ସ ୩୯୩୨) ରେ ହିନ୍ଦୀ ଭାଷାରେ କହୁଥିବା କେତେକ ଲୋକ ମନମୁଣ୍ଡା ଥାନା ଅଞ୍ଚଳରେ ଉତ୍ତମ କିଶାନ ସାର ଏବଂ ପଟାସ ବଜାର ମୂଲ୍ୟଠାରୁ କମ୍ ଦରରେ ବିକ୍ରି କରୁଛନ୍ତି। ଅନେକ ଚାଷୀ ଲୋଭରେ ପଡ଼ି ତାହା କିଣିଛନ୍ତି। ଅନ୍ୟ ଚାଷୀଙ୍କ ପରି ମନୁପାଲି ଗ୍ରାମର ଶ୍ୟାମସୁନ୍ଦର ମଲ୍ଲିକ ଏବଂ ପୁଡୁଗପଥର ଗ୍ରାମର ବୀରମିତ୍ର ଭୋଇ ଶୁକ୍ରବାର ୭ ବସ୍ତା ଉତ୍ତମ କିଶାନ ସାର ଏବଂ ୨ ବସ୍ତା ପଟାସ ସାର କିଣିଥିଲେ; ହେଲେ ସେଥିରେ ବ୍ୟାପକ ମାଟି ଓ ଗୋଡ଼ି ମିଶ୍ରଣ ହୋଇଥିବା ଦେଖିବାକୁ ପାଇଥିଲେ। ଏହା ଅଞ୍ଚଳରେ ପ୍ରଚାର ହୋଇଯାଇଥିଲା। ଏଣୁ ଶନିବାର ସାର ବିକ୍ରିବେଳେ ଲୋକେ ଘେରି ଯାଇଥିଲେ।

# ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ

**ସୁବଳୟା, ୨।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ଟାଙ୍ଗରସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସହାୟକ ଉପକରଣ ବିତରଣ ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଡାକ୍ତରୀ ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାରାଣା ଡୁଙ୍ଗଡୁଙ୍ଗ ଯୋଗଦେଇ ଥିଲେ। ଏହି ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଡାକ୍ତରୀ ଆକଳନ କରି ହ୍ୱିଲ ଚେୟାର, ତିନି ଚକିଆ ସାଇକେଲ, କାନଯନ୍ତ୍ର, ସିପି ଚେୟାର, ରୋଲେଟର, ସ୍କାଟିବେନ ବଣ୍ଟନ କରାଯାଇଥିଲା। ଶ୍ରବଣ ବାଧକ ଡା. ଅଭୟ କୁମାର ଲେଙ୍କା, ଶାରୀରିକ ଓ ମାନସିକ ବିଭାଗ ଡା. ସତ୍ୟବ୍ରତ ଗିରି ଓ ଚକ୍ଷୁ ବିଶେଷଜ୍ଞ ଡା. ପ୍ରଶାନ୍ତ ଶତପଥୀ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଡାକ୍ତରୀ ଆକଳନ କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସଙ୍ଗୀତା ମହାପାତ୍ର, ଦିଲୀପ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ନୀଳକାନ୍ତ ମିଶ୍ର, ନେପାଳ ଭୋଇ, ସୂର୍ଯ୍ୟନାରାୟଣ ସାହୁ, ଅମୂଲ୍ୟ ପଧାନ ଓ ଅସିତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ଡିଏଲ୍ଏସଏ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ



ରାୟଗଡ଼ା, ୨।୮(ସମିସ): ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଆରଏସଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆର୍ଏସ୍ଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟ ପରିସରରେ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ରାୟଗଡ଼ା ଓକିଲ ସଂଘର ଆଇନଜୀବୀ ବିଶ୍ୱନାଥ ଗନ୍ତାୟତ, ଦେବରାଜ ନାଏକ, ଆର୍ଏସ୍ଇଡବ୍ଲ୍ୟୁସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ କହିଲେ ଯେ, ଅଧାରୁ ପାଠ ଛାଡିଥିବା ପିଲାଙ୍କୁ କିପରି ପୁନର୍ବାର ନାମ ଲେଖାଇବା, ଶିଶୁ ସୁରକ୍ଷଓ ଆଇନ, ଶିଶୁମାନଙ୍କ ଆଇନଗତ ଅଧିକାର, ବାଲ୍ୟ ବିବାହ ନିରୋଧ ଆଇନ ବ୍ୟବସ୍ଥା ବିଷୟରେ ପିଲାଙ୍କୁ ଅବଗତ କରାଇବା ସହ ସୁନ୍ଦର ଚରିତ୍ର ଓ ଭବିଷ୍ୟତ ଗଠନ ଦିଗରେ ପିଲାଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିବା ସହ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ନବରଙ୍ଗପୁର, ୨।୮ (ସମିସ): ଶନିବାର ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୧୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଆଜି ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ମନ୍ଦିର ଠାରୁ ଶତାଧିକ ଶିକ୍ଷକଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ମାଁ ଭଣ୍ଡାର ଘରଣୀ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ପ୍ରଥମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀଙ୍କ ସମେତ ଜିଲ୍ଲା ଶିକ୍ଷକ ସଂଘର ୧୦ ଜଣିଆ ପ୍ରତିନିଧି ଦଳ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସହିତ ସାକ୍ଷାତ କରି ୧୩ ଦଫା ଦାବିପତ୍ର ପ୍ରଦାନ କରିଥିଲେ ଏବଂ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷକ ସଂଘ ପକ୍ଷରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଦାବି ଗୁଡ଼ିକ ମଧ୍ୟରେ ୟୁଏଏସକୁ ବର୍ତ୍ତମାନ ସ୍ଥଗିତ ରଖିବା, ଭଦ୍ରକ ଜିଲ୍ଲା ଭଳି ପିଛିଲା ଭାବରେ ୨୦୨୩ ଏପ୍ରିଲ ୩୦ ତାରିଖଠାରୁ ଅନ୍ୟ ଜିଲ୍ଲାକୁ ପଦୋନ୍ନତି ଦିଆଯାଉ। ସମସ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି, ପୂର୍ବତନ ପ୍ରାଥମିକ ଶିକ୍ଷା ଡାଇରେକ୍ଟର ଜ୍ୟୋତିରଞ୍ଜନ ମିଶ୍ରଙ୍କ ସମୟରେ ଦିଆଯାଇ ଥିବା ବେଆଇନ ପଦୋନ୍ନତିର କ୍ରାଇମବ୍ରାଞ୍ଚ ତଦନ୍ତ ୧୩ ଦଫା ଦାବି ଉପସ୍ଥାପନ କରାଯାଇଛି। ଆଜିର ଏହି ଶୋଭାଯାତ୍ରା ଏବଂ ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀଙ୍କ ସମେତ ଆଇନ ପରାମର୍ଶଦାତା ତଥା ଜିଲ୍ଲା ଆଇନଜୀବୀ ସଂଘର ପୂର୍ବତନ ସମ୍ପାଦକ ରାମପ୍ରସାଦ ପାତ୍ର, ଜିଲ୍ଲା ସଭାପତି ସନତ କୁମାର ପ୍ରହରାଜ, ଜିଲ୍ଲା ସଂଘର ଯୁଗ୍ମ ସମ୍ପାଦକ ବିଘ୍ନରାଜ ପାତ୍ର, ଉପ ସଭାନେତ୍ରୀ, ନଗେଶ୍ୱରୀ ପଟ୍ଟନାୟକ, ଉପ ସଭାପତି, ସପନ ରାୟ, ସାଧାରଣ ସମ୍ପାଦକ, କ୍ଷେତ୍ରମୋହନ ବିଷୟୀ, ପ୍ରେମଚାନ୍ଦ ବିଷୋୟୀ, ପ୍ରମୋଦ କୁମାର ଦଳେଇ, ଚଞ୍ଚଳା ପୂଜାରୀ, ଫଣିନ୍ଦ୍ର ଗାଇନ୍, ଜଗନ୍ନାଥ ମାଝୀ, ପ୍ରତିମା କୁମାରୀ ଯାଦବ, ବଦ୍ୟନାଥ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ।

# ଭେଲାଙ୍ଗିନି ମାତା ରଙ୍ଗ ତୂଳୀ କଳାକାର ସଂଘର ଦାବିପତ୍ର ପ୍ରଦାନ

କୋଷାଗୁମୁଡା, ୨।୮ (ସମିସ): ଭେଲାଙ୍ଗିନି ମାତା ରଙ୍ଗ ତୂଳୀ କଳାକାର ସଂଘ କୋଷାଗୁମୁଡ଼ା ପକ୍ଷରୁ ଆଜି ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ନିଜ ଜୀବିକା ପାଇଁ ଚିତ୍ରକଳାକୁ ଧନ୍ଦାମୂଳକ ଭାବେ କାର୍ଯ୍ୟ କରୁଥିବା ବେଳେ ଆଧୁନିକ ଯୁଗର ଫ୍ଲେକ୍ସ ଓ ଅଣକୁଶଳୀ ତୁଳୀ କଳାକାରଙ୍କ ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକୁ ବ୍ୟବହାରରେ ଲଗାଇବା ଯୋଗୁଁ ଚିତ୍ରକଳା କାରିଗରଙ୍କ ପେଟରେ ଲାତ ପଡୁଛି। ତେଣୁ ଏହାକୁ ବନ୍ଦ କରି ଭେଲାଙ୍ଗିନୀ ମାତା ରଙ୍ଗ ତୁଳୀ କଳାକାର ସଂଘକୁ ଶିକ୍ଷା ବିଭାଗର ଓ ପଞ୍ଚାୟତ ସମିତି ସ୍ତରର ସମସ୍ତ ଫଳକ, ବ୍ୟାନର ଗୁଡ଼ିକକୁ ଯୋଗାଇଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ କରି ଦୁଇ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭେଲାଙ୍ଗିନୀ ମାତା ରଙ୍ଗ ତୁଳୀ କଳାକାର ସଙ୍ଗର ସଭାପତି-କିରଣ ବାଘ, ସମ୍ପାଦକ-ନାଗେଶ ଦଳାଇ, କୋଷାଧକ୍ଷ-ଲାଜାର ବାଘ୍, ଉପଦେଷ୍ଟା-ସୁଦର୍ଶନ ନାୟକ, ଗୋବର୍ଦ୍ଧନ ପୂଜାରୀ, ମଧୁସୂଦନ ଭତ୍ରାଙ୍କ ସହ ଅନ୍ୟାନ୍ୟ ସଦସ୍ୟ ତଥା ସୁନାମ, ଟେମରୁ ଦୟାନିଧି, ବିବେକା, କୈଳାଶ, ବନମାଳୀ, ସନ୍ତୋଷ, ନାରାୟଣ ପ୍ରମୁଖ କଳାକାର ମାନେ ଉପସ୍ଥିତ ଥିଲେ।

# ଜୁଆ ଆଡ଼ାରେ ଚଢ଼ଉ, ୧୧ ଅଟକ

ସେମିଳିଗୁଡ଼ା, ୨।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଓ ଆଖପାଖ ଅଞ୍ଚଳରେ ଜୋର୍‌ଜାର ଜୁଆ ଖେଳ ଚାଲୁଥିବା ବେଳେ ପୁଲିସ ଜୁଆ ଆଡ଼ାରେ ଚଢ଼ଉ କରି ୧୧ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ସେମିଳିଗୁଡ଼ା ଥାନା ଅଧିକାରୀ ଅନିତା କୁଜୁରଙ୍କ ନେତୃତ୍ୱରେ ଗୁରୁବାର ବିଳମ୍ବିତ ରାତିରେ ଜାନିଗୁଡ଼ାରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ କରାଯାଇ ୧୧ଜଣଙ୍କୁ ଅଟକ ରଖାଯାଇଛି। ଏଥିସହ ଜୁଆ ଆଡ଼ାରୁ ୧୪ଟି ବାଇକ୍ ଓ ନଗଦ ୧୭୨୫୦ ଟଙ୍କା ଜବତ କରାଯାଇଛି। ସେହିପରି ସେମିଳିଗୁଡା ପୁଲିସ ପକ୍ଷରୁ ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ପୁଲିସ୍ ଡ୍ରାଇଭରଙ୍କୁ କାବୁ କରିଛି। ଏସ୍ଆଇ ବାବାଜୀ କୁଅଁର, ଏସ୍ଆଇ ପୂର୍ଣ୍ଣିମା ଟାକ୍ରି ପ୍ରମୁଖ ଯାନବାହନ ଯାଞ୍ଚ କରୁଥିଲେ। ଯାଞ୍ଚ ସମୟରେ ହରେକୃଷ୍ଣ ଜାନି, ସତ୍ୟବାଦୀ ପରିଡ଼ା, ଗୋପବନ୍ଧୁ ନଗରର ନିହାର ସ୍ୱାଇଁକୁ ପୁଲିସ୍ କାବୁ କରିବା ପରେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଛି।









# ଅଫିସ ଖାଲି; କାର୍ଯ୍ୟରେ ଯୋଗ ଦେଇପାରିଲେନି ଶିକ୍ଷକ

କୋରୁକୋଣ୍ଡା, ୨।୮(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଜଣେ ଶିକ୍ଷକ ନିଜର ଜଏନିଂ ଲେଟର ଧରି ସକାଳ ୧୧ ଘଣ୍ଟିକା ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଅଧିକାରୀଙ୍କ ଅପେକ୍ଷାରେ ବସି ରହିଥିଲେ ମଧ୍ୟ ଜଏନିଂ ଲେଟର ଗ୍ରହଣ କରିବା ନିମନ୍ତେ କୌଣସି ଜଣେ ମଧ୍ୟ ଅଧିକାରୀଙ୍କ ଦେଖା ମିଳିନଥିଲା। ଶିକ୍ଷକ ପଦ୍ମ ଚରଣ ରଥଙ୍କ କହିବାନୁଯାୟୀ ସେ କୋରୁକୋଣ୍ଡା ବ୍ଲକ ଚିତିଗୁଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି



ଆସୁଥିଲେ। କିନ୍ତୁ ଗତ ମାସ ୧୧ ତାରିଖ, ପତ୍ର ସଂଖ୍ୟା ୨୯୭୩ ରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲାର କୁଡୁମୁଲୁଗୁମ୍ମା ବ୍ଲକ ଶିକ୍ଷା ବିଭାଗ ଅଧୀନ ଘୁଷୁମପଦର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ତାଙ୍କ ଉପରେ କୌଣସି ଆକ୍ରୋଶ ଏବଂ ଉଦ୍ଦେଶ୍ୟ ମୂଳକ ଭାବେ ବଦଳି କରାଯାଇଥିବା ଅନୁଭବ କରି ଶ୍ରୀ ରଥ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ବଦଳିକୁ ଭିତ୍ତି କରି ନ୍ୟାୟାଳୟ ଉକ୍ତ ବଦଳିକୁ ସ୍ଥଗିତ ରଖିବା ସହିତ ଶ୍ରୀ ରଥଙ୍କୁ ପୂର୍ବ ଦିନ ମାନଙ୍କରେ ଶିକ୍ଷାଦାନ କରୁଥିବା ବିଦ୍ୟାଳୟରେ ପୁନଃ ଜଏନିଂ କରାଇବା ନିମନ୍ତେ ବ୍ଲକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଉକ୍ତ ନିର୍ଦ୍ଦେଶନାମାକୁ ନେଇ ଶିକ୍ଷକ ଶ୍ରୀ ରଥ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦିନ ତମାମ ଅପେକ୍ଷା କରି ରହିଥିଲେ ସୁଦ୍ଧା କୌଣସି ଜଣେ ମଧ୍ୟ ଅଧିକାରୀ କାର୍ଯ୍ୟାଳୟକୁ ଆସିନଥିବା କହିଥିଲେ ଶିକ୍ଷକ ଶ୍ରୀରଥ। ଏହି କାର୍ଯ୍ୟାଳୟ ପ୍ରତି ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।





















## କନ୍ଧସାହିରେ ହେବ ନୂତନ ଡମ୍ପିଂୟାର୍ଡ

କୋରାପୁଟ, ୨/୮/(ସମିସ): କୋରାପୁଟ ପୌର ପରିଷଦରେ ମଇଳା ଆବର୍ଜନା ପକାଇବାକୁ ଡମ୍ପିଂୟାର୍ଡର ଯେଉଁ ସମସ୍ୟା ରହିଥିଲା, ତାହା ଏବେ ସମାଧାନ ହୋଇଥିବା ଜଣାପଡ଼ିଛି। କୋରାପୁଟ ପୌର ପରିଷଦ ଅନ୍ତର୍ଗତ କନ୍ଧସାହି ନିକଟରେ ରହିଥିବା ସ୍ଥାନକୁ ଡମ୍ପିଂୟାର୍ଡ କରିବା ପାଇଁ ଚିହ୍ନଟ କରାଯାଇଛି। ବର୍ତ୍ତମାନ ସେଠାରେ ମଇଳା ଆବର୍ଜନା ପକା ଯାଉଥିବା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ କହିଛନ୍ତି। ପୌର ପରିଷଦର ଆକାଶଗୁଡାରେ ପୂର୍ବରୁ ଡମ୍ପିଂୟାର୍ଡ ରହିଥିଲା। ସେଠାରେ ସହରରୁ ବାହାରୁଥିବା ମଇଳା ଆବର୍ଜନା ପକା ଯାଉଥିଲା। କିନ୍ତୁ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ସେଠାରେ ମଇଳା ଆବର୍ଜନା ନ ପକାଇ ସହରରେ ରହିଥିବା ପୁରୁଣା ମଶାଣୀ, ରଥଶର୍ମା କଲୋନୀ ଏବଂ ସୁନାପୁରରେ ଥିବା ମାଇକ୍ରୋ କମ୍ପୋଷ୍ଟ ୟୁନିଟରେ ପକାଗଲା। ହେଲେ ସେଠାରେ ମଧ୍ୟ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଏହାପରେ କିଛି ଉପାୟ ନ ପାଇ କର୍ତ୍ତୃପକ୍ଷ ରେଲୱେ ଓଭର ବ୍ରିଜ ନିକଟରେ ଥିବା ଏକ ସ୍ଥାନରେ ମଇଳା ଆବର୍ଜନା ପକାଇଲେ କିନ୍ତୁ ସେଠାରେ ସ୍ଥାନୀୟ କାଉନସିଲର ବିରୋଧ କରିଥିଲେ। ଲଗାଣ ବର୍ଷା ହେବାଯୋଗୁଁ ଜାତୀୟରାଜପଥ ଏବଂ ନିକଟବର୍ତ୍ତୀ ସାହି ପରିବେଶ ଦୂଷିତ ହେଉଥିବା ଅଭିଯୋଗ କରିଥିଲେ।













## ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ

# ଚିକିତ୍ସା ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

ବିଷମକଟକ, ୨।୮ (ସମିସ)

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ପୁଣି ଅମଙ୍ଗଳ। ଆବଶ୍ୟକ ସମୟରେ ଚିକିତ୍ସା ନ ଯୋଗାଇବାରୁ ଚାଲିଗଲା ଜଣେ ୧୪ ବର୍ଷୟ ନାବାଳକକ ଜୀବନ। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଗୋଡିଗୁଡା ଆବାସିକ ଉଚ୍ଚ ବିଦ୍ୟାଳୟରେ ୯ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣାରେ

**● ବିଭାଗୀୟ ଅଧିକାରୀଙ୍କୁ ଦାୟୀ କଲେ ବିଷମକଟକ ବିଧାୟକ**

ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନିନ୍ଦା କଲେ ବିଷମ କଟକ ବିଧାୟକ ନିଳମାଧବ ହିକକା। ଏ ନେଇ ଆଜି ଅପରାହ୍ନରେ ସ୍ଥାନୀୟ ଡାକ ବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନି କରିଥିଲେ।



ଏଥିରେ ଆବାସିକ ବିଦ୍ୟାଳୟ ଛାତ୍ରାବାସ ମାନଙ୍କରେ ଅନ୍ତେବାସୀ ଛାତ୍ର ଛାତ୍ରୀ ମାନଙ୍କର ଠିକ ସମୟରେ ଯତ୍ନ ନିଆଯାଉନଥିବାର ଅଭିଯୋଗ ଆଣିବା ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଗତ ୨୭ ତାରିଖ ଦିନ ନବମ ଶ୍ରେଣୀ ଛାତ୍ର ଚନ୍ଦନ କୁମୁରିକା (୧୪)ଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଜଣେ ନିରୀହ ଆଦିବାସୀ ଛାତ୍ରର ମୃତ୍ୟୁ ପାଇଁ ଦାୟୀ ଅଧିକାରୀମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରିବା ସହ ମୃତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ନହେଲେ ୪ତାରିଖ ଦିନ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଆଦିବାସୀ ସଂଘ ଘେରାଉ କରିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିବା ପାଇଁ ବିଧାୟକ ଚେତାବନୀ ଦେଇଛନ୍ତି। ମୃତ ଛାତ୍ର ଚନ୍ଦନ କୁମୁରିକା ରାସିକୋଲା ଗ୍ରାମ ପଞ୍ଚାୟତର ଉରାଡି ଗ୍ରାମର ରାମଚନ୍ଦ୍ର କୁମୁରିକାଙ୍କ ପୁଅ ବୋଲି ଜଣାଯାଇଛି। ଅପରପକ୍ଷେ ବିଦ୍ୟାଳୟ କର୍ତ୍ତୃପକ୍ଷ ଠିକଣା ସମୟରେ ପୁଅର ଚିକିତ୍ସା ନ କରାଇବାରୁ ତାଙ୍କ ପୁଅର ମୃତ୍ୟୁ ହୋଇଛି ବୋଲି ବାପା ରାମଚନ୍ଦ୍ର ଅଭିଯୋଗ କରିବା ସହ ନ୍ୟାୟ ପାଇଁ ସେ ଥାନାର ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି

# ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କ ବିକ୍ଷୋଭ ପ୍ରଦର୍ଶନ

ଗୁଣୁପୁର, ୨।୮ (ସମିସ): ବିଭିନ୍ନ ଦାବି ନେଇ ଗୁଣପୁର ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବ୍ଲକ ଗ୍ରାଣ୍ଟ ଶିକ୍ଷକମାନଙ୍କୁ ପକ୍ଷରୁ ୬ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସବିତା ଗମାଙ୍ଗ, ଲକ୍ଷ୍ମୀ ବେହେରାଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ କରିବା, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରୁ ଅବସର



ନେଇଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସେନ ଓ ଅବସରକାଳୀନ ସୁବିଧା ଯୋଗାଇ ଦେବା ଇତ୍ୟାଦି ପ୍ରମୁଖ ଦାବି ସହ ଅନ୍ୟାନ୍ୟ ଦାବି ଉକ୍ତ ସ୍ମାରକପତ୍ରରେ ଉଲେଖ ରହିଥିଲା। ଗୁଣପୁର ବ୍ଲକରେ ଥିବା ୫ ଗୋଟି ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସରକାର ଦାବି ପୂରଣ ନ କରିଲେ ଆଗାମୀ ଦିନରେ ଆନ୍ଦୋଳନ ଜିଲ୍ଲା ସ୍ତରକୁ ଏବଂ ଆସନ୍ତା ଅଗଷ୍ଟ ୧୬ ତାରିଖ ରେ ଭୁବନେଶ୍ୱର ରାଜ ରାସ୍ତା ରେ ଆନ୍ଦୋଳନ ହେବ ବୋଲି ଶିକ୍ଷକ ମାନେ ଜଣାଇ ଥିଲେ। ଏହି ବିକ୍ଷୋଭ ବେଳେ ଓଷ୍ଟା ସଂଘର ବ୍ଲକ ସମ୍ପାଦକ ପଦ୍ମନାଭ ବେହେରା, ଘାସିରାମ ରଥ, ଘନକ୍ଷନ୍ତ୍ରୀ ଉଚ୍ଚ ବିଦ୍ୟାଳୟ କର୍ମଚାରୀ ସମୂହ, ଇନ୍ଦିରା ମହାପାତ୍ର, ମଧୁସୂଦନ ପଟନାୟକ, ରବି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।






# ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ

ନାରାୟଣପଟଣା, ୨।୮ (ସମିସ): ନାରାୟଣପଟଣା ପାଚିଙ୍ଗି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ସମଗ୍ର ଶିକ୍ଷା, କୋରାପୁଟ ଦ୍ୱାରା ଆୟୋଜିତ, ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣପଟଣା ପରିଚାଳିତ କ୍ରମେ ବ୍ଲକ ସ୍ତରୀୟ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ଚଷମା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଗୋଲାରି ତ୍ରିନାଥ, ବିଡ଼ିଓ ବିକ୍ରମ ଦୋରା, ଡାକ୍ତର ବିଶ୍ୱଜିତ୍ ଦାସ, ଏବିଓ ଈଶ୍ୱର ଚନ୍ଦ୍ର ମୁଦୁଲି ଆଦର୍ଶ ବିଦ୍ୟାଳୟ ପ୍ରିନସିପାଲ ପ୍ରଦୀପ୍ତ ମୁଦୁଲି ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚଷମା ଗୁଡ଼ିକ ବଣ୍ଟନ କରାଯାଇଥିଲା। ବ୍ଲକ ଅଧକ୍ଷ ଏହି ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ ନିଜେ ଛାତ୍ରଛାତ୍ରୀଙ୍କୁ ଚଷମା ପିନ୍ଧାଇ ଥିଲେ। ଗତ ମାର୍ଚ୍ଚ ୨୫ ତାରିଖରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ସେଥିମଧ୍ୟରୁ ୧୦୧ ଜଣ ପିଲାଙ୍କ ପାଇଁ ଚଷମା ପ୍ରସ୍ତୁତି କରାଯାଇ ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ବ୍ରଜକିଶୋର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ।

# କାର୍ଯ୍ୟରତ ଆଉଟସୋର୍ସିଂ ବିଦ୍ୟୁତ୍ ଶ୍ରମିକଙ୍କ ଉଚ୍ଛେଦକୁ ବିରୋଧ

ରାୟଗଡ଼ା, ୨।୮ (ସମିସ): ରାୟଗଡ଼ା ଏନଫୋର୍ସମେଣ୍ଟ ଡିଭିଜନ ବୈଦ୍ୟୁତିକ ଅଧିନରେ କାର୍ଯ୍ୟରତ ଆଉଟସୋର୍ସିଂ ଦୈନିକ ମଜୁରିଆଙ୍କୁ ଟାଟା ପାୱାର ଦକ୍ଷିଣାଞ୍ଚଳ ବିତରଣ ଲିମିଟେଡର ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ବହିଷ୍କାର କରିବା ପାଇଁ ନିର୍ଦ୍ଦେଶାନାମା ଦିଆଯାଇଥିବାରୁ ଏହାକୁ ବିରୋଧ କରି ଆଜି ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ଦ୍ୱାରା ରାୟଗଡ଼ା ଅଧିକ୍ଷଣ ଯନ୍ତ୍ରୀ ବୈଦୁତିକ ଟାଟା ପାୱାର ସାଉଥ୍ ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସଓଡିଏଲ) କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ଠାରୁ ବିକ୍ଷୋଭ କରାଯାଉଛି। ସଂଘ ପକ୍ଷରୁ ଟିପିଏସଓଡିଏଲ ଉପରସ୍ଥ ଅଧିକାରୀଙ୍କୁ ଗତ ୨୦୨୪-୨୫ ବର୍ଷ ମଧ୍ୟରେ ୧୫ ଜଣ ନିୟମିତ ଶ୍ରମିକ, କର୍ମଚାରୀ ଅବସର ଓ ମୃତ୍ୟୁବରଣ କରିଥିବା ସ୍ଥଳେ ଏମାନଙ୍କ ବଦଳରେ ଗୋଟିଏ ବି ପଦବୀ ପୂରଣ କରାଯାଇନାହିଁ ବୋଲି ଅବଗତ କରାଯାଇଛି। ତେଣୁ କୌଣସି ଆଉଟସୋର୍ସି ଶ୍ରମିକଙ୍କୁ ଉଚ୍ଛେଦ କରିବା ପାଇଁ ଯେଉଁ ନିର୍ଦ୍ଦେଶାନାମା ଦିଆଯାଇଛି ତାହାକୁ ପ୍ରତ୍ୟାହାର କରିବା ପାଇଁ ସଂଘ ଦାବି କରିଛି। ଏହି ବିକ୍ଷୋଭ ରାୟଗଡ଼ା ମଣ୍ଡଳର ମଣ୍ଡଳ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ପରିଚାଳନା କରାଯାଉଛି। ଏଥିରେ ଏସ.ମୋନଜ କୁମାର ଡିଭିଜନାଲ ସମ୍ପାଦକ, ବିଜୟ କୁମାର ରାଉଳ, ଉପଦେଷ୍ଟା ଓ ଅନ୍ୟାନ୍ୟ ନେତୃବୃନ୍ଦ, ସଭ୍ୟମାନେ ସାମିଲ ହୋଇଛନ୍ତି।

# ଓଡ଼ିଶା ସ୍କୁଲ କଲେଜ ମିଳିତ ସମନ୍ୱୟ ସମିତିର ଦାବିପତ୍ର ପ୍ରଦାନ



ସେମିଳିଗୁଡ଼ା, ୨।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସ୍କୁଲ କଲେଜ ମିଳିତ ସମନ୍ୱୟ ସମିତି ତରଫରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଗତିକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ପ୍ରତିବାଦ ଏବଂ ଦାବିପତ୍ର ସେମିଳିଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ପ୍ରମୁଖ ଦାବି ଗୁଡ଼ିକ ହେଲା ଅନୁଦାନରୁ ବଞ୍ଚିତ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ନିଯୁକ୍ତି ପ୍ରଦାନ, ସପ୍ତମ ବେତନରୁ ବାଦ ପଡ଼ିଥିବା ଶିକ୍ଷକ ମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ ପ୍ରମୁଖ ଦାବି ଉପସ୍ଥାପନା କରିଥିଲେ। ବ୍ଲକ ସମ୍ପାଦକ ଧରଣୀଧର ବିଶୋଇଙ୍କ ନେତୃତ୍ୱରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଫିସ ରେ ପ୍ରଦାନ କରାଗଲା। ଏହି ସଭାରେ ଓଷ୍ଟା ଜିଲ୍ଲା ସମ୍ପାଦକ ତଥା ଓଡ଼ିଶା ସ୍କୁଲ କଲେଜ ମିଳିତ ସମନ୍ୱୟ ସମିତିର ଅବାହକ ଅଶୋକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଆଗାମୀ ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଏବଂ ଦାବିପତ୍ର ପ୍ରଦାନ କରାଯିବ। ଯଦି ସରକାର ଦାବି ନ ମାନନ୍ତି, ତାହା ହେଲେ ଆସନ୍ତା ଅଗଷ୍ଟ ୧୬ରେ ବିଶାଳ ସମାବେଶ ରାଜ୍ୟ ରାଜଧାନୀରେ କରାଯିବ। ଏହି ପ୍ରତିବାଦ ସଭାରେ ଜିଲ୍ଲା ସହ ସମ୍ପାଦକ ମୁଧୂସୁଧନ ଜେନା, ଚନ୍ଦ୍ରକାନ୍ତ ନାୟକଙ୍କ ସମେତ ବ୍ଲକ ନୂତନ ଅନୁଦାନ ଏବଂ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଏକତା ଅନୁଷ୍ଠାନର ବୈଠକ

ରାୟଗଡ଼ା, ୨।୮ (ସମିସ): ରାୟଗଡ଼ା ସହର ରାମକୃଷ୍ଣ ନଗର ସ୍ଥିତ ଏକତା ଅନୁଷ୍ଠାନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ତଥା ସମାଜସେବୀ ଜୟନ୍ତୀ ମହାନନ୍ଦିଆ ସଭାପତିତ୍ୱ କରିଥିଲେ। ବୈଠକରେ ଆଗାମୀ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ଜାତୀୟ ପତାକା ଓ ମ୍ରିନ ବଣ୍ଟନ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଚକଲେଟ ବଣ୍ଟନ କରାଯିବା ନିମନ୍ତେ ସ୍ଥିର କରାଗଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ଡମ୍ବୁରୁଧର ମାଝୀ, ଉପସଭାପତି ପ୍ରଫୁଲ୍ଲ ମଣ୍ଡାଙ୍ଗି, କୋଷାଧ୍ୟକ୍ଷ ଜିଇନା ପୁଲାକା, ସମ୍ପାଦକ ନରେନ୍ଦ୍ର ମଣ୍ଡାଙ୍ଗି, ସହ ସମ୍ପାଦକ ଜିତୁ ନାଏକ, ସଭ୍ୟ ଏମ. ଗୌରୀ ଶଙ୍କର, ପରମାନନ୍ଦ ଏବଂ ପରାମର୍ଶଦାତା ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ଏକତା ଅନୁଷ୍ଠାନ ପକ୍ଷରୁ ସଭାନେତ୍ରୀଙ୍କ ନେତୃତ୍ୱରେ ଏକତା ଅନୁଷ୍ଠାନର କର୍ମକର୍ତ୍ତାମାନେ ରାୟଗଡ଼ାର ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ମାଲକାନଗିରି, ୨।୮ (ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର କାର୍ଯ୍ୟାନ୍ୱୟନ, ଭବିଷ୍ୟତ ପନ୍ଥା, ଆଗାମୀ ପାଞ୍ଚ ବର୍ଷର ଭିଜନ ବିଷୟରେ ଜାଣିବା ପାଇଁ ଜିଲ୍ଲାପାଳ ଏହି ବୈଠକ କରିଥିଲେ। ପ୍ରଶାସନିକ ବ୍ୟବସ୍ଥାରେ ସବୁବେଳେ ସୁଶାସନ ବଜାୟ ରଖିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା



କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସମସ୍ତଙ୍କୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମଞ୍ଚାସୀନ ଥିଲେ। ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ରାସ୍ତା ଓ କୋଠାବାଡ଼ି ବିଭାଗ ଅଧିନରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଚାଲିଥିବା ଜନଜାତି ଉନ୍ନୟନ କାର୍ଯ୍ୟ, ସ୍ୱାସ୍ଥ୍ୟ ବିଭାଗର ଭିତ୍ତିଭୂମି ଓ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା, ଶିକ୍ଷା ବିଭାଗର ଭିତ୍ତିଭୂମି ଓ ବିଭିନ୍ନ ଯୋଜନା ବିଷୟରେ ଜିଲ୍ଲାପାଳ ଅବଗତ ହୋଇଥିଲେ। ଏତଦ୍ ବ୍ୟତୀତ ବିଭିନ୍ନ ବିଭାଗରେ ରହିଥିବା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଅବଗତ ହୋଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ଉପସ୍ଥିତ ଥିଲେ।






## ବିକାଶ ଠାରୁ ବହୁ ଦୂରରେ ତାଲଗୁଡ ଗାଁ

# କାମଧନ୍ଦା ନ ପାଇ ଭିଟାମାଟି ଛାଡୁଛନ୍ତି ଲୋକେ

ପୋଡ଼ାଗଡ଼, ୨।୮ (ସମିସ)

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମା ପଞ୍ଚାୟତ ଅଧିନସ୍ଥ ତାଲଗୁଡ ଗାଁ ବିକାଶ ଠାରୁ ବହୁ ଦୂରରେ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗାଁରେ କେବଳ ୨୭ ଆଦିବାସୀ ସମ୍ପ୍ରଦାୟର ପରିବାର ବସବାସ କରନ୍ତି। ଜନସଂଖ୍ୟା ପାଖାପାଖି ୧୫୦ ହେବେ। ଜୀବିକା କହିଲେ ପୋଡୁଚାଷ। ପାହାଡ଼ ତଳେ ପୁରୁଷ ପୁରୁଷ ଧରି ରହିଆସୁଥିବା ବେଳେ ଦୂଷିତ ଝରଣା ପାଣି ଉପରେ ବର୍ଷ ତମାମ ନିର୍ଭର କରି ଆସୁଛନ୍ତି। ଗାଁରେ ନଳକୂଅ ସୁବିଧା ନାହିଁ। ବହୁ ଦାବି ପରେ ଗାଁ ମୁଣ୍ଡରେ ଥିବା ଦୂଷିତ ବିଲ ପାଣିକୁ ପଞ୍ଚାୟତ ପକ୍ଷରୁ ପାଇପ୍ ଯୋଗେ ଆଣି ଦେଇଛନ୍ତି। ବର୍ଷା ଦିନେ ପାଣି ଗୋଳିଆ ହୋଇଗଲେ ପିଇବା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗାଁର ଘାସି ମୁଦୁଲି, ଭୁଞ୍ଜ ମୁଦୁଲି, ମାଙ୍ଗୁ ଜାନୀ, ଜାମା ମାଝୀ, ତ୍ରିନାଥ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ତାଙ୍କ ଗାଁ ପଞ୍ଚାୟତଠାରୁ ୧୫ କିମି ଦୂର ଥିବା ବେଳେ ବ୍ଲକ କାର୍ଯ୍ୟାଳୟ ୨୫ କିମି ଦୂର ରହିଛି। ଗାଁ ଠାର ୩ କିମି ରାସ୍ତା ସୁବିଧା ନ ଥିବାରୁ ଲୋକେ ଗମନାଗମନ ପାଇଁ ବହୁତ ସମସ୍ୟା ଭୋଗୁ ଥିବା କୁହାଯାଉଛି। ଗାଁର ଗୁରୁତର ରୋଗୀ ଓ ଗର୍ଭବତୀ ମହିଳା ମାନଙ୍କୁ ଡାକ୍ତରଖାନାରେ ନେବାକୁ ହେଲେ ଭାରବୋହି ଗାଁ ଠାରୁ ତିନି କିମି ଦୂର ରହି ଆମ୍ବଗାଁ ଛକ ପର୍ଯ୍ୟନ୍ତ ନେବାକୁ ପଡ଼ିଥାଏ। ସେହିଠାରୁ ଗିର୍ଲିଗୁମା କି ଦଶମନ୍ତପୁର ହସ୍ପିଟାଲରେ ନେବାକୁ ପଡେ। ଦେଶ ସ୍ୱାଧୀନ ହେବା ପରଠାରୁ ଗାଁକୁ କେବେ ବି ଚାରିଚକିଆ ଯାନ ଯାଇ ନାହିଁ। ବଡ଼ କଥା ହେଲା, ଗାଁରେ ରହୁଥିବା ଗରିବ ଲୋକ ମାନଙ୍କ ପାଇଁ କୌଣସି କାମ ଧନ୍ଦା ମିଳୁନାହିଁ। ଫଳରେ ଗ୍ରାମର ଯୁବକ ମାନେ ପରିବାର ଚଳାଇବା ପାଇଁ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଗାଁରେ ପ୍ରାଥମିକ ସ୍କୁଲ ନ ଥିବାରୁ ଗାଁର ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି। ଗାଁର ବିକାଶ ପାଇଁ ସରକାରଙ୍କ ଅନେକ ଯୋଜନା ଥିଲେ ମଧ୍ୟ ତାଙ୍କ ପାଇଁ ପ୍ରହସନ ବୋଲି କହିଛନ୍ତି। ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ବାରମ୍ବାର ପ୍ରଶାସନକୁ ଲିଖିତ ଓ ମୌଖିକ ଭାବେ ଅବଗତ କରି ଆସୁଛୁ। ହେଲେ ଇଚ୍ଛା ଶକ୍ତି ଅଭାବରୁ ଏହି ଗାଁ ବିକାଶ ଠାରୁ ବହୁ ଦୂରରେ ରହିଛି ବୋଲି କହିଛନ୍ତି। ଏହି ଗାଁକୁ ଯାତାୟତ ପାଇଁ ଭଲ ରାସ୍ତା ସୁବିଧା ନ କଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପୀତବାସ ମୁଦୁଲିଙ୍କୁ ଯୋଗାଯୋଗ କରାଯିବାରେ ସେ କହିଥିଲେ ଯେ, ଗାଁରେ ମାଟି ରାସ୍ତା ଅଛି। ପୁଣି ମେଟାଲ ମୋରମ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟ ଖସଡା ରଖାଯିବ। କିନ୍ତୁ ଆମ୍ବଗାଁର କେତେକ ଲୋକ ସେହି ଗାଁ କୁ ଯିବା ରାସ୍ତା ଉପରେ ଘର କରିଛନ୍ତି। ତେଣୁ କୌଣସି ପକ୍କା ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରି ହେଉନାହିଁ। ତଥାପି ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।




## ଭାଲୁ ସମ୍ବନ୍ଧୀୟ ବିବରଣୀ

- ଓଡ଼ିଶାରେ ଦେଖାଯାଉଥିବା ଭାଲୁମାନଙ୍କୁ ସ୍ଲଥ୍ ବିଅର (Sloth Bear) କୁହାଯାଏ ଏବଂ ଏହି ପ୍ରଜାତିଟି ଭାରତରେ ଦେଖାଯାଉଥିବା ୪ଟି ପ୍ରଜାତି ମଧ୍ୟରୁ ଅନ୍ୟତମ ଭାଲୁ ଏକୁଟିଆ ରହୁଥିବା ପ୍ରାଣୀ କିନ୍ତୁ ପ୍ରଜନନ ବା ଛୁଆ ଧରିଥିବା ସମୟରେ ଏମାନେ ସାଧାରଣତଃ ଏକାଠି ରହିଥାଆନ୍ତି।
- ଭାଲୁ ଏକ ରାତ୍ରିଚର ପ୍ରାଣୀ, କିନ୍ତୁ ସନ୍ଧ୍ୟା ଓ ଭୋର ସମୟରେ ଏମାନେ ବେଶି ସକ୍ରିୟ ଥାଆନ୍ତି। ମେଘୁଆପାଗ ଏବଂ ଥଣ୍ଡା ଋତୁରେ ଭାଲୁମାନେ ଦିନରେ ବାହାରିବାର ଦେଖିବାକୁ ମିଳେ।
- ଭାଲୁମାନେ ଘଞ୍ଚ ଜଙ୍ଗଲ ଅଥବା ବୁଦୁବୁଦିଆ ଜଙ୍ଗଲରେ ବସବାସ କରନ୍ତୁ। ପଥର ଗୁମ୍ଫା କିମ୍ବା ମାଟିରେ ନିଜେ ଗାତ କରି ରହିଥାଆନ୍ତି।
- ଭାଲୁମାନେ ଜଙ୍ଗଲ ତଥା ଜନବସତି ପାଖରେ ଥିବା ଉଇହୁଙ୍କାକୁ ତାଡି ଉଇ ଖାଇବାକୁ ଆସିଥାଆନ୍ତି। ଏହାଛଡା ପଣସ, କଦଳି ଏବଂ ଆମ୍ବ ଖାଇବାକୁ ପସନ୍ଦ କରିଥାଆନ୍ତି। ଭାଲୁମାନଙ୍କ ପ୍ରାଣଶକ୍ତି ପ୍ରଖର କିନ୍ତୁ ଦୃଷ୍ଟିଶକ୍ତି ଏବଂ ଶ୍ରବଣ ଶକ୍ତି ଦୁର୍ବଳ ଅଟେ ଏମାନେ କୌଣସି ବିପଦର ଆଭାସ ପାଇଲେ ପଛ ଗୋଡରେ ଠିଆ ହୋଇ ଚାରିପଟକୁ ଦେଖିଥାଆନ୍ତି।
- ଭାଲୁମାନେ "ଭାରତୀୟ ବନ୍ୟଜନ୍ତୁ ସଂରକ୍ଷଣ ଆଇନ" (୧୯୭୨) ଅନୁଯାୟୀ Schedule1 ଅନ୍ତର୍ଭୁକ୍ତ। ଭାଲୁମାନଙ୍କୁ ଧରିବା, ମାରିବା ବା ଭାଲୁମାନଙ୍କର ଅଙ୍ଗ ବିଶେଷ ରଖିବା ବା ବ୍ୟବହାର କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ।

## ଭାଲୁ ସମ୍ବନ୍ଧୀୟ ସତର୍କ ସୂଚନା

- ଭାଲୁ ଦେଖିଲେ ସ୍ଥିର ରୁହନ୍ତୁ, ହଠାତ୍ ଦୌଡନ୍ତୁ ନାହିଁ। ଯଦି ସମ୍ଭବ ଧିରେ ଧିରେ ପଛୁଆ ପଳାଇ ଯାଆନ୍ତୁ।
- ସନ୍ଧ୍ୟା, ରାତି ଅଥବା ଭୋର ସମୟରେ ଜଙ୍ଗଲ ରାସ୍ତାରେ ଏକା ଯାଆନ୍ତୁ ନାହିଁ। ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା ବେଳେ ଦଳ ହୋଇଯାଆନ୍ତୁ।
- ଭୋର କିମ୍ବା ସନ୍ଧ୍ୟା ବେଳେ ଶୌଚ ଯିବା ସମୟରେ ଭାଲୁ ଆକ୍ରମଣର ଶିକାର ହେବା ଭୟ ଥାଏ। ଦରକାର ବେଳେ ଘରେ ପାଇଖାନା ବ୍ୟବହାର କରନ୍ତୁ କିମ୍ବା ବାହାରକୁ ଯିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ଜଙ୍ଗଲ କିମ୍ବା ଗୁମ୍ଫାରେ ଭାଲୁ ଛୁଆ ଦେଖିଲେ ଛୁଆକୁ ଛାଡି ଦିଅନ୍ତୁ। ଛୁଆ ଚୋରି ହେଉଥିବା ଜାଗାରେ ଭାଲୁମାନେ ମଣିଷ ପ୍ରତି ଆକ୍ରମଣାତ୍ମକ ବେହାର ନଜର ଅଛି।
- ଗାଁ ଭିତରକୁ ଭାଲୁ ଚାଲି ଆସିଲେ ତା ଠାରୁ ନିରାପଦ ଦୂରତା ଅବଲମ୍ବନ କରନ୍ତୁ ଓ ତତକ୍ଷଣାତ ଜଙ୍ଗଲ ବିଭାଗକୁ ଖବର ଦିଅନ୍ତୁ।
- ଜଙ୍ଗଲ ବିଭାଗ ଓ ଉଦ୍ଧାରକାରୀ ଦଳକୁ ସହାୟତା କରନ୍ତୁ।
- ଭାଲୁକୁ ଚାରିପଟରୁ ଘେରି ତାର ଯିବା ରାସ୍ତାକୁ ବନ୍ଦ କରନ୍ତୁ ନାହିଁ। ଅଯଥା ନିଆଁ ଜାଳି ଭାଲୁକୁ ବିଡାନ୍ତୁ ନାହିଁ।

ନବରଙ୍ଗପୁର ବନଖଣ୍ଡ ଭାଲୁ ମଣିଷମାନଙ୍କ ସହାବସ୍ଥାନର ଏକ ଜ୍ୱଳନ୍ତ ଉଦାହରଣ ଯାହାକି ଓଡ଼ିଶାର ଅଳ୍ପ କିଛି ସ୍ଥାନରେ ଦେଖିବାକୁ ମିଳିଥାଏ। ଭାଲୁମାନଙ୍କ ସହାବସ୍ଥାନରେ ସ୍ଥାନୀୟ ଲୋକ ଓ ଜଙ୍ଗଲ ବିଭାଗର ଦାୟିତ୍ୱ ଉଲ୍ଲେଖନୀୟ।

**ବନଖଣ୍ଡ ଅଧିକାରୀ, ନବରଙ୍ଗପୁର**

# ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବିକ୍ଷୋଭ










ଢେଙ୍କାନାଳ,୨।୮ (ସମିସ):

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ସଦର ବ୍ଲକ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ ଓ ଅନ୍ୟାନ୍ୟ ଦାବି ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯିବା ବିଇଓଙ୍କ ଜରିଆରେ ସହ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସଫଳତା ମିଳିନାହିଁ। ଓଡ଼ିଶାର ଶିକ୍ଷକ ଓ କର୍ମଚାରୀମାନେ ହତାଶ ଓ ନିରାଶ ମଧ୍ୟରେ କାଳାତିପାତ କରୁଛନ୍ତି। ଅନିଚ୍ଛା ସତ୍ତ୍ୱେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍ ପରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ ଇତ୍ୟାଦି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ସଭାପତି ସତ୍ୟବ୍ରତ ପାତ୍ର, ସହ ସମ୍ପାଦକ ଶେଷଦେବ ବାରିକ, ବିଭୂତି ସାମଲ, ମୁଖ୍ୟ ଉପଦେଷ୍ଟା ସରୋଜକାନ୍ତ ଦାଶ, ପ୍ରଶାନ୍ତ କୁମାର ଧଳ, ରଣଜିତ ସାମଲ, ଦେବେନ୍ଦ୍ର କୁମାର ରାଉତ, ଯଶୋବନ୍ତ ରାଉତ, ରାଧାମୋହନ ମାଝୀ, ମହେନ୍ଦ୍ର କୁମାର ସାହୁ, ରସାନନ୍ଦ ପ୍ରଧାନ, ହୃଷୀକେଶ ଦାସ, ପ୍ରଦୀପ କୁମାର ଜେନା, ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ଚିନରା, ସଦାନନ୍ଦ ପାଢ଼ୀ, ସୁରେଶ କୁମାର ପ୍ରଧାନ, ମହେନ୍ଦ୍ର ମୋହନ ମହାନ୍ତି, ସତ୍ୟବ୍ରତ ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୀତାମ୍ବର ଦାଶ, ଶେଷଦେବ ବାରିକ ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ପରଜଙ୍ଗ:** ରାଜ୍ୟ ବ୍ୟାପୀ ଅଗଷ୍ଟ ୨ ତାରିଖ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ସମସ୍ତ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ପ୍ରତିବାଦ ସଭା କରାଯାଇ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବା ସହ ସ୍ଥାନୀୟ ବିଇଓ ପ୍ରିୟଦର୍ଶିନୀ ନାୟକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ କଲେଜକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜଗୁଡ଼ିକରେ ନିୟୋଜିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ସହ ପେନସନ ବ୍ୟବସ୍ଥା କରିବା, ଅନୁଦାନପ୍ରାପ୍ତ ସମସ୍ତ ସ୍କୁଲ କଲେଜକୁ ସରକାରୀକରଣ କରିବା, ଚାକିରି କାଳ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି କରାଯାଇଛି।

**କାମାକ୍ଷାନଗର:** କାମାକ୍ଷାନଗର ବ୍ଲକ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଓଷ୍ଟା ଢେଙ୍କାନାଳ ଜିଲ୍ଲା ସଭାପତି ଶ୍ରୀରାମ ରାଉତଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।




**ଭୁବନ:** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତର ବ୍ଲକ ଶାଖା ପକ୍ଷରୁ ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକ ସଭାପତି ଗଣେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ଓଷ୍ଟାର ଉପସଭାପତି ସୁରେଶ କୁମାର ପରିଡ଼ା, ବ୍ଲକ ସମ୍ପାଦକ ଦିଲୀପ ନାୟକ ପ୍ରମୁଖ ଆଗାମୀ ଦାବି ଦିବସ ସମ୍ପର୍କରେ ଆଲୋଚନା କରି ଏହାକୁ ସଫଳ କରିବାକୁ ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ଆସନ୍ତା ୮ ତାରିଖ ଜିଲ୍ଲାସ୍ତରୀୟ ସମାବେଶ ଏବଂ ୧୬ ତାରିଖ ରାଜ୍ୟସ୍ତରୀୟ ସମାବେଶରେ ଶିକ୍ଷକମାନେ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଏବିଇଓ ସୁମତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ପିଏମ୍ କିଷାନ ସମ୍ମାନନିଧି ଯୋଜନା ସହାୟତା ପ୍ରଦାନ



ଢେଙ୍କାନାଳ,୨।୮ (ସମିସ): ଉତ୍ତରପ୍ରଦେଶ ବାରଣାସୀରୁ ପ୍ରଧାନମନ୍ତ୍ରୀ ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ଦେଶର ୯ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମାଖାତାରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଏକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ସରକାର ସର୍ବାଧିକ ଧ୍ୟାନ ଦେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟର ୩୪ ଲକ୍ଷ ୮୫ହଜାର ୮୮୧ ଚାଷୀଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିବା କହିଥିଲେ। ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନାଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ କୃଷି ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

■ ଉଚ୍ଚଶିକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ଚିଠି

## ମହିମା ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ ନୋହିଲା

ଯୋରନ୍ଦା,୨।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ମହିମା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଯୋଗଦେବା ପାଇଁ ଶନିବାର ବରଗଡ଼ ଜିଲ୍ଲା ବିଜେପୁର କଲେଜର ଅର୍ଥନୀତି ବିଭାଗ ରିଡର୍ ପ୍ରଶାନ୍ତ କୁମାର ସାହୁ ଆସିଥିଲେ। ତେବେ ସେ ଯୋଗଦାନ ନ କରି ଫେରିଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉଚ୍ଚଶିକ୍ଷା ବିଭାଗର ଜୁଲାଇ ୩୧ ପତ୍ରସଂଖ୍ୟା ୪୦୮୦୨ରେ ପ୍ରଶାନ୍ତ ସାହୁଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଯୋଗଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ପୁନଶ୍ଚ ପତ୍ରସଂଖ୍ୟା ୪୦୮୧୦ରେ ଅର୍ଥନୀତି ବିଭାଗ ଅଧ୍ୟାପକ ରାଜକିଶୋର ସାହୁଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା। ଶନିବାର ଉଭୟ ଯୋଗଦେବାକୁ ଆସିଥିବା ବେଳେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରହଲ୍ଲାଦ ସ୍ୱାଇଁ ପ୍ରଶାନ୍ତ ସାହୁଙ୍କୁ ଯୋଗଦାନ କରିବାକୁ ଦେଇ ନ ଥିଲେ। ଫଳରେ ସେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିକଟକୁ ଚାଲିଯାଇଥିଲେ। ଏ ସମ୍ପର୍କରେ କଲେଜର ବରିଷ୍ଠ କିରାଣିଙ୍କୁ ପଚାରିବାରୁ ସେ କହିଲେ, ଯେହେତୁ ଅର୍ଥନୀତି ବିଜ୍ଞାନ ବିଭାଗର ଗୋଟିଏ ପଦବୀ ପାଇଁ ୨ ଜଣ ଆସିଥିଲେ ଜଣଙ୍କୁ ଯୋଗଦାନ କରିବାକୁ ଦିଆଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ଭୁଲ ଚିଠି ଯୋଗୁଁ ଏପରି ଅସୁବିଧା ହେଲା ବୋଲି ସେ କହିଛନ୍ତି। ଏହି ଘଟଣା ପରେ ଯୋରନ୍ଦା ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାବିଦ୍ୟାଳୟ ଜଣେ ଅଧ୍ୟକ୍ଷ ପଦବୀ ହରାଇଲା। ତୁରନ୍ତ ମହିମା ମହାବିଦ୍ୟାଳୟ ଭଳି ଏକ ପୁରାତନ ସୁନାମଧନ୍ୟ ମହାବିଦ୍ୟାଳୟ ପାଇଁ ନୂତନ ଅଧ୍ୟକ୍ଷ ନିଯୁକ୍ତ କରିବାକୁ ଅଞ୍ଚଳବାସୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାସିକ ସହଭାଗିତା ବୈଠକ




ଢେଙ୍କାନାଳ,୨।୮ (ସମିସ): ସଦର ବ୍ଲକ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟରେ କାକୁଡ଼ିଭାଗ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫଏଲଏନ ଶିକ୍ଷକମାନଙ୍କ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ନମୁନା ପାଠ, ଟିକା ପ୍ରସ୍ତୁତି ଓ ଉପସ୍ଥାପନା, ଶିକ୍ଷକ ଗତିବିଧି ଯୋଜନା, ବିଦ୍ୟାଳୟ ଭୌତିକ ଓ ଶୈକ୍ଷିକ ପରିବେଶ, ୪ର୍ଥ ଓ ୫ମ ଶ୍ରେଣୀ ନିମିତ୍ତ ଗଣିତ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତି ଓ ଉପସ୍ଥାପନା, ଜାତୀୟ ଶିକ୍ଷାନୀତି ଅନୁଯାୟୀ ଶିକ୍ଷଣ ସ୍ତର ଓ ସାମାଜିକ ପ୍ରଗତିପତ୍ର ଆଦି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ସିଆରସିସି ଅର୍ଜୁନ ନାୟକ ସାଧନକର୍ମୀ ଭାବେ ଯୋଗଦେଇ ବୈଠକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେଠୀ ଓ ଶିକ୍ଷକ ଆଶୀର୍ବାଦ ଧଳ ପାଠ ଯୋଜନା ପ୍ରସ୍ତୁତ କରି ବୈଠକରେ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ କୁମାର ସାହୁ ଓ ସହକାରୀ ଶିକ୍ଷକ ଦିଲୀପ କୁମାର ପଣ୍ଡା ସହଯୋଗ କରିଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘର ଆର୍ଥିକ ସହାୟତା



ପରଜଙ୍ଗ,୨।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆମ୍ବପଳାସ ଜାମୁନାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ଭୋଇଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଏକାଦଶାହ ଅବସରରେ ପରଜଙ୍ଗ ବ୍ଲକ ଶିକ୍ଷକ ସଂଘ ସଦସ୍ୟମାନେ ସୁଶାନ୍ତଙ୍କ ହାତୀଲୁଚାଣି ଗ୍ରାମରେ ପରିବାର ଲୋକଙ୍କ ପାଖରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶିକ୍ଷକ ସଂଘ ପକ୍ଷରୁ ସଂଗ୍ରହ କରାଯାଇଥିବା ୩୭ ହଜାର ୬୫୦ ଟଙ୍କା ଓ ସଂଘ ପାଣ୍ଠିରୁ ୩୫୦ ଟଙ୍କା ମିଶାଇ ମୋଟ ୩୮ ହଜାର ଟଙ୍କାର ଚେକ ସୁଶାନ୍ତଙ୍କ ପତ୍ନୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷକ ସଙ୍ଘ ସଭାପତି ପ୍ରଶାନ୍ତ କୁମାର ନାଥ, ଗୋପବନ୍ଧୁ ସାହୁ, ସୁଶାନ୍ତ କୁମାର ସେଠୀ, ଦିଲୀପ କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ବେହେରା, ମଳୟ ଭୋଇଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

## ନୂତନ ଅପରାଧିକ ଆଇନ ସମ୍ପର୍କିତ ସଚେତନତା



ଭୁବନ,୨।୮ (ସମିସ): ନୂତନ ଅପରାଧିକ ମାମଲା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଭୁବନ ଥାନା ପରିସରରେ ଅନୁଷ୍ଠିତ ହୋଇଛି। ଥାନାଧିକାରୀ ଧୀରେନ କୁମାର ସ୍ୱାଇଁ, ଏସ୍ଆଇ ସଞ୍ଜୟ କୁମାର ବେହେରା ନୂଆ ଭୂବନ ନୋଡାଲ ହାଇସ୍କୁଲ ବିଦ୍ୟାର୍ଥୀମାନଙ୍କୁ ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରା, ପ୍ରଜ୍ଞିତ କିଶୋର ସାହୁ, ପ୍ରଜ୍ଞାଶ୍ରୀ ପାଲ, କ୍ରୀଡ଼ା ଶିକ୍ଷକ ଧରିତ୍ରୀ ପ୍ରିୟଦର୍ଶିନୀ ମିଶ୍ର ଉପସ୍ଥିତ ଥିଲେ। ସ୍କୁଲର ୯ମ ୧୦ମ ଶ୍ରେଣୀର ଶତାଧିକ ବିଦ୍ୟାର୍ଥୀ ଯୋଗଦେଇଥିଲେ।

## ସିବିଏସଇ ତାଏକ୍ୱୋଣ୍ଡୋରେ ୪ ପଦକ ହାସଲ




ଢେଙ୍କାନାଳ,୨।୮ (ସମିସ): ମେଘାଳୟ ସିଲଂ ବିଡିଡବ୍ଲ୍ୟୁ ଇଣ୍ଟରନ୍ୟସନାଲ ସ୍କୁଲରେ ୧୪ବର୍ଷ, ୧୭ ବର୍ଷ ଓ ୧୯ ବର୍ଷରୁ କମ ବିଭାଗରେ ସିବିଏସଇ ଜୋନାଲ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁଲାଇ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୦ ରାଜ୍ୟର ପ୍ରାୟ ୧୭୦ ବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ବିଭିନ୍ନ ଓଜନ ବର୍ଗରେ ସ୍ପୋର୍ଟ କମ୍ପ୍ଲେକ୍ସ ଗୁରୁଦେବଜୀ ଗୁରୁକୁଳ ପ୍ରଶିକ୍ଷଣ କେନ୍ଦ୍ରର ୯ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେଥିମଧ୍ୟରୁ ସେଣ୍ଟ ଜାଭିୟର୍ସ ସ୍କୁଲର ୬ ଓ ରୟାଲ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ୩ ଜଣଙ୍କ ସମେତ କୋଚ୍ ରୂପେ ତାଏକ୍ୱୋଣ୍ଡୋ ଶିକ୍ଷକ ତଥା ଜାତୀୟ ସ୍ତରର କୋଚ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ, ସୁଚିସ୍ମିତା ବେହେରା ଓ ମ୍ୟାନେଜର ଭାବେ ପ୍ରଶାନ୍ତ ଶତପଥୀ ଟିମ ସହ ଗସ୍ତ କରିଥିଲେ। ବାଳିକା ବିଭାଗରେ ସୌମ୍ୟାଶ୍ରୀ ପଣ୍ଡା, ପ୍ରୀତିଲଗ୍ନା ଶତପଥୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ସାନଭୀ ସାଇଲକ୍ଷ୍ମୀ କାଂସ୍ୟ ଏବଂ ବାଳକ ବିଭାଗରେ ଆଶିଷ ବେହେରା କାଂସ୍ୟ ପଦକ ପାଇ ରାଜ୍ୟ, ଜିଲ୍ଲା, ବିଦ୍ୟାଳୟ ଓ ଗୁରୁକୁଳ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଗୁରୁଦେବଜୀ ଗୁରୁକୁଳର ଅଧ୍ୟକ୍ଷ, ପ୍ରଶିକ୍ଷକଙ୍କ ସମେତ ଉଭୟ ସ୍କୁଲର ମ୍ୟାନେଜିଂ କମିଟି, ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀ ଓ ବୁଦ୍ଧିଜୀବୀ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଭୁବନ,୨।୮ (ସମିସ): ଭୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଗଗନ ବିହାରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ରାଜଶ୍ରୀ ବେହେରା ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ପ୍ରମୁଖ ଶିବରାମ ଘଡ଼େଇ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଜଗବନ୍ଧୁ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅନୁସୂୟା ସାହୁ। ପ୍ରଜ୍ଞାଶ୍ରୀ ପାଲ, ପୂର୍ଣ୍ଣଚନ୍ଦ୍ର ଓଝା, ଅଜୟ କୁମାର ବେହେରା ବିଚାରକ ଭାବେ ଯୋଗଦେଇଥିଲେ। ଶିକ୍ଷକ ଅକ୍ଷୟ କୁମାର ସାଥୁଆ ମହାପାତ୍ର ସହଯୋଗ କରିଥିଲେ।



## ହାତୀ ଆକ୍ରମଣରେ ମୃତଙ୍କ ପରିବାରକୁ ଭେଟିଲେ ବିଧାୟିକା

ହିନ୍ଦୋଳ,୨।୮ (ସମିସ): ହାତୀ ଆକ୍ରମଣରେ ଗୁରୁବାର ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମର ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାର ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସମେତ କଂଗ୍ରେସ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସୁବର୍ଣ୍ଣ ନାୟକ, ସୁବାସ ଚନ୍ଦ୍ର ପାଲ, ତ୍ରିନାଥ ବେହେରା, ରାଜୀବ ଲୋଚନ ସିଂଦେଓ ପ୍ରମୁଖ ଏକ ପ୍ରତିନିଧି ଦଳ ସମସ୍ତ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଅପରାହ୍ନରେ ବିଧାୟିକା ନାୟକ ମୃତକଙ୍କ ପରିବାରକୁ ଭେଟି ସରକାରଙ୍କ ପକ୍ଷରୁ ମିଳୁଥିବା କ୍ଷତିପୂରଣ ରାଶି କିପରି ତୁରନ୍ତ ମିଳିପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବନବିଭାଗ ଦ୍ୱାରା ଗ୍ରାମ ଚାରିପାଖରେ ହାତୀଙ୍କ ଗତିବିଧି ଜାଣିବା ପାଇଁ ସୋଲାର ଲାଇଟ ଓ ସାଇରନ ଆଦି ଦାବିଗୁଡ଼ିକ ଗ୍ରାମବାସୀଙ୍କଠାରୁ ଶୁଣି ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ



ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କୁ ଫୋନ ଯୋଗେ ଅବଗତ କରିଥିଲେ। ଆଗାମୀ ୭ ଦିନ ଭିତରେ ଗାଁ ଚାରିପାଖରେ ସୋଲାର ବାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ଦ୍ୱାରା ହୋଇଥିବା ରାସ୍ତାରୋକ ସମୟରେ ହିନ୍ଦୋଳ ବନାଞ୍ଚଳ ଅଧିକାରୀ ଗ୍ରାମବାସୀଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ସମ୍ପର୍କରେ ବିଧାୟିକା ଓ ସାଂସଦଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବନ କରିଥିବାରୁ ଗ୍ରାମବାସୀ କୃତଜ୍ଞତା ଜ୍ଞାପନ କରିଥିଲେ। ବିଧାୟିକାଙ୍କ ଗସ୍ତ ସମୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ଜିଲ୍ଲା ପରିଷଦ ସଦସ୍ୟ ସୁମନ୍ତ ଦେହୁରୀ, ବିଜେପି ନେତା ଭାସ୍କର ଚନ୍ଦ୍ର ନାୟକ, ମନୋଜ ପଟ୍ଟନାୟକ, ସହଦେବ ପୃଷ୍ଟି, ପ୍ରଶାନ୍ତ ପ୍ରଧାନ, ପ୍ରେମାନନ୍ଦ ପଟ୍ଟନାୟକ, ସତ୍ୟରଞ୍ଜନ ମିଶ୍ର, ମନୋରଞ୍ଜନ ନାଥ, ପ୍ରବୋଧ ପ୍ରଧାନ, ବାନାମ୍ବର ପତି, ସୌଭାଗ୍ୟ ସାହୁ, ବିଭୂତି ମାଝି, ସନ୍ତୋଷ ନାଏକ, ସନ୍ତୋଷ ସାହୁ, ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ**

## ଶିଳ୍ପସଂସ୍ଥା ଆସିଲେ ଜିଲ୍ଲାର ବିକାଶ ହେବ

ଢେଙ୍କାନାଳ,୨।୮ (ସମିସ):

ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ ପକ୍ଷରୁ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, କଙ୍କଡ଼ାହାଡ଼ ଭଳି ଉପାନ୍ତ ଅଞ୍ଚଳର ସାମଗ୍ରିକ ବିକାଶ ହେଲେ ଯାଇ ଜିଲ୍ଲା ତଥା ରାଜ୍ୟ ବିକଶିତ ହୋଇପାରିବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବୃଦ୍ଧି, ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲ୍ଲାକୁ ବିଭିନ୍ନ ଶିଳ୍ପସଂସ୍ଥା ଆସିଲେ ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରଭାରୀ ତଥା ଶିଳ୍ପ, ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ କହିଲେ, ଢେଙ୍କାନାଳ ଜିଲ୍ଲା ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମରେ ୬ଟି ସୂଚକ ମଧ୍ୟରୁ ୪ଟିରେ ସଫଳତା ହାସଲ କରି ବ୍ରୋଞ୍ଜ୍ ମେଡାଲ ପାଇଥିବା ବେଳେ କଙ୍କଡ଼ାହାଡ଼ ବ୍ଲକ ୩ଟି ସୂଚକରେ ସଫଳ ହୋଇଥିବାରୁ କପର ମେଡାଲ ପାଇଥିବାରୁ ସେ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମୀମାନଙ୍କୁ ସାଧୁବାଦ ଜଣାଇଥିଲେ। ନିୟମିତ ଭାବେ ଶତପ୍ରତିଶତ ଗର୍ଭବତୀ ମହିଳାଙ୍କ ପୁଷ୍ଟିସାର ଗ୍ରହଣ, ପିଲାମାନଙ୍କ ସମ୍ପୂର୍ଣ୍ଣ ଟିକାକରଣ, ମାଧ୍ୟମିକ ସ୍ତରରେ ସମସ୍ତ ସ୍କୁଲରେ ବିଦ୍ୟୁତ ସୁବିଧା ଏବଂ ସମୟ ମଧ୍ୟରେ ପିଲାମାନଙ୍କୁ ପାଠ୍ୟପୁସ୍ତକ ଯୋଗାଣ ଯୋଗୁଁ ଜିଲ୍ଲା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବ୍ରୋଞ୍ଜ ମେଡାଲ ପାଇପାରିଛି ବୋଲି କହିଥିଲେ।




ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇଥିଲେ। ଅତିଥିମାନେ ଆକାଂକ୍ଷୀ ଜିଲ୍ଲା ଭାବେ ସଫଳତା ହାସଲ କରିଥିବାରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଡିପିଏମୟୁର ଡେପୁଟୀ ଡାଇରେକ୍ଟର ମନୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୀରୋଦ ସାହୁଙ୍କୁ ମଦର ଟେରେସା ସେବା ସମ୍ମାନ




ଅନୁଗୋଳ,୨।୮(ସମିସ): ପୁରୀ ସଂସ୍କୃତି ଭବନରେ ଆୟୋଜିତ ହାପି ମୋମେଣ୍ଟସ ଇଣ୍ଡିଆର ନ୍ୟସନାଲ କନଫରେନ୍ସ ତଥା ପ୍ରତିଭା ସମ୍ମାନ ସମାରୋହରେ ତାଳଚେରର ସମାଜସେବୀ କ୍ଷୀରୋଦ ସାହୁଙ୍କୁ ମଦର ଟେରେସା ସେବା ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଭାଷା ପ୍ରତିଷ୍ଠାନର ହରିହର କାନୁନଗୋ, ଫିଲ୍ମ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ଓ ଆଧ୍ୟାତ୍ମିକ ପ୍ରବଚକ ଆଦିମାତା କଳ୍ପନା ଅତିଥି ଭାବେ ଯୋଗଦେଇ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦନ ପାଇଁ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ସାହୁ ଆଜିକୁ ୩୦ବର୍ଷ ହେଲା ସମାଜିକ କାର୍ଯ୍ୟ କରି ଆସୁଛନ୍ତି। ଏହି ସମ୍ମାନ ପାଇବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## କ୍ଲଷ୍ଟରସ୍ତରୀୟ ବୈଠକ

ତାଳଚେର,୨।୮(ସମିସ): କ୍ଲଷ୍ଟରସ୍ତରୀୟ ଦ୍ୱିତୀୟ ମାସିକ ବୈଠକ ଶନିବାର ବାଲୁଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ବୈଠକରେ ଏସସିଇଆରଟିଙ୍କ ନିର୍ଦ୍ଦେଶକ୍ରେମ ଶିଶୁବାଟିକା, ଏଫଏଲଏନ, ବହୁଶ୍ରେଣୀ ଶିକ୍ଷକ କାର୍ଯ୍ୟ ଉପସ୍ଥାପନ ସହ କାର୍ଯ୍ୟ ସୂଚୀ ମତେ ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆରସିସି ସତ୍ୟଜିତ ନାଏକ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅନନ୍ତ ନାରାୟଣ ଆଚାର୍ଯ୍ୟ, ସଞ୍ଜୟ ପ୍ରଧାନ, ଦିଲେଶ୍ୱର ପତି, ସଙ୍ଗୀତା ମଞ୍ଜରୀ ଦାସ, ପ୍ରମିଳା ଦାଶ, ନିରୋଜ ଦାସମହାପାତ୍ର, ସ୍ୱର୍ଣ୍ଣପ୍ରଭା ପୃଷ୍ଟି, ମମତା ଦେହୁରୀ, ପ୍ରତିଭା ରାଉଳ, ପ୍ରମୋଦ ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟାଲିନ୍ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



### ପିଏମ୍ କିଷାନ ସମ୍ମାନନିଧିର ୨୦ତମ କିସ୍ତି ପ୍ରଦାନ

# ଜିଲ୍ଲାର ୧୨୬୩୦୭ ଚାଷୀ ପାଇଲେ ସହାୟତା ରାଶି

ଅନୁଗୋଳ,୨।୮(ସମିସ): ଶନିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ବାରଣାସୀରୁ ଆଭାସି ମାଧ୍ୟମରେ ପିଏମ୍ କିଷାନ ସମ୍ମାନନିଧିର ୨୦ତମ କିସ୍ତି ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହାର ସିଧାପ୍ରସାରଣ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଗୋଳ ସଭାଗୃହରେ ଆୟୋଜନ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା,



ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ତାଳଚେର ବିଧାୟକଙ୍କ ପ୍ରତିନିଧି ଦିଲୀପ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଗୋଳ ଜିଲ୍ଲାରେ ମୋଟ ୧ ଲକ୍ଷ ୨୬ ହଜାର ୩୦୭ ଚାଷୀଙ୍କୁ ୨୫ କୋଟି ୨୬ ଲକ୍ଷ ୧୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଅନୁଗୋଳ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

## ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଅତିରିକ୍ତ ଜିଲ୍ଲାପାଳଙ୍କ ବୈଠକ

ଅନୁଗୋଳ,୨।୮(ସମିସ): ପୋଲିଂ ବୁଥଗୁଡ଼ିକର ଯୁକ୍ତିଯୁକ୍ତକରଣ ଓ ନୂତନ ବୁଥ୍ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ଓ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୨୦୦ରୁ ଊର୍ଦ୍ଧ୍ୱ ମତଦାତା ଥିବା ବୁଥ୍‌ଗୁଡ଼ିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକ ସ୍ଥଳେ ନୂତନ ବୁଥ୍ ସୃଷ୍ଟି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।



ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡେପୁଟି କେଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଜେପି, ବିଜେଡି, କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗବେଷକ ବିଭୂତି ସାହୁଙ୍କ ପରଲୋକ

ତାଳଚେର,୨।୮(ସମିସ): ତାଳଚେରର ବିଶିଷ୍ଟ ଗବେଷକ ବିଭୂତି ଭୂଷଣ ସାହୁ (୬୬)ଙ୍କର ଶନିବାର ଅପରାହ୍ନ ୧ଟାରେ ପରଲୋକ ହୋଇଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ ଅନୁଗୋଳସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଏକମାତ୍ର ପୁଅ, ଝିଅ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବିଭୂତି ଜଣେ ସରଳ, କର୍ମଠ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ତାଳଚେର ଉପଖଣ୍ଡରେ ପରିଚିତ ଥିଲେ। ଗବେଷକ ଭାବେ ତାଳଚେର କୋଇଲା ଖଣିର ଇତିହାସ ସହ ତାଳଚେର ନିକଟ ଝାଡ଼ିଅମ୍ବା ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ବୌଦ୍ଧକୀର୍ତ୍ତି ଆବିଷ୍କାର କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିନିମନ୍ତେ ତାଙ୍କୁ ତାଳଚେର କଳା, ସାହିତ୍ୟ, ସଂସ୍କୃତି ପରିଷଦ ପକ୍ଷରୁ ବିଶିଷ୍ଟ ଗବେଷକ ସମ୍ମାନ ଓ ତାଳଚେର ପୁସ୍ତକ ମେଳା କମିଟି ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେ ତାଳଚେର ଗଡ଼ଜାତ ଆନ୍ଦୋଳନ ଉପରେ ଆଧାରିତ ଗବେଷଣାତ୍ମକ ପୁସ୍ତକ 'ତାଳଚେର ଗଣସଂଗ୍ରାମ' ରଚନା କରିଥିବା ବେଳେ ସନ୍ଥକବି ଭୀମ ଭୋଇଙ୍କ ଜୀବନୀ ଆଧାରିତ ବିଶିଷ୍ଟ ହିନ୍ଦୀ ଲେଖକ ଦୀନେଶ ମାଲିଙ୍କ ରଚିତ ପୁସ୍ତକ ପଦ୍ମଲୋଚନର ଓଡ଼ିଆ ଅନୁବାଦ କରିଥିଲେ। ମା' ହିଙ୍ଗୁଳାଙ୍କ ଉପରେ ଆଧାରିତ ଆଧ୍ୟାତ୍ମିକ ପତ୍ରିକା ମା' ହିଙ୍ଗୁଳାର ସେ ସମ୍ପାଦକ



ଦାୟିତ୍ୱ ତୁଲାଉଥିବା ବେଳେ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଆମ କୁନାକୁନିର ଉପଦେଷ୍ଟା ଦାୟିତ୍ୱ ନିର୍ବାହ କରୁଥିଲେ। ଏତଦ୍‌ବ୍ୟତୀତ ସେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର, ଉତ୍କଳ ସମ୍ମିଳନୀ, ସାହିତ୍ୟ ଅନୁଷ୍ଠାନ ନବୋଦୟ ସାହିତ୍ୟର ପରିଭାଷା, ସାଉଥବଲଣ୍ଡା ସମ୍ବାଦ ସାହିତ୍ୟ ଘର ସମେତ ବିଭିନ୍ନ ଅନୁଷ୍ଠାନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ସମ୍ବାଦ ସାହିତ୍ୟ ଘରର ରାଜ୍ୟ ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା, ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ଜଗନ୍ ମୋହନ ଗଡ଼ନାୟକ, ମା' ହିଙ୍ଗୁଳା ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ସାଉଥବଲଣ୍ଡା ସମ୍ବାଦ ସାହିତ୍ୟ ଘର ସମ୍ପାଦକ କବି ତ୍ରିନାଥ ସାହୁ, ବିବେକାନନ୍ଦ ଲୋକ ସଂସଦ ଆନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ପ୍ରଶାନ୍ତ ରଥ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ସଭାପତି ଶିକ୍ଷାବିତ୍ ବିଶ୍ୱରଞ୍ଜନ ପ୍ରଧାନ, ସମ୍ପାଦକ ଧନେଶ୍ୱର ସାହୁ, କବୟିତ୍ରୀ ଅନୀତା ପାଣି, ନବୋଦୟ ସାହିତ୍ୟର ପରିଭାଷା ଅନୁଷ୍ଠାନ ସମ୍ପାଦିକା ଦୀପ୍ତିରାଣୀ ସିଂଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ପୈତୃକ ଗ୍ରାମ ବଲଣ୍ଡାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ବଇଣ୍ଡା,୨।୮(ସମିସ): ତାଳଚେର-ସମ୍ବଲପୁର ରେଳପଥର ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ସରଗିପାଲି ନିକଟ ରେଳ ଧାରଣାରୁ ଶନିବାର ରେଢାଖୋଲ ରେଳବାଇ ପୁଲିସ ଏକ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଜିଲ୍ଲା ଖଣ୍ଡଲା ଗ୍ରାମର ରାଜେଶ ପାତ୍ର (୩୪)। ରାତିରେ ରାଜେଶ କୌଣସି ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ଖସିପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ରେଳବାଇ ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।

## ଘରୁ ନାଗସାପ ଉଦ୍ଧାର

ବଇଣ୍ଡା,୨।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ଦୀପକ ବାରିକଙ୍କ ଶୋଇବା ଘରୁ ଶନିବାର ଏକ ନାଗସାପ ଉଦ୍ଧାର କରାଯାଇଛି। ଏ ନେଇ ଦୀପକ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ଦୀପକଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ପକ୍କାଘର ନିର୍ମାଣ ପାଇଁ ଅଗ୍ନିବିପନ୍ନଙ୍କୁ ଆର୍ଥିକ ସହାୟତା

ବଇଣ୍ଡା,୨।୮(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଲୁହାସିଂହା ପଞ୍ଚାୟତ ତେନ୍ତୁଳିପଦର ଗ୍ରାମରେ ମାର୍ଚ୍ଚ ୬ରେ ଅଗ୍ନିକାଣ୍ଡ ଘଟି ୯ ପରିବାରର ୨୦ ବଖରା ଚାଳଘର ଭସ୍ମୀଭୂତ ହୋଇଥିଲା। ବିପନ୍ନଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ରାଜ୍ୟ ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ବିଧାୟକଙ୍କ ଦାବିକୁ ସରକାର ତର୍ଜମା କରି କ୍ଷତିଗ୍ରସ୍ତ ହୋଇଥିବା ୯ ପରିବାରକୁ ଶୁକ୍ରବାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ପକ୍କା ଘର ନିର୍ମାଣ ପାଇଁ ପ୍ରତ୍ୟେକ ପରିବାରକୁ ଆଠମଲ୍ଲିକ ତହସିଲଦାର ୧ ଲକ୍ଷ ୨୫ ହଜାର ଟଙ୍କା ଲେଖାଏଁ ଆକାଉଣ୍ଟ ଜରିଆରେ ଟ୍ରାନ୍ସଫର କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାର ସହାୟତା ଯୋଗାଇ ଦେଇଥିବାରୁ ବିଧାୟକ ପ୍ରଧାନ ରାଜସ୍ୱ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅନୁଗୋଳରେ କାଉ ମଡ଼କ; ବାର୍ଡ ଫ୍ଲୁ ଆଶଙ୍କା

ଅନୁଗୋଳ,୨।୮(ସମିସ): ଅନୁଗୋଳ ସହରର ବିଭିନ୍ନ ଅଞ୍ଚଳ ବିଶେଷକରି ହେମସୁରପଡ଼ା, ନାଖରାସାହି, ସରକାରୀ ମେଡିକାଲ ପରିସରରେ ଗତ ତିନିଦିନ ହେଲା କାଉମାନେ ମରି ପଡ଼ୁଥିବା ଦେଖିବାକୁ ମିଳୁଛି। ତିନି-ଚାରିଦିନ ଭିତରେ ୧୫ରୁ ୨୦ କାଉ ମରିଥିବା କୁହାଯାଉଛି। ଶନିବାର ଏ ନେଇ ହେମସୁରପଡ଼ା ଅଞ୍ଚଳର କିଛି ଯୁବକ ପ୍ରାଣୀଧନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକଙ୍କ ଅଫିସକୁ ଯାଇ ଅଧିକାରୀଙ୍କୁ ଜଣାଇଛନ୍ତି। ଅଫିସ କର୍ମଚାରୀ ମୃତ କାଉଗୁଡ଼ିକୁ ସଂଗ୍ରହ କରିଛନ୍ତି। ରବିବାର ଫୁଲନଖରାସ୍ଥିତ ଆନିମଲ ଡିଜିଜ ରିସର୍ଚ୍ଚ ଇନଷ୍ଟିଚ୍ୟୁଟକୁ ନମୁନା ପରୀକ୍ଷଣ ପାଇଁ ପଠାଯିବ ବୋଲି ଅତିରିକ୍ତ ପ୍ରାଣୀଧନ ନିର୍ଦ୍ଦେଶକ ଡା. କେଶବ ଚନ୍ଦ୍ର ପ୍ରଧାନ କହିଛନ୍ତି। ପରିସ୍ଥିତି ଉପରେ ନଜର ରଖାଯାଇଛି। ରିପୋର୍ଟ ଆସିବା ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଡା. ପ୍ରଧାନ ପ୍ରକାଶ କରିଛନ୍ତି। ତେବେ କାଉମଡ଼କ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖାଦେଇଛି।



## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କିଶୋରନଗର/ବଇଣ୍ଡା,୨।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଉରୁକୁଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଗୁରୁବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଲମ୍ବୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସୁରୁଚି ସମ୍ପୂର୍ଣ୍ଣା ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ପୀତାମ୍ବର ପ୍ରଧାନ, ଶ୍ରୀନିବାସ ଦେହୁରୀ, ସମିତି ସଭ୍ୟ ଧନେଶ୍ୱର ସାହୁ, ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଭୋଳାନାଥ ବେହେରା, ଶିବରାମ ବେହେରା, ବାନମ୍ବର ବିଶ୍ୱାଳ, କାହ୍ନୁଚରଣ ସେଠୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ମହାନ୍ତିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ। ସେହିପରି ହଣ୍ଡପା ହାଇସ୍କୁଲର ସହକାରୀ ଶିକ୍ଷକ ବିପିନି ବିହାରୀ ସାମଲ ଅବସର ଗ୍ରହଣ କରିଛନ୍ତି। ଦୀର୍ଘବର୍ଷ ହେବ ଶିକ୍ଷକତା କରି ସେ ବେଶ୍ ସୁନାମ ଅର୍ଜନ କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଶନିବାର ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

### ■ ଅବସର ଗ୍ରହଣ ପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦୁଃଖ

## ନୂତନ ପେନସନ୍ ଯୋଜନାକୁ ଘୋର ନିନ୍ଦା

ତାଳଚେର,୨।୮(ସମିସ): ନେତାମନ୍ତ୍ରୀ ୫ ବର୍ଷ ପାଇଁ ନିର୍ବାଚିତ ହେବା ପରେ ଲକ୍ଷାଧିକ ଟଙ୍କା ଦରମା ସହ ମୋଟାଅଙ୍କର ପେନସନ୍ ପାଇ ଆସୁଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଦୀର୍ଘବର୍ଷ ବିଦ୍ୟାଳୟରେ ପାଠ ପଢ଼ାଇବାଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନ, ପୋଷାକ ବିତରଣ, ଔଷଧ ବିତରଣ, ବିଦ୍ୟାଳୟର ସ୍ୱଚ୍ଛତା, ଓଜନମାପ ଓ ବିଦ୍ୟାଳୟର ବିଭିନ୍ନ ଚାପକୁ ମୁଣ୍ଡରେ ରଖି କାର୍ଯ୍ୟ ସମ୍ପାଦନା କରୁଥିଲେ ମଧ୍ୟ ବୟସର ଅପରାହ୍ଣରେ ପେନସନ ଗଣ୍ଡେ ମିଳୁ ନ ଥିବାରୁ ଦୁଃଖରେ କାଳତିପାତ କରୁଛନ୍ତି। ସରକାର ନୂତନ ପେନସନ ସ୍କିମ ଲାଗୁ କରିଥିବାରୁ ଅସବର ପରେ କିଏ ୨ ହଜାର ପାଉଥିବା ବେଳେ ଆଉ କିଏ ୩ ହଜାର ପେନସନରେ ସୀମିତ ରହୁଛନ୍ତି। ଏହି ସ୍ୱଳ୍ପ ପେନସନରେ କିପରି ଚଳିବେ ଓ ପରିବାର ପୋଷିବେ ସେ ନେଇ ଶିକ୍ଷକ ମହଲରେ ଦୁଃଖ ପ୍ରକାଶ ପାଇବା ସହ ଏହାକୁ ନାପସନ୍ଦ କରାଯାଇଛି। ଗୋଲେଖ ବିହାରୀ ବେହେରା ଦୀର୍ଘ ୨୨ ବର୍ଷ ଶିକ୍ଷକତା କରି ଅବସର ଗ୍ରହଣ କରିବା ପରେ ମାତ୍ର ୨୨ ଶହ ୯୮ ଟଙ୍କା ପେନସନ୍ ପାଉଛନ୍ତି। ବର୍ତ୍ତମାନ ମହଙ୍ଗା ଦୁନିଆରେ ୬୦ ବର୍ଷ ବିତିଯାଇଥିଲେ ମଧ୍ୟ ନିଜ ଔଷଧପତ୍ର, ପରିବାର ଚଳାଇବା ପାଇଁ ଅଭାବ ଅନଟନରେ ଜୀବନ ଅତିବାହିତ କରୁଛନ୍ତି। କେବଳ ଶିକ୍ଷକ, ଶିକ୍ଷୟିତ୍ରୀ କ୍ଷେତ୍ରରେ ଏହା ସୀମିତ ନୁହେଁ, କେନ୍ଦ୍ରରେ ବିଜେପି ସରକାର ଆସିବା ଦିନଠାରୁ ଦେଶର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ଦର୍ଶାଇ ପୁରୁଣା ପେନସନକୁ ପ୍ରତ୍ୟାହାର କରିବା ଫଳରେ ପେନସନ ଦାବି ଜୋର ଧରିବାରୁ ସରକାର ନୂତନ ପେନସନ୍ ସ୍କିମ ଲାଗୁ କରିଥିବାରୁ ଆଜି କର୍ମଚାରୀ ଦୁର୍ବିସହ ଜୀବନଯାପନ କରୁଛନ୍ତି। ଏହାକୁ ରାଜ୍ୟ ସରକାର ବିଚରାକୁ ନେଇ ପୁରୁଣା ପେନସନ ନୀତି ଆପଣାଇବା ପାଇଁ ସବୁ ମହଲରେ ଦାବି ହେଉଛି।

## ବୁଲା ଗୋରୁଙ୍କ କବ୍‌ଜାରେ ବାଗଡ଼ିଆ ପଞ୍ଚାୟତ ରାସ୍ତାଘାଟ

ଛେଣ୍ଡିପଦା,୨।୮(ସମିସ)

ଦୀର୍ଘ ବର୍ଷ ହେବ ବାଗଡ଼ିଆ ପଞ୍ଚାୟତର ରାସ୍ତାଘାଟ ବୁଲା ଗୋରୁ, ଷଣ୍ଢ, କୁକୁରଙ୍କ କବଜାରେ ରହିଛି। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାକୁ ହଟାଇବାରେ ପଞ୍ଚାୟତ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ଏମାନଙ୍କୁ ହଟାଇବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗ୍ରାମବାସୀ ପ୍ରଚାର କରୁଥିଲେ ମଧ୍ୟ ଆଜିଯାଏଁ କୌଣସି ସୁଫଳ ମିଳିନାହିଁ। ଗ୍ରାମବାସୀଙ୍କ ନାଲିଆଖିକୁ ଗୋରୁ ମାଲିକମାନେ ଖାତିର କରୁନାହାନ୍ତି। ବାଗଡିଆ ପଞ୍ଚାୟତରେ ୫ଲକ୍ଷ ଟଙ୍କାରେ ନିର୍ମିତ କାଞ୍ଜିଆହୁଦା ଏବେ ଅକାମୀ ହୋଇପଡ଼ିଛି। କେବେ ହେଲେ ମଧ୍ୟ ବୁଲା ଗୋରୁ କାଞ୍ଜିଆହୁଦାରେ ରହିବା


ଯାତାୟାତରେ ସମସ୍ୟା, ବଢୁଛି ଦୁର୍ଘଟଣା

ଦେଖିବାକୁ ମିଳେନାହିଁ। ଗୋରୁଙ୍କୁ ଧରି ମୋଟାଅଙ୍କର ଜରିମାନା ନଚେତ୍ ନିଲାମ କରିଦେଲେ ମାଲିକମାନଙ୍କ ମଧ୍ୟରେ ଛନକା ପଶିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଥିଲେ ମଧ୍ୟ ଗ୍ରାମବାସୀ ଓ ପଞ୍ଚାୟତ ଚୁପ୍ ବସିଛନ୍ତି। ସମ୍ପ୍ରତି ବୁଲା ଗୋରୁ ଓ ଷଣ୍ଢମାନେ ପଞ୍ଚାୟତକୁ କବଜା କରି ରଖିଛନ୍ତି। ସତେ ଯେମିତି ସେମାନେ ବାଗଡିଆ ପଞ୍ଚାୟତର ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଅଛନ୍ତି। ମୁଖ୍ୟ ରାସ୍ତା ଓ ଅନେକ ଗୁରୁତ୍ୱପୂର୍ଣ୍ଣ ଛକରେ ପଲ ପଲ ଗୋରୁ ଠିଆହେବା ସହ ଶୋଇରହି ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଫଳରେ ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସନ୍ଧ୍ୟା ଓ ରାତିରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ ଓ ଦମକଳ ଯିବାରେ ବାଧା ସୃଷ୍ଟି ହେଉଛି। ଛାତ୍ରଛାତ୍ରୀ ବିଦ୍ୟାଳୟ କିମ୍ବା ଟିଉସନ୍‌କୁ ଯିବାଆସିବାରେ ମଧ୍ୟ ସମସ୍ୟା ଭୋଗୁଛନ୍ତି। ଏଥିସହ ବାଗଡ଼ିଆ ପଞ୍ଚାୟତରେ ଅନେକ ସମସ୍ୟା ଲାଗି ରହିଛି। ଜଳ ନିଷ୍କାସନ ସମସ୍ୟା ଏବେ ବି ସମାଧାନ ହୋଇପାରିନାହିଁ। ପଞ୍ଚାୟତର ସମସ୍ୟା ତୁରନ୍ତ ସମାଧାନ ନ କଲେ ଲୋକଙ୍କ ଅସନ୍ତୋଷ ଆଗାମୀ ଦିନରେ ଉଗ୍ରରୂପ ଧାରଣ କରିବା ସମ୍ଭାବନା ରହିଛି।

## ମେଡିକାଲରେ ନାହାନ୍ତି ଡାକ୍ତର, ରୋଗୀସେବା ବିପର୍ଯ୍ୟସ୍ତ

ଛେଣ୍ଡିପଦା,୨।୮(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ବାଗଡିଆ ଚିକିତ୍ସାଳୟରେ ଡାକ୍ତର ଅଭାବରୁ ଏଠାରେ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦିଆଯାଉଥିବା ଡିଣ୍ଡିମ ପିଟାଯାଉଥିବା ବେଳେ ବାସ୍ତବରେ ଏଠାରେ ଜଣେ ହେଲେ ବି ଡାକ୍ତର ନାହାଁନ୍ତି। ଫଳରେ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବାଗଡିଆ ଡାକ୍ତରଖାନାରେ ଦୀର୍ଘଦିନ ହେବ ଜଣେ ହେଲେ ବି ଡାକ୍ତର ନାହାଁନ୍ତି। ଏଥିସହ ଏହି ଡାକ୍ତରଖାନାରେ ବହୁ ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଥିଲେ ମଧ୍ୟ ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଣେ ଫାର୍ମାସିଷ୍ଟ ଓ ଜଣେ ଆୟୁର୍ବେଦ ଡାକ୍ତରଙ୍କୁ ନେଇ ଚାଲିଛି ହଜାର ହଜାର ଲୋକ ନିର୍ଭର କରୁଥିବା



ଏହି ଡାକ୍ତରଖାନା। ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ଠିକ୍ ସମୟରେ ଡାକ୍ତରଖାନାକୁ ଆସୁ ନ ଥିବା ପରିଲକ୍ଷିତ ହେଉଛି। କିଏ ୧୦ଟାରେ ଆସି ୧୧ଟାରେ ପଳାଉଛି ତ କିଏ ପୁଣି ୧୨ଟା ବେଳେ ପହଞ୍ଚୁଛି। ଆମ୍ବୁଲାନ୍ସ ଅଭାବରୁ ବହୁ ସମୟରେ ଗୁରୁତର ରୋଗୀମାନେ ସେବାରୁ ବଞ୍ଚିତ ହେଉଛନ୍ତି। ସମସ୍ତ କ୍ଷେତ୍ରରେ ବାଗଡିଆ ପଞ୍ଚାୟତବାସୀ ପ୍ରତାରିତ ହେଉଥିବା ବେଳେ ଏବେ ରୋଗରେ ପୀଡ଼ିତ ହେଲେ ଭଗବାନଙ୍କ ଭରସାରେ ହାତ ଟେକି ଦେଇଛନ୍ତି। ତୁରନ୍ତ ବାଗଡିଆ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତ ନ ହେଲେ ଜନ ଆନ୍ଦୋଳନ କରାଯିବ ବୋଲି ପଞ୍ଚାୟତର ବୁଦ୍ଧିଜୀବୀ ତଥା ଜନସାଧାରଣ ଚେତାବନୀ ଦେଇଛନ୍ତି।

# ରାଷ୍ଟ୍ରପତି ଭବନରୁ ଲଳିତଙ୍କୁ ଆସିଲା ଡାକରା

## ● ସ୍ୱାଧୀନତା ଦିବସରେ ଅଭିଭାଷଣ ରଖିବେ



ନୀଳଗିରି, ୨।୮ (ସମିସ): ନୀଳଗିରି ବ୍ଲକ ଜାମୁଡିହାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରଶଂସାର ପାତ୍ର ପାଲଟିଛନ୍ତି ଲଳିତ ରାଉତ। ବାଲେଶ୍ୱର ବାଲିଆ ଅଞ୍ଚଳର ମା' ରଶ୍ମିତା ଦାସଙ୍କ ପୁତ୍ର ଲଳିତ କୁମାର ରାଉତ ଜାମୁଡିହାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ଅଟନ୍ତି। ଆସନ୍ତା ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତି ଭବନରେ ଉଦ୍‌ବୋଧନ ଦେବା ପାଇଁ ତାଙ୍କୁ ଡାକରା ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୨୦୨୩ ମସିହାରେ ପ୍ରତ୍ୟେକ ବିଦ୍ୟାଳୟରେ ବକ୍ତୃତା, ଚିତ୍ରାଙ୍କନ, ରଚନା ଲିଖନ ଆଦି ପରୀକ୍ଷା ମାନ ଆୟୋଜିତ ହୋଇଥିଲା। ଯେଉଁ ପ୍ରତିଯୋଗିତାରେ ଲଳିତ ପ୍ରଥମେ ସ୍କୁଲ ସ୍ତରରୁ ଯୋଗ୍ୟ ବିବେଚିତ ହୋଇ ପରେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିଥିଲେ। ୨୦୨୪ ମସିହାରେ ଗୁଜରାଟରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ସେ ସୁନ୍ଦର ପ୍ରଦର୍ଶନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଫଳରେ ଆଗାମୀ ସ୍ୱାଧୀନତା ଦିବସରେ ସେଠାରେ ନିଜ ଅନୁଭୂତି ପ୍ରଦାନ କରିବା ସହ ଉପସ୍ଥିତ ଅତିଥିଙ୍କୁ ଉଦବୋଧନ ଦେବା ପାଇଁ ରାଷ୍ଟ୍ରପତି ଭବନରୁ ତାଙ୍କୁ ଡାକରା ଆସିଛି। ଜିଲ୍ଲା ପ୍ରତିଯୋଗିତାର ଗୋଟିଏ ଦିନ ପୂର୍ବରୁ ମୁଁ ପ୍ରତିଯୋଗିତାକୁ ଯାଉଛି ବୋଲି ମତେ ପ୍ରିନ୍ସିପାଲ କହିଥିଲେ ଏବଂ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ମୋ ପରିବାରର ସହଯୋଗ ସହିତ ଭଗବାନଙ୍କ ଆର୍ଶିବାଦ ପାଇ ମୁଁ ଭଲ ପ୍ରଦର୍ଶନ କରିପାରିଥିଲି। କେବେ ଭାବିନଥିଲେ ରାଷ୍ଟ୍ରପତି ଭବନରୁ ଡାକରା ଆସିବ ବୋଲି। ସେଠାରେ ଯାଇ ନିଜର ଅନୁଭୂତି ପ୍ରଦାନ କରିବା ସହ କିଛି ଅଭିଭାଷଣ ଦେବାକୁ ଥିବାରୁ ସେଥିପାଇଁ ମୁଁ ବହୁତ ଖୁସି ଓ ଉତ୍ସାହିତ ଅଛି ବୋଲି ଲଳିତ କହିଛନ୍ତି।

# ଭଗବତୀମାତା ଉଚ୍ଚ ବିଦ୍ୟାପୀଠରେ ଶିକ୍ଷକ ମରୁଡି




ଜଳେଶ୍ୱର,୨।୮ (ସମିସ): ଶିକ୍ଷାଦାନର ମାନ ବୃଦ୍ଧି ନେଇ ବିଭିନ୍ନ ସମୟରେ ବିଭିନ୍ନପ୍ରକାରର ଯୋଜନା ପ୍ରସ୍ତୁତ କରାଯାଇଛି। ହେଲେ ଏପରି କିଛି ବିଦ୍ୟାଳୟ ରହିଛି ଯେଉଁଠାରେ ଶିକ୍ଷାର୍ଥୀଙ୍କ ଲାଗି ଶିକ୍ଷକ ନାହାନ୍ତି। ଏପରି ଏକ ବିଦ୍ୟାଳୟ ରହିଛି ବର୍ଡନା ପଞ୍ଚାୟତର କସିଦା ଗାଁରେ ଥିବା ଭଗବତୀ ମାତା ଉଚ୍ଚ ବିଦ୍ୟାପୀଠ। ଏଠାରୁ ଶିକ୍ଷାଲାଭ କରି ଛାତ୍ରଛାତ୍ରୀମାନେ ବିଭିନ୍ନ ପଦପଦବୀରେ ରହିଥିବାବେଳେ ଏବେ କିନ୍ତୁ ଶିକ୍ଷକ ଅଭାବରୁ ବିଦ୍ୟାଳୟଟି ଶ୍ରୀହୀନ ହୋଇ ପଡିଛି। ୭୨ଜଣ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ମଧ୍ୟ ଅନ୍ଧାରରେ ରହିଛି। ୯ମ ଓ ୧୦ମ ଶ୍ରେଣୀଲାଗି ଏହି ବିଦ୍ୟାଳୟରେ ୮ଜଣ ଶିକ୍ଷକ ରହିବାର ନିୟମ ଥିବା ବେଳେ ଏବେ ମାତ୍ର ୨ଜଣ ଶିକ୍ଷକରେ ଚାଲିଛି ଶିକ୍ଷାଦାନ। ଜଣେ ବିଜ୍ଞାନ ଶିକ୍ଷକ ଓ ଅନ୍ୟ ଜଣକ ହେଉଛନ୍ତି କଳା ଶିକ୍ଷକ। ନିକଟରେ କଳା ତଥା ପ୍ରଧାନଶିକ୍ଷକ ରାମଚନ୍ଦ୍ର ପ୍ରଧାନ ଅବସର ନେବାର ରହିଛି। ଏପରିସ୍ଥଳେ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବେ କିପରି ବୋଲି ଅଭିଭାବକମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଏକମାସ ପରେ ଜଣେ ଶିକ୍ଷକରେ ବିଦ୍ୟାଳୟ ଚଳାଇବା ଅସମ୍ଭବ ବୋଲି ସ୍ଥାନୀୟ ନେତୃବୃନ୍ଦମାନେ କହିଛନ୍ତି। ସେହିପରି ବାଇଗଣବାଡିଆ, ରାୟାଁରାମଚନ୍ଦ୍ରପୁର, ଓଳିଦା, ମ୍ୟୁନିସିପାଲଟିର ଫଟୁଘଣ୍ଟା, ଚନ୍ଦ୍ରପୁର, କୁଆଁରପୁର ପ୍ରଭୃତି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ମରୁଡି ଦେଖାଦେଇଛି। ଏ ସମସ୍ତ ବିଦ୍ୟାଳୟ ସହିତ ଦେବକୁମାର, ସରସୀଦା, ଜୁକାପାଟଣା ଉଚ୍ଚ ବିଦ୍ୟାଳୟକୁ ନେଇ ନିୟୁ ଏଡେଡ୍ ବିଦ୍ୟାଳୟମାନଙ୍କରେ ଅବସର ନେଉଥିବା ଶିକ୍ଷକମାନଙ୍କ ସ୍ଥାନରେ ନୂତନ ନିଯୁକ୍ତି ହେଉ ନ ଥିବାରୁ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଖୁବ୍‌ଶୀଘ୍ର ଶିକ୍ଷକ ନିଯୁକ୍ତି କରାଯିବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

କାଳିପଦା, ୨।୮ (ସମିସ): ଆଦର୍ଶ ଶିକ୍ଷକ ରଞ୍ଜନ କୁମାର ପଣ୍ଡାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଶନିବାର କାଉମାରୀ ନରସିଂହ ସହଯୋଗ ସରକାରୀ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଅନାଦି କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ ସନ୍ଦୀପ କୁମାର ଚାନ୍ଦ, ମୁଖ୍ୟବକ୍ତା ଭାବରେ ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନେତା ହଳଧର ପଣ୍ଡା, ସୁଧାସିନ୍ଧୁ ସାହୁ, ଆଦିତ୍ୟ କୁମାର ରାଉତ, ଶମ୍ଭୁନାଥ ସାହୁ, ବସନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ବିଦାୟୀ ଶ୍ରୀ ପଣ୍ଡାଙ୍କ ଆଦର୍ଶ ବୃତ୍ତିଗତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ପଣ୍ଡା ଶିକ୍ଷକ ଜାତିର ଗୌରବ ବୋଲି ମଧ୍ୟ ଅତିଥିମାନେ କହିଥିଲେ। ଅନୁଷ୍ଠାନ ପକ୍ଷରୁ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ଉପଢୌକନ, ପୁରସ୍କାର ଆଦି ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ସଲିଳ କୁମାର ଆଚାର୍ଯ୍ୟ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମାୟାଧର ପରିଡା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଚନ୍ଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱର ଜଳସେଚନ ବିଭାଗରେ ଅଜବ ଚିତ୍ର

# ବଦଳି ସତ୍ତ୍ୱେ ଚୌକି ଛାଡୁନାହାନ୍ତି ବାବୁ

ବାଲେଶ୍ୱର,୨।୮ (ସମିସ)



● ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ଅଧୀକ୍ଷଣ ଯନ୍ତ୍ରୀ

● ନୂଆ ଅଧିକାରୀ କିରାଣି ପ୍ରକୋଷ୍ଠରେ ବସି ଘରକୁ ଫେରୁଛନ୍ତି

ବାଲେଶ୍ୱର ଜଳସେଚନ ବିଭାଗରେ ଦେଖିବାକୁ ମିଳିଛି ଏକ ଅଜବ ନିତି। ଗୋଟିଏ ଚେୟାର ପାଇଁ ଏବେ ଦୁଇ ଦୁଇ ଜଣ ବାବୁ। ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାବେ ନବ କୁମାର ମହାଲିକ ଥିବାବେଳେ ଗତ ମାସ ୨୩ତାରିଖରେ ତାଙ୍କର ବଦଳି ହୋଇଥିଲା ଡ୍ରେନେଜ ବିଭାଗକୁ ଏବଂ ସେହି ଡ୍ରେନେଜ ବିଭାଗର ମୁଖ୍ୟ ବିକ୍ରମ କେଶରୀ ମଲ୍ଲିକଙ୍କ ଜଳସେଚନ ବିଭାଗକୁ ଅଧୀକ୍ଷଣ ଯନ୍ତ୍ରୀ ଭାବେ ବଦଳି ହୋଇଥିଲା। ହେଲେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ନୂତନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରୁନଥିବାରୁ ସେ ବାଧ୍ୟ ହୋଇ ଜଳସେଚନ ବିଭାଗର କିରାଣିଙ୍କ ରୁମରେ ବସି ବସି ଘରକୁ ଫେରୁଥିବାର ଏବେ ଆଲୋଚନାର ବିଷୟ ପାଲଟିଛି।

ବାଲେଶ୍ୱର ସହର ଆଇଟିଆଇ ଛକଠାରେ ରହିଛି ଜଳସେଚନ ବିଭାଗ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟରେ ପୂର୍ବରୁ ଅଧୀକ୍ଷର ଯନ୍ତ୍ରୀ(ଏସଇ) ଭାବେ ନବ କୁମାର ମହାଲିକ କାର୍ଯ୍ୟରତ ଥିଲେ। ତାଙ୍କର ଗତମାସ ୨୩ ତାରିଖରେ ସେଠାରୁ ଡ୍ରେନେଜ ବିଭାଗକୁ ବଦଳି ହୋଇଥିଲା ଏବଂ ତାଙ୍କ ସ୍ଥାନରେ ଡ୍ରେନେଜ ବିଭାଗର ମୁଖ୍ୟ ବିକ୍ରମ କେଶରୀ ମଲ୍ଲିକଙ୍କ ବଦଳି ହୋଇଥିଲା। ଗତ ମାସ ୨୪ତାରିଖରେ ଶ୍ରୀ ମଲ୍ଲିକ ଡ୍ରେନେଜ ବିଭାଗରୁ ରିଲିଭ ହୋଇ ଜଳସେଚନ ବିଭାଗକୁ ୨୫ତାରିଖରେ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲେ। ହେଲେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ମହାଲିକ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନଥିଲେ। ଫଳରେ ସେ ଦୀର୍ଘ ୧୦ଦିନ ହେବ ଜଳସେଚନ ବିଭାଗ ଅଫିସ ଆସି କିରାଣୀଙ୍କ ରୁମରେ ବସି ବସି ଫେରୁଛନ୍ତି। ଅନ୍ୟପଟେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ବଦଳି ହେବା ପରେ ନିଜର ଚୌକି ଛାଡିବା ପରିବର୍ତ୍ତେ ଚାମ୍ବରରେ ତାଲା ପକାଇ ବାହାରକୁ ପଳାଇଯାଉଛନ୍ତି। ଏପରିକି ନୂଆ ନିଯୁକ୍ତି ପାଇଥିବା ଶ୍ରୀ ମଲ୍ଲିକ ଅଫିସରେ ନିଜ କାର୍ଯ୍ୟ କରି ପାରୁ ନାହାନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ବାଲେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର ଅଭିଯୋଗ ମଧ୍ୟ ଆସୁଛି। ଏହାରି ମଧ୍ୟରେ ଜଳସେଚନର ବିଭାଗର ଏଭଳି ଘଟଣା ଏବେ ସବୁଆଡେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଜଳସେଚନ ବିଭାଗର ନୂତନ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିବା ଶ୍ରୀ ମଲ୍ଲିକ କହିଛନ୍ତି ଯେ, ସେ ଡ୍ରେନେଜ ବିଭାଗରେ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଗତମାସ ୨୩ତାରିଖରେ ତାଙ୍କର ଜଳସେଚନ ବିଭାଗର ଯନ୍ତ୍ରୀ ଭାବେ ବଦଳି ହୋଇଥିଲା। ତେବେ ଏହି ବଦଳି ଆଦେଶରେ ସେ ଗତ ମାସ ୨୪ତାରିଖରୁ ଡ୍ରେନେଜ ବିଭାଗର ତାଙ୍କ କାର୍ଯ୍ୟରୁ ରିଲିଭ ହୋଇ ୨୫ତାରିଖରେ ଜଳସେଚନ ବିଭାଗରେ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲେ। ହେଲେ ଏଠାରେ କାର୍ଯ୍ୟରତ ଥିବା ଯନ୍ତ୍ରୀ ଶ୍ରୀ ମହାଲିକ ତାଙ୍କୁ ଦାୟିତ୍ୱ ହସାନ୍ତର କରିନଥିଲେ। ଏପରିକି ତାଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବାହାରକୁ ପଳାଇଯାଉଛନ୍ତି। ପଚାରିଲେ କୋର୍ଟ ମ୍ୟାଟର ରହିଛି କହି ଖସିଯାଉଛନ୍ତି। ବାଧ୍ୟ ହୋଇ ଶ୍ରୀ ମଲ୍ଲିକ ଉକ୍ତ ଅଫିସର କିରାଣୀଙ୍କ ରୁମରେ ବସି ଫେରିଯାଉଛନ୍ତି। ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ଅପରପକ୍ଷେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ମହାଲିକଙ୍କୁ ଯୋଗାଯୋଗ କରିବାରୁ ଏହା କୋର୍ଟରେ ବିଚାର ବିଭାଗ ଅଧୀନରେ ରହିଥିବା କହି ଏଡାଇ ଯାଇଛନ୍ତି। ଅନ୍ୟପଟେ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ସୁଶାନ୍ତ ପଲେଇ କହିଛନ୍ତି ଯେ ଚାବି ପୂର୍ବରୁ ଅଫିସରେ ରହୁଥିଲା। ନୂଆ ଅଧୀକ୍ଷଣ ଯନ୍ତ୍ରୀ ଆସିବା ପର ଠାରୁ ଚାବି ସେ ସାଙ୍ଗରେ ନେଇ ଯାଉଥିବା କହିଛନ୍ତି। ଅନ୍ୟପଟେ ପୁରୁଣା ଯନ୍ତ୍ରୀ ଶ୍ରୀ ମହାଲିକ ତାଙ୍କ ବଦଳି ଉପରେ ଏକମାସ ପାଇଁ କୋର୍ଟରୁ ରହିତାଦେଶ ଆଣିଛନ୍ତି। ଘଟଣାକୁ ୧୦ଦିନ ବିତିଯାଇଥିଲେ ସୁଦ୍ଧା ଜିଲ୍ଲାପାଳ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ଗୋଟିଏ ଅଫିସରେ ଦୁଇ ଜଣ ଅଧିକାରୀଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କେବେ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଉତ୍ତର ବାଲେଶ୍ୱରର ବନ୍ୟାଞ୍ଚଳରେ କୌଣସି କାର୍ଯ୍ୟ ହୋଇପାରୁନି

ଉତ୍ତର ବାଲେଶ୍ୱରରେ ବନ୍ୟା ପରିସ୍ଥିତି ଗମ୍ଭୀର ଥିବାରୁ ଗତ ୨୩/୭/୨୫ରେ ଜଳସମ୍ପଦ ବିଭାଗର ଚିଠି ନଂ ୨୦୨୭୬ରେ ଇଂ ବିକ୍ରମ କେଶରୀ ମଲ୍ଲିକଙ୍କୁ ବାଲେଶ୍ୱର ଜଳସେଚନ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ମିଳିଥିଲା। ସେଠାରେ ଥିବା ନବକୁମାର ମଲ୍ଲିକଙ୍କୁ ବାଲେଶ୍ୱରସ୍ଥିତ ଡ୍ରେନେଜ୍ ବିଭାଗକୁ ବଦଳି କରାଯାଇଥିଲା। କିନ୍ତୁ ଏ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବାରୁ ସୁବର୍ଣ୍ଣରେଖା ଓ ଜଳକା ବନ୍ୟାରେ କ୍ଷତିଗ୍ରସ୍ତ ଜଳେଶ୍ୱର, ବାଲିଆପାଳ, ଭୋଗରାଇ, ବସ୍ତା ଅଞ୍ଚଳର ବିଭିନ୍ନ କାର୍ଯ୍ୟ ହୋଇପାରୁନାହିଁ। ବିଭିନ୍ନ ସ୍ଥାନରେ ବାଲିବସ୍ତା ପକାଇବା, ଗୁଆଶୋଳ, ଚିଟେଇ ମହାନାଳରେ ଥିବା ସ୍ଲୁଇସ୍ ଗେଟ ଗୁଡିକ ମରାମତି କିମ୍ବା କାର୍ଯ୍ୟକ୍ଷମ କରାଯାଇପାରିନାହିଁ। ଫଳରେ ଅବସ୍ଥା ଜଟିଳ ହୋଇ ପଡିଛି। ଭୁଆ ବନ୍ଧରେ ଥିବା ସ୍ଲୁଇସ୍ ମରାମତି ଓ ନାଳ ଗୁଡିକରୁ ବିଲାତି ଦଳ ସଫେଇ ହୋଇନଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଠିକ୍ ଏତିକିବେଳେ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପଦବୀ ନେଇ ବଳ କଷାକଷି ଆରମ୍ଭ ହୋଇଛି। ଜଣେ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ବନ୍ୟାଅଞ୍ଚଳ ପ୍ରତି ସଚେତନ ଥାଇ ତାଙ୍କ କାର୍ଯ୍ୟାଳୟ ବାହାରେ ବସି ଦୁର୍ଗତଙ୍କ ଲାଗି ବ୍ୟସ୍ତ ରହୁଥିବା ବେଳେ ଅନ୍ୟଜଣେ କାର୍ଯ୍ୟାଳୟରେ ତାଲା ପକାଇ ଅନ୍ୟତ୍ର ରହୁଛନ୍ତି। ଫଳରେ ବନ୍ୟାବେଳେ ଓ ପରେ ଦୁର୍ଗତ ଅଞ୍ଚଳରେ ନଦୀବନ୍ଧ ସୁରକ୍ଷା, ସ୍ଲୁଇସ୍ ଗୁଡିକର ତଦାରଖ ଓ ମରାମତି କାର୍ଯ୍ୟ ହୋଇ ପାରୁନାହିଁ।

# ଝୋଟ କାରଖାନା ଶ୍ରମିକ ସଙ୍ଘ ପକ୍ଷରୁ ଅରୁଣ ଦେ'ଙ୍କୁ ଶ୍ରଦ୍ଧାଞ୍ଜଳି

ରୂପସା,୨।୮ (ସମିସ): ରୂପସା ଝୋଟ କାରଖାନା ଶ୍ରମିକ ସଙ୍ଘ ପକ୍ଷରୁ ପୂର୍ବତନ ବିଧାୟକ ତଥା ଶ୍ରମିକ ସଂଘର ସଭାପତି ସ୍ୱର୍ଗତ ଅରୁଣ ଦେଙ୍କ ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧ ଦିବସ ଶନିବାର ସଙ୍ଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସ୍ମୃତିସଭାରେ ସଂଘର ସଭାପତି ଆଇନଜୀବୀ ଶାନ୍ତନୁ କୁମାର ଦାସ ଅଧ୍ୟକ୍ଷତା କରି ସ୍ୱର୍ଗତ ଦାଦା ବାଲେଶ୍ୱର ମାଟିର ବରପୁତ୍ର ଓ ସାଧାରଣ ଲୋକଙ୍କ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି କାରଖାନା ପରିଚାଳକ ସଞ୍ଜୟ କୁମାର ସାହୁ, କାରଖାନା ଇନଚାର୍ଜ ସୁରେନ୍ଦ୍ର କୁମାର ବେହେରା, ପୂର୍ବତନ ଜିଲା ବାଞ୍ଛାନିଧି ଦେ,କାରଖାନାର କୋଷାଧକ୍ଷ ଅରୂପ ଖାନ ପ୍ରମୁଖ ଯୋଗ ଦେଇ ଶ୍ରମିକ ନେତା ଅରୁଣ ଦେ ରାଜ୍ୟ ରାଜନୀତିରେ ଜଣେ ଆଦର୍ଶ ଜନନେତା ଥିଲେ ବୋଲି ବକ୍ତବ୍ୟରେ କହିଥିଲେ । ସଂଘର ସାଧାରଣ ସମ୍ପାଦକ ରଜନୀକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ରଘୁନାଥ ସାହୁ, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର, ପୂର୍ବତନ ସମ୍ପାଦକ ଦୀପକ କୁମାର ପଣ୍ଡା, ନିମନ୍ତ୍ରିତ ସଂଗଠକ ରାଜେଶ କୁମାର ଗିରି, ସଂଗଠନ ସମ୍ପାଦକ ସନାତନ ପ୍ରଧାନ, ତପନ ସାହୁ, ରାଜେନ୍ଦ୍ର ଦାସ ଓ ନିରଞ୍ଜନ ଦାସ, ସହ ସମ୍ପାଦକ ଜଗନ୍ନାଥ



ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ସଞ୍ଜୟ ସେଠୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର,ସାମ୍ବାଦିକ ନାୟକ, ମନୋରଞ୍ଜନ ସିଂହ, ପ୍ରଦୀପ ଜେନା ଓ ସୁକୁମାର ବାରିକଙ୍କ ସମେତ ଇସି କମିଟି ସଭ୍ୟ ଯୋଗ ଦେଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା





ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨।୮ (ସମିସ): ଜଳେଶ୍ୱରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧାରଂଜନ ବାଗ ଅତିଥି ପରିଚୟ ଓ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତି, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସଭାପତି ଶଶିକାନ୍ତ ପ୍ରଧାନ, ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର, ଉପସଭାପତି ରାଜେନ୍ଦ୍ର କୁମାର ଦତ୍ତ, ସଂପାଦକ ଗିରୀଶ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଗୁରୁଜୀ ଉମା ଶଙ୍କର ପାଳ ଧନ୍ୟବାଦ ଅର୍ପଣ କରି ଥିଲେ। ଉକ୍ତ ଜ୍ଞାନ ବିଜ୍ଞାନ ମେଳା ମୋଟ ୨୫୦ଜଣ ଶିଶୁ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ମୋଟ ଗଣିତ ଓ ବିଜ୍ଞାନ ପ୍ରକଳ୍ପ ମିଶି ୬୫ଟି ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ମୁରଲୀ ମୋହନ ପ୍ରଧାନ, ସଞ୍ଜୟ ବିହାରୀ ପ୍ରଧାନ, ଦେବୀ ଦତ୍ତ ବାରିକ, ରଜନୀକାନ୍ତ ପ୍ରମାଣିକ ଓ ସତ୍ୟ ରଞ୍ଜନ ସାହୁ ପ୍ରମୁଖ ବରିଷ୍ଠ ବିଜ୍ଞାନ ଶିକ୍ଷକ ମାନେ ଯୋଗ ଦେଇଥିଲେ। ସର୍ବଶେଷରେ ଶିକ୍ଷା ବର୍ଷ (୨୦୨୪-୨୫)ର କ୍ଷେତ୍ରସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାର ଦ୍ୱିତୀୟ ସ୍ଥାନ ହାସଲ କରି ଓଡ଼ିଶା ତଥା ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ଛାତ୍ର ସୌଭାଗ୍ୟ ସୁନ୍ଦର ହରିଚନ୍ଦନ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଝାଡେଶ୍ୱର ଦାସ, ଦେବୀରାଣୀ ଦାସମହାପାତ୍ର, ରଣଜିତ ସାହୁ, ସୁଧାଂଶୁ ଶେଖର ଦାସ ମହାପାତ୍ର, ଅଜିତ କୁମାର ପଣ୍ଡା, ଅନନ୍ତ ଭୂୟାଁ, ଶୁଭ୍ରାଂଶୁ କୁମାର ମହାନ୍ତି, ମମତାରାଣୀ ଦାସ, ଜ୍ୟୋତିର୍ମୟ ମିଶ୍ର, ଲିପ୍ସିତା ବେହେରା, ସଂଗୀତା ଶତପଥୀ, ସୁଚିସ୍ମିତା ଗନ୍ତାୟତ, ଜ୍ୟୋତିର୍ମୟ ପଣ୍ଡା ପ୍ରମୁଖ ଗୁରୁଜୀ ଓ ଗୁରୁମା ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସାପ୍ତାହିକ କବିତା ପାଠୋତ୍ସବ

ବାଲେଶ୍ୱର,୨।୮ (ସମିସ): ଶନିବାର ଦିନ ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ସାପ୍ତାହିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ସଂଯୋଜନା କରିବା ସହିତ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ଉତ୍ସବରେ ଜ୍ୟୋତ୍ସ୍ନା ରାୟ, ଜୁମର୍ ନାଥ ପାତ୍ର, ମଧୁସୂଦନ ମାଝୀ, ଦେବାଶିଷ ସିଂ, ତ୍ରିନାଥ ନନ୍ଦୀ, ତୃପ୍ତିରାଣୀ ପାତ୍ର, ମମତା ଦାସ, ବାସନ୍ତୀ ଦେ, ପୁଷ୍ପ ଲତା ଚକ୍ରବର୍ତ୍ତୀ, ଶାନ୍ତି ଲତା ପଣ୍ଡା, ଦିଲ୍ଲୀପ ଚକ୍ରବର୍ତ୍ତୀ ତଥା କବି/କବୀ ମାନେ ସ୍ୱରଚିତ କବିତା ପାଠ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆଜିର ପୁସ୍ତକ ବିଜେତା ପୁଷ୍ପ ଲତା ଚକ୍ରବର୍ତ୍ତୀ ଏବଂ ଶାନ୍ତି ଲତା ପଣ୍ଡା ହୋଇଥିଲେ।

# ୭୯ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ନୀଳଗିରି, ୨।୮ (ସମିସ)




ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିଗତବର୍ଷର ବିବରଣୀ ପାଠ ପୂର୍ବକ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ପ୍ରତ୍ୟୁଷ ୪ ଘଟିକା ସମୟରେ ସହରାଞ୍ଚଳରେ ଡ଼ାକବାଜି ଯନ୍ତ୍ର ଯୋଗେ ରାମଧୂନ ପ୍ରଚାର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନୀଳଗିରି ଉପଖଣ୍ଡ ସଦର ମହକୁମାରେ ମଧ୍ୟ ଉଭୟ ସରକାରୀ/ବେସରକାରୀ ଶିକ୍ଷାନୁଷ୍ଠାନ, ବିଭିନ୍ନ ଅନୁଷ୍ଠାନ,ପ୍ରତିଷ୍ଠାନ ଏବଂ ବାସଗୃହମାନଙ୍କରେ ସକାଳ ୭.୩୦ ଘଟିକା ମଧ୍ୟରେ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନୀଳଗିରି ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରଛାତ୍ରୀ ପ୍ରଭାତ ଫେରିରେ ନିଜ ଅନୁଷ୍ଠାନରୁ ବାହାରି ଦେଶାତ୍ମବୋଧକ ସଙ୍ଗୀତ, ଜାତୀୟତା ବୋଧର ସ୍ଲୋଗାନ (ନାରା) ଦେଇ ଜାତୀୟ ଉତ୍ସବ ପାଳନ ସ୍ଥଳରେ ସମ୍ମିଳିତ ହେବେ। ଏହି ଜାତୀୟ ଦିବସ ପାଳନର ଦିବସବ୍ୟାପି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସ୍ଥାନୀୟ ଉପଜିଲ୍ଲାପାଳ ଯୋଗଦେଇ ପୂର୍ବାହ୍ନ ୯.୧୫ ମି.ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ ପରିଦର୍ଶନ ଏବଂ ସମବେତ ଜନତାଙ୍କୁ ଉଦବୋଧନ ଦେବେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଗଲା। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ/ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ୪ଗୋଟି ସ୍ତରରେ ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ, ତର୍କ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିବା ସହିତ ଉପଖଣ୍ଡ ସ୍ତରରେ ୨୦୨୪-୨୫ ବାର୍ଷିକ ପରୀକ୍ଷାରେ ମାଧମିକ, ଉଚ୍ଚ ମାଧ୍ୟମିକ, ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଳକ/ବାଳିକା, ଆଇଟିଡିଏ, ନୀଳଗିରି ତରଫରୁ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଜଣେ ବାଳକ/ବାଳିକାଙ୍କୁ, ସେହିପରି ଉଭୟ ନୀଳଗିରି/ଔପଦା ବ୍ଲକରୁ ଅଙ୍ଗନୱାଡ଼ି କର୍ମୀ,ଆଶା, ଏନ୍.ଏ.ଏମ., ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ଶ୍ରେଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀ, ଶ୍ରେଷ୍ଠ କୃଷକ ସମେତ ଉପଖଣ୍ଡର ସର୍ବଶ୍ରେଷ୍ଠ ପ୍ରତିଭାବାନ ବ୍ୟକ୍ତିଙ୍କୁ ମଧ୍ୟ ମୁଖ୍ୟଅତିଥି ପୁରସ୍କୃତ କରିବେ। ପରେଡରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଦଳଙ୍କୁ ରନିଙ୍ଗ ସିଲଡ, କପ ଏବଂ ଟ୍ରଫି ପ୍ରଦାନକରି ପୁରସ୍କୃତ କରିବାପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଅଛି। ଏହି ଜାତୀୟଦିବସ ପ୍ରସ୍ତୁତି ବୈଠକରେ ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡା, ତହସିଲଦାର ସୋନମ୍ ଦାସ, ସହକାରୀ ଜିଲ୍ଲାପାଳ ପ୍ରଦୀପ କୁମାର ଦାସ, ଏନ୍.ଏ. ସି. କାର୍ଯ୍ୟନିର୍ବାହୀ ଅଧକ୍ଷ ମହେନ୍ଦ୍ରନାଥ ବେହେରାଙ୍କ ସହିତ ନୀଳଗିରିର ବହୁ ବୁଦ୍ଧିଜୀବୀ, ସମାଜସେବୀ, ଆଇନଜୀବୀ, ବିଭିନ୍ନ ବିଦ୍ୟାଳୟ/ମହାବିଦ୍ୟାଳୟର କର୍ମକର୍ତ୍ତା, ଲୋକ ପ୍ରତିନିଧି,ବିଭିନ୍ନ ବିଭାଗୀୟ ପଦାଧିକାରୀ ଏବଂ ଗଣମାଧମର ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରି ଥିବାରୁ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ମାତ୍ର ଉକ୍ତ ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗୀୟ ପଦାଧିକାରୀଙ୍କ ଉପସ୍ଥିତି ଦେଖିବାକୁ ମିଳିନଥିବା ବେଳେ ପ୍ରସ୍ତୁତି ବୈଠକର ଆବାହକ ତଥା ପାଳନ କମିଟିର ସଭାପତି ଭାରାପ୍ରାପ୍ତ ଉପଜିଲ୍ଲାପାଳ ଡ. ମଧୁମିତା ସାମନ୍ତରାୟ ବିଳମ୍ବରେ ପହଞ୍ଚିଥିବା ବେଳେ ଏଥିପାଇଁ ଦୁଃଖପ୍ରକାଶ କରିଥିଲେ। ଏପରିକି ଏହି ବୈଠକର ଅଧିକାଂଶ ଚେୟାର ଫାଙ୍କା ପଡିଥିବା ଦେଖିବାକୁ ମିଳିଥିଲା।

# ସରକାରୀ ସହାୟତାରୁ ବଞ୍ଚିତ କବିତା ପ୍ରାଣ ମାହେଶ୍ୱରୀ ଗିରି






କାଳିପଦା, ୨।୮ (ସମିସ): କବିତା ଯାହାଙ୍କ ପ୍ରାଣ, କବିତାରେ ଯେ ତୋଳନ୍ତି ଅପୂର୍ବ ବ୍ୟଞ୍ଜନା, ଆଉ ସର୍ବହରାଙ୍କ ପାଇଁ ଯାହାଙ୍କ ମନ ଓ ହୃଦୟ ସଦା ବ୍ୟଥିତ ସେ ଆଉ କେହି ନୁହଁନ୍ତି ବାଲିଆପାଳ ବ୍ଲକ ପଞ୍ଚୁପାଲି ଗ୍ରାମର ଅବହେଳିତ କବୟିତ୍ରୀ ମାହେଶ୍ୱରୀ ଗିରି। ଜୀବନ ଓ ଜୀବିକାର ଉତଥାନ ପତନରେ ପେସି ହୋଇ ବଞ୍ଚିବାର ରାହା ଖୋଜୁଥିବା ମାହେଶ୍ୱରୀ କବିତା ଲେଖିବା ଛାଡିପାରି ନାହାଁନ୍ତି। କବିତା ଲେଖିବା ଯୋଗୁଁ ସେ ଚରମ ତୃପ୍ତି ଲାଭ କରନ୍ତି। ପୁଣି ତାକୁ ସ୍ୱର କରି ନିଜେ ଗାଇବା ଅଧିକ ତୃପ୍ତି ଦାୟକ ବୋଲି ସେ କହିଛନ୍ତି। ଛନ୍ଦ ଓ ଅଳଙ୍କାର ଯୁକ୍ତ କବିତା ଲେଖିବାରେ ମାହେଶ୍ୱରୀ ମାହିର ଅଟନ୍ତି। ପ୍ରତିଦିନ କିଛି କବିତା ନ ଲେଖିଲେ ତାଙ୍କୁ ଭଲ ଲାଗେ ନାହିଁ ବୋଲି ସେ କହିଛନ୍ତି। ଅପ ସଂସ୍କୃତି ଭାରତୀୟ ସଭ୍ୟତାର ବୁନିୟାଦି ଡାଞ୍ଚାକୁ ଏବେ ଦୋହଲାଇ ଦେଇଛି। ମଣିଷ ଭିତରେ ସାମାଜିକ ଦାୟିତ୍ୱବୋଧ ରହୁ ନାହିଁ। ମାହେଶ୍ୱରୀ କିନ୍ତୁ ସଂସ୍କୃତି ସମ୍ପନ୍ନ ଜଣେ ଦାୟିତ୍ୱବୋଧ ମହିଳା। ମହିଳା ମାନଙ୍କ ଅତ୍ୟାଧୁନିକତାକୁ ସେ ପସନ୍ଦ କରନ୍ତି ନାହିଁ। ଭାରତୀୟ ସଂସ୍କୃତି ଓ ସମାଜରେ ମହିଳା ସ୍ୱଧର୍ମ ସଂସ୍କାର ରକ୍ଷା କଲେ ସଦା ବନ୍ଦନୀୟ ହୋଇ ପାରିବ। ମାହେଶ୍ୱରୀ କବିତାରେ ଏକଥା ଦର୍ଶାଇଛନ୍ତି। କବିତା ପ୍ରାଣ ମାହେଶ୍ୱରୀ ପାରିବାରିକ ଜଞ୍ଜାଳ କେବେ ଖୋଲି କହନ୍ତିନି ଅନ୍ୟକୁ। ସେ ଜଣେ ଭିନ୍ନ କ୍ଷମ ମହିଳା। ଅନ୍ୟ ଉପରେ ନିର୍ଭୟଶୀଳ। ଭିନ୍ନକ୍ଷମ ଭତ୍ତା ଖଣ୍ଡିକ ହିଁ ତାଙ୍କର ସାହା। ଜୀବନ ସଂଗ୍ରାମରେ ସେ ହାରି ନ ଯାଇ ଦୃଢତାର ସହ ମୁକାବିଲା କରିଛନ୍ତି। ବହୁ କଷ୍ଟ ସ୍ୱୀକାର କରି ନିଜ ଭତ୍ତା ଟଙ୍କାରେ "କବିତା କୁସୁମ ମାଳା' ନାମରେ ଛପାଇଛନ୍ତି ଏକ ବହି। ବହିଟି ପାଠକୀୟ ଶ୍ରଦ୍ଧା ପାଇଛି, ଆଗକୁ ଯିବାକୁ ପ୍ରେରଣା ମଧ୍ୟ ମିଳିଛି ବୋଲି ମାହେଶ୍ୱରୀ କହିଛନ୍ତି। ନିଜ ପେଟକୁ କାଟି ସେଇ ପଇସାରେ ସାହିତ୍ୟ ସଭା ଓ ସମିତିକୁ ଯାଆନ୍ତି ମାହେଶ୍ୱରୀ। ସାହିତ୍ୟ ପ୍ରାଣ ମଣିଷ ମାନଙ୍କୁ ଦେଖିଲେ ତାଙ୍କ ମନ ଓ ହୃଦୟ ଗଦ ଗଦ ହୋଇଯାଏ। ନିଜ ଦୁଃଖକୁ ପାସୋରି ଭାବ ପ୍ରବଣତାର ସ୍ୱପ୍ନ ରେ ସେ ବିଭୋର ହୋଇ ଯାଆନ୍ତି। ପ୍ରତି ସାହିତ୍ୟ ଓ କବିତା ସଭାରେ ସ୍ୱରଚିତ ଗୀତି କବିତା ଆବୃତ୍ତି କରି ଜନତାଙ୍କୁ ସେ ମୁଗ୍ଧ କରି ଦିଅନ୍ତି। ତେବେ ତାଙ୍କ ଦୁଃଖ ହେଉଛି ତାଙ୍କ ପ୍ରତି ସରକାରଙ୍କ ଉଦାସୀନତା। କଳାକାର ଭତ୍ତା ଓ ଆବାସ ଘର ଟିଏ ସରକାର ଏହି ବଣ ମାଳତୀକୁ ଯୋଗାଇ ଦେଲେ ଲେଖନୀ ତାଙ୍କର ଅଧିକ ଶାଣିତ ଓ ଅଧିକ ରୁଦ୍ଧିମନ୍ତ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲେଶ୍ୱର,୨।୮ (ସମିସ): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହ ଠାରେ ଯୁବପିଢିଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି



କାର୍ଯ୍ୟକ୍ରମରେ ଜିଲ୍ଲା ରାଜସ୍ୱ ଅଧିକାରୀ ସୀତାଂଶୁ ଶେଖର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜରୁରୀ କାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମ୍ଳାନ ନାୟକ, ଓଡ୍ରାଫ ଅଧିକାରୀ ସୁଶାନ୍ତ କୁମାର ପାତ୍ର ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ତୃତୀୟ ପର୍ଯ୍ୟାୟ ଅର୍ଥାତ ଆଜି ଠାରୁ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ୩୦ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ ଟିମ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ଦଳରେ ମୋଟ ୩ଶହ ଜଣ ଅଂଶ ଗ୍ରହଣକାରୀଙ୍କୁ ସ୍ଥାନୀୟ ବାଲେଶ୍ୱର ଓଡ୍ରାଫ ଟିମ୍ ପ୍ରଶିକ୍ଷଣ ଦେବେ। ବାଲେଶ୍ୱରରୁ ୨୦ଜଣିଆ ଓଡ୍ରାଫ ଟିମ ଜିଲ୍ଲାରେ ଏହି ପ୍ରଶିକ୍ଷଣ ପାଇଁ ଯୋଗ ଦେଇଛନ୍ତି। ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଫ୍‌ଏମ୍‌ୟୁରେ ସ୍ଥାପନ ହେବ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ୍

## ଇମାମି ପେପର ମିଲ୍ସ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ବାଲେଶ୍ୱର,୨।୮ (ସମିସ)



ସ୍ଥାପନ ହେବ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ। ସେଥିରୁ ସ୍ଥାନୀୟ ଗ୍ରାମ୍ୟ ଏବଂ ଛାତ୍ରୀମାନଙ୍କୁ ଯଥାର୍ଥ ଦରରେ ଗୁଣବତ୍ତାପୂର୍ଣ୍ଣ ସାନିଟାରୀ ପ୍ୟାଡ୍ ଉପଲବ୍ଧ କରାଯିବ। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏ ନେଇ ଆଜି ଇମାମି ପେପର ମିଲ୍ସ ଲିମିଟେଡ଼ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ରରେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଏକ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ୍ ଆରମ୍ଭ କରାଯିବା ନେଇ ସ୍ଥିରୀକୃତ ହୋଇଛି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବିଶ୍ୱବିଦ୍ୟାଳୟ ଓ ଇମାମି ପେପର ମିଲ୍ସ ଲିମିଟେଡର ଅଧିକାରୀମାନଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଏଥି ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ, ଇମାମି ପେପର ମିଲ୍ସ ଲିମିଟେଡର ଅଧିକାରୀମାନଙ୍କୁ ଏହି ଅଭିନବ ପଦକ୍ଷେପ ଗ୍ରହଣ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଚୟନ କରାଯାଇଥିବା ନେଇ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରକଳ୍ପ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ଷମ ହେବା ନେଇ ଖୁସିବ୍ୟକ୍ତ କରିଥିଲେ। ଇମାମି ପକ୍ଷରୁ ବରିଷ୍ଠ ଅଧକ୍ଷ ଆଶିଷ ଅବିନାଶ ଗୁପ୍ତା, ଡ. ୟୁସୁଫ ଅଲି ସୋଲଙ୍କି(ଜିଏମ୍-ମାନବ ସମ୍ବଳ) ଓ ଏଜିଏମ୍ ଏମ୍. କେ. ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କରବେହେରା ପ୍ରମୁଖ ଉପସ୍ଥିତ ହୋଇ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପର ସମନ୍ୱୟକ ଭାବେ ବିଶ୍ୱବିଦ୍ୟାଳୟ ଟିବିଆଇ ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାରହୀ ଓ ଟିବିଆଇରର ସିଓଓ ସୁନେନ୍ଦୁ ନାୟକ ନିଯୋଜିତ ରହିଛନ୍ତି। ଏହି ପ୍ରୟାସ ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି ରୂପେ ଗ୍ରହଣ କରାଯାଉଛି। ଏଥିରେ ସ୍ଥାନୀୟ ଗ୍ରାମ୍ୟ ଓ ଛାତ୍ରୀମାନଙ୍କୁ ଯଥାର୍ଥ ଦରରେ ଗୁଣବତ୍ତାପୂର୍ଣ୍ଣ ସାନିଟାରୀ ପ୍ୟାଡ୍ ଉପଲବ୍ଧ କରାଯିବାର ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କୁ ବ୍ୟବସାୟିକ ଓ ସାମାଜିକ ଦାୟିତ୍ୱ ନେଇ ପ୍ରାୟୋଗିକ ଅନୁଭବ ମିଳିବାର ଆଶାପୋଷଣ କରାଯାଇଛି। ଏହା ମହିଳା ଓ ଛାତ୍ରୀମାନଙ୍କୁ ସ୍ୱଚ୍ଛତା ସମ୍ପର୍କିତ ଆବଶ୍ୟକୀୟ ଉତ୍ପାଦରେ ସହଜ ପ୍ରବେଶ ଦେଇ ସଶକ୍ତ କରିବା ସହିତ ଗଢ଼ି ଉଠୁଥିବା ପିଢ଼ିକୁ ଦୀର୍ଘକାଳୀନ ଓ ସକାରାତ୍ମକ ପରିବର୍ତ୍ତନ ଆଣିବା ଦକ୍ଷତା ଦେବାକୁ ଲକ୍ଷ୍ୟ ରଖିଛି ବୋଲି ଡକ୍ଟର ୟୁସୁଫ ଅଲି ସୋଲାଙ୍କି ମତବ୍ୟକ୍ତ କରିଥିଲେ। ପ୍ରକଳ୍ପ କାର୍ଯ୍ୟକ୍ଷମ ନେଇ ଅନ୍ୟାନ୍ୟ ବିଷୟଗୁଡ଼ିକର ପର୍ଯ୍ୟବେକ୍ଷଣ ଅତିଶୀଘ୍ର ଶେଷ ହେବ ବୋଲି ପ୍ରଫେସର ପଙ୍କଜ କୁମାର ପାରହୀ ସୂଚୀତ କରିଥିଲେ।

# ସଂସ୍କୃତ ବିଦ୍ୟାର୍ଥୀଙ୍କୁ ନେଇ ଆଭାସୀ ବୈଠକ

ବାଲେଶ୍ୱର,୨।୮ (ସମିସ): ଓଡ଼ିଶାର ୪୩୧ଟି ଉଚ୍ଚ ବିଦ୍ୟାଳୟରେ ବାଧ୍ୟତାମୂଳକ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଭୋକେସନାଲ୍ ଶିକ୍ଷା ବା ଧନ୍ଦାମୂଳକ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ସରକାର ଚିଠି ପ୍ରକାଶ କରିଛନ୍ତି। ମାତ୍ର ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଭିତରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଭୋକେସନାଲ ଶିକ୍ଷାକୁ ଅଧିକ ଭଲ ପାଇବେ। କାରଣ ସେଥିରେ ପ୍ରାକ୍ଟିକାଲ୍ ରହୁଚି। ଫଳରେ ଆଦ୍ୟ ଭାଷା, ସଂସ୍କୃତ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଅନାଗ୍ରହ ମନୋଭାବ ଦେଖା ଦେବ ଓ ଓଡ଼ିଶାରେ ୪୩୧ଟି ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ପଦବୀ ଉଠି ଭୋକେସନାଲ ଶିକ୍ଷକ ନିଯୁକ୍ତି ହେବେ। ତେଣୁ ସରକାରଙ୍କ ଏ ପ୍ରକାର ନକାରାତ୍ମକ ଭାବନାକୁ ନିଖିଳ ଓଡ଼ିଶା ସଂସ୍କୃତ ଛାତ୍ର ମହସଂଘ ଦ୍ୱାରା ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଗଣଶିକ୍ଷା ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତୀୟ ଭାବନା ବଦଳାଇବା ପାଇଁ ଦାବି ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସଂସ୍କୃତ ବିଦ୍ୟାର୍ଥୀଙ୍କୁ ନେଇ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାର ସଂଯୋଜନା କରିଥିଲେ ମହାସଂଘର ଯୁଗ୍ମ ଆବାହକ ସାଧୁ ଅରୁପାନନ୍ଦ ଓ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଭୋଇ। ଏହି ବୈଠକରେ ମାର୍ଗଦର୍ଶକ ଭାବରେ ସଂସ୍କୃତ ପ୍ରାଧ୍ୟାପିକା ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ୍, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଦେବାଶିଷ ତ୍ରିପାଠୀ, ବିଶିଷ୍ଟ କବି ଡ. କାଳିପଦ ପଣ୍ଡା ଏବଂ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ମୁଖ୍ୟ ସତ୍ୟବ୍ରତ ନାୟକ ଯୋଡ଼ି ହୋଇ ସଂସ୍କୃତ ବଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଚତୁର୍ଥ ଶ୍ରେଣୀରୁ ସଂସ୍କୃତ ଶିକ୍ଷା ବଧ୍ୟାତାମୂଳକ କରାଯାଉ, ସଂସ୍କୃତ ଭାଷାର ବିକାଶ ପାଇଁ ଅସ୍ମିତାର ଫଳ ସ୍ୱରୂପ ସଂସ୍କୃତ ଗବେଷଣା କେନ୍ଦ୍ର ଓ ମ୍ୟୁଜିୟମ୍ ପ୍ରତିଷ୍ଠା, ଓଡିଶାରୁ ମିଳିଥିବା ସଂସ୍କୃତ ପୋଥି, ଅଭିଲେଖ ଆଦିର ତାଲିକା, ପାଠ ଓ ଗବେଷଣା, ଓଡ଼ିଶାରେ ନୂତନ ସଂସ୍କୃତ ଶିକ୍ଷକ ପଦବୀ ସହ ଖାଲିଥିବା ପଦବୀ ପୂରଣ ହେଉ ଆଦି ଦାବିକୁ ସରକାର ଗ୍ରହଣ ନ କରନ୍ତି ତେବେ ବିଶାଳ ସଂସ୍କୃତ ବିଦ୍ୟାର୍ଥୀ ଆନ୍ଦୋଳନ ହେବ ବୋଲି ଦେବେନ୍ଦ୍ର ଆଚାର୍ଯ୍ୟ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘର ଅବହାକ କହିଛନ୍ତି। ଏହି ବୈଠକକୁ ବିଦ୍ୟାର୍ଥୀ ପ୍ରେରଣା ପ୍ରୀୟାଂଶି ସ୍ୱାଇଁ ଓ ତନୁଶ୍ରୀ ରାଉତ୍ ପରିଚାଳନା କରିଥିଲେ, ଓଡ଼ିଶାର ବିଭିନ୍ନ କୋଣରୁ ସଂସ୍କୃତ ବିଦ୍ୟାର୍ଥୀ ଯୋଡ଼ି ହୋଇ ମତ ରଖିଥିଲେ। ବିଦ୍ୟାର୍ଥୀ ମହାସଂଘ ମିଡ଼ିଆ ସଂଯୋଜକ କାମେଶ୍ୱର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର,୨।୮ (ସମିସ): ବାଲେଶ୍ୱର ସଦର ଥାନା ମହାବୀର ନଗରସ୍ଥିତ ଓଡ଼ିଶା ପଲ୍ଲୀଟେକନିକ କଲେଜ ହଷ୍ଟେଲରେ ରହୁଥିବା ଜଣେ ଡିପ୍ଲୋମା ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଖବର ପାଇ ସଦର ପୁଲିସ ହଷ୍ଟେଲରେ ପହିଁଚି ତାଙ୍କ ପରିବାର ବର୍ଗଙ୍କ ସମ୍ମୁଖରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ମୃତ ଛାତ୍ର ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ମିହିର ମଲ୍ଲିକ। ସେ ଡିପ୍ଲୋମା ତୃତୀୟ ବର୍ଷର ଛାତ୍ର ଥିଲେ। ସଦର ଥାନା ଅର୍ନ୍ତଗତ କୁରୁଡାସ୍ଥିତ ମହାବୀର ନଗରରେ ଏହି କଲେଜ ଏକ ହଷ୍ଟେଲରେ ରହୁଥିଲେ। ଆଜି ସେ କଲେଜକୁ ଯାଇନଥିଲେ। ହେଲେ ତାଙ୍କର ସମସ୍ତ ସହପାଠୀ କଲେଜକୁ ଯିବା ପରେ ସେ ବେକରେ ରଶି ଲଗାଇ ଫ୍ୟାନରେ ଝୁଲିପଡିଥିଲେ। ତେବେ କଲେଜ କର୍ତ୍ତୃପକ୍ଷ ସେ କହିଁକି ହଷ୍ଟେଲରୁ କଲେଜ ଯାଇ ନାହିଁ ଖୋଜ ଖବର କରିବା ପରେ ସେ ରହୁଥିବା ରୁମରେ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଏ ନେଇ ସଦର ପୁଲିସକୁ ଖବର ଦେବା ସହ ତାଙ୍କ ପରିବାର ଲୋକଙ୍କୁ ମଧ ଖବର ଦିଆଯାଇଥିଲା। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଅରୁଣ ଦେଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

# ଖଟିଖିଆ ଓ ଶୋଷିତ ବର୍ଗର ନେତା ଥିଲେ ଅରୁଣ ଦେ'





ବାଲେଶ୍ୱର,୨।୮ (ସମିସ): ଖଟିଖିଆ ଓ ଶୋଷିତବର୍ଗର ପ୍ରକୃତ ନେତା ଥିଲେ ଅରୁଣ ଦେ'। ଦାର୍ଶନିକ କାର୍ଲ ମାର୍କ୍ସଙ୍କ ସମାଜବାଦ ନୀତିକୁ ସେ କିଭଳି ଲୋକଙ୍କ ପାଖରେ ପହଞ୍ଚାଇ ସେଇ ଲୋକଙ୍କୁ ସମାନ ଅଧିକାର ଦେଇପାରିବେ ଓ ସେଥିପାଇଁ ସାଲିସ ବିହୀନ ଆନ୍ଦୋଳନ କରିବା ପାଇଁ ଅରୁଣ ଦେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଅରୁଣ ଦେ ସ୍ମୃତି ପରିଷଦ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀରେ ଉଦବୋଧନ ଦେଇ କେରା ବିଶ୍ୱ ବିଦ୍ୟାଳୟର ପ୍ରଫେସର ବିଷ୍ଣୁ ମହାପାତ୍ର ଏ କଥା ଉଲ୍ଲେଖ କରିଛନ୍ତି। ସମ୍ମାନିତ ବକ୍ତା ତଥା 'ମା' ଘରର ଅଧକ୍ଷା ରତ୍ନପର୍ଣ୍ଣା ମହାନ୍ତି ସ୍ୱର୍ଗତ ଅରୁଣ ଦେ ସଂଗ୍ରାମୀ ଜୀବନ ଓ ନିଷ୍ପେସିତ ମହିଳାଙ୍କ ଦୁଃଖ ବୁଝିଥିଲେ। ତେଣୁ ସେ ବାଲେଶ୍ୱର ଜିଲ୍ଲାରେ 'ମା'ଘର ସଂଗଠନ କୁ ଅନେକ ସାହାଯ୍ୟ କରିଥିଲେ ବୋଲି କହିଥିଲେ। ବରିଷ୍ଠ ଶ୍ରମିକ ନେତା ପ୍ରଫୁଲ୍ଲ ସାମଲ ମଧ ଅରୁଣ ଦେ ଓ ନିଜର ସଂଗ୍ରାମୀ ଜୀବନ ଓ ବିଧାନସଭାରେ ତାଙ୍କର ପ୍ରଶ୍ନ ବାଣରେ ଶାସକ ଦଳ କିଭଳି ଜର୍ଜରିତ ହେଉଥିଲା ସେ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ପରିଷଦର ଅଧକ୍ଷା ବାସନ୍ତୀ ଦେ ଚକ୍ରବର୍ତ୍ତୀ ପୌରହିତ୍ୟ କରିଥିବାବେଳେ ରଞ୍ଜନ ବାଗ ମଞ୍ଚ ପରିଚଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିମୁଳିଆ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା ଓ ସୁଦର୍ଶନ ଜେନା, ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁକାନ୍ତ ନାୟକ, ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଅରୁଣ ଦେଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଦିବଂଗତ ଶିଳ୍ପପତି ହିମାଂଶୁ ଦାସଙ୍କୁ ମରଣୋତ୍ତର 'ଅରୁଣ ଦେ'ସ୍ମୃତି ସମ୍ମାନ ତାଙ୍କ ନାତିଙ୍କୁ ପ୍ରଦାନ କରାଯାଇଥିଲା। ନୃତ୍ୟଗାନା ତଥା ସମାଜସେବୀ ଅନୁସୂୟା ନାୟକ, କବି ନିରଞ୍ଜନ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଶ୍ରୀଦେବ, ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିନୋଦ ଜୀ, ଅଭିଜିତ ଦାସ, ଭୋଳା ନାଥ ବେହେରା, କୈଳାଶ ସେଠୀ, ମନୋଜ ରାଉତ, ସନ୍ଧ୍ୟାରାଣୀ ଦାସ, ରାଜଲକ୍ଷ୍ମୀ ଚାଟାର୍ଜି ଓ ଧୀରେନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସକାଳେ ଅରୁଣ ଦେ'ଙ୍କ ମଲ୍ଲୀକାଶପୁର ବାସଭବନ ଏବଂ ଓଟି ରୋଡରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା।

# ଗହଣା ଦୋକାନ ଓ ପାର୍ବତୀ ମନ୍ଦିରରୁ ଅଳଙ୍କାର ଲୁଟ୍

ଖଇରା,୨।୮ (ସମିସ): କିଛିଦିନର ନିରବତା ପରେ ଖଇରା ଓ ସିମୁଳିଆ ଥାନା ଅଞ୍ଚଳରେ ଚୋରଙ୍କ ଉପଦ୍ରବ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି। ଖଇରା ବ୍ଲକ ଖଇରା ଥନା ଅନ୍ତର୍ଗତ କୁରୁଣ୍ଡା ବଜାରରେ ଚନ୍ଦ୍ରଶେଖର ସାହୁଙ୍କ ଶିବ ଶଙ୍କର ଜୁଏଲାରୀ ଦୋକାନରୁ ଆନୁମାନିକ ୧୦ଲକ୍ଷ ମୂଲ୍ୟର ଅଳଙ୍କାର ଲୁଟ ହୋଇ ଯାଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଏଥିସହିତ ପ୍ରମାଣ ନଷ୍ଟ କରିବାକୁ ସିସିଟିଭିର ହାର୍ଡଡିସ୍କକୁ ମଧ ଚୋରାଇ ନେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୨ଟି ଯାକ ସଟର ତାଡି ଗହଣା ନେଇ ପଳାଇ ଯାଇଥିବା ବେଳେ ଶନିବାର ସକାଳେ ଚନ୍ଦ୍ର ଶେଖର ମର୍ଣ୍ଣିଂ ୱାକ କରୁଥିବା ବେଳେ ଦୋକାନ ଭଙ୍ଗା ଦୃଶ୍ୟ ଦେଖି ଖଇରା ଥାନାକୁ ଜଣାଇଥିଲେ। ଖଇରା ପୁଲିସ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବା ସହ ବଜାରରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ସେହିଭଳି ଶୁକ୍ରବାର ରାତିରେ ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ମହାନ୍ତି ସାହିସ୍ଥିତ ପାର୍ବତୀ ମନ୍ଦିରର ଗ୍ରିଲ ଭାଙ୍ଗି ଚୋରମାନେ ମା'ଙ୍କ ଅଳଙ୍କାର ଲୁଟି ନେଇଥିବା ନେଇ ଗ୍ରାମବାସୀ ସିମୁଳିଆ ଥାନାରେ ଅଭିଯୋଗ କରିଛନ୍ତି।

# ଦୁର୍ଘଟଣାରେ ଶିକ୍ଷା କର୍ମଚାରୀଙ୍କ ମୃତ୍ୟୁ



ସୋର, ୨।୮ (ସମିସ): ସୋର ବ୍ଲକ ଅନନ୍ତପୁର ଉପେନ୍ଦ୍ରନାଥ ହାଇସ୍କୁଲର ଶିକ୍ଷା କର୍ମଚାରୀ ଶରତ ଚନ୍ଦ୍ର ଜେନା ଗତ ୨୯ ତାରିଖ ସକାଳେ ଏକ ଜରୁରୀ କାମରେ ବାଇକ ଯୋଗେ ଘରୁ ସୋରକୁ ଯାଉଥିବା ସମୟରେ ଅନନ୍ତପୁର ବଜାରରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରଥମେ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ କଟକ ଶ୍ରୀରାମ ଭଞ୍ଜ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଆଜି ଭୋର ୪.୩୦ରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅପରାହ୍ଣରେ ତାଙ୍କ ମରଶରୀର ଅନନ୍ତପୁରରେ ପହଞ୍ଚିବା ପରେ ଅନନ୍ତପୁର ଉପେନ୍ଦ୍ର ନାଥ ହାଇସ୍କୁଲ ପରିସରରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଅନ୍ତିମ ଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ପ୍ରାକ୍ତନ ପ୍ରଧାନଶିକ୍ଷକ ଗଣେଷ ପ୍ରସାଦ ସାହୁ, ଦେବେନ୍ଦ୍ର କୁମାର ପାତ୍ର, ପୁରାତନ ଛାତ୍ର ସଂସଦର ସମ୍ପାଦକ ନିତ୍ୟାନନ୍ଦ କର ସମେତ ବହୁ ସ୍ଥାନୀୟ ଜନସାଧାରଣ ପୁଷ୍ପ ଗୁଚ୍ଛ ଦେଇ ଅନ୍ତିମ ଦର୍ଶନ କରିଥିଲେ। ପରେ ତାଙ୍କ ମର ଶରୀରକୁ ତାଙ୍କ ଗ୍ରାମ ଚିଡ଼ୋଳକୁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା।

# ଜଳିଗଲା ଦୁଇ ବଖରା

ସୋର, ୨।୮ (ସମିସ): ସୋର ବ୍ଲକ ଦହିସଡା ପଞ୍ଚାୟତ ପାଟଣାସାହି ଗ୍ରାମରେ ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗି ଦୁଇ ବଖରା ଘର ଜଳିପୋଡି ପାଉଁଶ ହୋଇଯାଇଛି। ଆଜି ସନ୍ଧ୍ୟାରେ ଏହି ଗ୍ରାମର ସ୍ୱର୍ଗତ ଦେବାନନ୍ଦ ଦାସଙ୍କ ଘରେ ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଯାଇଥିଲା। ଫଳରେ ଘର ଭିତରେ ଥିବା ଗ୍ୟାସ ସିଲିଣ୍ଡରରେ ଅଗ୍ନି ସଂଯୋଗ ହୋଇ ଟାଙ୍କିଟି ଫାଟି ଯାଇଥିଲା। ନିଆଁର ରୂପ ଏତେ ଉଗ୍ର ଥିଲା ଯେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର ଦୁଇଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଘରେ ଥିବା ଧାନ, ଚାଉଳ ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇ ଯାଇଥିଲା। ଉକ୍ତ ପରିବାରଟି ସମ୍ପୂର୍ଣ୍ଣ ଗରିବ ହୋଇଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି।

# ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ




ବାଲେଶ୍ୱର,୨।୮ (ସମିସ): ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳଙ୍କ ଅଡିଟୋରିୟମଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଶୁଭେଚ୍ଛା ଜଣେଇବା ସହ ସ୍ୱାଧୀନତା ଦିବସ ଦିନ ହେବାକୁ ଥିବା ସମସ୍ତ କାର୍ଯ୍ୟସୂଚୀ ଏବଂ ଏହାର ପ୍ରାକ ପ୍ରସ୍ତୁତି ସମ୍ପର୍କୀୟ ସମସ୍ତ କାର୍ଯ୍ୟ ଖସଡା ଉପରେ ଆଲୋଚନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଅନୁଯାୟୀ, ସ୍ୱାଧୀନତା ଦିବସ ପାଳନ ଅବସରରେ ସକାଳ ୪ଟାରେ ସହରାଞ୍ଚଳରେ ରାମଧୂନ ପ୍ରଚାର ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହେବ। ଏହାଛଡା ସକାଳ ୭ଟାରୁ ୭ଟା୩୦ମିନିଟ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ। ଏହାପରେ ସକାଳ ୮ଟା ୪୫ମିନିଟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ୯ଟା୧୫ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାବ୍ୟତିତ ଆନୁଷ୍ଠାନିକ ସମ୍ମିଳିତ ପରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ୟାରେଡରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ଏବଂ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଛି। ଏହି ଅବସରରେ ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ଭଳି ଜାତୀୟସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବା ଛାତ୍ରଛାତ୍ରୀ,କ୍ରୀଡା କ୍ଷେତ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଥିବା କ୍ରୀଡ଼ାବିତ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ,କୁଇଜ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ବୈଠକରେ ଜିଲ୍ଲାପରିଷଦର ସଭାପତି ନାରାୟଣ ପ୍ରଧାନ, ପୌରପାଳିକା ଅଧକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଭାରତୀୟ ପ୍ରଶାସନ ସେବା (ପ୍ରବେସନର)ଶାମଲ ଭଗତଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସମାଜସେବୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଖରିଫ ଧାନ ବିକ୍ରି ପଞ୍ଜୀକରଣ

# ଘୋଷଣାରେ ଅଟକିଛି ସ୍ୱ-ଘୋଷଣାପତ୍ର ନିୟମ

ବାଲେଶ୍ୱର,୨।୮ (ସମିସ)

ଚଳିତବର୍ଷ ୨୦୨୫-୨୬ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଚାଲୁଥିବାବେଳେ ଏବେ ବି ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର ୨୪ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାରେ ଗତବର୍ଷ ୧ ଲକ୍ଷ ୨ ହଜାର ୪୪୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ଜିଲ୍ଲାରେ ଆହୁରି ୭୫ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ କରିନାହାନ୍ତି। ଚାଷୀ ପଞ୍ଜୀକରଣର ନୂଆ ନିୟମ ପାଇଁ ଆର୍ ଆଇ ଅଫିସ ଏବଂ ସମବାୟ ସମିତିରେ ଚାଷୀଙ୍କ ଭିଡ ଜମୁଛି। କାରଣ ବିଭିନ୍ନ ସମୟରେ ଭିନ୍ନ ନିର୍ଦ୍ଦେଶାବଳୀ ପାଇଁ ଚାଷୀମାନେ ପଞ୍ଜୀକରଣ ପାଇଁ ହଇରାଣ ନିମନ୍ତେ ସମସ୍ୟା ଭୋଗୁଥିବା ଜଣାପଡିଛି। ପ୍ରଥମେ ଲିଗାଲ ହେୟାର(ଆଇନଗତ ଉତ୍ତରାଧିକାରୀ) ପରେ ପରିବର୍ତ୍ତିତ ହୋଇ ଆର୍ ଆଇଙ୍କ ସହମତି ପତ୍ର ଏବଂ ବର୍ତ୍ତମାନ ଏହାକୁ ଯୋଗାଣମନ୍ତ୍ର ଅଧିକ ସରଳୀକୃତ କରି ଚାଷୀଙ୍କୁ କେବଳ ସ୍ୱଘୋଷଣାପତ୍ର ଫର୍ମ ଦେବାକୁ ପଡିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ସମବାୟ ସମିତି ମାନଙ୍କରେ ସ୍ୱ-ଘୋଷଣାପତ୍ର ଫର୍ମ ଉପଲବ୍ଧ ହୋଇନାହିଁ। ଏବେବି ପଞ୍ଜୀକରଣ ପାଇଁ ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ପଡୁଛି। ଚାଷ ସମୟରେ ଚାଷୀ ଆର୍‌ଆଇଙ୍କ ପାଖକୁ ଧାଇଁବା ଓ ଅନୁମତିପତ୍ର ସଂଗ୍ରହ କରି ପଞ୍ଜୀକରଣ କରିବା ଚାଷ କାମରେ ବାଧା ସୃଷ୍ଟି କରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଚାଷୀ ପଞ୍ଜୀକରଣର ଜଟିଳ ବ୍ୟବସ୍ଥାକୁ ସରଳ କରିବାକୁ ଉତ୍ତରାଧିକାରୀ ଭାବେ ବଂଶାନୁକ୍ରମ ପ୍ରମାଣପତ୍ର ଲୋଡ଼ା ନାହିଁ। କେବଳ ସ୍ୱ -ଘୋଷଣାପତ୍ର(ସେଲ୍ଫ ଡିକ୍ଲାରେସନ୍ ଫର୍ମ) ଦେଇ ପଞ୍ଜୀକରଣ ହେବ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ବିଭାଗୀୟ ଚିଠି ହୋଇ ନ ଥିବାରୁ ଯେଉଁଭଳି ସମସ୍ୟା ଲାଗି ରହିଥିଲା ସେମିତି ରହିଛି। ଆଗରୁ ଧାନ ବିକିବା ବେଳେ ଚାଷୀ ଆଖି ସ୍କାନ୍ ଦେଉଥିଲେ। ଏବେ ନିୟମ ପରିବର୍ତ୍ତନ ପରେ ଆବେଦନ ଏବଂ ଧାନ ବିକିବା ବେଳେ ଦୁଇଥର ଆଖି ସ୍କାନ୍ ଦେବା, ବ୍ୟାଙ୍କ ଡିବିଟି ଏବଂ ଲିଗାଲ ହେୟାର ସାର୍ଟିଫିକେଟ ପାଇଁ ସମସ୍ୟା ସୃଷ୍ଟି ହେଉଛି। 'ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣକୁ ରାଜ୍ୟ ସରକାର ସରଳୀକରଣ କରିଛନ୍ତି। ବର୍ତ୍ତମାନ ମୃତ ଜମି ମାଲିକଙ୍କ ମୃତ୍ୟୁ ପ୍ରମାଣ ପତ୍ର ନଥିଲେ ମଧ ତାଙ୍କର ଉତ୍ତରାଧିକାରୀ ସେଲ୍ଫ ଡିକ୍ଲାରେସନ ଫର୍ମରେ ଦସ୍ତଖତ କରି ପଞ୍ଜୀକରଣ କରିପାରିବେ। ନକଲି ଚାଷୀଙ୍କୁ ଧରିବା ପାଇଁ ଏଥର ଇ-କେୱାଇସି କରାଯାଉଛି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ମନ୍ତ୍ରୀ ସରଳୀକୃତ ନୂତନ ଗାଇଡଲାଇନ ଘୋଷଣା କରିବା ସତ୍ତ୍ୱେ ସରକାରୀ ଅଧିକାରୀ ତଥା ସମବାୟ ସମିତିକୁ କୌଣସି ଚିଠି କିମ୍ବା ସମ୍ପୂର୍ଣ୍ଣ ଲିଖିତ ବିବରଣୀ ନ ମିଳିବାରୁ କିଛି ସମବାୟ ସମିତିରେ ନୂତନ ଗାଇଡ଼ଲାଇନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏ ବାବଦରେ ମୁଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସହିତ ଯୋଗାଣ ମନ୍ତ୍ରୀଙ୍କୁ ଅବଗତ କରିଛି। ଦିନେ ଦୁଇଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ଯୁବନେତା ଅନିଲ କୁମାର ମହାନ୍ତି କହିଛନ୍ତି। ସେହିପରି ଏ ବାବଦରେ ସିଏସ୍‌ଓ ସ୍ମିତା ନାୟକଙ୍କୁ ପଚାରିବାରୁ କହିଛନ୍ତି, ସ୍ୱଘୋଷଣାପତ୍ର ବ୍ୟବସ୍ଥା ନେଇ ଆମ ପାଖକୁ ବିଭାଗରୁ କିଛି ଚିଠି ଆସିନାହିଁ। ସେଥିପାଇଁ ଆମେ ଏହାକୁ କାର୍ଯ୍ୟକାରୀ କରିନୁ। ଏବେ ଚାଷୀମାନେ ପ୍ରଥମେ ଇ-କେୱାଇସି କରିବା ପରେ ବଂଶଗତ ସାର୍ଟିଫିକେଟ ଆଣି ପଞ୍ଜୀକରଣ କରୁଛନ୍ତି। ଏବେ ସୁଦ୍ଧା ୨୪ ହଜାର ଚାଷୀ ପଞ୍ଜୀକୃତ କରିସାରିଛନ୍ତି।

# ରାଷ୍ଟ୍ରୀୟ ପତ୍ରିକା 'ନବ ସଂକଳ୍ପ' ଉନ୍ମୋଚିତ



ବାଲେଶ୍ୱର,୨।୮ (ସମିସ): ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ରାଷ୍ଟ୍ରୀୟ ସମ୍ପାଦିକା ସୋନାଲ ମୋଦିଙ୍କ ଲିଖିତ ରାଷ୍ଟ୍ରୀୟ ପତ୍ରିକା 'ନବ ସଂକଳ୍ପ' ଉନ୍ମୋଚିତ ହୋଇଯାଇଛି। ହୋଟେଲ ଲକି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧକ୍ଷା ଅଞ୍ଜୁ ସାରାଓଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାରା ଭାରତରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମର ସୂଚନା ଉକ୍ତ ପତ୍ରିକାରେ ଉଲ୍ଲେଖ କରାଯାଇଛି। ଏଭଳି ପତ୍ରିକା ସୋନାଲ ମୋଦିଙ୍କ ଦ୍ୱାରା ଲେଖାଯାଇଥିବାରୁ ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ସାରାଓଗି ତାଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ସମ୍ପାଦିକା ନିଶା ମୋଦି, କୋଷାଧକ୍ଷା ଗୀତା ସୋମାନି, ରାଜ୍ୟ ସଭାନେତ୍ରୀ ବବିତା ଅଗ୍ରୱାଲ, କୋଷାଧକ୍ଷା ନନ୍ଦିତା ଅଗ୍ରୱାଲ, ରାଷ୍ଟ୍ରୀୟ ସହ ସମ୍ପାଦିକା ଅଲକା ଅଗ୍ରୱାଲ, ରାଷ୍ଟ୍ରୀୟ କାର୍ଯ୍ୟାଳୟ ସମ୍ପାଦିକା ଦର୍ଶନା ସାରାଓଗି, ଜିଲ୍ଲା ସଭାନେତ୍ରୀ ମନୀଷା ମୋଦି, ସମ୍ପାଦିକା କବିତା ବାହେତି, କୋଷାଧକ୍ଷା ରଶ୍ମି ଗୁପ୍ତା ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଭୁବନେଶ୍ୱର ସିଟି

# ବୁଲା କୁକୁରଙ୍କୁ ରନ୍ଧାଖାଦ୍ୟ ଯୋଗାଉଛନ୍ତି ଶର୍ମିଳା

ଭୁବନେଶ୍ୱର, ୨।୮ (ସମିସ)



ରାଜଧାନୀର ପ୍ରତି ଛକ ପ୍ରତି ଗଳିରେ ବୁଲା କୁକୁରଙ୍କୁ ଦେଖିବାକୁ ମିଳେ। କିଏ କେତେବେଳେ ଦେଖିଲେ ଘୋଉଡାଇ ଥାଏ ତ କିଏ ସ୍ନେହରେ କ'ଣ ଦିଟା ବଳକା ଖାଇବା ବଢ଼ାଇ ଦେଇଥାନ୍ତି। ହେଲେ ବୁଲା କୁକୁରଙ୍କ ସହ ଶର୍ମିଳାଙ୍କ ସମ୍ପର୍କ ଭିନ୍ନ। ସ୍ନେହ ଭରା ତାଙ୍କ ଡାକରେ ଖାଇବା ପାଇଁ ତାଙ୍କ ନିକଟକୁ ଚାଲି ଆସନ୍ତି ସେମାନେ। ପ୍ରତିଦିନ ତାଙ୍କୁ ରନ୍ଧା ଖାଦ୍ୟ ଯୋଗାଇବାକୁ ସେ ପ୍ରୟାସ ଜାରି ରଖିଛନ୍ତି।

ଏଭଳି ଜଣେ ମହିଳା ହେଲେ ୫୦ ବର୍ଷୀୟ ମହିଳା ଶର୍ମିଳା ଚୌଧୁରୀ। ୟୁନିଟ-୪ ସ୍ଥିତ ନିକୋ ପାର୍କ ନିକଟରେ ତାଙ୍କ ଘର। ପ୍ରତିଦିନ ଭୋର ୫ ଟାରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ବୁଲା କୁକୁରଙ୍କ ପାଇଁ ହାତରେ ରନ୍ଧା ଖାଦ୍ୟ ଧରି ଗାଡି ନେଇ ବାହାରିଯାନ୍ତି। ପାଖାପାଖି ୧୦ ଟା ପର୍ଯ୍ୟନ୍ତ ସେ ଏପରି କୁକୁରଙ୍କୁ ଖାଦ୍ୟ ବାଣ୍ଟି ବୁଲୁଥାନ୍ତି। ଏହା ତାଙ୍କର ପ୍ରତିଦନର କାର୍ଯ୍ୟ ପାଲଟିଗଲାଣି। ଯେଉଁଠି ସେ ଦିନକୁ ଶହେରୁ ଅଧିକ ବୁଲା କୁକୁରଙ୍କୁ ଖାଦ୍ୟ ଦେଉଛନ୍ତି। ଏ ନେଇ ସେ କୁହନ୍ତି, କରୋନା ସମୟରୁ ହିଁ ତାଙ୍କର ଏହି ପ୍ରୟାସ ଆରମ୍ଭ ହୋଇଥିଲା। ଘର ପାଖରୁ ଏବଂ ଗଳିରେ କିଛି ବୁଲା କୁକୁରଙ୍କୁ ଏପରି ଖାଦ୍ୟ ଦେବା ଆରମ୍ଭ ହେଲାପରେ ଏହା ତାଙ୍କ ଅଭ୍ୟାସରେ ପରିଣତ ହୋଇଥିଲା। ଏହି କାର୍ଯ୍ୟ ତାଙ୍କୁ ଆନନ୍ଦ ପ୍ରଦାନ କରୁଛି ବୋଲି ସେ କୁହନ୍ତି। ସେ କୁକୁରଙ୍କ ପାଇଁ ଖାଦ୍ୟରେ ଚିକେନ, ବିସ୍କୁଟ, ଭାତ, ରୁଟି, କ୍ଷୀର ଆଦି ସାଙ୍ଗରେ ନେଇ ଯାଇଥାନ୍ତି। ଏହି କାର୍ଯ୍ୟ ପାଇଁ ସେ କାହାରିଠୁ ପଇସା ଆଣି ନ ଥାନ୍ତି ବରଂ ନିଜର ଏକ ଘରୋଇ ବ୍ୟବସାୟରୁ ଖର୍ଚ୍ଚ କରିଥାନ୍ତି। ଖାଦ୍ୟ ଦେବା ପାଇଁ ମସଜିଦ୍ ଛକ, ଏଜି ଛକ, ୟୁନିଟ - ୧, ରାଜମହଲ ଛକ, ହନୁମାନ ମନ୍ଦିର, ଫରେଷ୍ଟ ପାର୍କ, ନୂଆପଲ୍ଲୀ ଆଦି ଅଞ୍ଚଳକୁ ଯାଇଥାନ୍ତି। ବାଟରେ ଗୋରୁଙ୍କୁ ମଧ୍ୟ ରୁଟି ଦିଅନ୍ତି। ଏପରି କାର୍ଯ୍ୟ ତାଙ୍କୁ ବେଶ ଖୁସି ପ୍ରଦାନ କରେ ତେଣୁ ପରିବାର ଲୋକ ମଧ୍ୟ ତାଙ୍କୁ ଏଥିରେ ସହଯୋଗ କରିଥାନ୍ତି। ଏହି କାର୍ଯ୍ୟ ସମ୍ବନ୍ଧରେ କୁହନ୍ତି, ବୁଲା କୁକୁରଙ୍କ ସାହା ଭରସା ବୋଲି କେହି ନ ଥାନ୍ତି। ଭୋକ ହେଲେ ମଧ୍ୟ କାହାକୁ ମାଗି ପାରିବେନି। ତେଣୁ ସେ ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି।

## ସୁସ୍ଥ ସମାଜ ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଅପରିହାର୍ଯ୍ୟ

ଭୁବନେଶ୍ୱର, ୨।୮ (ସମିସ): ସୁସ୍ଥ ସମାଜ ଗଠନ ପାଇଁ ବ୍ୟକ୍ତି ର ଜୀବନ ଶୈଳୀର ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ ବୋଲି ଗ୍ଲୋବାଲ ସ୍ପିରିଚୁଆଲ ମିସନର ନୂଆପଲ୍ଲୀସ୍ଥିତ ରାମକୃଷ୍ଣ ମିଶନ ସଭାଗୃହରେ ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଓ ବକ୍ତା ଭାବେ ଯୋଗଦାନ କରି ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ଏହା ପ୍ରକାଶ କରିଛନ୍ତି। ଏଥିସହିତ ନିୟମିତ ଭାବେ ଖାଦ୍ୟ ପାନୀୟରେ ସଂଯମତା ଧ୍ୟାନ ଜପ ଯୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଡ. ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉପଦେଷ୍ଟା ରମାକାନ୍ତ ମିଶ୍ର ଗୀତା ଓ ଭାଗବତ ପାଠ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରାରମ୍ଭ ରେ ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଧୁସ୍ମିତା ଦାଶ, ମାଳବିକା ରଥ, ଗନ୍ଧର୍ବ ଦାଶ ଭଜନ ଗାନକରିଥିଲେ। କ୍ରିଷ୍ଣା ପଳାଇ, ମୁରଲୀଧର ପଳାଇ ଜଗନ୍ନାଥ ସାହସ୍ରନାମ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶବରୀ ଉତ୍ସବରେ 'ଅର୍ପଣ ପୁରସ୍କାର' ପ୍ରଦାନ




ଭୁବନେଶ୍ୱର, ୨।୮ (ସମିସ): ଦଶମ ଶବରୀ ଉତ୍ସବ-୨୦୨୫ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ ବିଶ୍ୱନାଥ ମହାପାତ୍ର, ଗୁରୁଶ୍ରୀ ବିମ୍ବାଧର ଦାସ, ସୁରେନ୍ଦ୍ର କୁମାର ଦାସଙ୍କୁ 'ଅର୍ପଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଅପରାହ୍ଣରେ ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲା ଜଜ୍ ସଞ୍ଜୟ କୁମାର ସାହୁ, ଅଧିବକ୍ତା ରବୀନ୍ଦ୍ର କୁମାର ରାଉତରାୟ, ଅଧିବକ୍ତା ଅଶୋକ କୁମାର ସାହୁ, ଦିପ୍ତିମୟୀ ମହାପାତ୍ର, ଲୋକନାଥ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଲୋକକଳା ବିଷୟରେ ଆଲୋଚନା କରିଥିଲେ। ଏହାପରେ ସନ୍ଧ୍ୟାରେ ନୃତ୍ୟଶାଳାର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପରେପରେ ଓଡ଼ଗାଁରୁ ଆସିଥିବା ଗୁରୁ ଶାନ୍ତି ନାୟକ ଓ ସାଥୀମାନଙ୍କ ଦ୍ୱାରା ସଂକୀର୍ତ୍ତନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦିକା ଗୁରୁ ସଂଘମିତ୍ରା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା




ଭୁବନେଶ୍ୱର, ୨।୮ (ସମିସ): ଖଣ୍ଡଗିରି ନିକଟ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଚଳିତ ଶିକ୍ଷାବର୍ଷର ଜ୍ଞାନବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଏହି ବାର୍ଷିକ ଜ୍ଞାନବିଜ୍ଞାନ ମେଳାରେ ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ନାଇଜରର ରିସର୍ଚ୍ଚ ଆସେସିଏଟ ଡକ୍ଟର ଐଶ୍ୱର୍ଯ୍ୟା ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତିର ପୂର୍ବ ସଂଭାଗ ସମ୍ପାଦକ ପଙ୍କଜ କର ଓ ବିଦ୍ୟାଳୟ ପରିଚଳନା କମିଟି ସଭାପତି ଶ୍ରୀନିବାସ ମାନସିଂ ଯୋଗ ଦେଇଥିଲେ। କନିଷ୍ଠ, ଶିଶୁ, ବାଲ୍ ଓ କିଶୋର ବର୍ଗରେ ୪୦୪ ଜଣ ଶିଶୁ ଅଂଶଗ୍ରହଣ କରି ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେହିଭଳି ଅନ୍ୟାନ୍ୟ ପ୍ରତିଯୋଗିତାରେ ୧୮୮ ଜଣ ଭାଗ ନେଇଥିଲେ। ଉଦ୍‌ଯାପନ ଉତ୍ସବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରହଲ୍ଲାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ଆରତୀ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ, ଗୁରୁମା ଓ ସେବକସେବିକା ସହଯୋଗ କରିଥିଲେ।

## ସ୍ୱର ସାଧନା ପକ୍ଷରୁ ବନ୍ଦେ ମାତରମ୍

ଭୁବନେଶ୍ୱର, ୨।୮ (ସମିସ): ସ୍ୱର ସାଧନା ଅନୁଷ୍ଠାନ ପକ୍ଷରୁ ବନ୍ଦେ ମାତରମ୍ ଦେଶାତ୍ମବୋଧ ସଙ୍ଗୀତ ମୂର୍ଚ୍ଛନା ଶନିବାର ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ କର୍ଣ୍ଣେଲ ପ୍ରଶାନ୍ତ ସିଂ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ନିର୍ବାହକ ଓଡ଼ିଶା ରାଜ୍ୟ ଅର୍ଥ ନିଗମ କଟକ ପରାମର୍ଶଦାତା ଶରତ ଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ କଟକ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ତ୍ରିପାଠୀ, ଅର୍ଣ୍ଣଲଡ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ଡ଼. ପଦ୍ମନାଭ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପଣ୍ଡିତ ସଙ୍ଗୀତାଚାର୍ଯ୍ୟ ଗୁରୁଶ୍ରୀ ରଜନୀକାନ୍ତ ପାଢ଼ୀ, ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁଶ୍ରୀ ବିଭୁ ଦତ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଜାଗରେ ଜାଗରେ ଜାଗ ହିନ୍ଦୁ, ଦେଶ ରଙ୍ଗିଲା, ଜନନୀ ଜନ୍ମ ଭୂମି, ଉଠ କଙ୍କା, ସନ୍ଦେଶ ଆତେ ହିଁ, ମେରେ କର୍ମ ତୁ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଜ୍ଞାନାନନ୍ଦ ସାଗର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ମଞ୍ଚସ୍ଥ ହେଲା 'ଛିନ୍ନ କଳିକା'



ଭୁବନେଶ୍ୱର, ୨।୮ (ସମିସ): ମଣିଷ ସମାଜର ସମସ୍ୟାଗୁଡିକୁ ଅନୁମେୟ କଲେ ଜଣାପଡେ, ଅଦ୍ୟାବଧି ପ୍ରକୃତ ମଣିଷ ସମାଜ ଗଢ଼ାଯାଇ ପାରି ନାହିଁ। ଯଦି ସେତିକି ହୋଇଥାନ୍ତା ତାହେଲେ ମଣିଷ ସମସ୍ତ ନକରାତ୍ମକ ଗୁଣାବଳୀକୁ ବର୍ଜନ କରି କେବଳ ସକରାତ୍ମକ ଗୁଣର ଅଧିକାରୀ ହୋଇଥାନ୍ତା। ଏହି ମହତ୍ତ୍ୱ ବାର୍ତ୍ତା ଜନ ସମୂହରେ ପହଞ୍ଚାଇ ଦେବାର ପ୍ରୟାସ କରିଛି ନାଟକଟି ଫୁଟିବା ଆଗରୁ ଡେମ୍ଫରୁ ଅଲଗା ହୋଇ ଭୁଇଁରେ ଲୋଟୁଥିବା କଳିକା, ଡେମ୍ଫଚ୍ୟୁତ କରିଥିବା ଅମଣିଷକୁ କୈଫିୟତ ମାଗନ୍ତି ଏବଂ ଭୁଲ୍ କରିଥିବା ଚରିତ୍ରମାନେ କ୍ଷମା ପ୍ରାର୍ଥନା କରନ୍ତି। ନିଜର ଦୁଃଖ ଯନ୍ତ୍ରଣା ବ୍ୟକ୍ତ କରି ସୁସ୍ଥ ସମାଜର ଆବଶ୍ୟକତାକୁ ଆହ୍ୱାନ କରନ୍ତି ନଟକର ଚରିତ୍ରମାନେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଶନିବାର ଭଞ୍ଜ କଳାମଣ୍ଡପରେ ନାଟ୍ୟ ଧାରାର ନାଟକ 'ଛିନ୍ନ କଳିକା' ରାମଚଣ୍ଡି ସୋସିଓ ୱେଲଫେୟାର କଲଚରାଲ ଅର୍ଗାନାଇଜେସନ, ପୁରୀ ପକ୍ଷରୁ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟ ସଂଘର ସଭାପତି ମନୋଜ ପଟ୍ଟନାୟକ, ନାଟ୍ୟ ସଂଘର ଉପଦେଷ୍ଟା ଦେବାନନ୍ଦ ନାୟକ(ସୋନି), ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଅବିନାଶ ଦଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ। ଏହି ନାଟକର ନିର୍ଦ୍ଦେଶକ ଲୋକନାଥ ରଥ ରହିଥିବା ବେଳେ ଭରତ ନାୟକ ସହ ନିର୍ଦ୍ଦେଶକ ଭାବରେ ରହିଛନ୍ତି। ଏହିପରି ସଙ୍ଗୀତରେ ବୃନ୍ଦାବନ ସାହୁ ରହିଥିବା ବେଳେ ଅଭିନୟରେ ଗିରିଶ, ବିକାଶ, ବାଳକୃଷ୍ଣ, ଅନୁପ, ରତ୍ନାକର, ଅସିତ ଓ ମମତା, ରଶ୍ମି ପ୍ରମୁଖ ରହିଛନ୍ତି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସମ୍ମିଳନୀ ଉଦ୍‌ଘାଟିତ

ନନ୍ଦନକାନନ, ୨।୮ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ୧୦ମ ଖୋର୍ଦ୍ଧା ଜିଲ୍ଲା ସମ୍ମିଳନୀ ପଟିଆ କିଲ୍ଲା ଟାଙ୍ଗିବନ୍ତସ୍ଥିତ କମ୍ରେଡ ରାମକୃଷ୍ଣ ପତି ସ୍ମୃତି ପୀଠଠାରେ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ପ୍ରଥମ ଦିନରେ ସମ୍ମିଳନୀକୁ ରାଜ୍ୟ ସମ୍ପାଦକୀୟ ମଣ୍ଡଳୀ ସାଥୀ ପ୍ରଶାନ୍ତ ମିଶ୍ର ଉଦଘାଟନ କରିଥିଲେ ଏବଂ ଖୋର୍ଦ୍ଧାର ପୂର୍ବତନ ଜିଲ୍ଲା ସମ୍ପାଦକ ସାଥି ନୃସିଂହ ଚରଣ ବେହେରା ପତାକା ଉତ୍ତୋଳନ କରିଥିଲେ।

ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସାଥୀ ସାଂଗଠନିକ ଚିଠା ରିପୋର୍ଟ ଏବଂ ସାଥି ସତିଶ ମିଶ୍ର ରାଜନୈତିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଆସନ୍ତା କାଲି ପୁର୍ନବାର ଆଲୋଚନା କରାଯାଇ ରିପୋର୍ଟକୁ ଗ୍ରହଣ କରାଯିବ। ଆଜିମଧ୍ୟ ଅନେକ ପ୍ରସ୍ତାବ ଗ୍ରହଣ କରାଯାଇଅଛି। ଏଥି ମଧ୍ୟରୁ ପ୍ରମୁଖ ରାଜ୍ୟ ସରକାର ଘୋଷଣା କରିଥିବା ୩୦୦ୟୁନିଟ ବିଦ୍ୟୁତ ଶୁଳ୍କ ଛାଡ଼, ସହରାଞ୍ଚଳର ଭୂମିହୀନଙ୍କୁ ତୁରନ୍ତ ଦଖଲରେ ଥିବା ଜମି ପଟ୍ଟା ଓ ଜିଲ୍ଲାରେ ଥିବା ଆଦିବାସୀ (ସହର, ସଅର)ଙ୍କୁ ପ୍ରମାଣ ପତ୍ର ତୁରନ୍ତ ପ୍ରଦାନ କରିବା ପ୍ରସ୍ତାବ ଗ୍ରହଣ କରାଯାଇଛି। ଆସନ୍ତା କାଲି ନୂତନ ଜିଲ୍ଲା ପରିଷଦ ନିର୍ବାଚନ ସହ ରାଜ୍ୟ ସମ୍ମିଳନୀ (ସେପ୍ଟେମ୍ବର ୪, ୫ଓ୬ ୨୦୨୫)ପାଇଁ ପ୍ରତିନିଧି ନିର୍ବାଚନ କରାଯିବ।

ଏହି ସମ୍ମିଳନୀକୁ ୫ଜଣିଆ ସଭାପତି ମଣ୍ଡଳୀ ସୁର ଜେନା, ବସନ୍ତ ମଞ୍ଜରୀ ପରମଗୁରୁ, ନମିତା ସାହୁ, ଅରକ୍ଷିତ ବେହେରା ଏବଂ ଯୁଗଳ ଜାଲି ପରିଚାଳନା କରିଥିଲେ। ସମ୍ମିଳନୀରେ ମୁଖ୍ୟବକ୍ତା ହିସାବରେ ସାମ୍ପ୍ରତିକ ରାଜନୈତିକ ଅବସ୍ଥା, ଓଡ଼ିଶାର ସ୍ଥିତି ଓ ଜଣେ କମ୍ୟୁନିଷ୍ଟର କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସାଥି ରମଣୀ ରଞ୍ଜନ ରାଉତରାୟ।

## ଯୁଏସ୍‌ଆଇ ସଂଗଠନ ପକ୍ଷରୁ ଚାରାରୋପଣ



ଭୁବନେଶ୍ୱର, ୨।୮ (ସମିସ): ଚକେଇସିହାଣି ମଞ୍ଚନାଥଦେବ ଉଚ୍ଚ ବିଦ୍ୟାଳୟରେ ଯୁଏସ୍‌ଆଇ ଫାଉଣ୍ଡେସନ୍ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜକ ନୀଳକଣ୍ଠ ନାଥ ଏବଂ ସଦସ୍ୟ ସତ୍ୟାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ବେହେରା, ସନତ୍ ସ୍ୱାଇଁ, ଅକ୍ଷୟ ବାରିକ, କବିତା ସିଂ, ନରେନ୍ଦ୍ର ରାଉତ, ବିକ୍ରମ କେଶରୀ ମହାରଣା, ଶେଖର ସ୍ୱାଇଁ, ତପନ ନାୟକ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ଏହି ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଗୋବିନ୍ଦ ମେହେରଙ୍କ ପରଲୋକ

ଭୁବନେଶ୍ୱର, ୨।୮ (ସମିସ): ଲେଖକ ଓ ଶିକ୍ଷାବିତ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଶ୍ୱଶୁର ଗୋବିନ୍ଦ ମେହେରଙ୍କ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ କନ୍ୟା ତଥା ପ୍ରଫେସର ମେହେରଙ୍କ ସହଧର୍ମିଣୀ ଦୀପ୍ତିମୟୀ ମେହେର ଓ ପୁତ୍ର ପୂର୍ଣ୍ଣଚନ୍ଦ୍ର ମେହେର ଉପସ୍ଥିତ ଥିଲେ। ସେ ନିଜ ଗ୍ରାମ ଖୁଣ୍ଟପାଲିଠାରେ ସେ ହନୁମାନ ଜୟନ୍ତୀ ସମୟରେ ବହୁବର୍ଷବ୍ୟାପୀ ସତସଙ୍ଗର ନିୟମିତ ଆୟୋଜନ କରୁଥିଲେ।

## ବିଶ୍ୱ ବାଣିଜ୍ୟ ଦିବସ ସମାରୋହରେ ଯୋଗଦେଲେ ରାଜ୍ୟପାଳ

ଭୁବନେଶ୍ୱର, ୨।୮ (ସମିସ): ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଓ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ନିମନ୍ତେ ସାମୁହିକ ଉଦ୍ୟମ ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଶନିବାର ଆୟୋଜିତ ବିଶ୍ୱ ବାଣିଜ୍ୟ ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗ ଦେଇଥିଲେ। ଏହି ସମାରୋହରେ ବିଭିନ୍ନ ଦେଶର ମୁଖ୍ୟ ପ୍ରତିନିଧିମାନେ ଯୋଗାଦେଇଥିଲେ।




ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ-୨୦୨୫

## ଅବସରପ୍ରାପ୍ତ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ପରଲୋକ

ଭୁବନେଶ୍ୱର, ୨।୮ (ସମିସ): ଓଡ଼ିଶା ସୂଚନା ସେବାର ଅବସରପ୍ରାପ୍ତ ଅଧିକାରୀ ଦିଲ୍ଲୀପ ଚନ୍ଦ୍ର ସାମନ୍ତରାୟଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ ବରଗଡ଼, ସମ୍ବଲପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାମ କରିଥିଲେ। ପୂର୍ବରୁ ଆଠଗଡ଼ ସମେତ ବିଭିନ୍ନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ସୂଚନା ସେବା ସଂଘ ତରଫରୁ ଶୋକ ବ୍ୟକ୍ତ କରାଯାଇଛି।



ବିଜେଇଏମ୍ ସ୍କୁଲ୍‌ରେ ସହୋଦୟ ସ୍କୁଲ୍‌ସ୍ ପକ୍ଷରୁ ଆନ୍ତଃବିଦ୍ୟାଳୟ ବାଗ୍ମିତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ୪୮ ବିଦ୍ୟାଳୟର ୨ଶହରୁ ଅଧିକ ଛାତ୍ରଛାତ୍ରୀ

## ସରକାରୀ କର୍ମଚାରୀଙ୍କ ବାକ୍ ସ୍ୱାଧୀନତା ସଂକ୍ରାନ୍ତ ଦିବସ

ଭୁବନେଶ୍ୱର, ୨।୮ (ସମିସ): ଫ୍ରି ଟର୍ଟ୍ ପାର୍ଟି ଅଫ ଇଣ୍ଡିଆର ସରକାରୀ କର୍ମଚାରୀମାନଙ୍କ ବାକ୍ ସ୍ୱାଧୀନତା ସଂକ୍ରାନ୍ତ ଦିବସ ଧର୍ମବିହାରସ୍ଥିତ ଆମ ଫୋଇ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଫ୍ରି ଟର୍ଟ୍ ପାର୍ଟି ଅଫ ଇଣ୍ଡିଆର




ପ୍ରତିଷ୍ଠାତା ବି. ରାମଚନ୍ଦ୍ର ସିଏସଟି ଭୋଲ୍ଟାୟାର କହିଥିଲେ, ବାକ୍ ସ୍ୱାଧୀନତା ହେଉଛି ମୌଳିକ ଅଧିକାର, ଯାହା ଭାରତର ସମ୍ବିଧାନ ସମସ୍ତ ନାଗରିକଙ୍କୁ ଦେଇଛି। ଆଜିକୁ ୫୪ ବର୍ଷ ପୂର୍ବେ ଓଡିସା ହାଇକୋର୍ଟ ଆଗତ କରିଥିବା ଏକ ପିଟିସନ ଉପରେ ଅଦାଲତ କହିଥିଲେ ସରକାରୀ ମହାବିଦ୍ୟାଳୟ ମାନଙ୍କରେ ଅଧ୍ୟାପକ ନିଯୁକ୍ତି ଉପରେ ତାଙ୍କର ସମାଲୋଚନାକୁ ନେଇ ସରାକାର ଜାରି କରିଥିବା ଦଣ୍ଡ ବୈଧ ନୁହେଁ। ଏହି ସରକାରୀ ନିର୍ଦ୍ଦେଶକୁ ସେ ଉଚ୍ଚନ୍ୟାୟାଳୟରେ ସେତେବେଳେ ଚ୍ୟାଲେଞ୍ଜ କରିଥିଲେ। ୧୯୭୦ ମସିହା ଅକ୍ଟୋବର ୫ ତାରିଖରେ ତାଙ୍କ ସମାଲୋଚନା ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇବାପରେ ସରକାରଙ୍କ ପକ୍ଷରୁ ଦଣ୍ଡବିଧାନ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ ବାସନ୍ତୀ ଆଚାର୍ଯ୍ୟ ଏବଂ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ବହୁଜନ ସମାଜ ପାର୍ଟିର ମଧୁସୂଦନ ଯାଦବ, ଆମଫୋଇ ସହ ଅଧ୍ୟକ୍ଷା ସ୍ୱପ୍ନା ବିନୟିନୀ, ହେତୁବାଦୀ ଚିନ୍ତକ ଅମୀର ପ୍ରସାଦ ସାହୁ ଏବ ଆକାଶବାଣୀର ଅବସରପ୍ରାପ୍ତ ସମ୍ବାଦପାଠକ ଜଗନ୍ନାଥ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନିଟ୍- ୩ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ଭୁବନେଶ୍ୱର, ୨।୮ (ସମିସ): ୟୁନିଟ୍ -୩ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ୨୧୨ ଜଣ ଛାତ୍ରଛାତ୍ରୀ କନିଷ୍ଠ ଶିଶୁ ବର୍ଗ, ଶିଶୁ ବର୍ଗ, ବାଲ୍ ବର୍ଗ ଓ କିଶୋର ବର୍ଗରେ ବିଭିନ୍ନ ବିଜ୍ଞାନ ଆଧାରିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାର ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁ ଯୋଗ ଦେଇଥିଲେ। ସମାରୋପ ଅଂଶରେ ସମାଜସେବୀ ରତିକାନ୍ତ ବେହେରା ଓ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର ସଭାପତି ଲକ୍ଷ୍ମୀ ନାରାୟଣ ରଥ, ୟୁନିଟ-୩ ସଙ୍କୁଳ ପ୍ରମୁଖ ମହେନ୍ଦ୍ର କୁମାର ସାହୁ, ଶଶି ଶେଖର ମିଶ୍ର ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ତରାସ ଉପସ୍ଥିତ ଥିଲେ।

## ସଫଳତା ପଥରେ 'ଆକାଶ'ର ସ୍କଲାରସିପ୍ ଆନ୍ଥେ

ଭୁବନେଶ୍ୱର, ୨।୮ (ସମିସ)




ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ କରିବାରେ ସହାୟକ ହେଉଛି 'ଆକାଶ' ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଉଥିବା ଜାତୀୟ ସ୍କଲାରସିପ୍ 'ଆନ୍ଥେ'। ୧୫ ବର୍ଷରେ ବହୁ ଛାତ୍ରଛାତ୍ରୀଙ୍କୁ ଡାକ୍ତର ଓ ଇଂଜିନିୟର କରିବାରେ ସହାୟକ ହୋଇଥିବା ଏହି ଛାତ୍ରବୃତ୍ତି ଚଷିତ ଥର ୧୬ ବର୍ଷରେ ପାଦ ଦେଇଛି। ଚଳିତବର୍ଷ ପାଇଁ ଆବେଦନ ଆରମ୍ଭ ହୋଇଛି। ଅକ୍ଟୋବର ୪ରୁ ୧୨ ତାରିଖ ଯାଏଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପରୀକ୍ଷା ହେବ। ସପ୍ତମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇପାରିବେ। ସେହିପରି ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଜେଇଇ ଆଡଭାନ୍‌ସଡ୍ ପ୍ରସ୍ତୁତି ପାଇଁ ପ୍ରଥମଥର 'ଆକାଶ ଇନ୍‌ଭିକ୍ଟସ୍ ଏସ୍ ଟେଷ୍ଟ' ଅନୁଷ୍ଠିତ ହେବ। ଏହି ଜାତୀୟସ୍ତରର ଯୋଗ୍ୟତା ତଥା ବୃତ୍ତି ପରୀକ୍ଷା ଅଗଷ୍ଟ ୨୪, ୩୧ ଓ ସେପ୍ଟେମ୍ବର ୭ ତାରିଖରେ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀ ନିଜର ସୁବିଧା ଅନୁଯାୟୀ ଘଣ୍ଟାଏ ସମୟ ପରୀକ୍ଷା ଦେଇପାରିବେ।

ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଆନ୍ଥେ ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଛାତ୍ରଛାତ୍ରୀଙ୍କ ଶତ ପ୍ରତିଶତ ବୃତ୍ତିରାଶି ପ୍ରଦାନ କରିବାକୁ ବାର୍ଷିକ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ରହିଛି। ଫଳରେ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷା ପ୍ରସ୍ତୁତି କରିବାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରୁଛି। ଗତବର୍ଷ ୧ନିୟୁତରୁ ଅଧିକ ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇଁ ପରୀକ୍ଷା ଦେବା ଏହାର ଲୋକପ୍ରିୟତାକୁ ପ୍ରତିପାଦିତ କରୁଥିବା ସେ କହିଛନ୍ତି। ଏହାସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା କରି ଉନ୍ନତ ଭବିଷ୍ୟତ ଗଢ଼ିବାକୁ 'ଆକାଶ' ପ୍ରତିଶ୍ରୁତିବଦ୍ଧ ବୋଲି ସେ ଦୋହରାଇଛନ୍ତି। ଚଳିତ ଥର ଏହି ପରୀକ୍ଷା ଦେବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ଆକାଶର ୱେବ୍‌ସାଇଟ୍ କିମ୍ବା ନିକଟସ୍ଥ ଆକାଶ ସେଣ୍ଟରକୁ ଯାଇ ପଞ୍ଜିକରଣ କରି ପାରିବେ। ପଞ୍ଜିକରଣ ଫି' ୩ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଶୀଘ୍ର ଆବେଦନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିବ। ପର୍ଯ୍ୟାୟକ୍ରମେ ପରୀକ୍ଷା ଫଳ ଘୋଷଣା କରାଯିବ। ଦଶମ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ଅକ୍ଟୋବର ୨୪ ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ସପ୍ତମରୁ ନବମ ପିଲାଙ୍କ ଅକ୍ଟୋବର ୨୯ ଓ ପଞ୍ଚମରୁ ଷଷ୍ଠ ଶ୍ରେଣୀ ପିଲାଙ୍କର ନଭେମ୍ବର ୧ ତାରିଖରେ ପ୍ରକାଶ ପାଇବ। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ନଭେମ୍ବର ୪ ତାରିଖରେ ପ୍ରକାଶ ପାଇବ। ଆନ୍ଥେ ଛାତ୍ରବୃତ୍ତିର ଶୁଭାରମ୍ଭ ଅବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଞ୍ଚଳିକ ଅପରେସନ୍ ମୁଖ୍ୟ ଜୟଦୀପ ମୁଖାର୍ଜୀ, ଆଞ୍ଚଳିକ ପ୍ରସାର ଏବଂ ଅଭିବୃଦ୍ଧି ବିଭାଗ ମୁଖ୍ୟ ବିକାଶ ଦାସ୍, ପୂର୍ବାଞ୍ଚଳ ଉପ-ନିର୍ଦ୍ଦେଶକ ସୂର୍ଯ୍ୟଭାନୁ ସିଂ, ଏକାଡେମିକ୍ ନିର୍ଦ୍ଦେଶକ ରାଜୀବ ନୟନ ପ୍ରମୁଖ ଉପସ୍ଥିତ ଥିଲେ।

### ଚଳିତ ବର୍ଷ ପାଇଁ ଜାରି ରହିଛି ଆବେଦନ



କ୍ୟାପିଟାଲ୍ ହସ୍ପିଟାଲ ଆହାର କେନ୍ଦ୍ରରେ ଅବ୍ୟବସ୍ଥା

# ଅଚଳ ଡିସ୍ ୱାସର୍, ପାଣି ପିଇବାକୁ ଗ୍ଲାସ୍ ନାହିଁ




ଭୁବନେଶ୍ୱର, ୨।୮ (ସମିସ)

ଖାଇବା ପାଇଁ ଖରା ହେଉ କି ବର୍ଷାରେ ଠିଆ ହେବାକୁ ପଡୁଛି। କିଏ ଗାମୁଛା ମୁଣ୍ଡରେ ଦେଇ ଠିଆ ହେଇଛନ୍ତି ତ ଆଉ କିଏ ଛୋଟ ଛୁଆକୁ କାଖେଇ ଧାଡ଼ିରେ ଠିଆ ହୋଇଛନ୍ତି। ଏଥିସହିତ ଧାଡ଼ିରୁ ଟିକେ ଚାଲିଗଲେ ପୁଣି ଆସି ସେହି ସ୍ଥାନରେ ଠିଆ ହେଲେ ବେଳେ ପଛରେ ଯାଇ ଠିଆ ହୁଅ ଏମିତି କିଛି କଥାରେ ଲୋକ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଯାଉଛନ୍ତି। ଏମିତି କିଛି ଦେଖିବାକୁ ମିଳିଛି କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ର ପରିସରରେ। ପାଞ୍ଚ ଟଙ୍କାରେ ପେଟ ପୂରା ଭୋଜନ ଖାଇବା ପାଇଁ ଲୋକମାନେ ଧାଡ଼ି ଲଗାଉଛନ୍ତି। ହେଲେ ଆହାର କେନ୍ଦ୍ରର ଅବ୍ୟବସ୍ଥା ଲୋକଙ୍କୁ ବ୍ୟଥିତ କରିଦଉଛି। ଟିକେଟ୍ କାଉଣ୍ଟରରେ ଜଣେ ମହିଳା କେବଳ ଟିକେଟ୍ ଦଉଛନ୍ତି।

କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଶହ ଶହ ରୋଗୀ ଆସୁଛନ୍ତି। ଦୂର ଦୂରାନ୍ତରୁ ଆସୁଥିବା ରୋଗ ଦେଖାଇବାକୁ ଆସୁଥିବା ଲୋକଙ୍କ ସମେତ ଓ ରୋଗୀଙ୍କ ସର୍ମ୍ପକୀୟମାନେ ଏହି ଆହାର କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏହି ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ଗୋଷ୍ଠୀର ପ୍ରାୟ ୮ ରୁ ୯ ଜଣ ମହିଳା ଏଥିରେ କାର୍ଯ୍ୟ କରୁଛନ୍ତି। ପ୍ରତିଦିନ



ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ପ୍ରାୟ ୮ ଶହରୁ ୯ ଶହ ଲୋକ ଏହି ଆହାର କେନ୍ଦ୍ରରେ ଖାଦ୍ୟ ଖାଇଥାନ୍ତି। କିନ୍ତୁ ଲୋକମାନେ ବହୁତ ଅବ୍ୟବସ୍ଥାରେ ଆହାର ପରିବେଷଣ କରୁଛନ୍ତି। ମୁଖ୍ୟ କଥା ହେଉଛି ଆହାର କେନ୍ଦ୍ରରେ ଡ଼ିସ୍ ୱାସର ଥାଇ ମଧ୍ୟ ଅଚଳ ହୋଇ ପଡ଼ିଛି। ଯେଉଁଥିପାଇଁ ଥାଳି ସବୁକୁ ଖାଲିରେ ଧୁଆ ହେଉଛି। ଡ଼ିସ୍ ୱାସର ବ୍ୟବସ୍ଥାରେ ଥାଳି ସବୁ ଗରମ ପାଣିରେ ଭଲ ଭାବରେ ଧୋଇବା କଥା ଯାହା ଆହାର କେନ୍ଦ୍ରର ନିୟମ ହେଲେ ଥାଳି ସବୁ ହାତରେ ଧୁଆ ହେଉଥିବାରୁ ଏହା କେତେ ସୁରକ୍ଷିତ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଏଥିସହିତ ଥାଳି ଧୋଇବା ବେଳେ ପାଣି ପଡ଼ି କାଦୁଅ ସୃଷ୍ଟି ହେଉଛି ଏହି କାଦୁଅକୁ ସଫା କରାଯାଉନାହିଁ ଏହି କାଦୁଅରେ ବି ବସି ବୟସ୍କଲୋକମାନେ ଖାଦ୍ୟ ଖାଇଛନ୍ତି। ତତ୍‌ସହିତ ବୟସ୍କ ଲୋକାମାନଙ୍କର ଏହି କାଦୁଅରେ ପାଦ ଖସୁଛି ବୋଲି ଜଗତସିଂହପୁରରୁ ଆସିଥିବା ଦିଲ୍ଲିପ ସାହୁ ମାନକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏଥିସହିତ ପାଣି ପିଇବା ପାଇଁ ଖଣ୍ଡିଏ ଗ୍ଲାସ ବି ନାହିଁ ଲୋକମାନେ ଥାଳି ମାଧ୍ୟମରେ ପାଣି ପିଉଥିବା ବେଳେ ହାତ ଧୋଇବା ପାଇଁ କୈଣସି ହ୍ୟାଣ୍ଡୱାସର ମଧ୍ୟ କୈଣସି ବ୍ୟବସ୍ଥା ନାହିଁ ଯେଉଁଥିପାଇଁ ହ୍ୟାଣ୍ଡୱସ ଥାକ ଖାଲି ପଡ଼ି ପଡ଼ି ସେଥିରେ କଳଙ୍କି ଲାଗିଗଲାଣି।

ଡ଼ିସ୍‌ୱାସର ୱାରେଣ୍ଟି ଅଛି ଡ଼ିସ୍‌ୱାସର ଆସିଥିବା ଦୋକାନକୁ କୁହାଯାଇଛି। ଏଇ ଗୋଟେ ଦିନ ଭିତରେ ତାଙ୍କ କର୍ମଚାରୀ ଆସି ଡ଼ିସ୍‌ୱାସରରେ କଣ ଅସୁବିଧା ହେଇଛି ଦେଖିବା ସହ ସଜାଡ଼ି ଯିବେ ବୋଲି ବିଏମ୍‌ସିର ଡ଼େପୁଟି କମିସନର ପ୍ରିୟଙ୍କା ମଲ୍ଲିକ କହିଛନ୍ତି।

## ଗାଁ ଜାଣେନା ଚିହ୍ନା ଅଚିହ୍ନା ଭାବ



ଆମେ ଗାଁରୁ ଆସିଛୁ

ଗାଁର ସବୁବେଳେ ଗୋଟିଏ ଆକର୍ଷଣ ଥାଏ। ମଣିଷ ଯେଉଁ ସହର ବା ଦେଶକୁ ଚାଲିଯାଉ, ହେଲେ ମନ ସବୁବେଳେ ଗାଁ ପାଇଁ ହିଁ ଟାଣି ହେଉଥାଏ। ସେଠାକାର ସମ୍ପର୍କ ସବୁ ସେମିତି ନିରୀହ ଏବଂ ସ୍ନେହଭରା। ଯେବେ ବି ସହର ଜୀବନରୁ କିଛି ସମୟ କାଢି ଗାଁ କୁ ଫେରେ, ସବୁ କିଛି ଫେରି ପାଇଲା ଭଳି ଲାଗେ। ଏପରି ଜଣେ ଗାଁ ମନସ୍କ ବ୍ୟକ୍ତି ଡ. ନାରାୟଣ ମହାପାତ୍ର, ଯେ କି ଭାବର ଶବ୍ଦରେ ନିଜ ଗାଁକୁ ବର୍ଣ୍ଣନା କରିଥିଲେ। ସେ ଜଣେ ଜଗନ୍ନାଥ ସଂସ୍କୃତି ପ୍ରଚାରକ। ଗାଁ ତାଙ୍କର ପୁରୀର ନିରାକାରପୁରଠାରେ। ୧୯୬୮ ମସିହାରୁ ଆସି ରାଜଧାନୀରେ ରହୁଛନ୍ତି। ପାଠପଢ଼ା ଓ କର୍ମମୟ ଜୀବନ ରାଜଧାନୀକୁ ଟାଣି ଆଣିଥିଲା। ହେଲେ ଗାଁ ର ମୋହରୁ ସେ କେବେ ବାହାରି ପାରିନଥିଲେ ବୋଲି କୁହନ୍ତି। ଗାଁ ପନିପରିବାଠାରୁ ଆରମ୍ଭକରି ଗାଁ ପରିବେଶ ସବୁକିଛି ମନଲୋଭା। ଆମ ଗାଁ ଠାକୁରାଣୀଙ୍କ ପାଖରୁ ସବୁ ଭଲ କାର୍ଯ୍ୟ ଆରମ୍ଭ ହୋଇଥାଏ। ସମୟ ସହ ସେଠି ବହୁତ କିଛି ସ୍ମୃତି ହେଇଗଲାଣି ସତ ହେଲେ ସେସବୁ ଅମୂଲ୍ୟ। କରୋନା ସମୟରେ ଦୂରେଇ ଯାଇଥିବା ଅନେକ ସମ୍ପର୍କ ପୁଣି ଯୋଡି ହୋଇଯାଇଥିଲା। ଭାରି ଖୁସି ଲାଗେ ଯେତେବେଳେ ଗାଁ କଥା ଉଠେ ଏବଂ ଅନେକ ସ୍ମୃତି ତାଜା ହେଇଯାଏ। ହେଲେ ସେ ସମୟରେ ଯେଉଁ ଦାସକାଠିଆ, ପାଲା, ଘୋଡାନାଚ ଏବଂ ଭାଗବତ ଟୁଙ୍ଗୀ ଆଦି ଗାଁ ରେ ନିଇତି ଦେଖିବାକୁ ମିଳେ। ଫଳରେ ଲୋକ ଗୋଟିଏ ଜାଗାରେ ଏକଜୁଟ ହୋଇ ସଂସ୍କୃତି ଚର୍ଚ୍ଚା, ଜଗନ୍ନାଥଙ୍କ ମହିମା ଆଦି ଆଲୋଚନା କରୁଥିଲେ ଯେଉଁଥିରୁ ଏକ ଭଲ ପରିବେଶ ସୃଷ୍ଟି ହେଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ସହରର ଛୁଆ ସେସବୁ ବିଷୟରେ ଜାଣୁ ନାହାନ୍ତି କି ଦେଖୁନାହାନ୍ତି। ସହରରେ ମଣିଷ ମଣିଷ ଭିତରେ କୌଣସି ଭାବର ଆଦାନ ପ୍ରଦାନ ନାହିଁ ହେଲେ ଗାଁ ଜାଣେନି ଚିହ୍ନା ଅଚିହ୍ନା ଭାବ। ସେଥିପାଇଁ ସମୟ ମିଳିଲେ ପରିବାର ସହ ଗାଁ କୁ ଯାଇ ବିଗତ ଦିନର ସ୍ମୃତିକୁ ସାଉଁଟିଥାଏ। ତେଣୁ ପ୍ରତ୍ୟେକ ମଣିଷ ନିଜ ପିଲାମାନଙ୍କୁ ଗାଁ ସହ ଜଡିତ ରଖିବାର ଆବଶ୍ୟକତା ରହିଛି। ମୋବାଇଲ ଭିତରେ ପଶି ରହୁଥିବା ବର୍ତ୍ତମାନର ପିଢି ନିଜ ଗାଁ, ପରିବେଶ, ନିଜ ସଂସ୍କୃତି ଓ ଭାଷା ବିଷୟରେ ଜାଣିବା ଉଚିତ୍।

# ପର୍ଯ୍ୟାପ୍ତ କାମ ରହିବ; ଚାକିରି ରହିବ ନାହିଁ: ଡ. ଆନନ୍ଦ ଦେଶପାଣ୍ଡେ




ଭୁବନେଶ୍ୱର, ୨।୮ (ସମିସ)

ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ)ର ଆବିର୍ଭାବ ଚାକିରି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଛାତ୍ରଛାତ୍ରୀମାନେ ନିଜେ ନିଯୁକ୍ତି ସୃଷ୍ଟି କରି ନିଜର ଭାଗ୍ୟ ନିର୍ଦ୍ଧାରଣ କରନ୍ତୁ ବୋଲି ପର୍ସିଷ୍ଟାଂଟ ସିଷ୍ଟମ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ. ଆନନ୍ଦ ଦେଶପାଣ୍ଡେ। ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ ଅବସରରେ ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ସମୟରେ ମଣିଷମାନଙ୍କ ଅପେକ୍ଷା ଏଆଇ ଭଲ କୋଡ୍ ଲେଖିପାରୁଛି। ଏହାଦ୍ୱାରା ଭବିଷ୍ୟରେ ପର୍ଯ୍ୟାପ୍ତ ପରିମାଣର କାମ ରହିଛି। ଯେଉଁ କାମଗୁଡ଼ିକ ଏଆଇ ମାଧ୍ୟମରେ କରାଯାଇପାରିବ। ଫଳରେ ଚାକିରିର ଆବଶ୍ୟକତା ପଡ଼ିବ ନାହିଁ। ଅପରପକ୍ଷେ ଏଆଇ ଅନେକ କିଛି ବିଷୟକୁ ବିକୃତ ମଧ୍ୟ କରିପାରେ ଯାହା ଅନ୍ୟ କେହି କରିପାରିବେ ନାହିଁ ବୋଲି ସେ କହିଛନ୍ତି। ସୋଆ ବିଶ୍ୱବିଦ୍ୟାଳୟ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ସୋଆ ଉପଦେଷ୍ଟାମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, କର୍ପୋରେଟ୍ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନଗେଜମେଣ୍ଟ ନିର୍ଦ୍ଦେଶକ ରୀପ୍ତି ରଞ୍ଜନ ଦାଶ ନିଜ ନିଜର ମତ ଦେଇଥିଲେ। ଶେଷରେ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୃହ ଓ ନଗର ଉନ୍ନୟନ ବିଭାଗର ୧୩୯ ମାମଲାର ସମାଧାନ



ଭୁବନେଶ୍ୱର, ୨।୮ (ସମିସ): ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡ଼ିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୭୦୦ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ମୋଟ ୧୩୯ ମାମଲା ଗ୍ରହଣ କରାଯିବା ସହ ସମାଧାନ ହୋଇଥିଲା। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡ଼ିତ।

## ସବୁ କଲେଜରେ ପ୍ରାର୍ଥୀ ଦେବ ଯୁବଛାତ୍ର କ୍ରାନ୍ତିସେନା

ଭୁବନେଶ୍ୱର, ୨।୮ (ସମିସ): ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନରେ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପ୍ରାର୍ଥୀ ଦେବ ବୋଲି ଯୁବଛାତ୍ର କ୍ରାନ୍ତି ସେନା ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଥିବା ସମସ୍ତ ଆଦର୍ଶଗତ ଓ ବିଚାରଧାରା ଛାତ୍ର ସଂଗଠନ ସହ ସାମିଲ୍ ହୋଇ ଛାତ୍ର ସଂସଦ ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ଯୁବଛାତ୍ର କ୍ରାନ୍ତି ସେନାର ଆବାହକ ପାର୍ଥ ସାରଥୀ ମୁଦୁଲି ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଶାନ୍ତି ଓ ଶୃଙ୍ଖଳା ସହିତ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରନ୍ତୁ ଏବଂ ରାଜ୍ୟରେ ଗଣତନ୍ତ୍ରକୁ ସୁଦୃଢ଼ କରନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ବିଶ୍ୱଭୂଷଣଙ୍କ ଜନ୍ମଦିନରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ



ଭୁବନେଶ୍ୱର, ୨।୮ (ସମିସ): ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ତମ ଜନ୍ମଦିନ ଉପଲକ୍ଷେ ଦୀର୍ଘାୟୁ କାମନା କରି ବୁଦ୍ଧିଜୀବୀ ମଞ୍ଚ ମାଲକାନାଗିରି ଜିଲ୍ଲା ପକ୍ଷରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ବୁଦ୍ଧିଜୀବୀ ମଞ୍ଚର ଆବାହକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଏହାର ସଭାପତିତ୍ୱ କରିଥିଲେ ବରିଷ୍ଠ ଆଇନଜୀବୀ ଗୁରୁଚରଣ ମହାନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଅଶୋକ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଦୁର୍ଗାପ୍ରସାଦ ତ୍ରିପାଠୀ, ବିଜେପି ଜିଲ୍ଲା ସଭାପତି ଅଶୋକ ପରିଡ଼ା ଓ ସାମ୍ବାଦିକ ପଞ୍ଚାନନ ଦାଶ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବାଲିମେଳା ପୌରାଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ମାଲକାନାଗିରି ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମାଣିକ ଚକ୍ରବର୍ତ୍ତୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବେଣୀ କାର୍ତ୍ତୁଲ୍, ଯୁବମୋର୍ଚ୍ଚା ସଭାପତି ରତନ୍ ବନିକ ଉପସ୍ଥିତ ରହିଛି ଶ୍ରୀ ହରିଚନ୍ଦନଙ୍କ ଦୀର୍ଘାୟୁ କାମନା କରିଥିଲେ।

## ସିପିଆଇ(ଏମ୍) ପକ୍ଷରୁ କମ୍ରେଡ୍ ଅଚ୍ୟୁତାନନ୍ଦନଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨।୮ (ସମିସ): ଭାରତର କମ୍ୟୁନିଷ୍ଟ ଆନ୍ଦୋଳନ ତଥା ଶ୍ରମିକ ଓ ଶୋଷିତ ବର୍ଗର ନେତା କମ୍ରେଡ୍ ଭିଏସ୍ ଅଚ୍ୟୁତାନନ୍ଦନଙ୍କ ସ୍ମୃତି ଅବସରରେ ସିପିଆଇ(ଏମ) ରାଜ୍ୟ କମିଟି ପକ୍ଷରୁ ଉତ୍କଳମଣି ସଭାକକ୍ଷ ଠାରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି। ଏହି ଶୋକ ସଭାରେ ବରିଷ୍ଠ ସିପିଆଇ (ଏମ୍) ନେତା ତଥା ପୂର୍ବତନ ରାଜ୍ୟ କମ୍ରେଡ୍ ଜନାର୍ଦ୍ଦନ ପତି ଅଧ୍ୟକ୍ଷତା କରିଥିଲେ। କମ୍ରେଡ୍ ଅଚ୍ୟୁତାନନ୍ଦନ ୧୯୨୩ ମସିହାରେ କେରଳରେ ଏକ ଗରିବ ଶ୍ରମିକ ପରିବାରରେ ଜନ୍ମଗ୍ରହଣ



କରିଥିଲେ। ବାଲ୍ୟକାଳରେ ପିତାମାତାଙ୍କୁ ହରାଇ ସେ ଜୀବନ ସଂଘର୍ଷ ଆରମ୍ଭ କରିଥିଲେ। ନିଜ ପ୍ରଚେଷ୍ଟାରେ ସେ ଶିକ୍ଷା ଅର୍ଜନ କରି କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୪୬ ମସିହାରେ ପୁନ୍ନପ୍ରା-ଭାୟାଲାର ଗଣଆନ୍ଦୋଳନରେ ତାଙ୍କର ନେତୃତ୍ୱ ପ୍ରେରଣାଦାୟୀ ଥିଲା। ୧୯୬୪ ରେ ସିପିଆଇ(ଏମ) ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୦୬ ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ସେ ଭୂମି ବଣ୍ଟନ ବିଶେଷ କରି ଗରିବ ଲୋକଙ୍କୁ ସରକାରୀ ଦଖଲ ଜମିର ଅଧିକାର ପତ୍ର ବଣ୍ଟନ ଭଳି ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସଭାରେ ଏକ ମିନିଟ୍ ନିରବତା ଅବଲମ୍ବନ କରାଯାଇଥିଲା। କମ୍ରେଡ୍ ଅଚ୍ୟୁତାନନ୍ଦନଙ୍କ ଜୀବନ ଓ ଆଦର୍ଶ ଆଜିର ଯୁବ ପିଢ଼ି ପାଇଁ ଏକ ପ୍ରେରଣାସ୍ରୋତ ହୋଇ ରହିବ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ।

## ଜ୍ଞାନବିଜ୍ଞାନ ମେଳାରେ ୧୫୦ ପ୍ରକଳ୍ପ ପ୍ରଦର୍ଶିତ



ଭୁବନେଶ୍ୱର ୨।୮ (ସମିସ): ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ନାଇଜର୍‌ର ଆସୋସିଏଟ୍ ପ୍ରଫେସର ଚନ୍ଦ୍ରଶେଖର ପୁରୋହିତ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକାର କନିଷ୍ଠ, ଶିଶୁ, ବାଲ୍ ଓ କିଶୋର ବର୍ଗରେ ମୋଟ ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି କଳା ଓ ପ୍ରଶ୍ନ ମଞ୍ଚ ବିଭାଗରେ ମୋଟ ୨୪୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବର ଅତିଥି ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ବୈଜ୍ଞାନିକ ବିନୋଦ ବିହାରୀ ପଲେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନମେଳା ପ୍ରମୁଖ ମଧୁସ୍ମିତା ମିଶ୍ର ବିବରଣୀ ପାଠ କରିଥିଲେ। ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ ଏବଂ ବରିଷ୍ଠ ଆଚାର୍ଯ୍ୟ ଗଙ୍ଗାଧର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଅନାବନା ଲତା ଆଢୁଆଳରେ ଲୁଚିଗଲାଣି ଚିତ୍ରକଳା




ଭୁବନେଶ୍ୱର, ୨।୮ (ସମିସ)

ପ୍ରବାସୀ ଭାରତୀୟ ସମ୍ମିଳନୀ ହେଉ ଅବା ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କିମ୍ବା ହକି ବିଶ୍ୱକପ୍ ସମୟରେ ରାଜଧାନୀକୁ ନବବଧୂ ବେଶରେ ସଜ୍ଜା ଯାଉଛି। ରାଜଧାନୀର ଛକରୁ ଆରମ୍ଭ କରି ଗଳିକନ୍ଦିରେ ସୌନ୍ଦର୍ଯ୍ୟୀକରଣ କଥା ସାଙ୍ଗକୁ କାନ୍ଥବାଡ଼ରେ ଚିତ୍ରିତ କରାଯାଇଥିଲା ଆକର୍ଷଣୀୟ ଚିତ୍ର। ଯୁବ ପ୍ରତିଭା ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେଉଁଠି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଚିତ୍ର ଅଙ୍କାଯାଇଥିଲା ତ ଆଉ କେଉଁଠି ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା। ଏହାସହ ଓଡ଼ିଆ ଭାଷାକୁ ସମ୍ମାନ ଜଣାଇ କାନ୍ଥବାଡ଼ରେ ଚିତ୍ରିତ ହୋଇଥିଲା ବର୍ଣ୍ଣବୋଧ ଠାରୁ ଆରମ୍ଭ କରି ଓଡ଼ିଆ ଭାଷାରେ ଲେଖାଥିବା ଅନେକ ସଚେତନତା ବାର୍ତ୍ତା। ସେହିପରି ଅନେକ ସ୍ଥାନରେ ଶୋଭା ପାଉଥିଲା ଜନଜାତି କଳାକୃତି ଅବା ଟ୍ରାଇବାଲ ଆର୍ଟ। ହେଲେ ଏହିସବୁ ଆଉ ସୌନ୍ଦର୍ଯ୍ୟ ବୃଦ୍ଧି କରୁନାହିଁ ବରଂ ଆବଶ୍ୟକ ରକ୍ଷଣାବେକ୍ଷଣ କରା ନ ଯିବାରୁ ତାହା ଅନାବନା ଲତା ଓ ଗଛ ଆଢୁଆଳରେ ଲୁଚିବାକୁ ବସିଲାଣି।

**ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି ସହରର ସୌନ୍ଦର୍ଯ୍ୟୀକରଣ**

ପ୍ରଥମେ ଏସିଆନ୍ ଆଥଲେଟିକ୍ ଚାମ୍ପିଅନସିପ୍-୨୦୧୭ ଓ ହକି ବିଶ୍ୱକପ୍-୨୦୧୮ ସମୟରେ ବିଏମ୍‌ସି ପକ୍ଷରୁ ଭୁବନେଶ୍ୱରର ସମସ୍ତ ଗଳିକନ୍ଦିର କାନ୍ଥରେ ଚିତ୍ର ଅଙ୍କାଯାଇଥିଲା। ପରେପରେ ହକି ବିଶ୍ୱକପ୍-୨୦୨୩ରେ ଏହାର ପୁନରାବୃତ୍ତି କରାଗଲା। ଯେଉଁଥିରେ ରାଜ୍ୟ ତଥା ରାଜ୍ୟ ବାହାରର ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଆକର୍ଷଣୀୟ ଚିତ୍ରାଙ୍କନ କରାଯାଇଥିଲା। ସେହିପରି ନିକଟରେ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ସଜେଇ ହୋଇଥିଲା ସହରର କାନ୍ଥବାଡ଼। ପ୍ରମୁଖ ପୂର୍ବତନ ରାଜନୈତିକ ବ୍ୟକ୍ତିତ୍ୱ ଠାରୁ ଆରମ୍ଭ କରି କ୍ରୀଡ଼ାବିତ୍, କଳାକାରଙ୍କ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଚିତ୍ର ଅଙ୍କା ଯାଇଥିଲା। ପଶୁ, ପକ୍ଷୀ, ପ୍ରାକୃତିକ ସୌନ୍ଦର୍ଯ୍ୟ, ସାହିତ୍ୟିକ ଓ କଣ୍ଠଶିଳ୍ପୀଙ୍କୁ ମଧ୍ୟ ରାଜଧାନୀ କାନ୍ଥରେ ଦେଖିବାକୁ ମିଳିଥିଲା। କେବଳ ଚିତ୍ର ନୁହେଁ ଅନେକ ସ୍ଥାନରେ ମୋଟିଭେସନାଲ୍ ଆର୍ଟ ମଧ୍ୟ କରାଯାଇଥିଲା। ସ୍ୱାସ୍ଥ୍ୟ ସଚେତନତା ଠାରୁ ଆରମ୍ଭ କରି ଶିକ୍ଷା ସଚେତନା ଓ ସାମାଜିକ ସଚେତନତା ଉପରେ ଅନେକ ଶିକ୍ଷଣୀୟ ବାର୍ତ୍ତା ଚିତ୍ର ମାଧ୍ୟମରେ ପ୍ରଦାନ କରାଯାଇଥିଲା। ସହରର ପ୍ରମୁଖ ରାସ୍ତା ଠାରୁ ଆରମ୍ଭ କରି କଳିକନ୍ଦି ସାଙ୍ଗକୁ ବାଣୀବିହାର, ଆଚାର୍ଯ୍ୟବିହାର, ଜୟଦେବବିହାର, ବରମୁଣ୍ଡା, ରସୁଲଗଡ଼ ଆଦି ଫ୍ଲାଏଓଭର ତଳେ ମଧ୍ୟ ଅନେକ କଳାକୃତି ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲା। ସେହିକ୍ରମରେ ବାମପାର୍ଶ୍ୱ ସମାନ୍ତରାଳ ରାସ୍ତାର ଉଭୟ ପାର୍ଶ୍ୱରେ ମଧ୍ୟ ଅନେକ ପ୍ରତିଷ୍ଠିତ ଚିତ୍ରଶିଳ୍ପୀଙ୍କ ଦ୍ୱାରା ଭଳି କି ଭଳି ଚିତ୍ରାଙ୍କନ କରାଯାଇଥିଲା। ଏହି ରାସ୍ତା ରାଜଧାନୀର ସବୁଠାରୁ ଆକର୍ଷଣୀୟ ହୋଇଥିବା ବେଳେ ଯୁବଗୋଷ୍ଠୀଙ୍କ ମନୋରଞ୍ଜନର ପେଣ୍ଠସ୍ଥଳୀ ପାଲଟିଥିଲା। ତା ସାଙ୍ଗକୁ କାନ୍ଥରେ ଚିତ୍ର ବିଚିତ୍ର କାହାଣୀ ଗୁଡ଼ିକ ରାସ୍ତାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥିଲା। କିନ୍ତୁ ଦିନ କେଇଟା ପରେ ଏହିସବୁ ଚିତ୍ରକଳା ଅନାବନ ଲତା ଓ ବଣବୁଦା ଭିତରେ ଲୁଚି ଗଲାଣି। ତେବେ ଲକ୍ଷାଧିକ



ଟଙ୍କା ବ୍ୟୟରେ ହୋଇଥିବା ଏହି ସୌନ୍ଦର୍ଯ୍ୟକରଣର ସଠିକ୍ ରକ୍ଷଣାବେକ୍ଷଣ କରାନଯିବାରୁ ଏବେ ତାହା ନଷ୍ଟ ହେବାକୁ ବସିଲାଣି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଟ୍ରେନରୁ ପଡ଼ି ଯୁବନେତାଙ୍କ ବିୟୋଗ



ମାହାଙ୍ଗା/ଭଦ୍ରେଶ୍ୱର, ୨।୮(ସମିସ): ମାହାଙ୍ଗା ବ୍ଲକ ପଲ୍ଲିସାହି ପଞ୍ଚାୟତ ଖଦୋଳ ଗ୍ରାମର ବିଜେପି ଯୁବନେତା ରାଜେଶ ପାତ୍ର (୩୨) ଟ୍ରେନରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ସ୍ଥାନୀୟ ଗ୍ରାମର କୈଳାସ ପାତ୍ରଙ୍କ ପୁତ୍ର ରାଜେଶ ଗତ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ସେ ବିଜେପି ସମର୍ଥିତ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଦୁଇ ଦିନ ତଳେ ବଲାଙ୍ଗିର ଯାଇଥିଲେ। ଘରକୁ ଟ୍ରେନ୍‌ରେ ଫେରୁଥିବା ସମୟରେ ଅନୁଗୁଳ ବଇଣ୍ଡା-ବାମୁର ମଧ୍ୟରେ ଟ୍ରେନ ଲାଇନକଡରେ ପଡି ପ୍ରାଣ ହରାଇଥିବା ପରିବାର ଲୋକଙ୍କ ପାଖକୁ ଖବର ଆସିଥିଲା। ତାଙ୍କ ଶବ ଚିହ୍ନଟ ପରେ ସ୍ଥାନୀୟ ରେଳବାଇ ପୁଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ତାଙ୍କର ଅକାଳ ବିୟୋଗରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଜୟନ୍ତ ଦାସ, ସାମାଜିକ କର୍ମୀ ସତ୍ୟନାରାୟଣ ମହାନ୍ତି, ଆଇନଜୀବୀ ଗୌତମ ଶତପଥୀ ଶୋକ ବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଭଦ୍ରେଶ୍ୱର, ୨।୮(ସମିସ): ମାହାଙ୍ଗା ଥାନା କୁସୁପୁର ପଞ୍ଚାୟତ ବାକସରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବାକସରପୁର ଗ୍ରାମର ପ୍ରଶାନ୍ତ ସେନାପତି ଆଜି ସକାଳ ୬ଟା ବେଳେ ଜହ୍ନି ତୋଳିବା ନିମନ୍ତେ ବିଲକୁ ଯାଇଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଜୀବନରୁ ମାରିଦେବା ନିମନ୍ତେ ଯୋଜନବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସ୍ଥାନୀୟ ଗ୍ରାମର ପ୍ରତାପ ମହାନ୍ତି, ଦୋଳଗୋବିନ୍ଦ ମହାନ୍ତି ପ୍ରମୁଖ ହାତରେ ମାରଣାସ୍ତ୍ର ଧରି ଶ୍ରୀ ସେନାପତିଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୁଣ୍ଡରେ ଚୋଟ ବାଜିଥିଲା ବେଳେ ଗୋଡ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ସମ୍ପର୍କରେ ତାଙ୍କର ପତ୍ନୀ ମହାଶ୍ୱେତା ସେନାପତି ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ମାହାଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତ ଜାରି ରହିଛି।

## ୱାରେଣ୍ଟି ଗିରଫ

ସାଲେପୁର,୨।୮(ସମିସ): ସାଲେପୁର ପୁଲିସ ପକ୍ଷରୁ ଜଣେ ୱାରେଣ୍ଟିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଲୁଣାହାର ଗ୍ରାମର ବସନ୍ତ ବେହେରା ୨୦୨୧ରେ ଜଗତ୍‌ସିଂହପୁର ଜିଲ୍ଲା ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଠକେଇ କରି ନେଇଥିଲେ। ଏହି ଘଟଣାରେ ଜଗତ୍‌ସିଂହପୁର ଅଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଉକ୍ତ ଦିନଠାରୁ ବସନ୍ତ ଫେରାର ଥିଲା। ଏହି ପୁରୁଣା ୱାରେଣ୍ଟି ବଳରେ ଆଜି ବସନ୍ତକୁ ସାଲେପୁର ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଅପହୃତା ନାବାଳିକା ଉଦ୍ଧାର; ଅଭିଯୁକ୍ତ ଗିରଫ

ଟାଙ୍ଗୀ,୨।୮(ସମିସ): ଜଣେ ୧୭ବର୍ଷୀୟା ନାବାଳିକା ସହ ପ୍ରେମ ଓ ବିବାହ ପ୍ରତିଶ୍ରୁତି ଦେଇ ଅପହରଣ ଏବଂ ଶାରୀରିକ ସଂପର୍କ ରଖିବା ଅଭିଯୋଗରେ କଟକ ଜିଲ୍ଲା ଟାଙ୍ଗୀ ପୁଲିସ ନପଙ୍ଗ ପଞ୍ଚାୟତ ସାନକେଶରପୁର ଅଞ୍ଚଳର ପିଣ୍ଟୁ ମଲ୍ଲିକ(୨୨)କୁ ଗିରଫ କରିଛି। ଅଭିଯୁକ୍ତ ପିଣ୍ଟୁକୁ ଶନିବାର ଅଦାଲତ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ହେମନ୍ତ ସାମଲ ସୂଚନା ଦେଇଛନ୍ତି। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ପ୍ରେମ ସଂପର୍କ ରହିଥିଲା। ଉଭୟ ପରିବାରର ବିରୋଧ ଯୋଗୁଁ ଦୁହେଁ ଘର ଛାଡ଼ି ପୁରୀରେ ୫ ଦିନ ରହିଥିଲେ। ନାବାଳିକାର ପିତାଙ୍କ ଅଭିଯୋଗ ଓ ଆଇଆଇସି ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶରେ ଶ୍ରୀ ସାମଲ ଚଢଉ କରି ନାବାଳିକାକୁ ପୁରୀ ସହରର ଏକ ହୋଟେଲରୁ ଉଦ୍ଧାର କରିଥିଲେ। ନାବାଳିକାକୁ ସୁଧାର ଗୃହରେ ରଖିଥିବା ସୂଚନା ମିଳିଛି।



## ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ସାଲେପୁର,୨।୮(ସମିସ): ସାଲେପୁର ଆଦର୍ଶ ଥାନା ପକ୍ଷରୁ ଅପରାଧକୁ ରୋକିବାପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଆଦର୍ଶ ଥାନା ଅଧିକାରିଣୀ ଅନିତା ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସାଲେପୁରରେ ଥିବା ବିଭିନ୍ନ ବ୍ୟାଙ୍କ୍ ଗସ୍ତ କରି ସେମାନଙ୍କ ସିସିଟିଭି, ସିକ୍ୟୁରିଟି ଆଦି ଯାଞ୍ଚ କରିବା ସହ ଗ୍ରାହକଙ୍କ ସୁରକ୍ଷା ପ୍ରତି ମଧ୍ୟ ଯାଞ୍ଚ କରିଥିଲେ। ସେହିପରି ଗ୍ରାହକଙ୍କୁ ବ୍ୟାଙ୍କ୍‌ରେ ଅର୍ଥ କାରବାର ସମୟରେ କିଭଳି ସତର୍କତା ଅବଲମ୍ବନ କରାଯିବ ସେ ସଂପର୍କରେ ସଚେତନ କରାଇଥିଲେ। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍, ୟୁକୋ ବ୍ୟାଙ୍କ୍ ସମେତ ବିଭିନ୍ନ ବ୍ୟାଙ୍କ୍ ଗସ୍ତ କରି ବ୍ୟାଙ୍କ୍‌ର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବା ସହ ଗ୍ରାହକ ଓ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ସେହିପରି କୋଟପା ଆଇନ୍ ବଳରେ ବେଆଇନ୍ ଭାବେ ଗୁଟ୍‌କା ଓ ମାଦକ ଦ୍ରବ୍ୟ ବିକ୍ରୟ କରୁଥିବା ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ପୁଲିସ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ପହଞ୍ଚି ନୂତନ ଆଇନ୍ ସଂପର୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।

# ଶିକ୍ଷକ ବଦଳିକୁ ନେଇ ୩ ଦିନ ଧାରଣାରେ ଛାତ୍ର-ଅଭିଭାବକ



ଭଦ୍ରେଶ୍ୱର, ୨।୮(ସମିସ):

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଆନନ୍ଦପୁର ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବଦଳିକୁ ନେଇ ଛାତ୍ରାଭିଭାବକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ସମ୍ପୃକ୍ତ ଶିକ୍ଷକଙ୍କୁ ପୁନଃନିଯୁକ୍ତି ନିମନ୍ତେ ଦାବି କରି ଗତ ୩ଧରି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ଛାତ୍ରାଭିଭାବକ। ବିଦ୍ୟାଳୟକୁ ଆସୁନାହାନ୍ତି ଛାତ୍ରଛାତ୍ରୀ। ଏପରି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଉନାହାନ୍ତି ବ୍ଲକ ଶିକ୍ଷାଧିକାରିଣୀ। ଯାହାଫଳରେ ଧାରଣାକୁ ଅନିଶ୍ଚିତତା ଦେଖାଦେଇଛି। ସୂଚନା ମୁତାବକ, ଆନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ୭ଟି ଶ୍ରେଣୀ ରହିଛି। ଯେଉଁ ୭ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଅଧ୍ୟୟନ କରାଇବା ପାଇଁ ୪ଜଣ ଶିକ୍ଷକ ରହିଛନ୍ତି। ତେବେ ୭ମ ଶ୍ରେଣୀର ପାଠ ପଢାଇବା ପାଇଁ କୌଣସି ଶିକ୍ଷକ ରହି ନଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସତ୍ୟବ୍ରତ ରଥଙ୍କୁ ଆକୋଶମୂଳକ ଭାବେ ଅନ୍ୟତ୍ର ବଦଳି କରାଯାଇଛି। ଶିକ୍ଷକ ସତ୍ୟବ୍ରତଙ୍କୁ ପୁନଃନିଯୁକ୍ତି ଦାବିରେ ଗତ ୩ ଦିନ ଧରି ବିଦ୍ୟାଳୟ ସମ୍ମୁଖରେ ଶତାଧିକ

**ପାଖ ମାଡୁନାହାନ୍ତି ବିଇଓ**

ଛାତ୍ରାଭିଭାବକ ଧାରଣାରେ ବସିଛନ୍ତି। ଏପରିକି ବିଦ୍ୟାଳୟକୁ ପାଠ ପଢିବା ପାଇଁ କୌଣସି ଛାତ୍ରଛାତ୍ରୀଙ୍କୁ ପଠାଉନାହାନ୍ତି। ତେବେ ଧାରଣା ୩ଦିନ ବିତି ଯାଇଥିଲେ ମଧ୍ୟ ବ୍ଲକ ବିଇଓ କିମ୍ବା ଉଚ୍ଚ ପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଆସିନାହାନ୍ତି। ଯାହାକୁ ନେଇ ଏହି ଧାରଣା ଏବେ ଅନିଶ୍ଚିତତା ଘେରରେ ରହିଛି। ତେବେ ଦେଖିବାକୁ ବାକି ରହିଲା ଆଗାମୀ ସୋମବାର ଏହି ଧାରଣା ୪ର୍ଥ ଦିନ ଧରି ଚାଲୁ ରହୁଛି ନା ପ୍ରଶାସନ ପକ୍ଷରୁ କୌଣସି ଏକ ସମାଧାନର ବାଟ ବାହାରୁଛି।

## ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର

ଚୌଦ୍ୱାର,୨।୮(ସମିସ): ଚୌଦ୍ୱାର ପୌରପାଳିକା ହାଉସିଂବୋର୍ଡସ୍ଥିତ ଯଯାତି କେଶରୀ କ୍ଲବରେ ଭୁବନେଶ୍ୱରସ୍ଥିତ କେୟାର ନେତ୍ରମ ଓ ଯାଯାତି କେଶରୀ କ୍ଲବ ଆନୁକୁଲ୍ୟରେ ଏକ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୫ଜଣ ଲୋକ ଚକ୍ଷୁ ପରୀକ୍ଷା କରାଇବା ସହ ୨୨ଜଣ ମୋତିଆବିନ୍ଦୁ ଅପରେସନ ପାଇଁ ଚିହ୍ନଟ ହୋଇଥିଲେ। ପୌର ଉପାଧ୍ୟକ୍ଷ ତଥା ପୌରପାଳିକାର ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ବିଜୟ ମଲ୍ଲିକ, ୧୨ନଂ ୱାର୍ଡ କାଉନସିଲର ସୁବ୍ରତ ସାମଲ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ନେତ୍ରମ ଅନୁଷ୍ଠାନର ଜଗନ୍ନାଥ ବାରିକ ଶିବିର ପରିଚାଳନା କରିଥିଲେ। ୧୦ ଓ ୧୯ନଂ ୱାର୍ଡର ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ। ନର୍ମଦା ରାଉତ, ବିଜୟ କେତନ ସ୍ୱାଇଁ, ସନ୍ଧ୍ୟାରାଣୀ ବାରିକ, ସ୍ୱାଧୀନ ଦାସ, ସରିତା ଭଞ୍ଜ, ପ୍ରଦୀପ ପ୍ରଧାନ, ସୁବାସଚନ୍ଦ୍ର ପ୍ରଧାନ, ମୀନକେତନ ପଣ୍ଡା, ବିରଜା ପ୍ରସାଦ ଦାସ, ସ୍ମୃତିଶ୍ରୀ ଜଗଦେବ, ନାରାୟଣ ଜେନା, ଶ୍ରନିବାସ ସାହୁ, ରଞ୍ଜନ ସାହୁ, ରଞ୍ଜନ ବାରିକଙ୍କ ସମେତ ଯଯାତି କେଶରୀ କ୍ଲବର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଓଷ୍ଟାର ଦାବିପତ୍ର

ନିଶ୍ଚିନ୍ତକୋଇଲି, ୨।୮(ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ନିର୍ଦ୍ଦେଶକ୍ରମେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ନିଶ୍ଚିନ୍ତକୋଇଲି ବ୍ଲକ ଶାଖା ପକ୍ଷରୁ ୮ ଦଫା ସମ୍ବଳିତ ଦାବି ପୂରଣ ପାଇଁ ମଣ୍ଡଳ ଶିକ୍ଷାଅଧିକାରୀ ସଂଯୁକ୍ତା ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନ ଧରି ଅନୁଦାନ ପାଇ ନଥିବା ବିଦ୍ୟାଳୟ ଗୁଡିକୁ ଅନୁଦାନ ଦେବା, ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କୁ ପେନସନ ଦେବା, ଖାଲି ପଡିଥିବା ସମସ୍ତ ପଦ ପୂରଣ କରିବା, ବିଭିନ୍ନ ଗ୍ରେଡ୍ ପେ ରେ ଥିବା ଅସଙ୍ଗତିକୁ ଦୂରୀକରଣ କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ବରିଷ୍ଠତା ପ୍ରଦାନ କରିବା, ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟକୁ ସରକାରୀକରଣ କରିବା, ପ୍ରତ୍ୟେକ ବର୍ଗର ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କୁ ସମାନ ସୁବିଧା ସୁଯୋଗ ଦେବା ଏବଂ ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଦାବି ନେଇ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ପିଏମ୍‌ଜି ଛକରେ ହେବାକୁ ଥିବା ସମାବେଶର ଅବ୍ୟବହିତ ପୂର୍ବରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଓଷ୍ଟାର ପ୍ରାକ୍ତନ ଉପସଭାପତି ତଥା କଟକ ଜିଲ୍ଲା ଓଷ୍ଟାର ଯୁଗ୍ମ ସଂପାଦକ ଲକ୍ଷ୍ମୀନାରାୟଣ ବରାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରାମଚନ୍ଦ୍ର ରାଉତରାୟ, ଶିକ୍ଷକ କେଦାରନାଥ ସାହୁ, ରବିନାରାୟଣ ଦାସ, ସୁଧୀର କୁମାର ବିଶ୍ୱାଳ, ପ୍ରଦ୍ୟୁମ୍ନ ପଣ୍ଡା, ସନ୍ତୋଷ ବାନାର୍ଜୀ, ସନ୍ତୋଷ ମହାପାତ୍ର, ଅଜୟ ଜେନା, ବେଣୁ ବିନୋଦ ବେଉରା, ପ୍ରମିଳା ତ୍ରିପାଠୀ, ଅକ୍ଷୟ କୁମାର ସିଂଙ୍କ ସମେତ ବହୁ ଶିକ୍ଷକ ନେତା, ଶିକ୍ଷକଶିକ୍ଷୟିତ୍ରୀ ସାମିଲ ଥିଲେ।



■ ସାଲେପୁର ବ୍ଲକ୍ ଆତ୍ମା କମିଟି ଗଠନରେ ଅନିୟମିତତା ଅଭିଯୋଗ

## କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା




ସାଲେପୁର,୨।୮(ସମିସ): ସାଲେପୁର ବ୍ଲକ୍ ଆତ୍ମା କମିଟି ଗଠନରେ ବ୍ୟାପକ ଅନିୟମିତତା କରାଯିବା ସହ ଦଳୀୟ ଭିତ୍ତିରେ କମିଟି ଗଠନ କରାଯାଇଥିବା ଓ ଅଣକୃଷକଙ୍କୁ ଏହି କମିଟିରେ ସାମିଲ କରାଯାଇଥିବା ଅଭିଯୋଗ କରି ଏହି କମିଟିର ପୁନଃଗଠନ କରାଯିବା ଦାବିନେଇ ବହୁ ଚାଷୀ ସାଲେପୁର କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ସାଲେପୁର କୃଷି ଅଧିକାରୀ ସେମାନଙ୍କ ଦାବି ଗ୍ରହଣ କରି ଏହି ଘଟଣାର ପୁନଃ ବିଚାର ପାଇଁ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ ସାଲେପୁର ବ୍ଲକ୍‌ରେ ୩୫ଟି ପଞ୍ଚାୟତ ରହିଥିବାବେଳେ ସାଲେପୁର କୃଷି ବିଭାଗ ପକ୍ଷରୁ ନୂତନ ଭାବେ ଗଠନ କରାଯାଇଥିବା ଆତ୍ମା କମିଟି ଗଠନରେ ଅନିୟମିତତା କରାଯାଇଛି। ଦଳୀୟ ଭିତ୍ତିରେ ଏହି କମିଟିରେ ଅଣଚାଷୀମାନଙ୍କୁ ଚୟନ କରାଯାଇଥିବାବେଳେ ଗୋଟିଏ ପଞ୍ଚାୟତରୁ ୫ଜଣଙ୍କୁ ସଦସ୍ୟ ଭାବେ ନିଆଯାଇଛି। ବେଆଇନ୍ ଭାବେ ଏହି ଆତ୍ମା କମିଟି ଗଠନ କରିଥିବା ଅଭିଯୋଗ କରି ଆଜି ସାଲେପୁର କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସାଲେପୁର ବ୍ଲକ୍ ପୂର୍ବତନ ଆତ୍ମା ସଭାପତି ଦିଲ୍ଲୀପ ଦାଶଙ୍କ ନେତୃତ୍ୱରେ ବିରଞ୍ଚିନାରାୟଣ କର, ସରପଞ୍ଚ ସଂଜୟ ବେହୁରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଂଜନ ମହାନ୍ତି, ଅଶ୍ୱିନୀ ଦାସ, ପୂର୍ବତନ ସରପଞ୍ଚ ବିଭୁତିଭୂଷଣ ଦାଶ, ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର ବ୍ଲକ୍ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ସୌମ୍ୟରଂଜନ ମଲ୍ଲ, ବିଶ୍ୱଭୂଷଣ ମହାନ୍ତି, ପର୍ଶୁରାମ ଦୀକ୍ଷିତ, ବିଷ୍ଣୁଚରଣ ବାରିକ, ସତ୍ୟରଂଜନ ମଲ୍ଲିକ, ସରପଞ୍ଚ ଜ୍ଞାନରଂଜନ ପଟ୍ଟନାୟକ, ସୁଧାଂଶୁବାଳା ଜେନା, ଦମୟନ୍ତୀ ମହାନ୍ତି, ଜୟଦେବ ଷଡ଼ଙ୍ଗୀଙ୍କ ସମେତ ବହୁ ଚାଷୀ କୃଷି ବିଭାଗ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଥିଲେ। କୃଷି ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ଆଲୋଚନା କରାଯାଇ ଏହି ଚୟନକୁ ସ୍ଥଗିତ ରଖାଯାଇ ପୁନର୍ବାର ଚଳିତ ମାସ ୪ତାରିଖ ଦିନ ଆତ୍ମା କମିଟି ଗଠନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କେନାଲ ରକ୍ଷଣାବେକ୍ଷଣ ହେଉନି; ପହଞ୍ଚୁନି ଶେଷମୁଣ୍ଡକୁ ପାଣି

ସାଲେପୁର,୨।୮(ସମିସ): ଜଳସେଚନ ବିଭାଗର ଖାମଖିଆଲି ନୀତି ଯୋଗୁ ଅଦ୍ୟାବଧି ସାଲେପୁର ଅଞ୍ଚଳରେ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ବିଭିନ୍ନ ଶାଖା କେନାଲଗୁଡିକର କାଡ଼ା କେନାଲଗୁଡିକ ସଫେଇ କରାଯାଇ ନଥିବାରୁ ଚାଷ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚିପାରୁ ନଥିବାରୁ ଚାଷକାର୍ଯ୍ୟରେ ବିଳମ୍ବ ଘଟୁଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା କେନାଲରୁ ବାଲିସାହି ନିକଟରେ ବାହାରିଥିବା ବି.-୨ ଶାଖା କେନାଲ ଅଦ୍ୟାବଧି ସଫେଇ ହୋଇନଥିବାରୁ କେନାଲରେ ଆଣ୍ଠୁଏ ଉଚ୍ଚର ଘାସ ମାଡ଼ି ରହିଛି। ଫଳରେ ଏହି କେନାଲରେ ପାଣି ଯାଇପାରୁନଥିବାରୁ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚିପାରୁନାହିଁ। ଫଳରେ ଚାଷୀମାନେ ଚାଷକାର୍ଯ୍ୟ କରିବାକୁ ସକ୍ଷମ ହେଉ ନଥିବାବେଳେ ବର୍ଷା ପାଣି ଉପରେ ନିର୍ଭର କରି ନଇଗୁଆଁ, ବାଲିଆ, ଶଙ୍କରପୁର, ଚନ୍ଦ୍ରାଦେଇପୁର, କଣ୍ଟାସାହି, ବାଲିସାହି ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟକରିବାକୁ ବାଧ ହେଉଛନ୍ତି। ସାଲେପୁର ବ୍ଲକ୍ ଅଞ୍ଚଳରେ ଥିବା କାଡ଼ା କେନାଲକୁ ତୁରନ୍ତ ସଫା କରିବା ସହ ମରାମତି କରିବାକୁ ଏହି ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।



## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ନିଶ୍ଚିନ୍ତକୋଇଲି, ୨।୮(ସମିସ): ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ବର୍ଷର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିର ପରିଚାଳନା ସମିତିର ସଭାପତି ଦୀପାଞ୍ଜଳି ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା ଯୋଗ ଦେଇଥିଲେ। ଏହି ମେଳାରେ ୧୦୦ ଜଣ ଶିଶୁ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏଥିରେ ବିଚାରକ ଭାବେ ପି.ପି. କଲେଜ ବିଜ୍ଞାନ ବିଭାଗର ଅଧାପକ ଶିଶିର କୁମାର ସାହୁ, ବି.ଡି. ମହିଳା ମହାବିଦ୍ୟାଳୟର ଅଧାପକ ଦେବାଶିଷ ନାୟକ ଯୋଗଦେଇ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ବିଜ୍ଞାନ ପ୍ରମୁଖ ସୁଶ୍ରୀ ମିନାକ୍ଷୀ ସେନାପତି ସମସ୍ତ ପ୍ରକଳ୍ପ ଓ ପ୍ରଶ୍ନ ମଞ୍ଚର ସଂଯୋଜନା କରିଥିଲେ। ଏଥିରେ ୪୫ ଜଣ ଶିଶୁ ଭାଇଭଉଣୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସଭାପତି ଶ୍ରୀମତୀ ମିଶ୍ରଙ୍କ ପୌରୋହିତ୍ୟରେ ଏଥିରେ ଯୁଗ୍ମ ସଂପାଦିକା ସୁଶ୍ରୀ ବିଦ୍ୟୁତଲତା ପଣ୍ଡା ଏବଂ କମିଟିର ଅନ୍ୟ ସଦସ୍ୟା ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଶିଶୁମାନଙ୍କୁ ଅବଗତ କରାଇଥିଲେ। ପ୍ରଧାନଆଚାର୍ଯ୍ୟ ମୀନକେତନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ନିଜ ନିଜର ଦାୟିତ୍ୱ ତୁଲାଇଥିଲେ।

## ନିମ୍ନମାନର ରାସ୍ତା କାମ; ତଦନ୍ତ ଆରମ୍ଭ

ଚୌଦ୍ୱାର,୨।୮(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏକ ଗ୍ରାମୀଣ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗରେ ଏହାର ତଦନ୍ତ ଶନିବାର ଆରମ୍ଭ ହୋଇଥିବା ଜଣାପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରାୟ ୩.୫୦କୋଟି ଟଙ୍କା ବ୍ୟୟ ଅଟକଳରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ବ୍ରହ୍ମପୁର ପଞ୍ଚାୟତର ତାରିଣୀ ମନ୍ଦିରଠାରୁ ହନୁମାନ ଛକ ଓ କାଞ୍ଜିଆଠାରୁ ତୁଳସିପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ସେତେବେଳେ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଗ୍ରାମବାସୀ ବିଭିନ୍ନ ସମୟରେ ଅଭିଯୋଗ କରିଆସୁଥିଲେ। ପରେ ଆରଟିଆଇ କର୍ମୀ ହରିହର ବେଉରା ସୂଚନା ଅଧିକାର ମାଧ୍ୟମରେ ଏହାର ତଦନ୍ତ ପାଇଁ ଆବେଦନ କରିଥିଲେ। ଫଳସ୍ୱରୁପ ଶନିବାର ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଗଣେଶଚନ୍ଦ୍ର ହେମ୍ବ୍ରମ୍, କନିଷ୍ଠ ଯନ୍ତ୍ରୀ ସଞ୍ଜିବ ରାୟଙ୍କ ସମେତ ଏକ କମିଟି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ତଦନ୍ତରେ ସନ୍ତୁଷ୍ଟ ନହେଲେ ଆଗକୁ ଲୋକାୟୁକ୍ତ, ଭିଜିଲାନ୍ସ କମିଟି ମାଧ୍ୟମରେ ସତ୍ୟତା ଲୋକଲୋଚନକୁ ଅଣାଯିବ ବୋଲି ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ ଓ ଶ୍ରୀ ବେଉରା ପ୍ରକାଶ କରିଛନ୍ତି।

## ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନରେ ଟାଳଟୁଳ ନୀତି

ନିଶ୍ଚିନ୍ତକୋଇଲି, ୨।୮(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତରତ ଶାସନଠାରେ ଥିବା ମା' ହରଚଣ୍ଡୀ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନରେ ପୁଲିସ ବିଭାଗ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଆସନ୍ତା ଅଗଷ୍ଟ ୧୫ ତାରିଖ ମଧ୍ୟରେ ନାଗରିକ ମଞ୍ଚର ସଂପୃକ୍ତ ସଦସ୍ୟମାନଙ୍କୁ ଯଦି ବରିଷ୍ଠ ନାଗରିକ ପରିଚୟପତ୍ର ପଦାନ କରା ନଯାଏ ତାହାହେଲେ ସେମାନେ ନେମାଳ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଲୁଣା-ଚିତ୍ରୋତ୍ପଳା ଦୀପାଂଚଳରେ ଦୀର୍ଘଦିନ ହେବ ଏକ ସରକାରୀ ପଞ୍ଜିକୃତ ନାଗରିକ ମଞ୍ଚ ଗଠନ କରାଯାଇଛି। ୧୪ଟି ପଞ୍ଚାୟତର ୧୪୫ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି। ୭୮ ଜଣ ସଦସ୍ୟ ବରିଷ୍ଠ ପରିଚୟପତ୍ର ନିମନ୍ତେ ନେମାଳ ଓ ନିଶ୍ଚିନ୍ତକୋଇଲି ଥାନାରେ ଆବେଦନ କରିଥିଲେ। ଉକ୍ତ ଆବେଦନ ପତ୍ର ପାଇବା ପରେ ରିପୋର୍ଟ ଏବଂ ନାଗରିକମାନଙ୍କ ଆବେଦନପତ୍ର ନେମାଳ ଥାନାରୁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ପଠାଯାଇ ନଥିବା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ନେମାଳ ଥାନାଧିକାରୀ ସୁଶୀଳ ନାୟକ କହିଛନ୍ତି, ଏସ୍‌ପିଙ୍କ ଅଫିସରେ କାର୍ଯ୍ୟ କେତେ ହୋଇଛି ସେନେଇ ପୁନର୍ବାର ବୁଝିବାକୁ ପଡିବ।

**ସାଲେପୁର ନିର୍ବାଚନମଣ୍ଡଳୀର ସମସ୍ୟା**

# ରାଜ୍ୟପାଳଙ୍କୁ ଭେଟିଲେ କଂଗ୍ରେସ ନେତା ଆକ୍ୟୁବ୍ ଖାଁ

ସାଲେପୁର,୨।୮(ସମିସ):

ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ସାଲେପୁର କଂଗ୍ରେସ ନେତା ଆକ୍ୟୁବ୍ ଖାଁ ରାଜ୍ୟପାଳଙ୍କୁ ଭେଟିବା ସହ ଏହି ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରିବାପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାଲେପୁର ଅଞ୍ଚଳ ଏକ କୃଷିବହୁଳ ଅଞ୍ଚଳ ହୋଇଥିବାବେଳେ କୃଷିର ଉନ୍ନତି ପାଇଁ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଏହି ଅଞ୍ଚଳର ଲୋକମାନେ କୃଷି ପ୍ରତି ଦିନକୁ ଦିନ ମୁହଁ ଫେରାଇବାକୁ ଆରମ୍ଭ କଲେଣି। ପନିପରିବା ଜାତୀୟ ସଂରକ୍ଷଣ ରଖିବାପାଇଁ ଆବଶ୍ୟକୀୟ ଶୀତଳ ଭଣ୍ଡାର ନଥିବାବେଳେ ଚାଷ ଜମିକୁ ଜଳସେଚନ ପାଇଁ କାଡ଼ା ନିର୍ମାଣ ହୋଇଥିଲେ ମଧ୍ୟ ତାହାର ରକ୍ଷଣା ବେକ୍ଷଣ କରାଯାଉ ନଥିବାରୁ ଅଧିକାଂଶ ସ୍ଥାନରେ କାଡ଼ା କେନାଲଗୁଡିକ ପୋତି ହୋଇଥିଲେ ମଧ୍ୟ ତାହାକୁ ପୁନରୁଦ୍ଧାର କରାଯାଉନାହିଁ। ସେହିପରି ରାସ୍ତାଘାଟର ଉନ୍ନତିକରଣ ହେଉନାହିଁ। ବିଶେଷ କରି ଟାଙ୍ଗୀ ଅଞ୍ଚଳରେ ଆଦିବାସୀମାନଙ୍କ ଜମିରେ ଓସିଏଲ୍ କମ୍ପାନୀ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ ସମୟରେ ଆଦିବାସୀମାନଙ୍କୁ ପୂର୍ଣ୍ଣ ଥଇଥାନ କରାଯିବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ଜମିର ପଟ୍ଟା ସେମାନଙ୍କୁ ଅଦ୍ୟାବଧି ପ୍ରଦାନ କରାଯାଇନଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେହିପରି ସେମାନେ ରହୁଥିବା ବସ୍ତିରେ ବର୍ତ୍ତମାନ ପିଇବା ପାଣିର ସୁବିଧା ନାହିଁ, ଭଲ ରାସ୍ତା ନାହିଁ, ଆଦିବାସୀ ସଂପ୍ରଦାୟର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କଂଗ୍ରେସ ନେତା ଶ୍ରୀ ଖାଁ ରାଜ୍ୟପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ରାଜ୍ୟ କଂଗ୍ରେସ କମିଟି ଆଦିବାସୀ ସେଲ୍‌ର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୋରୀ ରାଜ୍ୟରେ ଆଦିବାସୀଙ୍କ ପ୍ରତି ହେଉଥିବା ବିଭିନ୍ନ ଶୋଷଣ ଓ ଅଣଦେଖା ସଂପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



# କୋରଙ୍ଗା ମଦଭାଟି ଉପରେ ବୁଲିଲା ଜେସିବି

## ବିପୁଳ ଦେଶୀମଦ ଓ ପୋଚ ନଷ୍ଟ



**ତିଗିରିଆ/ଆଠଗଡ, ୨।୮ (ସମିସ):** ଆଠଗଡ ଥାନା କୋରଙ୍ଗା ଗ୍ରାମରେ ବର୍ଷବର୍ଷ ଧରି ଅବାଧ ଦେଶୀ ମଦ ପ୍ରସ୍ତୁତକାରୀଙ୍କ ଉପରେ ଚଢ଼ଉ କରିଛି ଆଠଗଡ ପ୍ରଶାସନ। ଶନିବାର ପୂର୍ବାହ୍ଣରେ ଆଠଗଡ ଅବକାରୀ ବିଭାଗ, ପୁଲିସ ବିଭାଗ, ଫରେଷ୍ଟ ବିଭାଗ ବିଭାଗ ମିଳିତ ଭାବେ ଚଢ଼ଉ କରି ୨୪୧୫ ଲିଟର ଦେଶୀମଦ ସହ ୨୨୬୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଜବତ କରି ଘଟଣାସ୍ଥଳରେ ନଷ୍ଟ କରିଛନ୍ତି। ଏହି ଘଟଣାରେ ୬ଟି ଅବକାରୀ ମାମଲା ରୁଜୁ କରାଯିବା ସହିତ ଦେଶୀ ଭାଟିର ସମସ୍ତ ଚୁଲା ଭାଟିଗୁଡିକୁ ଜେସିବି ଲଗେଇ ନଷ୍ଟ କରି ଦିଆ ଦିଆଯାଇଛି। କୋରଙ୍ଗା ଗ୍ରାମରେ ବର୍ଷବର୍ଷ ଧରି ଅବାଧ ଦେଶୀମଦ ପ୍ରସ୍ତୁତକାରୀଙ୍କ ଉପରେ ପ୍ରଶାସନିକ ଛାଟ ଲାଗିଥିବାର ଦେଖି ତିଗିରିଆ ବ୍ଲକର ଭିରୁଡା ଓ ପଣସପାଟଣାରେ ଆତଙ୍କ ଖେଳିଯାଇଛି। ଗ୍ରାମ ସନ୍ନିକଟ ଜଙ୍ଗଲରେ ବର୍ଷବର୍ଷ ଧରି ଅବାଧ ମଦ ରାନ୍ଧି ବାହାରକୁ ରପ୍ତାନୀ କରୁଥିବା ବ୍ୟବସାୟୀମାନେ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। ଚଢ଼ଉ ଦଳରେ ଆଠଗଡ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ, ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନ, ଅଭିରାମ ସାହୁ, ଆଠଗଡ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି, ଦିଲ୍ଲୀପ ବେହେରା, ଆଶିଷ ନାୟକ, ଅରୁଣ ଭୋଇ, ସୌମ୍ୟରଞ୍ଜନ ମାଝୀ, ବାପି ସାହୁ, ବିପିନ ବିହାରୀ ସାହୁ ତଥା ଅନ୍ୟ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

# ବନ୍ଧୁକ, ଗୁଳି ଓ ବୋମା ଜବତ; ଜଣେ ଗିରଫ



**ନିଶ୍ଚିନ୍ତକୋଇଲି, ୨।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ତରତ ଛକରେ ଅପରାଧିକ କାର୍ଯ୍ୟକଳାପ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ନେମାଳ ଥାନା ପୁଲିସ ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଜୀବନ୍ତ ବୋମା ସମେତ ଏକ କିଲୋ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ସଂପୃକ୍ତ ଅପରାଧୀଙ୍କୁ ଗିରଫ କରି ତାଙ୍କ ନାମରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁଶୀଲ କୁମାର ନାୟକ ପ୍ରକାଶ କରିଛନ୍ତି। ଶୁକ୍ରବାର ସଂଧ୍ୟାରେ ନେମାଳ ଥାନା ଏଏସ୍‌ଆଇ ସେକ୍ ସାହାନାୱାଜ୍‌ଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ପାଟ୍ରୋଲିଂରେ ଯାଇ ଦେବରାଳ, ଓରତି, ନରେନ୍ଦ୍ରପୁର, ତରତ, ହାଣ୍ଡିଭଙ୍ଗା ଆଦି ସ୍ଥାନରେ ବୁଲୁଥିବା ବେଳେ ଏକ ବିଶେଷ ସୂତ୍ରରୁ ଖବର ପାଇ ତରତ ଛକରେ ପହଞ୍ଚି ସଂପୃକ୍ତ ଯୁବକଙ୍କୁ ଧରିଥିଲା। ଯୁବକ ଜଣକ ଏକ ବ୍ୟାଗ୍‌ରେ ସମସ୍ତ ଦ୍ରବ୍ୟ ଭର୍ତ୍ତି କରି ଛିଡ଼ା ହୋଇଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା। ସଂପୃକ୍ତ ଯୁବକଙ୍କ ନାମରେ ପିପିଲି, ରଘୁନାଥପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ନେମାଳ ସମେତ ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ସଂପୃକ୍ତ ଅପରାଧିଙ୍କ ନାମ ମହମ୍ମଦ ରସିଦ୍ ହାପିଜ୍(୨୮)। ଘର ଭଦ୍ରେଶ୍ୱର ଥାନା ଅଧିନସ୍ଥ କୁରୁଜଙ୍ଗା ଗ୍ରାମରେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜାତକୁ ପଠାଇ ଦିଆଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ନେମାଳ ଥାନା ଏସ୍‌ଆଇ ଧୀରେନ୍ଦ୍ର ନାଥ ମଲିକ ଦାୟିତ୍ୱ ନେଇଥିବା ଜଣାଯାଇଛି।

# ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସରକାରଙ୍କୁ ଦାବିପତ୍ର

**କଟକ, ୨।୮ (ସମିସ):** ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅଣଅନୁଦାନପ୍ରାପ୍ତ, ଅନୁଦାନପ୍ରାପ୍ତ ଓ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କର ଅନେକ ଅସମାହିତ ସମସ୍ୟାର ସମାଧାନ ଲାଗି ପ୍ରସ୍ତୁତ ଦାବିପତ୍ରକୁ ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରଦାନ କରାଯାଇଛି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ଅନୁଦାନଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନସନ୍ ପ୍ରଦାନ କରିବା ଏବଂ ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ ହୋଇଥିବା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ଗ୍ରେଡ ପେ ରେ ଥିବା ଅସଙ୍ଗତି ଦୂରୀକରଣ, ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ଲାଗୁ କରିବା, ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବା ଇତ୍ୟାଦି ଦାବି ସଂକ୍ରାନ୍ତରେ ଏହି ଦାବିପତ୍ରକୁ ସରକାରଙ୍କୁ ପ୍ରଦାନ କରାଯାଇଛି। ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଗରୁଡ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍‌ଏ କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, କଳିଙ୍ଗ କେଶରୀ ପ୍ରଧାନ, ସୁରେଶଚନ୍ଦ୍ର ଦାସ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟକର୍ମୀଙ୍କ ବିୟୋଗରେ ଶୋକସଭା ଓ କାମଳ ସଚେତନତା



**ଆଠଗଡ଼, ୨।୮ (ସମିସ):** ଶନିବାର ଆଠଗଡ ବ୍ଲକ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯୋରନ୍ଦା ସେକ୍ଟର ଆନୁକୂଲ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ରହ୍ମପୁର ଅଧିବେଶନ ଗୃହଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ. ସ୍ୱାଗତ ଦାସଙ୍କ ସଭାପତିତ୍ୱରେ ଓ ଯୋରନ୍ଦା ସେକ୍ଟର ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମଙ୍କ ତତ୍ତ୍ୱାବଧାନରେ ବେଣ୍ଟପଦା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ମହିଳା ସ୍ୱାସ୍ଥ୍ୟ କର୍ମୀ ସୁରେଖା ପ୍ରଧାନଙ୍କ ଅକାଳ ବିୟୋଗ ନିମନ୍ତେ ଏକ ଶୋକସଭା ତାଙ୍କ ଆତ୍ମାର ସଦଗତି ପାଇଁ ହୋଇଯାଇଅଛି। ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସିଦ୍ଧାର୍ଥ ବେହେରା, ଆୟୁଷ ଡ. ଚିରନ୍ତନ ମହାନ୍ତି, ସମସ୍ତ ମହିଳା/ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ସିଏଚଓ, ଡାକ୍ତରଖାନାର ସମସ୍ତ କର୍ମଚାରୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ଜନସାଧାରଣ ଯୋଗଦାନ କରିଥିଲେ। ସେ ଜଣେ ଦକ୍ଷ, ପରିଶ୍ରମୀ ଓ ଲୋକଙ୍କ ପ୍ରତି ତାଙ୍କର ଉତ୍ତମ ବ୍ୟବହାର ସମସ୍ତଙ୍କୁ ବାନ୍ଧି ରଖିବା ସହିତ ନିସ୍ୱାର୍ଥପର ସେବା ଯୋଗାଇ ଦେଇ ଆସୁଥିଲେ ବୋଲି ମତପ୍ରକାଶ ପାଇଥିଲା। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ସମସ୍ତ ଆଶାକର୍ମୀ ଓ ଡାକ୍ତରଖାନା କର୍ମଚାରୀ, କ୍ଷେତ୍ର କର୍ମଚାରୀମାନଙ୍କୁ ଆଜି କାମଳ ବା ଜଣ୍ଡିସ ରୋଗର ପ୍ରତିକାର ପାଇଁ ଟୀକା ଦିଆଯାଇଥିଲା ଓ କାମଳ ରୋଗ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# ବଜ୍ରପାତ ସତର୍କତା ସଚେତନତା

**ତିଗିରିଆ, ୨।୮ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ବଜ୍ରପାତ ସତର୍କତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ମୁଖ୍ୟଅତିଥି, ସମ୍ବଲ ଶିକ୍ଷକ ତଥା ସମ୍ମାନିତ ଅତିଥି ଭାବେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ମନମୋହନ ସାହୁ, ସ୍ଥାନୀୟ ଚୈତନ୍ୟ ସାହୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ସେନା ଅଧିକାରୀ ଜମ୍ବେଶ୍ୱର ସାହୁ, ଅବସରପ୍ରାପ୍ତ ବଡମ୍ବା ବ୍ଲକ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମଉଗଜସିଂ, ଅବସରପ୍ରାପ୍ତ ଆଠଗଡ ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏକ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ



ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମାଧବଚନ୍ଦ୍ର ପାତ୍ର ସଂଯୋଜନା କରିଥିଲେ।

# କ୍ଲଷ୍ଟର୍‌ସ୍ତରୀୟ କାର୍ଯ୍ୟକ୍ରମ

**ନରସିଂହପୁର, ୨।୮ (ସମିସ):** ନରସିଂହପୁର ବ୍ଲକ କୋକଳବା କ୍ଲଷ୍ଟରର ବାଲିସାହିସ୍ଥିତ ମୁକ୍ତନାଥ ବିଦ୍ୟାପୀଠରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ କୁମାର ସଶୁ ଅଧ୍ୟକ୍ଷତା କରିଥିଲେ। ସାଧନ କେନ୍ଦ୍ରର ସଂଯୋଜକ ରଞ୍ଜନ ସାହୁ ଶିକ୍ଷାନୀତି ଓ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ମଲ୍ଲିକ ସଂଯୋଜନା କରିଥିଲେ। କୋକଳବା କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଏଫଲଏନ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ମୁକ୍ତନାଥ ନୋଡାଲ ବିଦ୍ୟାପୀଠର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ଗୁହାଳରୁ ହରିଣ ଉଦ୍ଧାର



**ନରସିଂହପୁର, ୨।୮ (ସମିସ):** ନରସିଂହପୁର ବ୍ଲକ ସାଗର ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁହାଳରେ ଆଶ୍ରୟ ନେଇଥିବା ହରିଣକୁ ଉଦ୍ଧାର କରାଯାଇଛି। ଏକ ହରିଣ ଜଙ୍ଗଲରୁ ପଳାଇ ଆସି ସାଗର ଗ୍ରାମର ବସନ୍ତ ପ୍ରଧାନଙ୍କ ଗୁହାଳରେ ପଶି ଆଶ୍ରୟ ନେଇଥିଲା। ଏହାପରେ ପରିବାର ଲୋକେ ଗ୍ରାମବାସୀଙ୍କୁ ଜଣାଇବା ପରେ ହରିଣଟିକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ବନାଞ୍ଚଳ ଅଧିକାରୀ ଓ ବନକର୍ମଚାରୀ ଜଙ୍ଗଲ ଭିତରକୁ ଛାଡିଦେଇଛନ୍ତି।

# ଭାଗବତ ଟୁଙ୍ଗିରୁ ଚୋରି

**ନରସିଂହପୁର, ୨।୮ (ସମିସ):** ନରସିଂହପୁର ଥାନା ନୂଆ ବ୍ରହ୍ମପୁରାଠାରେ ଥିବା ଅଚିହ୍ନା ଭାଗବତ ଟୁଙ୍ଗିରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଆଶ୍ରମର ତାଲା ଭାଙ୍ଗି ଗୋଟିଏ ଘଣ୍ଟ, ୫ ଲିଟର ଗ୍ୟାସ୍ ସିଲିଣ୍ଡର୍ ଓ ନଗଦ ୫୫୦୦ ଟଙ୍କା ନେଇ ଯାଇଥିବା ଏତଲାରେ ଦର୍ଶାଇଛନ୍ତି। ଆଶ୍ରମର ଭକ୍ତ ଦୁର୍ଯୋଧନ ଗଣ୍ଡିଆ ଅଭିଯୋଗ ପରେ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କଠାରୁ ପ୍ରକାଶ।

## ହାତଗଣତି ପାକ୍ସ ଉଠାଉଛନ୍ତି ସାର କୋଟା

# ଖୋଲାବଜାରରୁ ଚଢ଼ା ଦରରେ କିଣୁଛନ୍ତି ଚାଷୀ

**କଟକ, ୨।୮ (ସମିସ):** ଖରିଫ ଧାନ ଫସଲ ପାଇଁ ୟୁରିଆ ସମେତ ଅନ୍ୟାନ୍ୟ ସାରର ଅଧିକ ପ୍ରୟୋଜନ ରହିଥିଲେ ହେଁ ଜିଲ୍ଲାରେ ଥିବା ପାକ୍ସ(ପ୍ରାଥମିକ ସେବା ସମବାୟ ସମିତି)ଗୁଡିକରେ ଏହା ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହୋଇପାରୁନାହିଁ। ଏପରିକି ସରକାରୀ ସ୍ତରରେ ପଞ୍ଜିକୃତ ବିକ୍ରେତା ଓ ପ୍ରାଥମିକ ସେବା ସମବାୟ ସମିତି ବ୍ୟତୀତ ଆଉ କେହି ସାର ବିକ୍ରି କରିପାରିବେ ନାହିଁ। କଟକ ଜିଲ୍ଲାରେ ଏହାକୁ ଉଲ୍ଲଙ୍ଘନ କରାଯାଇଆସୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ଆଗକୁ କଟକ ଜିଲ୍ଲାରେ ୟୁରିଆ ସାର ସଂକଟ ସୃଷ୍ଟି ହେବାର ସମ୍ଭାବନାକୁ ଏଡା ନଯାଇପାରେ। ସରକାରୀ ଭାବେ ଜିଲ୍ଲାରେ ଯେତିକି ସାରର ପ୍ରୟୋଜନ ରହିଥିବା ଦର୍ଶାଯାଉଛି, ବାସ୍ତବରେ କିନ୍ତୁ ତାହା ଯଥେଷ୍ଟ ଅଧିକ ବ୍ୟବହାର ହେଉଥିବା ଜଣାପଡିଛି। ପାକ୍ସରେ ସାର ମିଳୁ ନଥିବାରୁ ଚାଷୀମାନେ ଚଢ଼ା ଦରରେ ବାହାରୁ କ୍ରୟ କରିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାରେ ୨୧୪ଟି ସେବା ସମବାୟ ସମିତି ରହିଥିଲେ ମଧ୍ୟ ହାତଗଣତି ପାକ୍ସ ସାର ଉଠାଉଥିବା ବେଳେ ଅଧିକାଂଶ ସାର ନଆଣିବାରୁ ଖୁଚୁରା ବିକ୍ରେତାଙ୍କ ପାଇଁ କଳାବଜାର ପଥ ପରିଷ୍କାର ହୋଇଛି। ସରକାରୀ ଦରଠାରୁ ସାର ବସ୍ତା ପ୍ରତି ଅଧିକ ୨୦୦ ଟଙ୍କାରେ ବାହାରେ ବିକ୍ରି ହେଉଛି। ସେହିପରି ସମସ୍ତ ଲାଇସେନ୍ସ ପ୍ରାପ୍ତ ବିକ୍ରେତାଙ୍କୁ ପଏଣ୍ଟ ଅଫ ସେଲ(ପିଓଏସ) ମେସିନ ଦିଆଯାଇଥିଲେ ବି ଏହାର ବ୍ୟବହାର ନାମକୁ ମାତ୍ର ହୋଇଛି। ନିୟମିତ ଏହି ମେସିନ ସହ ଷ୍ଟକ ଯାଞ୍ଚ କରାଯାଉଥିବା କୃଷି ଅଧିକାରୀ କହିଛନ୍ତି। ଚଳିତ ଖରିଫ ଋତୁରେ ଜିଲ୍ଲାରେ ୧ ଲକ୍ଷ ୩୦ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଚାଷ ପାଇଁ ପ୍ରୟୋଜନ ହେଉଥିବା ଡିଏପି, ଏମଓପି, ୨୮-୨୮-୯ ଆଦି ସାରକୁ ଆଇପିଏଲ, କୃଷି ଭାରତ, କରମଣ୍ଡଳ, ଇଫକୋ ଓ ନାଗାର୍ଜୁନ ଆଦି କମ୍ପାନୀ ଯୋଗାଇଥାନ୍ତି। ୧୪ଟି ଯାକ ବ୍ଲକରେ ଚିହ୍ନଟ ହୋଇଥିବା ୨୧୪ଟି ପାକସ୍ ଓ ୧୫୦ରୁ ଅଧିକ ଘରୋଇ ସାରଟି ଘରୋଇ ସାର ବିକ୍ରୟ କେନ୍ଦ୍ର ମାଧ୍ୟମରେ ସାର ବିକ୍ରୟ କରାଯାଇଆସୁଛି। ମିଳିଥିବା ସୂଚନାନୁସାରେ, ଚଳିତ ଖରିଫ ଋତୁରେ ପ୍ରାୟ ୧୯ ହଜାର ମେଟ୍ରିକ ଟନ୍‌ର ୟୁରିଆ ସାରର ପ୍ରୟୋଜନ ରହିଛି।

## ଜିଲ୍ଲାସ୍ତରୀୟ ପିଏମ୍ କିଷାନ ସମ୍ମାନନିଧି ଯୋଜନା

# ହିତାଧିକାରୀ ପାଇଲେ ୨୦ତମ କିସ୍ତି

**କଟକ, ୨।୮ (ସମିସ):** ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତି ଆଜି ପ୍ରଦାନ କରାଯାଇଛି। ଏଥିରେ ଆଜି କଟକ ଜିଲ୍ଲାର ସମୁଦାୟ ୧ ଲକ୍ଷ ୫୭ ହଜାର ୯୪୭ ଜଣ ହିତାଧିକାରୀ ଚାଷୀଙ୍କୁ ୩୧,୫୮,୯୪,୦୦୦ ଟଙ୍କା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ କଟକ ସାରଳା ଭବନଠାରେ ଆଭାସୀ ମାଧ୍ୟମରେ ପିଏମ୍ କିଷାନ ସମ୍ମାନନିଧି ରାଶି ବଣ୍ଟନ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଯୋଗ ଦେଇ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବିଷୟ କହିଥିଲେ। ପିଏମ କିଷାନ ସମ୍ମାନିନିଧି ଯୋଜନାର ଅର୍ଥ ରାଶୀ ଚାଷୀ ପରିବାର ନିମେନ୍ତେ ବେଶ ସହାୟକ ହୋଇପାରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ଜିଲ୍ଲାର ସମସ୍ତ ଯୋଗ୍ୟ ଚାଷୀ ଏହି ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ଏହି କିସ୍ତି ରାଶି କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଆହୁରି ସଶକ୍ତ କରିପାରୁଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ୩୦୦ରୁ ଅଧିକ ଚାଷୀ ଯୋଗ ଦେଇ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ।

# ନିଆଳି ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା




**ନିଆଳି, ୨।୮ (ସମିସ):** ନିଆଳି ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ଦ୍ୱାରା 'ମାଦକ ଦ୍ରବ୍ୟକୁ ନା କୁହନ୍ତୁ' ସ୍ଲୋଗାନ୍ ସହିତ ଆଜି ଏକ ନିଶା ନିବାରଣ ସଚେତନତା ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିନୋଦ ବିହାରୀ ଦାସ ଉଦ୍‌ଘାଟନ କରି ଶିକ୍ଷାନୁଷ୍ଠାନରେ ନଶା ନିଶାନିବାରଣ ସଚେତନତାମୂଳକ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ନିଆଳି ମେଡିକାଲ୍‌ର ଡକ୍ଟର ସ୍ନିଗ୍ଧା ସାହୁ ସମାବେଶକୁ ସମ୍ବୋଧିତ କରିଥିଲେ। ବୈଠକର ସଂଯୋଜନା କରିଥିଲେ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ପ୍ରୋଗ୍ରାମ୍ ଅଫିସର ଡକ୍ଟର ଶ୍ରୀଧର ବାରିକ୍ ଏବଂ ଡକ୍ଟର ବିଜୟଲକ୍ଷ୍ମୀ ମହାନ୍ତି। ଅଧ୍ୟାପକ ହିରଣ୍ୟ ବିଦାରକ ମହାପାତ୍ର, ଅଧ୍ୟାପକ ହରେକୃଷ୍ଣ ଦାସ, ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଏବଂ ଅଧ୍ୟାପିକା ସୌଦାମିନି ମିଶ୍ରଙ୍କ ସମେତ ଅନେକ ସମ୍ମାନିତ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏକ ଶପଥ ଗ୍ରହଣ ସମାରୋହ ପରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

# ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

**ନରସିଂହପୁର, ୨।୮ (ସମିସ):** ନରସିଂହପୁର ବ୍ଲକ ଶିକ୍ଷା ମଣ୍ଡଳାଧୀଶଙ୍କ କାର୍ଯ୍ୟାଳୟଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ସମନ୍ୱୟ ସମିତି ତରଫରୁ ୬ ଦଫା ଦାବିନେଇ ଏକ ଶାନ୍ତିପୂର୍ଣ୍ଣ ଧାରଣା ଓ ପ୍ରତିବାଦ ସଭା ନରସିଂହପୁର ବ୍ଲକ ଓଷ୍ଟା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ଲୋପାମୁଦ୍ରା ରାଉତରାୟଙ୍କ ତରଫରୁ ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଦାବିପତ୍ରକୁ ଗ୍ରହଣ କରିଥିଲେ।

ସଭାପତି ଆକୁଳଚନ୍ଦ୍ର ସାହୁ, ସମ୍ପାଦକ ସୁଗମ ପ୍ରସାଦ ଡାଲୁଆଙ୍କ ନେତୃତ୍ୱରେ ସୁନନ୍ଦ ନାୟକ, ପ୍ରଭାତ ବେହେରା, ପ୍ରଦୀପ୍ତ ସାହୁ, ବିରଞ୍ଚି ନାରାୟଣ ସାହୁ, ସଞ୍ଜୟ ସାହୁ, ଶରତ ରଥ, ବାଦଲ ପ୍ରଧାନ, ବିନୋଦ ସାହୁ, ବିପିନ ରାଉତ, ଅନୁପ କୁମାର, ଆର୍ତ୍ତତ୍ରାଣ ପରିଡ଼ା, ସଞ୍ଜୟ ମହାଳିକ, ବିଜୟଲକ୍ଷ୍ମୀ ସାହୁ, କୁମୁଦିନୀ ସାହୁ, ସଞ୍ଜୟ ମିଶ୍ର, ପୂର୍ଣ୍ଣ ଧଳ, ସନ୍ତୋଷ ଧଳ, ପ୍ରଶାନ୍ତ ସାହୁ, ସୁବାସ ପ୍ରଧାନ, ବନମାଳି ପାଲ, ଉଦ୍ଧବ ନାୟକ, ଶ୍ରୀଧର ସାହୁ, ବରୁଣ ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ଦାବି ପୂରଣ ନହେଲେ ପ୍ରତିବାଦରେ ଆଗାମୀ ଅଗଷ୍ଟ ୧୬ ତାରିଖ ଦାବି ଦିବସରେ ରାଜଧାନୀ ଗନ୍ଧୀମାର୍ଗରେ ମହାସମାବେଶ କରାଯିବ ବୋଲି ଜଣାଇଛନ୍ତି।



## ୱାନ୍ ଷ୍ଟପ୍ ସେଣ୍ଟର 'ସଖୀ'ର ବାର୍ଷିକୋତ୍ସବ



ପାରଳାଖେମୁଣ୍ଡି,୨।୮ (ସମିସ): ଗଜପତି ଜିଲ୍ଲାର ଆଇଏସ୍ଆଇରଡି ସଖି ୱାନ୍ ଷ୍ଟପ୍ ସେଣ୍ଟରର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଏହି କେନ୍ଦ୍ରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଏହି କେନ୍ଦ୍ର ଆଗକୁ ଆହୁରି ଭଲ କାମ କରିବା ସହିତ ପୀଡ଼ିତା ମହିଳା ଓ ବାଳିକାଙ୍କୁ ସୁରକ୍ଷା ଦେବା ତଥା ମହିଳା ଓ ବାଳିକା ହିଂସାକୁ ରୋକିବାରେ କେନ୍ଦ୍ରର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଯୋଗଦେଇ ମହିଳା ଓ ବାଳିକାଙ୍କ ଉପରେ ହେଉଥିବା ହିଂସା ରୋକିବାରେ ତଥା ନିର୍ଯାତିତା ମହିଳା ଓ ବାଳିକାଙ୍କ ପାଇଁ ଏହି କେନ୍ଦ୍ରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ଏହି କେନ୍ଦ୍ର ଆଗକୁ ଆହୁରି ଭାଲ କାମ କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ସାରଳା ପାତ୍ର, ଜିଲ୍ଲା ସଂସ୍କୃତି ବିଭାଗର ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଶିଶୁ କଲ୍ୟାଣ ସମିତି ସଦସ୍ୟା ମମତାରାଣୀ ଶତପଥୀ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ସଂଯୋଜକ ଟିମନ ବାରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ସଂଯୋଜିକା ଓଡିଶା ଜୀବିକା ମିଶନ ଶିବାନୀ ପାଣୀଗ୍ରାହୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗଦେଇ ଜିଲ୍ଲାରେ ହେଉଥିବା ମହିଳା ଓ ବାଳିକା ହିଂସା ରୋକିବାରେ ସହାୟତା ହୋଇଥିବା ସ୍ଥଳେ ୱାନ୍ ଷ୍ଟପ କେନ୍ଦ୍ରର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଆଇଏସ୍ଆର୍ଡି ୱାନ ଷ୍ଟପ୍ ସେଣ୍ଟରର ନିର୍ଦ୍ଦେଶକ ସୁଧୀର ସାବତ ଅଧ୍ୟକ୍ଷତା କରିଥିଲେ।

## କ୍ୟାରିୟର କାଉନ୍ସେଲିଂ ଓ ବିତ୍ତୀୟ ସହାୟତା କାର୍ଯ୍ୟକ୍ରମ



ଚକାପାଦ,୨।୮ (ସମିସ): ଚକାପାଦ ବ୍ଲକ ଶଙ୍କରାଖୋଲରେ ଥିବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉନସିଲିଂ ଓ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ସନ୍ତୋଷ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶଙ୍କରାଖୋଲ ଷ୍ଟେଟ ବ୍ୟାଙ୍କ ପରିଚାଳକ ଲିପୁନ ବେହେରା ଯୋଗ ଦେଇଥିଲେ। ସେ ବ୍ୟାଙ୍କିଂ ବିଷୟରେ କ୍ୟାରିୟର କିପରି କରାଯିବ ଓ ବ୍ୟାଙ୍କର ବିଭିନ୍ନ ପଦ ନିମନ୍ତେ ଆବେଦନ ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା, ପରୀକ୍ଷା ପ୍ରଣାଳୀ ଓ ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଏଥିରେ ବ୍ୟାଙ୍କର କର୍ମଚାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ, ହରିଶ ମଲ୍ଲିକ ଓ ଦିଲ୍ଲୀପ ପାତ୍ର ସହଯୋଗ କରିଥିଲେ। ବହୁ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିବା ବେଳେ ଚକାପାଦ ବିଡ଼ିଓ ହୃଦରଞ୍ଜନ ସାହୁ, ଏପିଓ ନବନିତା ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଦେବୀପ୍ରସନ ରାଉତ ଏବଂ ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ ପରିଦର୍ଶନ କରିଥିଲେ। ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ଼. ବାବୁଲା ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗୋଷାଣି,୨।୮ (ସମିସ): ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ବି. ତିରୁମଲା ରାଓଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ, ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ପାତ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱାଧୀନ କୁମାର ପରିଡା, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ପ୍ରସାଦ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ, ଅଞ୍ଚଳବାସୀ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପ୍ରଧାନଶିକ୍ଷକ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରି ବିଦାୟ ଦେଇଥିଲେ। ଶ୍ରୀ ପଟ୍ଟନାୟକ ୫୦ ବର୍ଷ ହେଲା ଏହି ବିଦ୍ୟାଳୟ ସହ ସମ୍ପୃକ୍ତ ଥିବା ତଥା ଛାତ୍ରଜୀବନ ଠାରୁ ଆରମ୍ଭ କରି ଶିକ୍ଷକତା ଓ ପ୍ରଧାନଶିକ୍ଷକ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିଶେଷରେ ଜିଲ୍ଲାଶିକ୍ଷାଧିକାରୀ ଡ. ସାହୁ ପେନସନ୍ ଆଦେଶପତ୍ର ପ୍ରଦାନ କରିଥିଲେ।

# ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକଙ୍କ ଧାରଣା

ମୋହନା,୨।୮ (ସମିସ): ବିଭିନ୍ନ ଦାବି ନେଇ ଗଜପତି ଜିଲ୍ଲା ମୋହନା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଶିକ୍ଷକ/ଶିକ୍ଷୟିତ୍ରୀ। ସ୍ଥାନୀୟ ହାଇସ୍କୁଲ ଛକରୁ ଶୋଭାଯାତ୍ରାରେ ଶିକ୍ଷକ/ଶିକ୍ଷୟିତ୍ରୀ ବାହାରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି, ଯୋଗ୍ୟ ବିବେଚିତ ହାଇସ୍କୁଲ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ। ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ, ପେନ୍ସନ୍ ଓ ଅବସରକାଳୀନ



ସୁଯୋଗ ସୁବିଧା, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍ ପେ'ରେ ଥିବା ଅସଂଗତି ଦୂରୀକରଣ ଓ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ୬ଟି ନ୍ୟାସନାଲ ଇନ୍କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ପୁରାତନ ପେନସନ ସ୍କିମ ପ୍ରଚଳନ ଆଦି ୬ ଦାବି କରିଛନ୍ତି ଶିକ୍ଷକେ। ଏହାପରେ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଧାରଣା ଦିଆଯିବ ବୋଲି ଶିକ୍ଷକ ସଂଘ ସଭାପତି କୃଷ୍ଣ ଚନ୍ଦ୍ର ଗୌଡ଼ କହିଛନ୍ତି। ବିକ୍ଷୋଭରେ ବରିଷ୍ଠ ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ, ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଓ ବ୍ଲକ ସମ୍ପାଦକ ସୌମ୍ୟରଞ୍ଜନ ଦାସ ସାମିଲ ହୋଇଥିଲେ।

● ଗୌଡ଼ତାଳସିଂରେ ପୁଣି ଜମି ବିବାଦ

## 'ଜୀବନ ଗଲେ ଯିବ, ଜାଗା ଦେବୁ ନାହିଁ'



ପାରଳାଖେମୁଣ୍ଡି/ଗୋଷାଣି,୨।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସୋବରା ପଞ୍ଚାୟତର ଗୌଡତାଳସିଂ ଗ୍ରାମରେ ପୁଣି ଜମି ବିବାଦ ଦେଖାଦେଇଛି। ଡାକ୍ତରବାଞ୍ଜିରି ଓ ସାତମାଇଲ-କୁଡୁଡ଼ାରେ ଜମି ମାଲିକ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଥିବା ବେଳେ ଗୌଡତାଳସିଂରେ ଇଡ୍କୋ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ତାଳସିଂ ମୌଜାର ଖାତା ନଂ.୧୨୫ରେ ଦୁଇଟି ପ୍ଲଟ ରହିଛି। ଗୋଟିଏ ୨୦୬/୧୨୯୬ ଯାହା ୩୩ ଏକର ଜମି ପରିମିତ। ଅନ୍ୟଟି ୨୦୮ ନମ୍ବର ପ୍ଲଟ ଯାହା ୪ ଏକର ପରିମିତ। ଉଭୟ ପ୍ଲଟରେ ଗୌଡ଼ତାଳସିଂର ଅନୁସୂଚିତ ଜାତି/ଜନଜାତି ଓ ଅନ୍ୟବର୍ଗର ୭୦ ପରିବାର ନିଜର ଗୋରୁ ଚରାଇବା ସହ ମାଣ୍ଡିଆ, ଛାଞ୍ଚୁଣି, କାଜୁ, ପନିପରିବା ବାଡ଼ କରି ଜୀବିକା ନିର୍ବାହ କରିଆସୁଛନ୍ତି। କିନ୍ତୁ ପାଞ୍ଚ ବର୍ଷ ହେବ ଜିଲ୍ଲା ପ୍ରଶାସନ, ଇଡ୍କୋ ଓ ଗ୍ରାମବାସୀଙ୍କ ମଧ୍ୟରେ ୫ଥର ସମାଧାନ ବୈଠକ ହୋଇଥିଲେ ହେଁ ସମାଧାନର ସୂତ୍ର ବାହାରିପାରୁ ନାହିଁ। ଆଜି ଜିଲ୍ଲା ପ୍ରଶାସନ ଓ ଇଡ୍କୋର ଏକ ପ୍ରତିନିଧି ଦଳ ସମାଧାନ ପାଇଁ ପୁଣି ଏହି ଗ୍ରାମକୁ ଯିବା ପରେ ବର୍ତ୍ତମାନ ସମସ୍ୟା ପୁଣି ମୁଣ୍ଡ ଟେକିଛି। ଗ୍ରାମରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲା ଏହି ସ୍ୱତନ୍ତ୍ର ଟିମ୍। ପୂର୍ବ ଭଳି ଆଜି ମଧ୍ୟ ସମାଧାନ ବୈଠକରେ ଅନେକ ଅସମାଧାନ ପ୍ରଶ୍ନ ନେଇ ଫେରିଛି ସ୍ୱତନ୍ତ୍ର ଦଳ। ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ଖାତା ନମ୍ବର ୧୨୫ ପୂର୍ବେ ଖାତା ନମ୍ବର ୧୦୦ ଥିଲା। ତାହାକୁ ଚଞ୍ଚକତା କରି ପରିଚାଳନା ନିର୍ଦ୍ଦେଶକ ଓଡ଼ିଶା ଶିଳ୍ପଭିତ୍ତିଭୂମୀ ଉନ୍ନୟନ ନିଗମ, ଭୁବନେଶ୍ୱର ନାମରେ ପଟା କରାଯାଇଛି। ଦଖଲରେ ଥିବା ଲୋକ ଓ ଗ୍ରାମବାସୀଙ୍କୁ ଏସମ୍ପର୍କରେ ଅବଗତ କରାଯାଇନାହିଁ। ବର୍ତ୍ତମାନ ଓ ପୂର୍ବ ସରକାର ସମୟରେ ଗ୍ରାମବାସୀ ଅନେକ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେବା ପରେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ। ଯାହାକୁ ନେଇ କେବଳ ଅଶାନ୍ତି ନୁହେଁ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଅସନ୍ତୋଷର ବହ୍ନି ଉଗ୍ରରୂପ ନେଇଛି। ଗତ ମେ' ମାସରେ ଦୁଇଥର ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ତଦନ୍ତ ରିପୋର୍ଟ ସକାଶେ ପ୍ରଶାସନ ପକ୍ଷରୁ

### ସମାଧାନ ପାଇଁ ଯାଇଥିବା ଅଧିକାରୀଙ୍କୁ ପ୍ରବଳ ବିରୋଧ

ଜୁଲାଇ ୧୮ରେ ନିର୍ଦ୍ଦେଶ ହୋଇଥିଲା। ଯାହାର ଆପତ୍ତି ରହିଛି ଜଣାଇବା ପାଇଁ ନୋଟିସ୍ ମଧ୍ୟ ହୋଇଥିଲା। ତେବେ ପାଞ୍ଚବର୍ଷ ଧରି ପାଞ୍ଚଥର ପ୍ରଶାସନ ଚେଷ୍ଟା କରିଥିଲେ ମଧ୍ୟ ଆପୋଷ ବୁଝାମଣା ହୋଇ ପାରିନାହିଁ। ଏପରିକି ଜୀବନ ଗଲେ ଯିବ କିନ୍ତୁ ଏହି ଯାଗା କାହାକୁ ଦେବୁନାହୁଁ ବୋଲି ଗ୍ରାମବାସୀ କହିବା ସହ ଯେତେ ବୁଝାଇଲେ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ଆଜି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଜିଏମ୍ ଡିଆଇସି ସୁନାରାମ ସିଂ ଓ ସ୍ଥାନୀୟ ସରପଞ୍ଚ ଚାଣକ୍ୟମ୍ ସମାଧାନ ବୈଠକରେ ବିଫଳ ହୋଇ ଫେରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ବିନୋଦ ପରିଚ୍ଛାଙ୍କ ନେତୃତ୍ୱରେ ପି.ଚନ୍ଦ୍ରଶେଖର, ନୀଳାପୁ ବାବୁଲା, କାନ୍ତା ରାଓ, କୁମାରୀ ଗୌଡ, ଏନ୍. କମଳା,ଏନ୍. ମୋହନ ଓ ଚନ୍ଦ୍ରମା ବେହେରା ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ସାନଖେମୁଣ୍ଡି,୨।୮ (ସମିସ): ଗଣେଶ ପୂଜା ପାଇଁ ସାନଖେମୁଣ୍ଡି ବ୍ଲକ୍ ମହାନଳା ଗ୍ରାମରେ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ପୁରୋହିତ ଯୋଗଦେଇ ପୂଜାପାଠ କରିଥିଲେ। କର୍ତ୍ତା ସୁଧୀର କୁମାର ସାହୁଙ୍କ ଦ୍ୱାରା ଶୁଭଖୁଣ୍ଟି ମହାନଳା ବଡ଼ସାହି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ରୋହିତ ସେଠି, ଉପସଭାପତି ମୁନା ସାହୁ, କୋଷାଧ୍ୟକ୍ଷ କୋରେଶୁ ସେଠି, ସମ୍ପାଦକ ରୋଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ସହ ଗଞ୍ଜେଇ ଜବତ; ଯୁବକ ଗିରଫ

ବାଲିଗୁଡ଼ା/କ.ନୂଆଗାଁ,୨।୮ (ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ପୁଲିସ ସିର୍ତ୍ତିଗୁଡା ଅଞ୍ଚଳରେ ପାଟ୍ରୋଲିଂ ବେଳେ ଗୁରୁବାର ଏକ ବାଇକ୍ ସହ ଗଞ୍ଜେଇ ଜବତ ସହ ଜଣେ ଚାଲାଣକାରୀକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସିର୍ତ୍ତିଗୁଡା ପଞ୍ଚାୟତ ଜଙ୍ଗୁଙ୍ଗିଆର ବିଶ୍ରବା ମଲ୍ଲିକ (୩୬)। ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ ଓ ପାଟ୍ରୋଲିଂ ଦଳ ଦ୍ରୁତ ଗତିରେ ଯାଉଥିବା ବାଇକକୁ ଅଟକାଇ ଯାଞ୍ଚ କରିବାରୁ ଏକ ଅଖାଭର୍ତ୍ତି ଗଞ୍ଜେଇ ମିଳିଥିଲା। ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଆନନ୍ଦ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଓଜନ କରିବାରୁ ୧୩ କେଜି ୯୦୦ ଗ୍ରାମ ହୋଇଥିଲା। ବାଇକ୍ ଓ ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଶ୍ରବାକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଧିକାରୀ ସୂଚନା ଦେଇଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବାଲିଗୁଡା,୨।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ବାଲିଗୁଡ଼ା ଉପଖଣ୍ଡ ଉତ୍ସବ ପାଳନ କମିଟି ପକ୍ଷରୁ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ା ଉପ ଜିଲ୍ଲାପାଳ ଦାୟିତ୍ୱରେ ଥିବା ତହସିଲଦାର ଦୀପ୍ତି ପ୍ରକାଶ ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲଦାରଙ୍କ ସମେତ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ, ଭାରପ୍ରାପ୍ତ ଥାନା ଅଧିକାରୀ, ବନଖଣ୍ଡ ଅଧିକାରୀ, ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଅଧିକାରୀ ଯୋଗ ଦେଇଥିଲେ। ତୀର୍ଥବାସୀ ଘଡେଇ ସଭା ପରିଚାଳନା କରିଥିବା ବେଳେ ପୂର୍ବ ବର୍ଷର ବିବରଣୀ ପାଠ କରାଯାଇଥିଲା। ଚଳିତ ବର୍ଷର ସ୍ୱାଧୀନତା ଦିବସ ଶାନ୍ତିଶୃଙ୍ଖଳାରେ ଯେପରି ପାଳନ ହେବ ସେ ବିଷୟରେ ଆଲୋଚନା ସହ ପୂର୍ବରୁ ହୋଇଥିବା ତ୍ରୁଟି ମଧ୍ୟ ସଂଶୋଧନ କରାଯାଇଥିଲା। ଶେଷରେ ବାଲିଗୁଡ଼ା ଲୋକସମ୍ପର୍କ ଓ ସୂଚନା ଅଧିକାରୀ ପ୍ରଦୀପ କୁମାର ବାଘ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଯୌନ ନିର୍ଯାତନା ଓ ଶିଶୁ ସୁରକ୍ଷା ନିରାକରଣ ସଚେତନତା




ବାଲିଗୁଡ଼ା,୨।୮ (ସମିସ): ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ସଭାଗୃହରେ ଯୌନ ନିର୍ଯାତନା ଓ ଶିଶୁ ସୁରକ୍ଷା ନିରାକରଣ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କିଛିଦିନ ମଧ୍ୟରେ ବାଲିଗୁଡ଼ା ଅଞ୍ଚଳ ନାବାଳିକା ଗର୍ଭବତୀ ଘଟଣାକୁ ନେଇ ଚର୍ଚ୍ଚାରେ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ ପ୍ରକାରେ ଆଗାମୀ ଯୁବପିଢ଼ିଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିଥି ଭାବେ ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ସମେତ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷଣ କୁମାର ପାଳ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ, ଶାନ୍ତି ମୈତ୍ରୀ ଅନୁଷ୍ଠାନର ଭଗବାନ ଜେନା, ବାଲିଗୁଡ଼ା ଥାନା ଅଧିକାରୀ ସମ୍ମିତ ସ୍ୱାଇଁ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ରହି ଯୌନ ନିର୍ଯାତନା ଓ ଶିଶୁ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ଏନେଇ କ'ଣ ଆଇନ ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ବାଲିଗୁଡ଼ା ଅଞ୍ଚଳର ୨୦ରୁ ଅଧିକ ଶିକ୍ଷା ଅନୁଷ୍ଠାନରେ ପାଖାପାଖି ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବାକୁ ଲକ୍ଷ୍ୟ ରହିଥିବା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ କହିଛନ୍ତି। କାର୍ଯ୍ୟକ୍ରମକୁ ଆଦିବାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷଣ କୁମାର ପାଳ ପରିଚାଳନା କରିଥିଲେ।

● ମହିଳା କଲେଜରେ ଆଲୋଚନାଚକ୍ର

## 'ଗ୍ରାମ୍ୟଜୀବନ କ'ଣ ଓ କେତେ ଜରୁରୀ'



ଜି.ଉଦୟଗିରି,୨।୮ (ସମିସ): ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଗ୍ରାମ୍ୟଜୀବନ କ'ଣ ଓ ଏହା ଆମ ପାଇଁ କେତେ ଜରୁରୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମାଜବିଜ୍ଞାନୀ ସୁଧୀର ପଟ୍ଟନାୟକ ମୁଖ୍ୟଅତିଥି ଓ ସେଣ୍ଟର ଫର୍ ଭିଲେଜ ହେରିଟେଜ ଓ ମ୍ୟୁଜିୟମର ନିର୍ଦ୍ଦେଶକ ଶୁଭାଶିଷ ରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗ୍ରାମ ମାନଙ୍କର ଅତୀତ, ବର୍ତ୍ତମାନ ଗାଁର ପରିସ୍ଥିତି ଓ ଭବିଷ୍ୟତରେ ଗ୍ରାମର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀମାନେ ନିଜ ନିଜ ଗାଁ ଅନୁଭୂତି ସମ୍ପର୍କରେ କହିଥିଲେ। ଅଧ୍ୟାପିକା ଡ଼. ବବିତା ରାଣୀ ପଟ୍ଟନାୟକ, ମିନତୀ ଦାଶ, ସୁଧାରାଣୀ ପାତ୍ର ଓ ସସ୍ମିତା ଦାଶ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଅରୁଣ କୁମାର ସାହୁଙ୍କ ସମେତ ରଂଜିତା ପତି, ସୌଦାମିନୀ ସାହୁ, ବିପିନ ବିହାରୀ ସାହୁ, ବାଲ୍ମୀକି ମହାରଣା, ସୁଲଚନା ହଂସ, ଇନ୍ଦିରା ବାରିକ ସହଯୋଗ କରିଥିଲେ।

# ଧାନ କ୍ରୟ ପଞ୍ଜୀକରଣ ନିୟମ କୋହଳ ଦାବି

ଦିଗପହଣ୍ଡି,୨।୮ (ସମିସ): ଚଳିତ ବର୍ଷ ଖରିଫ ଧାନ କ୍ରୟ ପଞ୍ଜୀକରଣ ନିମନ୍ତେ ରାଜ୍ୟ ସରକାର ପ୍ରଣୟନ କରିଥିବା ନିୟମକୁ କୋହଳ କରିବାକୁ ବୁଧବାର ଦିଗପହଣ୍ଡି ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ଲକ ସରପଞ୍ଚ ସଂଘ ସଭାପତି ତଥା କରପଡ଼ା ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀଙ୍କ ନେତୃତ୍ୱରେ ସରପଞ୍ଚ ସଙ୍ଘ ଜିଲ୍ଲା ସଭାପତି ତଥା କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ଼, ଗଡ଼ଗୋବିନ୍ଦପୁର ସରପଞ୍ଚ ରଞ୍ଜନ କୁମାର ସାହୁ, ବଡ଼ଡୁମୁଳା ସରପଞ୍ଚ ଗୀତାଞ୍ଜଳୀ ଜାନୀ, ବାସୁଦେବପୁର ସରପଞ୍ଚ ଏମ୍. ଶ୍ୟାମଘନ, ଜକର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ପ୍ରଧାନ, ଚଷାନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବୀଚନ୍ଦ୍ର ଗୌଡ଼, କୁଶପଡା ସରପଞ୍ଚ



ପ୍ରତିନିଧି ବିପ୍ରଚରଣ ସେଠୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ ରାଜ୍ୟ ସରକାର ଚାଷୀଙ୍କ ପାଇଁ ଖରିଫ ଧାନ କ୍ରୟ ପଞ୍ଜୀକରଣ ନେଇ ଯେଉଁ ଆଇନ ପ୍ରଣୟନ କରିଛନ୍ତି ସେଥିରୁ ବ୍ଲକର ୭୦ ଭାଗରୁ ଅଧିକ ଚାଷୀ, ଭାଗ ଚାଷୀ ବାଦ୍ ପଡ଼ିବେ। ମୃତକଙ୍କ ନାମରେ ଚାଷଜମି ପଟ୍ଟା ଥାଏ ତେବେ ରାଜସ୍ୱ ନୀରିକ୍ଷକଙ୍କ ସହମତି କ୍ରମେ ପରିବାରର ଅନ୍ୟ ସଦସ୍ୟଙ୍କ ନାମରେ କରିବା, ଠାକୁର ଜମି ପଟ୍ଟାରେ ମାର୍ଫତଦାର ହିଁ ସେହି ଜମିକୁ ସମବାୟ ସମିତିରେ ପଞ୍ଜିକରଣ କରିପାରିବେ। ଏପରିକି ବିଭିନ୍ନ ପଞ୍ଚାୟତରେ ରହିଥିବା ଠାକୁରଙ୍କ ଜମିରେ ବହୁ ଚାଷୀ ଚାଷକାମ କରି ବର୍ଷସାରା ପରିବାର ଭରଣପୋଷଣ କରି ଆସୁଥିବା ବେଳେ ସରକାରଙ୍କ ଏହି ନିୟମ ଦ୍ୱାରା ସେମାନେ ପ୍ରଭାବିତ ହେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

## ଶିବ ଲିଙ୍ଗ ଧରି କାଉଡ଼ିଆ ଦଳଙ୍କ ଚକାପାଦ ଯାତ୍ରା

ଜି.ଉଦୟଗିରି,୨।୮ (ସମିସ): ଶ୍ରାବଣ ଶେଷ ସୋମବାରରେ ଜଳଲାଗି କରିବାକୁ ଯାତ୍ରା ଆରମ୍ଭ କରିଛନ୍ତି କାଉଡିଆ। ଜି.ଉଦୟଗିରିରୁ ବିଭିନ୍ନ ସ୍ଥାନକୁ କାଉଡ଼ିଆ ଯାତ୍ରା କରିଥିବା ବେଳେ ବିରାଟ ଶିବଲିଙ୍ଗକୁ କାନ୍ଧରେ ଧରି ଆଜି ଚକାପାଦ ଯାତ୍ରା କରିଛନ୍ତି କାଉଡ଼ିଆ ଦଳ। ସୋମବାର ଦିନ ବିରୁପାକ୍ଷଙ୍କ ନିକଟରେ କରିବେ ଜଳ ଲାଗି। ଆଜି ସାଲୁଙ୍କି ନଦୀରୁ ଜଳ ଉଠାଇବା ସହିତ ବୋଲବମ ହର ହର ବମ ଧ୍ୱନୀରେ ସହର ପରିକ୍ରମା କରିଥିଲେ। ସାଧାରଣତଃ କାନ୍ଧରେ ପାଣି ଭାର ଧରି ଯାଉଥିବା ଦେଖିବାକୁ ମିଳୁଥିବା ବେଳେ ଏବେ ଶିବ ଲିଙ୍ଗକୁ କାନ୍ଧରେ ଧରି କାଉଡ଼ିଆଙ୍କ ଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।



### ଟ୍ରେଡ୍ ଲାଇସେନ୍ସ ଆଦାୟ ପାଇଁ ବିଇଏମ୍‌ସିର ସ୍ୱତନ୍ତ୍ର ଅଭିଯାନ

# ଦୁଇ ଦିନରେ ରେକର୍ଡ ୩ ଲକ୍ଷରୁ ଊର୍ଦ୍ଧ୍ୱ ରାଜସ୍ୱ ଆଦାୟ



ବ୍ରହ୍ମପୁର,୨।୮(ସମିସ): ବ୍ରହ୍ମପୁର ସହରରେ ଟ୍ରେଡ୍ ଲାଇସେନ୍ସକୁ ବାଧ୍ୟତାମୂଳକ କରିଛି ବିଇଏମସି। ଏଥିପାଇଁ ଲୋକଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଫଳରେ ସହରରେ ବ୍ୟବସାୟ କରୁଥିବା ସମସ୍ତ ଛୋଟବଡ଼ ବ୍ୟବସାୟୀଙ୍କୁ ଟ୍ରେଡ ଲାଇସେନ୍ସ ପାଇଁ ଆବେଦନ କରି ପଞ୍ଜୀକରଣ କରିବା ଜରୁରୀ। ଏଥିପାଇଁ ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ଓ ସହାୟତା ଯୋଗାଇବା ପାଇଁ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ଅଗଷ୍ଟ ପହିଲାରୁ ବିଇଏମସି କାର୍ଯ୍ୟାଳୟର ପୁରୁଣା ପରିଷଦ ପ୍ରକୋଷ୍ଠରେ ସ୍ୱତନ୍ତ୍ର ହେଲ୍ପଲାଇନ ସହିତ କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଯେଉଁଠିକୁ ଯାଇ ସହରର ବ୍ୟବସାୟୀମାନେ ନିଜର ବ୍ୟବସାୟିକ ପ୍ରତିଷ୍ଠାନର ପଞ୍ଜୀକରଣ ଓ ନବୀକରଣ କରିପାରିବେ। ଏନେଇ ସ୍ୱତନ୍ତ୍ର ପ୍ରଚାର ଗାଡ଼ି ଜରିଆରେ ମଧ୍ୟ ସହରର ବ୍ୟବସାୟୀଙ୍କୁ ସଚେତନ କରାଯାଉଛି। ଯାହାଫଳରେ ଗତ ଦୁଇଦିନରେ ବିଇଏମସିକୁ ବଡ଼ ସଫଳତା ମିଳିପାରିଛି। ଦୁଇ ଦିନରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟ୍ରେଡ୍ ଲାଇସେନ୍ସ ବାବଦରେ ରାଜସ୍ୱ ଆଦାୟ ହୋଇପାରିଥିବା ଜଣାପଡିଛି। ଅଗଷ୍ଟ ପହିଲାରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ମୋଟ ୫୭ଜଣ ବ୍ୟବସାୟୀଙ୍କଠାରୁ ମୋଟ ୧ଲକ୍ଷ ୩୬ହଜାର ୧ଶହ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ୩୮ଟି ନୂତନ ଓ ଅବଶିଷ୍ଟ ୧୯ଟି ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ ନବୀକରଣ କରାଯାଇଥିଲା। ସେହିଭଳି ଦ୍ୱିତୀୟ ଦିନରେ ଅର୍ଥାତ୍ ଶନିବାର ଦିନ ମୋଟ ୭୦ଜଣଙ୍କ ଠାରୁ ୧ଲକ୍ଷ ୮୮ହଜାର ୫୫୦ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇପାରିଛି। ୭୦ଜଣଙ୍କ ମଧ୍ୟରୁ ୭୧ଜଣ ନୂଆ ଏବଂ ଅବଶିଷ୍ଟ ୫୬ଜଣ ନିଜର ପ୍ରତିଷ୍ଠାନର ନବୀକରଣ କରିଥିବା ଜଣାପଡିଛି। ଫଳରେ ଗତ ଦୁଇ ଦିନରେ ମୋଟ ୧୨୭ଜଣ ବ୍ୟବସାୟୀଙ୍କ ଠାରୁ ଟ୍ରେଡ୍ ଲାଇସେନ୍ସ ବାବଦରେ ମୋଟ ୩ଲକ୍ଷ ୨୪ହଜାର ୬୫୦ଟଙ୍କା ରାଜସ୍ୱ ସଂଗ୍ରହ କରିପାରିଛି ବିଇଏମସି। ସହରର ସମସ୍ତ ବ୍ୟବସାୟୀଙ୍କ ପାଇଁ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ ହୋଇଥିବା ବେଳେ ଏହାକୁ ତୁରନ୍ତ ପଞ୍ଜୀକରଣ ଓ ନବୀକରଣ କରିବାକୁ ବିଇଏମ୍‌ସି ପକ୍ଷରୁ ଟ୍ରେଡ୍ ଲାଇସେନ୍ସ ଦାୟିତ୍ୱରେ ଥିବା ଉପ ଆୟୁକ୍ତ ବିକ୍ରମ କୁମାର ଶୁଣ୍ଠି ଆହ୍ୱାନ କରିଛନ୍ତି।

# ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୋଷାକ ମିଳିବ କେବେ

- ଶିକ୍ଷା ବିଭାଗର ନିର୍ଦ୍ଦେଶ ମାନୁନାହାନ୍ତି ଶିକ୍ଷାଧିକାରୀ
- ଶେଷ ତାରିଖକୁ ୨ ସପ୍ତାହ ବିତିଲା; ତଥାପି ମିଳିନି ପୋଷାକ

ବ୍ରହ୍ମପୁର,୨।୮(ସମିସ)

ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ମୁହାଁ କରାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି। ସେଥିମଧ୍ୟରୁ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ୟୁନିଫର୍ମ(ପୋଷାକ) ବଣ୍ଟନ ଅନ୍ୟତମ। ରାଜ୍ୟ ତଥା ଗଞ୍ଜାମ ଜିଲ୍ଲାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବିତରଣ ନିମନ୍ତେ ନିଷ୍ପତି ହୋଇଥିଲା। ଏନେଇ ଚଳିତ ବର୍ଷ ଜୁନ ମାସରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଥିଲା। ପୋଷାକ ବଣ୍ଟନ ପ୍ରକ୍ରିୟା ଚଳିତବର୍ଷ ଜୁଲାଇ ୧୫ତାରିଖ ସୁଦ୍ଧା ସୁନିଶ୍ଚିତ କରାଯିବାକୁ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ନିର୍ଦ୍ଧାରିତ ତାରିଖ ଶେଷ ହୋଇଥିବା ବେଳେ ଏହାକୁ ୨ସପ୍ତାହ ଅତିକ୍ରାନ୍ତ ହୋଇଛି। ଏଣେ ଗଞ୍ଜାମ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ପ୍ରକ୍ରିୟା ଅଧା ମଧ୍ୟ ହୋଇନଥିବା ଜଣାପଡ଼ିଛି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ଛାତ୍ରଛାତ୍ରୀ ପିଛା ୫୦୦ଟଙ୍କା ମୂଲ୍ୟରେ ଦୁଇହଳ ନିର୍ଦ୍ଦିଷ୍ଟ ରଙ୍ଗର ପ୍ୟାଣ୍ଟ ଓ ଧଳା ସାର୍ଟ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀମାନଙ୍କୁ ଦୁଇହଳ ଫ୍ରକ(ଝାଲେରୀ ସହିତ) ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀମାନଙ୍କୁ ଦୁଇ ହଳ ସାଲୱାର କମିଜ ଓ ଓଢଣୀ ପ୍ରଦାନ କରିବାକୁ କୁହାଯାଇଛି। ପୋଷାକ ବଣ୍ଟନ ପ୍ରକ୍ରିୟା ଜୁଲାଇ ୧୫ତାରିଖ ୨୦୨୫ ସୁଦ୍ଧା ସୁନିଶ୍ଚିତ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ତାଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ରହିଛି। ଜିଲ୍ଲା ଓ ବ୍ଲକସ୍ତରୀୟ କମିଟି ଦ୍ୱାରା ପୋଷାକ ବଣ୍ଟନ କରିବାକୁ ଥିବା ଏସଏଚଜିମାନଙ୍କ ଚୟନ କରିବା ସହ ଛାତ୍ରଛାତ୍ରୀଙ୍କୁ ପୋଷାକ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ ରହିଛି। କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ସମୟସୀମାଠାରୁ ୧୫ଦିନରୁ ଅଧିକ ସମୟ ବିତିଯାଇଛି। କିନ୍ତୁ ଜିଲ୍ଲା ବିଭିନ୍ନ ବ୍ଲକସ୍ତରୀୟ କମିଟି ପକ୍ଷରୁ ଏସଏଚଜିମାନଙ୍କ ଚୟନ ପ୍ରକ୍ରିୟା ଶେଷ ହୋଇନି। ଅନ୍ୟପକ୍ଷରେ ଦୁଇମାସରୁ ଅଧିକ ସମୟ ହେବ ଖରା ଛୁଟି ଶେଷ ହେବା ସହ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଛି। ସେହିପରି ଶିକ୍ଷା ବିଭାଗର ନର୍ଦ୍ଦେଶକୁ ପ୍ରାୟ ଦେଢ଼ ମାସ ବତିଯାଇଥିବା ପରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପୋଷାକ ବାଣ୍ଟିବା ଦୂରର କଥା ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ମଧ୍ୟ ଶେଷ ହୋଇ ନାହିଁ। ପୂର୍ବ ବର୍ଷ ଶିକ୍ଷାବର୍ଷ ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ପ୍ରଦାନ କରାଯାଇଥିବା ବେଳେ ଚଳିତ ବର୍ଷ ମଧ୍ୟ ପୋଷାକ ବଣ୍ଟନାରେ ବିଳମ୍ବ ହୋଇଛି। ଯାହାକୁ ନେଇ ବିଭିନ୍ନ ସମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥି ପ୍ରତି ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ସୋସିଆଲ ମିଡିଆରେ ମହିଳାଙ୍କୁ ଧମକ; ଡେଲିଭରି ବୟ ଗିରଫ

ବ୍ରହ୍ମପୁର,୨।୮(ସମିସ): ଜଣେ ମହିଳାଙ୍କ ନାଁରେ ନକଲି ଫେସ୍‌ବୁକ ଓ ଇନଷ୍ଟାଗ୍ରାମ୍ ଆକାଉଣ୍ଟ ଖୋଲି ଆପତ୍ତିଜନକ ପୋଷ୍ଟ କରିବା ଓ ତାଙ୍କ ସମ୍ପର୍କୀୟଙ୍କୁ ଧମକପୂର୍ଣ୍ଣ ମେସେଜ କରିବା ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କବିସୂର୍ଯ୍ୟନଗର ନନ୍ଦୀଗଡ଼ ଗ୍ରାମର ବଣ୍ଟୁ ପରିଡ଼ା (୨୮)। ସେ ଜୋମାଟୋର ଡେଲିଭରି ବୟ ବୋଲି ଜଣାପଡ଼ିଛି।



ସୂଚନାଯୋଗ୍ୟ ଯେ, ଗୋପାଳପୁରର ଟାଟା କଲୋନୀର ସିନ୍ଧିଗାଁର ଜଣେ ଯୁବତୀଙ୍କୁ ବଣ୍ଟୁ ୨୦୧୫ରୁ ଏକ ତରଫା ପ୍ରେମ କରିଆସୁଥିଲା। ପ୍ରେମ ନିବେଦନ କରି ବିଫଳ ହେବାପରେ ଯୁବତୀ ଜଣକ ଅନ୍ୟ ସ୍ଥାନରେ ବିବାହ କରିଥିଲେ। ବିବାହ ପରେ ମଧ୍ୟ ବଣ୍ଟୁ ତାଙ୍କୁ ସୋସିଆଲ ମିଡ଼ିଆରେ ହଇରାଣ କରୁଥିଲେ। ଏନେଇ ଯୁବତୀ ଜଣକ ତାଙ୍କ ଭାଇଙ୍କୁ ଜଣାଇଥିଲେ। ଅଭିଯୋଗ ମୁତାବକ ସମ୍ପୃକ୍ତ ମହିଳାଙ୍କ ନାମରେ କେହି ଜଣେ ନକଲି ଫେସବୁକ୍ ଏବଂ ଇନଷ୍ଟାଗ୍ରାମ୍ ପ୍ରୋଫାଇଲ୍ ତିଆରି କରି ବ୍ୟବହାର କରୁଥିଲେ। ସେ ଉକ୍ତ ଆକାଉଣ୍ଟରେ ଆପତ୍ତିଜନକ ପୋଷ୍ଟ କରୁଛି। ଫଳରେ ମହିଳାଙ୍କ ସମ୍ମାନ ହାନୀ ହେଉଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତ ବଣ୍ଟୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

## ଦୋକାନରୁ ଲକ୍ଷାଧିକ ଟଙ୍କା ନେଇ କର୍ମଚାରୀ ଫେରାର

ବ୍ରହ୍ମପୁର,୨।୮(ସମିସ): ଗାନ୍ଧୀନଗର ଦ୍ୱିତୀୟ ଲାଇନ ନିବାସୀ ରାହୁଲ କୁମାର ସରସଙ୍କ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଏକ ଦୋକାନ ରହିଛି। ଉକ୍ତ ଦୋକାନରେ କାଳୀପ୍ରସାଦ ବିଶୋଇ ନାମକ ଜଣେ ବ୍ୟକ୍ତି କାମ କରେ। ଉକ୍ତ କର୍ମଚାରୀ ଜଣକ ଗତ କିଛିମାସ ମଧ୍ୟରେ ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିବା କ୍ରବାର ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନିର୍ମାଣାଧୀନ ଘରୁ ଚୋରି

ବ୍ରହ୍ମପୁର,୨।୮(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ସ୍ଥିତ ବିଜୟ ବିହାର ଦ୍ୱିତୀୟ ଲାଇନରେ ମିନତୀ କୁମାରୀ ଦାଶଙ୍କ ନିର୍ମାଣାଧିକ ଘରୁ ବିଦ୍ୟୁତ ସାମଗ୍ରୀ ଓ ସାନିଟାରି ଜିନିଷ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଫୁଲବାଣୀରେ ଏଚ୍‌ଓଟିଟି ଉଦ୍‌ଘାଟିତ

ବ୍ରହ୍ମପୁର,୨।୮(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କନ୍ଧମାଳ ଜିଲ୍ଲା ଫୁଲବାଣୀଠାରେ ଏକ ଅତ୍ୟାଧୁନିକ ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର (ଏଚ୍‌ଓଟିଟି) ସ୍ଥାପିତ ହୋଇଛି। ଏହି କେନ୍ଦ୍ରକୁ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏବଂ ଟାଟା ପାୱାର ସଞ୍ଚାରଣ ଓ ବିତରଣ ସେଫ୍ଟି ଚିଫ୍ ସୁରେଶ କୁମାର ଖେତୱାନି ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।



ଟିପିଏସ୍‌ଓଡିଏଲ୍ ସେଫ୍ଟି ଆଣ୍ଡ ସ୍କିଲ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ (ଟିଏସଏସଡିଆଇ) ଅନ୍ତର୍ଗତ ପଦକ୍ଷେପ ସ୍ୱରୂପ, ଏହି ଏଚ୍‌ଓଟିଟି କେନ୍ଦ୍ର କମ୍ପାନୀର "ମିଶନ ଜିରୋ ହାର୍ମ" ଲକ୍ଷ୍ୟ ପୂରଣରେ ସହାୟକ ହେବ। ଏଠାରେ ଫୁଲବାଣୀ, ଭଞ୍ଜନଗର ଏବଂ ବୌଦ୍ଧ ଅଞ୍ଚଳର କର୍ମଚାରୀଙ୍କୁ ଟ୍ରେନିଂ ଦିଆଯିବ। ଏହା ଥିଓରି ସହ ବ୍ୟାବହାରିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଏ। ଏଚ୍‌ଓଟିଟି କେନ୍ଦ୍ରର ଏକ ମୁଖ୍ୟ ଆକର୍ଷଣ ହେଉଛି ଏଠାରେ ଥିବା ପ୍ରାକ୍ଟିସ୍ ୟାର୍ଡ, ଯେଉଁଠି ଟ୍ରେନିଂ ନେଉଥିବା କର୍ମଚାରୀମାନେ ଲୋ ଟେନସନ୍ (ଏଲଟି) ଏବଂ ହାଇ ଟେନସନ୍ (ଏଚଟି) ନେଟୱାର୍କର ପ୍ରତିକୃତିରେ ଅଭ୍ୟାସ କରିପାରିବେ। କାର୍ଯ୍ୟକ୍ଷେତ୍ରରେ ବ୍ୟବହାର ହେଉଥିବା ସମାନ ଉପକରଣକୁ ଉପଯୋଗ କରି ଲାଇନମ୍ୟାନ ଏବଂ ବିଜନେସ ଆସୋସିଏଟମାନେ ପ୍ରାକ୍ଟିକାଲ କାମ ଶିଖିପାରିବେ।

ଏହି ଅବସରରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଗର୍ଗ କହିଛନ୍ତି, "ସେଫ୍ଟି କେବଳ ଏକ ପ୍ରୋଟକଲ ନୁହେଁ, ବରଂ ଟିପିଏସ୍‌ଓଡିଏଲରେ ନିରନ୍ତର ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଉଛି। ଆମ କର୍ମଚାରୀଙ୍କୁ ସଶକ୍ତ କରିବା ସହ ସୁରକ୍ଷିତ ଭାବେ କାମ କରିବାର କୌଶଳ ପ୍ରଦାନ କରିବା ଦିଗରେ ଏହି ହ୍ୟାଣ୍ଡସ-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ଏକ ବଳିଷ୍ଠ ପଦକ୍ଷେପ। ଏହି ଅତ୍ୟାଧୁନିକ କେନ୍ଦ୍ର ଆରମ୍ଭ ହେବା ସହ ଟିପିଏସ୍‌ଓଡିଏଲ୍ ଏହାର ଅଭିନବ ଯାତ୍ରାକୁ ବଜାୟ ରଖିଛି ଏବଂ ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ସୁରକ୍ଷିତ ଓ ଭରସାଯୋଗ୍ୟ ବିଜୁଳି ଯୋଗାଣ ଦିଗରେ ପ୍ରତିବଦ୍ଧ ରହିଛି।

## ଏମ୍‌କେସିଜିରୁ ଚୋରି ଘଟଣାରେ ୭ ଗିରଫ

ବ୍ରହ୍ମପୁର,୨।୮(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ପାଥଲୋଜି ବିଭାଗରୁ ଏସି ମେସିନ୍, ପାଇପ, ଲୁହା ସମେତ ଅନ୍ୟାନ୍ୟ ବିଭାଗରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚମାଖଣ୍ଡି ଅନନ୍ତପୁର ଗ୍ରାମର ପ୍ରମୋଦ ସେଠୀ (୩୦), ଉତ୍ତରପ୍ରଦେଶର ରୋହିତ ଗୁପ୍ତା (୨୨), ମୂଳ ଉତ୍ତରପ୍ରଦେଶ ନିବାସୀ ତଥା ଟାଙ୍ଗଣାପଲ୍ଲୀରେ ରହୁଥିବା ଯମୁନା ପ୍ରସାଦ ଗୁପ୍ତା (୫୩), ତାଙ୍କ ପୁଅ ପ୍ରକାଶ ଚନ୍ଦ୍ର ଗୁପ୍ତା (୨୫), ଲବକୁଶ ଗୁପ୍ତା (୨୨), ଉତ୍ତରପ୍ରଦେଶର ମିଜରାପୁର ସୁଜିତ ଗୁପ୍ତା (୨୫), ରାମଜୀ ଓରଫ ଲାଲାଜୀ ସାହୁ (୭୫)। ସେମାନଙ୍କଠାରୁ ଟୁଲ ସେଟ୍, ଗୋଟିଏ ସିଡ଼ି ଡ଼ିକ୍ସ ଓ ଏସି ଜବତ ହୋଇଛି। ତଦନ୍ତ ସମୟରେ ଚମାଖଣ୍ଡି ଥାନା ଇଲାକାର ପ୍ରମୋଦ ସେଠି ଏମକେସିଜି ମେଡ଼ିକାଲର ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଥିଲା। ଗତ କିଛିଦିନ ପୂର୍ବେ ପ୍ରମୋଦ ଏମକେସିଜି ମେଡ଼ିକାଲରେ ବୁଲୁଥିବା ସମୟରେ କର୍ମଚାରୀମାନେ ସନ୍ଦେହରେ ପିଛା କରିଥିଲେ। ଚୋରି କରିବା ସମୟରେ କାବୁ କରି ପୁଲିସକୁ ଜିମା ଦେଇଥିଲେ। ପୁଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ବେଳେ ଚୋରି ନେଇ ସେ ସ୍ୱୀକାର କରିଥିଲେ। ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗରୁ ସେ ଉପରୋକ୍ତ ସମାଗ୍ରୀ ଚୋରି କରିଛନ୍ତି। ଏହି ସାମଗ୍ରୀକୁ ସେ ଟାଟାବେଞ୍ଜ ଓ ଖୋଡ଼ସିଙ୍ଗି ଛକରେ ଥିବା କବାଡ଼ି ଦୋକାନରେ ସେ ବିକ୍ରୀ କରିଥିଲେ। ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ପୁଲିସ ଅନ୍ୟ ଉପରୋକ୍ତ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି।

## ଏସ୍. ଜ୍ୟୋତି ରେଡ୍ଡୀଙ୍କୁ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ

ଛତ୍ରପୁର,୨।୮(ସମିସ): ଆସନ୍ତା ସ୍ୱାଧୀନତା ଦିବସରେ ଯୋଗଦେବା ଲାଗି ଲାଗି ଏସ୍. ଜ୍ୟୋତି ରେଡ୍ଡୀଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ମିଳିଛି। ଛତ୍ରପୁର ବ୍ଲକ କାଳିଆବାଲି ଗାଁରେ ଜ୍ୟୋତିଙ୍କ ଘର। ଜ୍ୟୋତି ଲକ୍ଷପତି ଦିଦି ହେବା ସହ କୁକୁଡ଼ାପାଳନ କରି ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଆସନ୍ତା ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ଯୋଗଦେବା ସହ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର କାଳିଆବାଲି ଗ୍ରାମର ଲକ୍ଷପତି ଦିଦି ଜ୍ୟୋତି ରେଡୀ। ତାଙ୍କୁ ଶୁକ୍ରବାର ଡାକ ବିଭାଗ ପକ୍ଷରୁ ନିମନ୍ତ୍ରଣ ପ୍ରଦାନ କରାଯାଇଛି। ସେ ୨୦୦୮ରୁ ମା'ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ପ୍ରଥମେ ଇଲେକ୍ଟ୍ରି ବିଲ କଲେକ୍ସନ କରୁଥିଲେ ମଧ୍ୟ ମିଳୁଥିବା ପାରିଶ୍ରମିକରେ ସନ୍ତୁଷ୍ଟ ନଥିଲେ। ତେଣୁ ମିଶନ ଶକ୍ତି ଜରିଆରେ ୩ ଲକ୍ଷ ଋଣ ନେଇ କୁକୁଡ଼ା ଚାଷ ଆରମ୍ଭ କରିଥିଲେ। ଆଜି ତିନି ହଜାରରୁ ଅଧିକ କୁକୁଡା ଚାଷ କରି ମାସକୁ ୩୦ ହଜାରରୁ ଅଧିକ ରୋଜଗାର କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଏହା ସହିତ ଜ୍ୟୋତି ଏକ ପିଜି ଗ୍ରୁପ ଗଠନ କରି ସିଲାଇ ମଧ୍ୟ କରୁଛନ୍ତି। ଆଜି ତାଙ୍କର ବାର୍ଷିକ ୪ରୁ ୫ ଲକ୍ଷ ଟଙ୍କା ରୋଜଗାରରେ ପହଞ୍ଚି ପାରୁଛି। ଯାହାକି ଜ୍ୟୋତି ଆଜି ନିଜ ଲକ୍ଷ ସ୍ଥଳରେ ପହଞ୍ଚି ପାରିଛନ୍ତି ଏବଂ ଲକ୍ଷପତି ଦିଦି ଭାବରେ ପରିଚିତ ହୋଇପାରିଛନ୍ତି।



## କସ୍ତୁରୀ ଦାସ ମଠରେ ତୁଳସୀ ଦାସ ଜୟନ୍ତୀ

ବ୍ରହ୍ମପୁର,୨।୮(ସମିସ): ସ୍ଥାନୀୟ ହନୁମାନ ବଜାର କସ୍ତୁରୀ ଦାସ ମଠରେ ରାମାନନ୍ଦ ସତ୍‌ସଙ୍ଗ ଗଞ୍ଜାମ ଶାଖା ତରଫରୁ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ଅନୁଷ୍ଠିତ ହୋଇଛି। ଅନନ୍ତର ଡ. ହରିହର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଭାତରେ ମଙ୍ଗଳାର୍ପଣ ପୂଜ୍ୟ ପୂର୍ବକ ବାବା ନରହରି ଦାସ ବ୍ୟାସତ୍ୱରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଏହା ସହ ଗୋସ୍ୱାମୀ ତୁଳସୀ ଦାସ ତତ୍କାଳୀନ ମଧ୍ୟ ଯୁଗୀୟ ଅନ୍ଦୋଳନରେ ସଂସ୍କାରକ ଭୂମିକା ନିର୍ବାହ କରି ଶ୍ରୀରାମ ଚରିତମାନସ ସମେତ ପ୍ରାୟ ୩୦ଟି ଶାସ୍ତ୍ର ରଚନା କରି ସମାଜକୁ ଜାଗୃତ କରୁଥିବା କୁହାଯାଇଥିଲା। ଶେଷରେ ମହନ୍ତ କାଶୀରାମ ଦାସ ମହାରାଜ ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ଚିନ୍ମୟ ନନ୍ଦ ଦାସ, ସ୍ୱାମୀ ହରି ଶରଣନନ୍ଦ ସରସ୍ୱତୀ, ମହନ୍ତ ଭକ୍ତି ଚରଣ ଦାସ, ମହନ୍ତ ମହନ୍ତ ନରସିଂହ ଦାସ, ମହନ୍ତ ଧର୍ମାନନ୍ଦ ଦାସ, ବିଶ୍ୱମ୍ବର ଦାସ, ପ୍ରେମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ରାଜ୍ୟସ୍ତରୀୟ ଆଇସିଏସ୍‌ସି ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ପ୍ରତିଯୋଗିତା

# ସବୁ ବର୍ଗରେ ବ୍ରହ୍ମପୁର ଓ ଝାରସୁଗୁଡ଼ା ଦଳର ପ୍ରାଧାନ୍ୟ

ବ୍ରହ୍ମପୁର,୨।୮(ସମିସ)




ଏମ.ଏ.ଭି. ସ୍କୁଲ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଇସିଏସ୍‌ସି ହ୍ୟାଣ୍ଡବଲ ପ୍ରତିଯୋଗିତା ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟେଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ୧୪ବର୍ଷ ଠାରୁ ୧୭ବର୍ଷର ଉଭୟ ବାଳକ ଓ ବାଳିକା ବର୍ଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜୋନ୍‌ରୁ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏମ.ଏ.ଭି. ବିଦ୍ୟାଳୟର ସମ୍ପାଦକ କୁମୁଦ ରଞ୍ଜନ ପାଢ଼ୀ, ଅଧ୍ୟକ୍ଷ ଦ୍ୱାରିକାନାଥ ପଣ୍ଡା, ଗଞ୍ଜାମ ହ୍ୟାଣ୍ଡବଲ୍ ସଂଘର ସାଙ୍ଗଠନିକ ସମ୍ପାଦକ ତଥା ଦୈନିକ 'ସକାଳ' ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଓ ରାଜେଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାଳିକା ବିଭାଗର ୧୭ବର୍ଷରୁ କମ୍ ପ୍ରତିଯୋଗିତାରେ ବ୍ରହ୍ମପୁର ଜୋନ୍ ଝାରସୁଗୁଡ଼ାକୁ (୧୦-୪) ଗୋଲରେ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ୧୪ବର୍ଷରୁ କମ୍ ବାଳିକା ବିଭାଗରେ ବ୍ରହ୍ମପୁର ଜୋନ ଝାରସୁଗୁଡାକୁ (୬-୩) ଗୋଲରେ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିଭଳି ୧୪ବର୍ଷ ଠାରୁ କମ୍ ବୟସ ବିଭାଗରେ ଝାରସୁଗୁଡ଼ା ବ୍ରହ୍ମପୁର ଜୋନ୍‌କୁ ୭-୨ଗୋଲରେ ପରାସ୍ତ କରି ବିଜେତା ହୋଇଥିଲେ। ୧୭ବର୍ଷରୁ କମ୍ ବାଳକ ବିଭାଗରେ ୨୫-୧୧ ଗୋଲ ବ୍ୟବଧାନରେ ଝାରସୁଗୁଡାକୁ ପରାସ୍ତ କରି ବ୍ରହ୍ମପୁର ବିଜୟୀ ହୋଇଛି।

ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସମ୍ପାଦକ ଜେ. କାମେଶ୍ୱର ରାଓ ଯୋଗ ଦେଇଥିବା ବେଳେ ଡି'ପଲ୍ ସ୍କୁଲର ପ୍ରିନ୍ସିପାଲ ଫାଦର ରିକାର୍ଡୋ ପ୍ରଧାନ, ସେଣ୍ଟ ଭିନ୍‌ସେଣ୍ଟ ସ୍କୁଲର ପ୍ରିନ୍ସିପାଲ୍ ସିଷ୍ଟର ମାରୀୟା, ସେଣ୍ଟ ଯୋଶେଫ ସ୍କୁଲର ପ୍ରିନ୍ସିପାଲ ସିଷ୍ଟର ଅଜନ୍ଥା, ଏମ.ଏ.ଭି. ସ୍କୁଲର ସମ୍ପାଦକ ଓ ପ୍ରିନ୍ସିପାଲ୍ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହି ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତିଯୋଗିତାକୁ କ୍ରୀଡ଼ାଶିକ୍ଷକ ସୁରେଶ ଚନ୍ଦ୍ର ପାଢ଼ି, ଦିବ୍ୟସିଂହ ପଟ୍ଟନାୟକ, ମୀନତି ପଣ୍ଡା, ବିନାୟକ ହୋତା, ସୁନିଲ କୁମାର ଦାସଙ୍କ ସହ ସ୍କୁଲର ସମସ୍ତ କର୍ମଚାରୀ ମିଳିତ ଭାବେ ସମସ୍ତ କାର୍ଯ୍ୟଭାର ତୁଲାଇଥିଲେ। ଏନ୍‌ଆଇଏସ୍ କୋଚ ପ୍ରଶାନ୍ତ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର ସିନିୟର ତଥା ଜାତୀୟ ଖେଳାଳୀଙ୍କ ଦ୍ୱାରା ସମସ୍ତ ଖେଳ ପରିଚାଳନା କରାଯାଇଥିଲା।

## ପ୍ରଧାନଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ




ବ୍ରହ୍ମପୁର,୨।୮(ସମିସ): ସ୍ଥାନୀୟ ଭି.ଭି. ଗିରି ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଚାଲିଥିବା ୫ଦିନିଆ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ 'ସମ୍ଭବ' ଉଦ୍‌ଯାପିତ ହୋଇଛି। ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଉଦ୍‌ଯାପନୀ ଦିବସରେ ଶିକ୍ଷକମାନେ ଶିକ୍ଷାଦାନ ବେଳେ ନୈତିକ ଓ ଭାବାତ୍ମକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପ୍ରତି ଦୃଷ୍ଟି ଦେବାକୁ କୁହାଯାଥିଲା। ଆଗାମୀ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଛାତ୍ରଛାତ୍ରୀ କିପରି ଭଲ ରେଜେଲ୍ଟ କରିବେ ସେନେଇ ଧ୍ୟାନ ଦେବାକୁ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି-୨୦୨୦, ଜାତୀୟ ପାଠ୍ୟକ୍ରମ ଆଧାର, ନେତୃତ୍ୱ ଦକ୍ଷତା, ସମେତ ବିଭିନ୍ନ ବିଷୟକୁ ନେଇ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୋଟ ୨୫ଜଣ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ବିଦ୍ୟାଳୟ ଗୁଡ଼ିକରେ ମୋଟ ୧୧ଟି ପର୍ଯ୍ୟାୟରେ ଅନ୍ୟ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଏଡିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଅଞ୍ଜଳୀ ପାତ୍ର ଓ ମଧୁସ୍ମିତା ପୃଷ୍ଟି ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଂଯୋଜକ ସନ୍ତୋଷ ପଣ୍ଡା କରିଥିଲେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା, କେ. ଶରତ କୁମାର ଓ ସୁଧାଂଶୁ ମୁଦୁଲିଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳା କଲେଜ ସମ୍ମୁଖରେ ରୋଡ୍ ରୋମିଓଙ୍କ ଦୌରାତ୍ମ୍ୟ

**ବଡଚଣା, ୨।୮ (ସମିସ):** ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ଏକମାତ୍ର ବଡ଼ଚଣା କନିଷ୍ଠ ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ରୋଡ଼ ରୋମିଓ ମାନେ ଦୌରାତ୍ମ୍ୟ ଦେଖାଇ ଛାତ୍ରୀମାନଙ୍କୁ ହଇରାଣ ହରକତ କରୁଥିବା ନେଇ କେତେକ ଅଭିଭାବକ ଅଭିଯୋଗ ଉଠାଇ ଏହାକୁ ରୋକିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ପ୍ରତିଦିନ ଏହି କଲେଜ ଖୋଲିବା ଠାରୁ ବନ୍ଦ ହେବା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର କେତେକ ରୋଡ଼ ରୋମିଓ କକେଜ ସମ୍ମୁଖର ଭାଗରେ ଥିବା ବଡ଼ଚଣା- ଧାନମଣ୍ଡଳ ରାସ୍ତାରେ ଦ୍ରୁତଗାମୀରେ ବାଇକ ଚଳାଇ ଯିବା, କର୍କଶ ଶବ୍ଦ କରିବା, ବାରମ୍ବାର ସେହି ରାସ୍ତା ଦେଇ ଯାତାୟତ କରିବା ସହ କଲେଜ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ଭଳି ଘଟଣା ଘଟାଉଛନ୍ତି। ଫଳରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏନେଇ ସାମାଜିକ କର୍ମୀ କିଶୋର ଚନ୍ଦ୍ର ବାରିକ ଓ ଯୁବ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ଓଝା ବଡ଼ଚଣା ଥାନାଧିକାରୀଙ୍କୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କଲେଜ ସମ୍ମୁଖ ଭାଗ ମୁଖ୍ୟଦ୍ୱାର ନିକଟରେ ପୁଲିସ ପ୍ରହରା ପାଇଁ ଦାବି କରିଛନ୍ତି।

# ଭାରତୀବିହାର ଡିଗ୍ରୀ କଲେଜରେ ଚାରାରୋପଣ

**ସୁକିନ୍ଦା, ୨।୮ (ସମିସ):** ହରିପୁରସ୍ଥିତ ଭାରତୀ ବିହାର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ) ତରଫରୁ "ଏକ ପେଡ୍ ମା କେ ନାମ'ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଚଳିତ ବର୍ଷ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ୩୦୦ ଚାରାରୋପଣ କରିବାର କାର୍ଯ୍ୟକ୍ରମ ରହିଛି



ବୋଲି ଆୟୋଜକ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ଓ ଜାତୀୟ ସେବା ଯୋଜନାର ୧୦୦ ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ। ଆଗକୁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରୋଗ୍ରମ୍ ଅଫିସର୍ ସୂଚନା ଦେଇଛନ୍ତି।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**କୁଆଖିଆ, ୨।୮ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ନଗୁଆ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ମଧୁସୂଦନ ସ୍ୱାଇଁଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସହ ମଣ୍ଡଳଶିକ୍ଷାଧିକାରୀ ଅରୁଣ କୁମାର ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ନଠୁଆବର ସରପଞ୍ଚ ଧ୍ରୁବାନନ୍ଦ ଦେଓ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ରସୁଲପୁର, ସଭାପତି ଚିତ୍ତରଞ୍ଜନ ରଥ, ପ୍ରାକ୍ତନ ସଭାପତି ବିଜୟ କୁମାର ଷଡ଼ଙ୍ଗୀ, ପାରିକଇଞ୍ଚି କ୍ଲଷ୍ଟର୍ ସଂଯୋଜକ ବିଶ୍ୱଜିତ୍ ସେଠୀ, ପ୍ରାଥମିକ ଶିକ୍ଷକ ସଂଘ, ରସୁଲପୁର, ପ୍ରାକ୍ତନ ସଂଗଠକ, ପ୍ରମୋଦ କୁମାର ବାରିକ, ନଗୁଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ବାରିକ ମଞ୍ଚାସୀନ ହୋଇଥିଲେ। ଶିକ୍ଷକ କାର୍ତ୍ତିକେଶ୍ୱର ଭୂୟାଁ ମଞ୍ଚାସୀନ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ସହିତ ନଗୁଆ ଗ୍ରାମବାସୀଙ୍କୁ ସହଯୋଗ କରିଥିଲେ।



# ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**କୁଆଖିଆ, ୨।୮ (ସମିସ):** ରସୁଲପୁର ବ୍ଲକ୍ ହରିପୁର ଏମ୍‌ଇ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡାଙ୍କୁ ଅବସର କାଳିନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ସଭାପତି ତିଲନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ବିକ୍ରମ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନରସିଂହପୁର ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ସମିତିସଭ୍ୟା ତିଳୋତ୍ତମା ପରିଡା, ପ୍ରତିଷ୍ଠାତା ସଂପାଦକ ଅମୂଲ୍ୟ କୁମାର ବରାଳ, ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟ କୁମାର ମହାନ୍ତି, ସିଆର୍‌ସିସି ବୈଜୟନ୍ତୀ ସାହୁ, ଉପ୍ରା ବିଦ୍ୟାଳୟ ସଭାପତି ସଞ୍ଜୁକ୍ତା ବାରିକ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ପରମାନନ୍ଦ ସାହୁ, ରମେଶ ଚନ୍ଦ୍ର ରଣା, ପିତାମ୍ବର ବରାଳ, ସହକାରୀ ଶିକ୍ଷକ ସନ୍ତୋଷ ମହାପାତ୍ର, ଗାୟତ୍ରୀ ନାୟକଙ୍କ ସମେତ ବ୍ଲକ୍ ସ୍ତରରୁ ଆସିଥିବା ବହୁ ଶିକ୍ଷକ ଶିକ୍ଷୟିତ୍ରୀ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ରଛାତ୍ରୀ ମାନେ ପ୍ରଧାନ ଶିକ୍ଷକଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସିକ ଭିନ୍ନକ୍ଷମ ପୁଅର ଭରସା ବୃଦ୍ଧା ମା'

**କବାଟବନ୍ଧ, ୨।୮ (ସମିସ)**

ବୟସର ଅପରାହ୍ନରେ ବିଧବା ମା' ସାଜିଛି ମାନସିକ ବିକାର ପୁଅର ଭରସା। ଯେଉଁ ବୟସରେ ପୁଅଟିଏ ମା'ର ଖାଇବା ପିଇବା, ଭଲମନ୍ଦ ଦାୟିତ୍ୱ ନେବା କଥା ସେହି ବୟସରେ ମା' ନେଉଛି ଭେଣ୍ଡିଆ ପୁଅର ଭରଣ ପୋଷଣ ଦାୟିତ୍ୱ। ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ

## ସରକାରୀ ସହାୟତା ପାଇଁ ନିବେଦନ

ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତର ଦଣ୍ଡସଣା ଗ୍ରାମରେ। ଗ୍ରାମର ରଜନୀ ସ୍ୱାଇଁ (୭୫)ଙ୍କ ସ୍ୱାମୀ ଧ୍ରୁବ ଚରଣ ସ୍ୱାଇଁଙ୍କ ଗତ ପ୍ରାୟ ୪ ବର୍ଷ ତଳେ ମୃତ୍ୟୁ ହୋଇଯାଇଥିଲା। ଏହା ପରେ ପରିବାରର ସମ୍ପୂର୍ଣ୍ଣ ଦାୟିତ୍ୱ ବୃଦ୍ଧା ରଜନୀଙ୍କ କାନ୍ଧରେ। ପରିବାର କହିଲେ ନିଜର ୪୩ ବର୍ଷୀୟ ମାନସିକ ଭିନ୍ନକ୍ଷମ ପୁଅ ତ୍ରିଲୋଚନ ସ୍ୱାଇଁ। ସ୍ୱାମୀଙ୍କର ମୃତ୍ୟୁ ହେବା ପରେ ବହୁ ଦୁଃଖ କଷ୍ଟରେ ଜୀବନଯାପନ କରୁଛନ୍ତି। ନିଜର ରୋଜଗାର କହିଲେ ସରକାରୀ ସହାୟତା ଭାବେ ବାର୍ଦ୍ଧକ୍ୟ ଭତ୍ତା ଏବଂ ୧୦ କେଜି ଚାଉଳ। କେବଳ ଭତ୍ତା ଟଙ୍କାରେ ମା ପୁଅ ଦୁଃଖେ କଷ୍ଟେ ଜୀବନ କାଟୁଛନ୍ତି। ପୁଅର ମାନସିକ ରୋଗକୁ ଭଲ କରିବା ପାଇଁ ନା ଅଛି ସାମର୍ଥ୍ୟ ନା ଅଛି ଟଙ୍କା। ମାନସିକ ଭିନ୍ନକ୍ଷମ ପୁଅ ପାଇଁ ମଧ୍ୟ କୌଣସି ସରକାରୀ ସହାୟତା ମିଳୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାନସିକ ଭିନ୍ନକ୍ଷମ ପୁଅର ଚିକିତ୍ସା କରାଇବା ପାଇଁ ଆଶା ବାନ୍ଧିଥିବା ରଜନୀ କାହାକୁ ଦୁଃଖ ଜଣାଇବେ ଜାଣି ପାରୁନାହାଁନ୍ତି। ମା' ପୁଅ ଉଭୟ ରହୁଥିବା ଚାଳ ଘରଟିକୁ ଦେଖିଲେ ଏଠାରେ ମଣିଷ ରହୁଥିବେ ବୋଲି ବିଶ୍ୱାସ କରି ହେବନି। ଚାଳ ଘର ଉପରେ ପଡ଼ିଥିବା ଜରି ପାଲ ଖଣ୍ଡକ ଚିରି ଯାଇଛି। ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ତଳେ ପାଣି। ଖରା ହେଲେ ଘର ଭିତରେ ସୂର୍ଯ୍ୟ କିରଣ। ଗୋଟିଏ ଘର ଭିତରେ ମା' ରଜନୀ ଏବଂ ପୁଅ ତ୍ରିଲୋଚନ ସହିତ ସାପ, ବେଙ୍ଗ ମଧ୍ୟ ରହୁଛନ୍ତି। ଏଭଳି ଘରେ ବିପଦପୂର୍ଣ୍ଣ ଭାବେ ମା' ପୁଅ ଦୀର୍ଘ ଦିନ ଧରି ବାସ କରୁଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କ ସାମିଲ ହୋଇଥିଲେ ମଧ୍ୟ ରଜନୀଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇନାହିଁ। ସରକାରଙ୍କ ନିୟମ ଆଧାରରେ ରଜନୀ ଯୋଗ୍ୟ ହିତାଧିକାରୀ ହୋଇଥିଲେ ମଧ୍ୟ ତାଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇ ନାହିଁ। ଏଭଳି ସ୍ଥିତିରେ ରଜନୀଙ୍କ ଦୁଃଖ କହିଲେ ନ ସରେ। ଏଭଳି ନିଷ୍ପେସିତ ଅସହାୟ ପରିବାର ପାଖରେ ପ୍ରଶାସନ ପହଞ୍ଚି ନ ପାରିବା ଦୁର୍ଭାଗ୍ୟଜନକ। ଯଦି ପ୍ରଶାସନ ନିକଟରେ ରଜନୀଙ୍କ ପରିବାର ସରକାରୀ ସହାୟତା ଅପହଞ୍ଚ ତେବେ ଜନକଲ୍ୟାଣକାରୀ ଯୋଜନା କାହା ପାଇଁ। ତୁରନ୍ତ ରଜନୀଙ୍କୁ ଏକ ଘର ଯୋଗାଇ ଦେବା ସହିତ ତାଙ୍କ ମାନସିକ ଭିନ୍ନକ୍ଷମ ପୁଅର ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି।



# ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି

**ବିଞ୍ଝାରପୁର, ୨।୮ (ସମିସ):** ଗତ ରାତିରେ ଶାସନ୍ଦା ପଞ୍ଚାୟତର ଶାସନ୍ଦା ଗାଁର ପରିଡା ସାହି ଅଞ୍ଚଳରେ ସିରିଜ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶାସନ୍ଦା ଗାଁର ଶାନ୍ତନୁ ସ୍ୱାଇଁଙ୍କ ଘର ଛାତ ଗ୍ରୀଲ୍ ଖୋଲି ଶୋଇବା ଘର ଆଲମିରା ଲକର ଭାଙ୍ଗି ପାଖାପାଖି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଓ ନଗଦ ୧୫ ହଜାର ଟଙ୍କା ଚୋରି ହେଇଥିବା ଅଭିଯୋଗ ହେଇଛି। ଅଳଙ୍କାର ଭିତରେ ୩ଟି ଚେନ୍, ୨ଟି ହାର, ୭ ଟି ମୁଦି, ୩ଟି କାନଫୁଲ, ୨ ହଳ ସୁନା ବଳା, ରୂପା ପାଉଁଜି ପ୍ରମୁଖ ଚୋରି ହୋଇଥିବା ବେଳେ ପଡ଼ୋଶୀ ଜିତୁ ସାହୁଙ୍କ ଘରେ କେହି ନଥିବା ବେଳେ ଘରର ଗ୍ରୀଲ୍ ତାଲା କାଟିବା ସହ ଘର ଭିତର ତାଲା ଭାଙ୍ଗିଛନ୍ତି। ତେବେ କ'ଣ ସାମଗ୍ରୀ ଚୋରି ହୋଇଛି ଘର ଲୋକ ଆସିଲେ ଜଣାପଡ଼ିବ। ଅପରପକ୍ଷରେ ପଡ଼ୋଶୀ ମନ୍ମଥ ଲେଙ୍କା ଏକ ଆଜବେଷ୍ଟ ଘରର ତାଲା ତାଡ଼ି ଆଲମିରାରୁ ନଗଦ ୪ ହଜାର ଟଙ୍କା ସହ ଦାମୀ ଶାଢ଼ି ୬ ଟି ଓ ରୂପା ଅଳଙ୍କାର ଚୋରି ହେଇଥିବା ଅଭିଯୋଗ ହେଇଛି। ତେବେ ଘଟଣାସ୍ଥଳରେ ବିଞ୍ଝାରପୁର ଥାନା ଆଇଆଇସି ରଞ୍ଜନ କୁମାର୍ ମଲ୍ଲିକ ପହଞ୍ଚି ତଦନ୍ତ କରୁଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ତଦନ୍ତ କରୁଛି। ତେବେ ଅଞ୍ଚଳରେ କିଛିଦିନ ହେବ ଚୋରି କମିଥିବା ବେଳେ ପୁଣି ସିରିଜ୍ ଚୋରି ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିବା ସହ ଏହାକୁ ରୋକିବାରେ ପୁଲିସ ସଫଳ ହେବକୁ ଉଦ୍ୟମ ଚଳାଇଛି।

# ବନ୍ଦୋବସ୍ତ କାର୍ଯ୍ୟାଳୟର କିରାଣିଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୨।୮ (ସମିସ):** କଟକ ସ୍ଥିତ ବୃହତ ବନ୍ଦୋବସ୍ତ କାର୍ଯ୍ୟାଳୟର କିରାଣି ଭାବେ କାର୍ଯ୍ୟରତ ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ଗ୍ରାମର ହେମନ୍ତ କୁମାର ମହାରଣା (୫୦)ଙ୍କ ଅକାଳ ବିୟୋଗ ଘଟିଛି। ଗତ ୧ ମାସ ହେବ ବିଭିନ୍ନ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ସେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ଅବସ୍ଥାରେ ଗତକାଲି ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କଟକରୁ ତାଙ୍କ ମରଶରୀର ନିଜ ଗ୍ରାମକୁ ଆସିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ରୁଦ୍ରାକ୍ଷ ମହାରଣା ମୁଖାଗ୍ନି ଦେଇଥିଲେ। ତାଙ୍କ ଅକାଳ ବିୟୋଗରେ ସରପଞ୍ଚ ତନୁଶ୍ରୀ ଦାସ, ସମିତିସଭ୍ୟ କୁଳମଣି ବାରିକ, ବିଳାସ ଚନ୍ଦ୍ର ବାରିକ ଓ ପ୍ରତାପ କୁମାର ସେନାପତି ପ୍ରମୁଖ ଗଭୀର ଶୋକ ପ୍ରକାଶ ପୂର୍ବକ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବିସ୍ଥାପିତଙ୍କ ଶବ ଦାହ ପାଇଁ ଶ୍ମଶାନ ନାହିଁ

**ଦାନଗଦି, ୨।୮ (ସମିସ):** କଳିଙ୍ଗନଗର ଶିଳ୍ପ ବିସ୍ଥାପିତଙ୍କ ଶେଷ ସମୟରେ ଶ୍ମଶାନଟିଏ ନ ଜୁଟିବା ପରି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ନିଜ ଗାଁ ମଶାଣି ବଦଳରେ ମୃତଦେହକୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯିବାକୁ ପଡିଛି। ଇଡ୍‌କୋ ଦ୍ୱାରା ବିସ୍ଥାପିତ ହୋଇ ଦାନଗଦି ବ୍ଲକ ଚାନ୍ଦିଆ ଗ୍ରାମର ଦୟାନିଧି ପଡ଼ିହାରୀ (୬୫) ଦାନଗଦିର ତ୍ରିଜଙ୍ଗା ବିସ୍ଥାପିତ କଲୋନୀରେ ରହୁଥିଲେ। ଶନିବାର ପୂର୍ବାହ୍ନରେ ଦୟାନିଧିଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ଲୋକେ ମୃତଦେହକୁ ଏଠାରେ ସଂସ୍କାର କରିବାକୁ ଇଚ୍ଛା କରିଥିଲେ। ମାତ୍ର ଏଠାରେ ମଶାଣିର ସୁବିଧା ନଥିବାରୁ ପରିବାର ଲୋକେ ଅପରାହ୍ନରେ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନେବାକୁ ବାଧ ହୋଇଥିଲେ। ପରିବାର ଲୋକେ ନିଜ ଖର୍ଚ୍ଚରେ ମୃତଦେହ ପୁରୀ ନେଇ ସେଠାରେ ସନ୍ଧ୍ୟା ସମୟରେ ସଂସ୍କାର କରିଥିବା ଜଣାପଡିଛି।



ଦୀର୍ଘ ବର୍ଷ ଧରି ଏଠାରେ ବୃହତ ପୁନର୍ବାସ କଲୋନୀ ଗଢି ଉଠିଥିବା ବେଳେ ଶ୍ମଶାନର ଆବଶ୍ୟକତା ରହିଥିଲେ ମଧ୍ୟ ଏହାକୁ ପ୍ରଶାସନ ନଜର ଅନ୍ଦାଜ କରି ଚାଲିଛି। ଫଳରେ ବିସ୍ଥାପନର ବୋଝ ବୋହୁଥିବା ଲୋକେ ମଲା ପରେ ବି ନିଜ ମାଟିରେ ୬ ହାତ ଜାଗା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକି ନିହାତି ଦୁର୍ଭାଗ୍ୟଜନକ ଅଟେ। ପ୍ରଶାସନ ପକ୍ଷରୁ ପଥର ଛକ ନିକଟରେ ଏକ ଜାଗା ମଶାଣି ପାଇଁ ଚିହ୍ନଟ କରାଯାଇଥିଲେ ମଧ୍ୟ ଏଯାଏ ତାହାକୁ ଜବରଦଖଲ ମୁକ୍ତ କରାଯାଇପାରିନାହିଁ। ଇଡ୍‌କୋ ବିସ୍ଥାପିତ ପରିବାରମାନଙ୍କ ପାଇଁ ପିଇବା ପାଣି, ଲାଇଟ, ରାସ୍ତା, ଡ୍ରେନର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇ ଏବେ ଧରା ଦେଉ ନ ଥିବା ଅଭିଯୋଗ ହେଉଛି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ଗୁରୁତ୍ୱ ଦେଇ ତୁରନ୍ତ ମଶାଣି ପାଇଁ ଜାଗା ଖଣ୍ଡେ ଯୋଗାଇ ଦେବାକୁ ଦାବି ହୋଇଛି।

# ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମିତିର ଦାବିପତ୍ର



**ସୁକିନ୍ଦା, ୨।୮ (ସମିସ):** ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୬ଦଫା ଦାବି ସମ୍ବଳିତ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସରକାର ଯଥାଶୀଘ୍ର ଦାବି ପୂରଣ ପୂରଣ ନ କଲେ ସମିତି ପକ୍ଷରୁ ଆନ୍ଦୋଳନ ହେବାନେଇ ଚେତାବନୀ ଦିଆଯାଇଛି। ସୁକିନ୍ଦା ବ୍ଲକ ଶାଖା ତରଫରୁ ୬ଦଫା ଦାବିପତ୍ର ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଶିକ୍ଷାଧିକାରୀ ଯାଜପୁରଙ୍କ ଉଦ୍ଦେଶ୍ୟରେ ସୁକିନ୍ଦା ମଣ୍ଡଳ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ଦିଆଯାଇଛି। ଦାବି ଗୁଡିକ ମଧ୍ୟରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡପେ'ରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି ଆଦି ଦାବିଗୁଡିକ ଯଦି ପୂରଣ ନହୁଏ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ରୋଗୀ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

**ଯାଜପୁର, ୨।୮ (ସମିସ)**

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ରୋଗୀ ମୃତ୍ୟୁକୁ ନେଇ ଶନିବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯାହା ଫଳରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ଚେଷ୍ଟା ଜାରି ରଖିଛି। ଘଟଣାରୁ ପ୍ରକାଶ, ଯାଜପୁର ଟାଉନ୍ ଥାନା ପୌରାଞ୍ଚଳ ୱାର୍ଡ ନଂ୧୬ ନାଏକ ସାହି ଗ୍ରାମର ସୁଶାନ୍ତ ନନ୍ଦି (୩୨) ଶନିବାର ଦିବା ୧୨ ଘଟିକା ସମୟରେ ଡାଏରିଆରେ ପୀଡ଼ିତ ହୋଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କୁ ପ୍ରଥମେ ଡାକ୍ତର ଡାଏରିଆ ୱାର୍ଡରେ ଭର୍ତ୍ତି କରାଇଥିବା ବେଳେ କୌଣସି ଡାକ୍ତର ତାଙ୍କ ପାଖକୁ ଚିକିତ୍ସା କରିବା ନିମନ୍ତେ ଯାଇନଥିଲେ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। କେତେକ ସେବିକା ତାଙ୍କୁ ସାଲାଇନ୍ ଏବଂ ଇଞ୍ଜେକସନ୍ ଦେଇ ଚିକିତ୍ସା କରିଥିବା ବେଳେ ହଠାତ୍ ତାଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡିଥିଲା। ଏହି ସମୟରେ ସେବିକାଙ୍କ ପକ୍ଷରୁ ସେହି ୱାର୍ଡର ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଖବର ଦେଇଥିଲେ। ମାତ୍ର କୌଣସି ଡାକ୍ତର ସେଠାରେ ପହଞ୍ଚି ନଥିଲେ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଚିକିତ୍ସା ଅବହେଳା କରାଯାଇଥିବାରୁ ସୁଶାନ୍ତଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଉଥିବା ବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରିବା ପାଇଁ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମାତ୍ର ମୃତ୍ୟୁ ପରେ ସୁଶାନ୍ତଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମୃତକଙ୍କ ପରିବାର ଏବଂ ସେମାନଙ୍କର ସହଯୋଗୀଙ୍କ ପକ୍ଷରୁ ପ୍ରବଳ ପାଟିତୁଣ୍ଡ କରାଯାଇଥିବା ବେଳେ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



# ରସୁଲପୁରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**କୁଆଖିଆ, ୨।୮ (ସମିସ):** କୋରେଇ ବିଧାୟକ ଆକାଶ ଦାସନାୟକ ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବଡକଇଁଚି ପଞ୍ଚାୟତର ପଞ୍ଚଗୋଛିଆ ଗ୍ରାମର ଜାଗୁଳାଇ ହନୁମାନ ମନ୍ଦିର ପାଖରେ ବିଭିନ୍ନ ପ୍ରକାର ଫଳନ୍ତି ଗଛ ଲଗେଇଥିଲେ। ପରେ ପାଳସାହି ଗ୍ରାମରେ ଥିବା ଦୁଇ ଏକର ପାଖାପାଖି ଜାଗାରେ ଆମ୍ବ ଗଛ ଓ ବିଭିନ୍ନ ଗଛ ଲଗେଇଥିଲେ। ପରେ ଗୋରାଧା ଗରୁଆଳ ଗ୍ରାମରେ ବୃକ୍ଷରୋପଣ କରିବା ସହ ପ୍ରାୟ ୫୦୦ରୁ ଅଧିକ ଗଛ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ସରିଲା ପରେ ଗନ୍ଧନ ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ବରିଷ୍ଠ ବିଜେପି ନେତା ପୂର୍ବତନ ଅଧ୍ୟକ୍ଷ ଶଶୀଭୁଷଣ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରକାଶ ସାହୁ, ମଣ୍ଡଳ ସଭାପତି ବିନୋଦ ମହାରଣଙ୍କ ସମେତ ବିଜେପି ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ସ୍କୁଲ କଲେଜ୍ ଶିକ୍ଷକ ଓ କର୍ମଚାରୀଙ୍କ ପ୍ରତିବାଦ ସଭା



**କୁଆଖିଆ, ୨।୮ (ସମିସ):** ଆଜି ଓଡିଶା ସ୍କୁଲ କଲେଜ୍ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ପ୍ରତିବାଦ ସ୍ୱରୂପ ୬ ଦଫା ଦାବି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଯାଜପୁର ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତଙ୍କ ନେତୃତ୍ୱରେ ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ପ୍ରତିବାଦ ସଭାରେ ବ୍ଲକ ଓଷ୍ଟାର ସଭାପତି କୁଶମଣୀ ପଣ୍ଡା, ସମ୍ପାଦକ ପ୍ରଭାତ କୁମାର ଚନ୍ଦ, ଓଲଷ୍ଟାର ଜିଲ୍ଲା ମହାସଙ୍ଘର ସଭାପତି ବିକ୍ରମ କୁମାର ଦାଶ, ଓଲଷ୍ଟାର ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁ, ଉପଦେଷ୍ଟା ପ୍ରଦୀପ କୁମାର ସାମଲ, ଉପସଭାପତି ଚିତ୍ତରଞ୍ଜନ ଦାଶ, ଶିକ୍ଷକ ନେତା ବୈଦେନ୍ଦ୍ରନାଥ ସାହୁ, ନୀଳମଣି ଲେଙ୍କା, ଅକ୍ଷୟ କୁମାର ବରାଳ, ଗୋବିନ୍ଦ ଚନ୍ଦ୍ର ଦିବେଦୀ ଇନ୍ଦ୍ରମଣୀ ରାଉତ, ଅନନ୍ତ ସାହୁ, ଅରୂପା ଦାଶ, ଅନନ୍ତ କିଶୋର ପରିଡା ପ୍ରମୁଖ ବହୁ ଶିକ୍ଷକ ଏହି ସଭାରେ ଯୋଗଦେଇଥିଲେ।

## ଫେଲ୍ ମାରିଲା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା

# ପାଣିରେ ପଡ଼ିଲା କୋଟି କୋଟି ଟଙ୍କା

ବାରିକପୁର, ୨।୮ (ସମିସ)

ଗତ ୧୦ବର୍ଷ ମଧ୍ୟରେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି। କୋଟି କୋଟି ଟଙ୍କାରେ ନିର୍ମାଣାଧୀନ ଉଚ୍ଚ କ୍ଷମତାସମ୍ପନ୍ନ ପାଣି ଟାଙ୍କି ଓ ପାଣି ଟ୍ୟାପ କ୍ରମେ ନଷ୍ଟ ହେବାରେ ଲାଗିଛି। ବିଶେଷ କରି ଆଖୁଆପଦା ବୈତରଣୀ ଆନିକଟଠାରେ ୮ ବର୍ଷ ହେବ ନିର୍ମାଣ ହୋଇଥିବା ଏକ ବୃହତ ମେଗା ପାନୀୟ ଜଳପ୍ରକଳ୍ପ ଏଯାଏଁ ୮ ଜଣଙ୍କ ଶୋଷ ମେଣ୍ଟାଇପାରିନାହିଁ। ଏହି ପ୍ରକଳ୍ପ ଦ୍ୱାରା ବ୍ଲକର ୨୨ଟି ପଞ୍ଚାୟତକୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପୂର୍ବରୁ ସରକାର ଘୋଷଣା କରିଥିଲେ; ହେଲେ ଆଜିଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ଜିଲ୍ଲା ପାନୀୟ ଜଳ ଯୋଗାଣ




ବିଭାଗ ଅଧିକାରୀ ପାଖାପାଖି ୧୦୦କୋଟି ଟଙ୍କାରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି ବୋଲି କାଗଜପତ୍ରରେ ସରକାରଙ୍କୁ ଅନେକ ଦିନ ପୂର୍ବରୁ ଜଣାଇଦେଇ ବାହାବା ନେଇଛନ୍ତି; କିନ୍ତୁ ପ୍ରକୃତ ପକ୍ଷେ ଏଯାଏଁ ଲୋକଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚିପାରିନାହିଁ। କେବଳ ବିଦ୍ୟୁତ୍ ବିତରଣ କମ୍ପାନୀ ସହିତ ମେଗା ପ୍ରକଳ୍ପର କାର୍ଯ୍ୟ କରୁଥିବା କମ୍ପାନୀ ନିକଟକୁ ଏବେବି ସୁଦ୍ଧା କୋଟି କୋଟି ଟଙ୍କା ରାଜସ୍ୱ ଯାଉଛି। ସୂଚନା ମୁତାବକ, ବୈତରଣୀ ଆନିକଟ ନିକଟରେ ପ୍ରକଳ୍ପର ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ପରମାନନ୍ଦପୁର, ଥଇଲା ଓ ବୟାଁବନାପୁର ଠାରେ ୩ଟି ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ ହୋଇଛି। ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଏହାଛଡା ଆଖୁଆପଦାଠାରୁ ମାଳଦା ଓ ମଞ୍ଜୁରୀ ରୋଡଠାରୁ ଭଣ୍ଡାରିପୋଖରୀ ସରସଦା ଅଞ୍ଚଳ ଯାଏଁ ବିଭିନ୍ନ ସ୍ଥାନକୁ ପାଣି ଯୋଗାଇବା ପାଇଁ ମାଟି ତଳେ ପାଇପ ବିଛାରେ ସୀମିତ ରହିଛି ପ୍ରକଳ୍ପ। କମ୍ପାନୀ ବର୍ଷକୁ ବର୍ଷ କାମ ସମ୍ପୂର୍ଣ୍ଣ କରୁ ନଥିବା କହି ଅଧିକାରୀମାନେ ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ବ୍ଲକ ଓ ଜିଲ୍ଲା ସ୍ତରରେ ମଧ୍ୟ ବାରମ୍ବାର ବୈଠକ ହୋଇ ଲୋକଙ୍କୁ ଯଥା ଶୀଘ୍ର ପାଇପ ପାଣି ଯୋଗାଇବା ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ଫାଇଲ ଭିତରେ ରହି ଯାଇଛି। ସମ୍ପ୍ରତି ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଓ ଜଳ ଯୋଗାଣ ବ୍ୟବସ୍ଥା ପରିଚାଳନା କମ୍ପାନୀ ହାତରେ ରହିଛି। ତେଣୁ ଦୈନିକ ବୈତରଣୀ ନଦୀରୁ ପାଣି ଆସି ବିଶୋଧନ ହେବା ପରେ କମ୍ପାନୀ ଏହାକୁ ପାଇପ ଯୋଗେ ଛାଡୁଛି। ଅନେକ ସ୍ଥାନରେ ଅସମ୍ପୂର୍ଣ୍ଣ କିମ୍ବା ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ପାଣି ସିଧା ପାଇପରୁ ବାହାରି ମାଟିରେ ମିଶି ଯାଉଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିବା ବୃହତ ପାନୀୟ ଜଳ ପ୍ରକଳ୍ପଟି ଏକ ପ୍ରକାର ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନେକ ବ୍ୟବସ୍ଥାଗତ ତ୍ରୁଟି ଭିତରେ ପ୍ରକଳ୍ପ କାର୍ଯ୍ୟ ସରିବ କି ନାହିଁ ସନ୍ଦେହରେ ରହିଥିବାବେଳେ ଆଉ କେତେ ବର୍ଷ ପରେ ଯେ ବ୍ଲକବାସୀ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ବୁନ୍ଦାଏ ପାଇବେ ତାହାକୁ ଦେଖିବାକୁ ରହିଛି।

## ଓଷ୍ଟା ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ଧାମନଗର, ୨।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସଦସ୍ୟା ଓ ସଦସ୍ୟମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଆୟୋଜିତ କରିଥିଲେ। ଏହି ଅବସରରେ ବିଭିନ୍ନ ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଓଷ୍ଟାର ଜିଲ୍ଲାଉପସଭାପତି ଶିକ୍ଷକ ପର୍ଶୁରାମ ପାତ୍ର, ବ୍ଲକ ସମ୍ପାଦକ ଓଷ୍ଟା ହେମନ୍ତ କୁମାର ସୂତାର, ଯୁଗ୍ମ ସମ୍ପାଦକ ଗଙ୍ଗାଧର ବେହେରାଙ୍କ ନେତୃତ୍ୱରେ ସଞ୍ଜୟ କୁମାର ସେନାପତି, ସୁବାଷ ଚନ୍ଦ୍ର ପାତ୍ର, ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ସେକ ଫରିଦ, ସେକ ଅଜମତଙ୍କ ସହ ସଂଘର କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଧାରଣା ଦେବା ସହିତ ବିଇଓ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଏକ ସ୍ମାରକ ପତ୍ର ଦେଇଥିଲେ। ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅନ୍ୟାନ୍ୟ କେତେକ ସମସ୍ୟା ନେଇ ଧାରଣା ଦିଆଯାଇଥିଲା। ଦାବି ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କଲେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରୁ ବିରତ ରହିବେ ଏବଂ ସୁସ୍ଥ ମାନସିକତା ଭିତରେ ଅଧ୍ୟାପନା କାର୍ଯ୍ୟରେ ଲିପ୍ତ ରହି ଉତ୍ତମ ଛାତ୍ର ଗଠନରେ ବ୍ରତୀ ହେବେ ବୋଲି ସଂଘ ପକ୍ଷରୁ ସୂଚନା ଦେଇଛନ୍ତି। ଦାବି ସମୂହ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ ଆଦି ଦାବି କରାଯାଇଛି।

## ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା



**ଭଦ୍ରକ, ୨।୮ (ସମିସ):** ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କୁ ନାଗରିକ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂସ୍କୃତି ଭବନରେ ଆୟୋଜନ କରାଯାଇ ବିଭିନ୍ନ ଅଞ୍ଚଳର ଡାକ୍ତର, କର୍ମକର୍ତ୍ତା ଓ ଅନୁଷ୍ଠାନ ତରଫରୁ ଡାକ୍ତର ନାୟକଙ୍କ ନିରବଚ୍ଛିନ୍ନ ସେବା ଓ ତ୍ୟାଗ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ଭଦ୍ରକ ସିଡିଏମଓ ଓ ବରିଷ୍ଠ ଡାକ୍ତର ସୁଧୀରଞ୍ଜନ ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ପଣ୍ଡା ହସ୍ପିଟାଲର କର୍କଟ ବିଶେଷଜ୍ଞ ବରିଷ୍ଠ ଡାକ୍ତର ରଣଜିତ କର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ ଯୋଗଦେଇ ଡାକ୍ତର ନାୟକଙ୍କ ଜନ ଆଦୃତ ପାଇଁ ପ୍ରଶଂସା କରିଥିଲେ। ଆଇଏମଏର ଉପଦେଷ୍ଟା ବରିଷ୍ଠ ଡାକ୍ତର ହରେକୃଷ୍ଣ ନାୟକ ଯୋଗଦେଇ ଡାକ୍ତର ନାୟକଙ୍କ ଜୀବନ ବ୍ୟାପୀ ସେବା ଓ ସାଧନା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସଭାରେ ପୂର୍ବତନ ଆଇଏମଏ ସଭାପତି ଡାକ୍ତର ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଅନୁଗୁଳ ସିଡିଏମଓ ଡାକ୍ତର ଶିବାନନ୍ଦ ଦାଶ, କେଉଁଝର ସମ୍ପାଦକ ଡାକ୍ତର ମହେଶ ମହାନ୍ତ, ଯାଜପୁର ଆଇଏମଏର ଡାକ୍ତର ପ୍ରସନ୍ନ ସାହୁ ଓ କାର୍ତ୍ତିକ ଚନ୍ଦ୍ରରାଉତ, ଏସସିବି ମେଡିକାଲର ପାର୍ଥସାରଥୀ ମିଶ୍ର, ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଭଦ୍ରକର ଭଦ୍ରକ ଆଇଏମଏ, ରୋଟାରୀ କ୍ଲବ, ରୋଟାରୀ କ୍ଲବ ମିଡଟାଉନ, ରାମ ସେବା ଆଶ୍ରମ, ବରିଷ୍ଠ ନାଗରିକ ମହାସଂଘ, ତ୍ୟାଗ ଭୂମି, ଲାୟନ୍ସ କ୍ଲବ, ଅଶ୍ରୁ, ଓଡ଼ିଶା ତେଜସ୍ୱୀନୀ ମହିଳା ମହାସଂଘ, ଗାନ୍ଧୀ ବିଚାର ମଞ୍ଚ, ଲାୟନ୍ସ କ୍ଲବ ଭଦ୍ରକାଳୀ ଡିଭାଇନ ପ୍ରମୁଖ ସଂଗଠନ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଆଇଏମଏର ସଭାପତି ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା, ବିଶିଷ୍ଟ ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ଡାକ୍ତର ରଜତ ରାୟ, ପ୍ରଫେସର ଡାକ୍ତର ଇନ୍ଦ୍ରମଣି ଜେନା, ଡାକ୍ତର ସରୋଜ ସାହୁ, ଡାକ୍ତର କମଳାକାନ୍ତ ପାଣିଗ୍ରାହୀ, ପ୍ରଫେସର ଡାକ୍ତର ଜନ୍ମେଜୟ ମହାପାତ୍ର, ରାଜ୍ୟ ସମ୍ପାଦକ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ରାଜ୍ୟ କୋଷାଧ୍ୟକ୍ଷ ଡାକ୍ତର ସମ୍ରାଟ କର, ବାଲେଶ୍ୱର ଉପସଭାପତି ଡାକ୍ତର ସରୋଜ ରାଜ ପ୍ରମୁଖ ବାର୍ତ୍ତା ମାଧ୍ୟମରେ ଡାକ୍ତର ନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସଭାକୁ ସ୍ତମ୍ଭକାର ସାହିତ୍ୟିକ ଅଭୟ ଦ୍ୱିବେଦୀ ସଞ୍ଚାଳନ କରିଥିବାବେଳେ ସୁଧାକର ରାଉତ ଓ ଜଗନ୍ନାଥ ରାଉତ ପରିଚାଳନା କରିଥିଲେ। ଆସ୍ତା ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଦୀପ ନାୟକ, ବରିଷ୍ଠ ଡାକ୍ତର ଶତ୍ରୁଘ୍ନ ହାତୀ, ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଡାକ୍ତର ଜେ କେ ମହାନ୍ତି, ଡାକ୍ତର ବି କେ ନନ୍ଦ, ଡାକ୍ତର ଉତ୍ପଳା ନାୟକ, ଡାକ୍ତର ଦେବରାଜ ପାଣିଗ୍ରାହୀ, ଡାକ୍ତର ବିମଳା ମିଶ୍ର, କୈଳାସ ମହାପାତ୍ର, ଶାନ୍ତନୁ ରାଉତ, ଲଲାଟେନ୍ଦୁ ମହାନ୍ତି, ସମାଜସେବୀ ସୀତାକାନ୍ତ ଦାସ, ନାସିର ବକ୍ସ, ଅଜୟ ନାୟକ, ଗଦାଧର ବଳ, ଅଶୋକ ମହାନ୍ତି, ସତ୍ୟନ୍ଦୁରାୟ ମହାପାତ୍ର, ଅଞ୍ଜନା ମିଶ୍ର, ସୁରଜିତା ନାୟକ, ଜାନକୀ ପାଢ଼ୀ, ଶ୍ରୀହର୍ଷ ସ୍ୱାଇଁ, ଦିବ୍ୟସିଂହ ନାୟକ, ରୋଟାରିଆନ ଶିଶିର ମିଶ୍ର, ରୋଟାରିଆନ ସମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର

# ସହାୟତାର ହାତ ବଢ଼ାଇଲା ସାମାଜିକ ସଂଗଠନ



ସକାଳ ପ୍ରଭାବ

**ଭଦ୍ରକ, ୨।୮ (ସମିସ):** ଜୁଲାଇ ୨୩ ତାରିଖ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଇଟୁଆ ଗାଁର ଭିନ୍ନକ୍ଷମ ଆନନ୍ଦ ଜେନାଙ୍କ ପରିବାର ଦୁର୍ଦ୍ଦଶା ନେଇ 'ଅନ୍ଧାରରେ ଭିନ୍ନକ୍ଷମଙ୍କ ପରିବାର: ବିଜୁ ସ୍ୱାସ୍ଥ୍ୟକାର୍ଡ ଅକାମୀ ହେବା ପରେ ଅଟକିଲା ଚିକିତ୍ସା'... ଶୀର୍ଷକ ଏକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଇଟୁଆ ଗାଁର ଆନନ୍ଦ ଜେନା ଜଣେ ରାଜମିସ୍ତ୍ରୀ ଭାବେ ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ଆନନ୍ଦଙ୍କ ସହ ତାଙ୍କର ସ୍ତ୍ରୀ ଓ ୩ ଝିଅ; ହେଲେ ଭୁବନେଶ୍ୱରର ଏକ କନଷ୍ଟ୍ରକସନ କମ୍ପାନୀରେ କାମ କରୁଥିବା ବେଳେ ଜାନୁଆରୀ ମାସରେ ଏକ ଦୁଇ ମହଲା କୋଠାରୁ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ମେରୁଦଣ୍ଡ ସହ କଟି ହାଡ଼ ଭାଙ୍ଗି ଯାଇଥିଲା। ଡାକ୍ତରଖାନାରେ ପଡ଼ି ରହି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହେଉଥିଲେ; ମାତ୍ର ବିଜୁ ସ୍ୱାସ୍ଥ୍ୟ କାର୍ଡ ଅକାମୀ ହେଲା ପରେ ଆଉ ଚିକିତ୍ସା ହୋଇ ପାରିଲେନି। ଏପଟେ ଇ-କେୱାଇସି କରି ନ ଥିବାରୁ ନିଜ ଭାଇ ପରିବାରର ରାସନ କାର୍ଡ ସହ ସଂଯୋଗ ଥିବା ନାମ ବି କଟିଗଲା। ଫଳରେ ଅଧାରୁ ଅଟକିଥିଲା ଆନନ୍ଦଙ୍କ ଚିକିତ୍ସା। ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ଘରକୁ ଫେରି ଆସିଲେ। ଆଉ ସେହି ଦିନଠାରୁ ବିଛଣାରେ ପଡ଼ି ରହି ଛଟପଟ ହେଉଛନ୍ତି ଆନନ୍ଦ। ତେବେ ଏହି ଦୁର୍ଦ୍ଦଶା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ଭଦ୍ରକ ଜିଲ୍ଲା ଶ୍ରମ ବିଭାଗର ଅଧିକାରୀ ଆନନ୍ଦଙ୍କ ଘରେ ପହଞ୍ଚି ତାଙ୍କର ଭଲ ମନ୍ଦ ବୁଝିବା ସହ ଶ୍ରମ ବିଭାଗ ତରଫରୁ ଯାହା ସୁବିଧା ଉପଲବ୍ଧ ତାହା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ବ୍ଲକ ପ୍ରଶାସନ ତରଫରୁ ଭିନ୍ନକ୍ଷମ ଭତ୍ତା ଚଳିତ ମାସରୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ବାସୁଦେବପୁର ଅଞ୍ଚଳର ସାମାଜିକ ସଂଗଠନ ରମାକାନ୍ତ ସେବା ଫାଉଣ୍ଡେସନର ସଭ୍ୟସଭ୍ୟା ଆନନ୍ଦଙ୍କ ଘରେ ପହଞ୍ଚି କିଛି ଶୁଖିଲା ଖାଦ୍ୟ ସହ ଆର୍ôଥକ ସହାୟତା କରିଥିଲେ। କେବଳ ଏତିକି ନୁହେଁ ଆନନ୍ଦଙ୍କ ତିନି ଝିଅଙ୍କ ପାଠ ପଢ଼ା ଖର୍ଚ୍ଚ ବାବଦକୁ ୧ ବର୍ଷ ପାଇଁ ମାସିକ ୧ ହଜାର ଟଙ୍କା ପ୍ରଦାନ କରିବାକୁ ଫାଉଣ୍ଡେସନର ପରିଚାଳକ ରତିକାନ୍ତ ପ୍ରଧାନ ଘୋଷଣା କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଦୋଲସାହି, ୨।୮ (ସମିସ):** ତିହିଡି ବ୍ଲକ କୁବେରା ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପୁର ପରିଚାଳନା କମିଟିର ସଭାପତି ଗୋବର୍ଦ୍ଧନ ସାମଲଙ୍କ ଅଧ୍ୟକ୍ଷତାରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତଥା ପରିଚାଳନା କମିଟି ସମ୍ପାଦକ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ ଭରତଚରଣ ବାରିକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଜ୍ଞାନ ପ୍ରମୁଖ ରଶ୍ମିତା ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୁରୁମା ପୂର୍ଣ୍ଣିମା ଖଟୁଆ ପ୍ରତିଭା ରାଣୀ ସାହୁ, ସେବତୀ ତ୍ରିପାଠୀ, ରଶ୍ମିତା ସାହୁ ଓ ଗୁରୁଜୀ ଦୀପ୍ତିକାନ୍ତ ଯେନା ଉପସ୍ଥିତି ଥିଲେ। ଶିଶୁ ଭାଇଭଉଣୀଙ୍କ ମଧ୍ୟରୁ ୩୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

## ଶୈବପୀଠକୁ କାଉଡ଼ିଆଙ୍କ ଯାତ୍ରା



**ବାରିକପୁର, ୨।୮ (ସମିସ):** ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ସବୁଠି ବୋଲ୍‌ବମ୍ ଭକ୍ତଙ୍କ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ବିଶେଷ କରି ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ନଦୀଘାଟରୁ କାଉଡ଼ିଆ ଭାଇ ଭଉଣୀ ମାନେ ପାଣି ଭାର ଧରି ଯାତ୍ରା ଆରମ୍ଭ କରିଛନ୍ତି। ବୈତରଣୀ ନଦୀର ଆଖୁଆପଦା ଆନିକଟ ସମେତ ମଣୀନାଥପୁର, ମୁଢାପଦା, ନେରଡା, ବଳିପୁର, ଝୁଟଣା, ବାଲି ପୋଖରୀ, ଦାଣ୍ଡକୂଳ ଘାଟରେ କାଉଡ଼ିଆ ଭିଡ ଦେଖିବାକୁ ମିଳିଛି। ନଦୀ ଘାଟରୁ ଭକ୍ତମାନେ ଆଖଣ୍ଡଳମଣୀ ପୀଠକୁ ପାଣିଭାର ନେଇ ବାହାରିଛନ୍ତି ତ ପୁଣି କିଏ ପଞ୍ଚ ଲିଙ୍ଗେଶ୍ୱରକୁ ଯାତ୍ରା ଆରମ୍ଭ କରିଛି। ଏହାଛଡା ବିଭିନ୍ନ ଗ୍ରାମାଞ୍ଚଳର ପ୍ରସିଦ୍ଧ ଶୈବ ପୀଠରେ ମଧ୍ୟ ସୋମବାର ଜଳାଭିଷେକ ପାଇଁ ଭକ୍ତମାନେ ପାଣି ଭାର ନେଇ ଯାଉଛନ୍ତି। ସେହିଭଳି ଗେଙ୍ଗୁଟି, ରେବ ଓ କପାଳୀ ନଦୀରୁ ମଧ୍ୟ ଗାଁର ମାନସିକଧାରୀ କାଉଡ଼ିଆମାନେ ପାଣି ଭାର ଧରି ବିଭିନ୍ନ ଶୈବ ପୀଠକୁ ଯାଉଥିବା ଦେଖିବାକୁ ମିଳିଛି। ଦକ୍ଷିଣବାଡ ସ୍ଥିତ ମା' ଥାନପତୀ କାଉଡ଼ିଆ ସଂଘ ପକ୍ଷରୁ ପ୍ରାୟ ୧୦୦ରୁ ଅଧିକ ଭକ୍ତ ଦଶାସନୀ ଘାଟରୁ ପାଣି ନେଇ ଆରଡ଼ିକୁ ଯାତ୍ରା କରିଛନ୍ତି। ସମସ୍ତ କାଉଡ଼ିଆ ୩ ନମ୍ବର୍ କେନାଲ ବନ୍ଧ, ଛତାବର ବଳିଘାଇ ରାସ୍ତା, ମଣିନାଥପୁର ପାଳଦା ରାସ୍ତା, ଦୋବଲ ଧାମନଗର ରାସ୍ତା, ଯାଜପୁର କୟାଗୋଲା ରାସ୍ତା ସହିତ ଅନ୍ୟାନ୍ୟ ଗ୍ରାମାଞ୍ଚଳ ଛୋଟବଡ ରାସ୍ତା ଅତିକ୍ରମ କରି ପ୍ରସିଦ୍ଧ ଆଖଣ୍ଡଳମଣି ଓ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି।

## ରକ୍ତଦାନ ଶିବିର: ୬୪ ୟୁନିଟ୍ ସଂଗ୍ରହ

**ବାସୁଦେବପୁର, ୨।୮ (ସମିସ):** ବାସୁଦେବପୁର ସତ୍ୟସାଇ ମନ୍ଦିର ପରିସରରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଭଦ୍ରକ ରକ୍ତଭଣ୍ଡାର କାଉନସେଲ ଯାଜ୍ଞସେନୀ ସାହୁ, ଏଲଟି ମଙ୍ଗୁଲୁ ପ୍ରଧାନ, ତାରିଣୀ ସେନ, ମଧୁସ୍ମିତା ବେହେରା ରକ୍ତ ସଂଗ୍ରହ କରୁଥିବା ବେଳେ ମାନସ ପଣ୍ଡା ଓ ଅରୁଣ ପରିଡ଼ା ସହଯୋଗ କରିଥିଲେ। ସତ୍ୟସାଇ ସଙ୍ଗଠନର ଜିଲ୍ଲା ସଭାପତି ବୃନ୍ଦାବନ ବେହେରା, ଆବାହକ ପବିତ୍ର ମୋହନ ନାୟକ, ତୈଲୋକ୍ୟନାଥ ପଣ୍ଡା, ବିଚିତ୍ର ଭୋଇ, ଡ. ବସନ୍ତ ଦାସ, ସ୍ନିଗ୍ଧା ମହାନ୍ତି, ରମାକାନ୍ତ ଦାସ, ଉଦୟ ନାରାୟଣ ପଣ୍ଡା, ମୁକ୍ତିକାନ୍ତ ରାୟ, ମହେଶଚନ୍ଦ୍ର ଦାସ, ବସନ୍ତ କୁମାର ବଳ, ରାମଚନ୍ଦ୍ର ପାଢ଼ୀ, ଦିବ୍ୟସୁନ୍ଦର ବାରିକ ଓ ଅହଲ୍ୟା ବାରିକ, ସୁଷମା ଭୋଇ ରକ୍ତଦାତାଙ୍କ ପଞ୍ଜୀକରଣ କରିବା ସହ ସହଯୋଗ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।



## କଟାଗଲା ବିପଦସଙ୍କୁଳ ଗଛ



**ଭଦ୍ରକ, ୨।୮ (ସମିସ):** ଦୀର୍ଘଦିନ ଧରି ଭଦ୍ରକ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଥିବା ୨ଟି ଶୁଖିଲା ଦେବଦାରୁ ଗଛ ବିପଦସଙ୍କୁଳ ଅବସ୍ଥାରେ ଥିଲା। ସର୍ବସାଧାରଣଙ୍କ ଜୀବନ ବିପଦ ନିବାରଣ ପାଇଁ ଆଜି ସକାଳେ ଭଦ୍ରକ ତହସିଲ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ ଓ ପୌରପାଳିକା କାର୍ଯ୍ୟାଳୟ କର୍ମଚାରୀମାନଙ୍କ ସହଯୋଗରେ ଗଛ ଦୁଇଟିକୁ ସୁରକ୍ଷିତ ଭାବେ ମେସିନ ଜରିଆରେ କାଟିଥିଲେ। ଏହି ପଦକ୍ଷେପ ଦ୍ୱାରା ତହସିଲ କାର୍ଯ୍ୟାଳୟ ଓ ବ୍ଲକ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସକୁ ଆସୁଥିବା ସାଧାରଣ ଲୋକଙ୍କ ଜୀବନ ବିପଦମୁକ୍ତ ହୋଇଛି।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୪ତମ ସମ୍ମିଳନୀ

# ଅଧିକାର ପାଇଁ ଐକ୍ୟବଦ୍ଧ ହୋଇ ଲଢିବାକୁ ଆହ୍ୱାନ

ଭଦ୍ରକ, ୨।୮ (ସମିସ)

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ୧୪ତମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଣତନ୍ତ୍ର, ସମାନତା, ନାରୀ ମୁକ୍ତି ସ୍ଲୋଗାନ ସହ ଶତାଧିକ ମହିଳା ଭଦ୍ରକ ବନ୍ତ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଭଦ୍ରକ ସହର ପରିକ୍ରମା କରିଥିଲେ। ଜିଲ୍ଲା ସଭାନେତ୍ରୀ ପ୍ରଭାତୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସଂଗଠନର ସର୍ବଭାରତୀୟ ନେତ୍ରୀ ତାପସୀ ପ୍ରହରାଜ ସମ୍ମିଳନୀକୁ ଉଦଘାଟନ କରି ରାଷ୍ଟ୍ର ପ୍ରୋତ୍ସାହିତ ମହିଳା ହିଂସା ବନ୍ଦ କରିବା, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। ଭାରତୀୟ ସମ୍ବିଧାନ ବଦଳରେ ମନୁସ୍ମୃତି କାର୍ଯ୍ୟକାରୀ କରିବା ପାଇଁ ମୋଦି ସରକାର ପ୍ରାଥମିକ ପର୍ଯ୍ୟାୟରେ ଶିକ୍ଷାର ଗୈରୀକରଣ କରୁଥିବାରୁ ମୋଦି ସରକାରଙ୍କ ଏହି ଧର୍ମନିରପେକ୍ଷତା ବିରୋଧୀ ପାଠ୍ୟକ୍ରମକୁ ଶ୍ରୀମତୀ ପ୍ରହରାଜ ବିରୋଧ କରିଥିଲେ। ଆମ ଦେଶରେ ବୈଜ୍ଞାନିକ ସମାଜବାଦ ପ୍ରତିଷ୍ଠା ପାଇଁ ମହିଳା ମାନେ ଏକଜୁଟ ହୋଇ ଲଢେଇ କରିବାକୁ ଶ୍ରୀମତୀ ପ୍ରହରାଜ ଆହ୍ୱାନ




ଜଣାଇଥିଲେ। ଏହି ସମ୍ମାନିତ ଅତିଥି ଭାବେ ସଂଗଠନର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଆସିଆନାର ନିର୍ଦ୍ଦେଶକ ସେକ୍ ସୋଫିଆ, ଇନରହୁଇଲ ସଭାନେତ୍ରୀ ସ୍ନେହଲତା ବେହେରା, ମହିଳାନେତ୍ରୀ ଝରଣା ପଟ୍ଟନାୟକ, ମହିଳା ନେତ୍ରୀ ଅଞ୍ଜନା ମିଶ୍ର ପ୍ରମୁଖ ଯୋଗଦେଇ ନିଜ ଅଧିକାରର ସୁରକ୍ଷା ପାଇଁ ନାରୀ ମାନେ ଐକ୍ୟବଦ୍ଧ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମିଳନୀର ସଫଳତା କାମନା କରି ସିଆଇଟିୟୁ ଭଦ୍ରକ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଯୁବନେତା ବିକାଶ ନାଥ, ଶ୍ରମିକନେତା ମଳୟ ଭୋଇ, ବିଷ୍ଣୁ ଦାଶ, ଉଜ୍ଜ୍ୱଳ ଯେନା, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଯୁବ ଆଇନଜୀବୀ ଅମ୍ରିତ ପ୍ରିତମ ନାୟକ ପ୍ରମୁଖ ଯୋଗଦେଇ ଦେଶର ଏକତା, ଭାଇଚାରା, ଅଖଣ୍ଡତା ଓ ସମ୍ବିଧାନର ସୁରକ୍ଷା ପାଇଁ ମହିଳା ମାନେ ଲଢେଇ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ସଭାନେତ୍ରୀ ପ୍ରଭାତୀ ଜେନା ସଂଗଠନର ପତାକା ଉତ୍ତୋଳନ କରିଥିବା ବେଳେ ୧୭ ଜଣ ପ୍ରତିନିଧି ସମ୍ମିଳନୀର ରିପୋର୍ଟ ଉପରେ ଆଲୋଚନା କରିଥିଲେ। ଶେଷ ପର୍ଯ୍ୟାୟରେ ଏକ ୧୯ ଜଣିଆ ଜିଲ୍ଲା କମିଟି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ନୂତନ ଜିଲ୍ଲା ସଭାନେତ୍ରୀ ଭାବେ ମମତା ଜେନା ଓ ଜିଲ୍ଲା ସମ୍ପାଦିକା ଭାବେ ପ୍ରଭାତି ଯେନା ନିର୍ବାଚିତ ହୋଇଥିଲେ। ଉପସଭାନେତ୍ରୀ ଭାବେ ସୁମତି ନାୟକ, ପ୍ରଭାତି ଦାଶ, ସଂଯୁକ୍ତା ମାଦକ, ଶାନ୍ତିଲତା ବାରିକ୍, ସହ ସମ୍ପାଦିକା ପାଇଁ ରୋଜାଲିନି ସାମ୍ୟବାଦୀ, ସୀତାରାଣି ଦାସ, କାମିନୀ ଭୋଇ, ଶାନ୍ତିଲତା ନାୟକ ନିର୍ବାଚିତ ହୋଇଥିବା ବେଳେ ଜିଲ୍ଲା କମିଟି ସଭ୍ୟା ଭାବେ ମଧୁସ୍ମିତା ପାକଳ, ସେକ୍ ତସଲିମା, ପାକିନି ମୁଣ୍ଡା, ସବିତା ବିଶ୍ୱାଳ, ପ୍ରତିଭା ରାଉତ, ରିନାରାଣୀ ସାହୁ, ବାସନ୍ତୀ ବେହେରା ନିର୍ବାଚିତ ହୋଇଥିଲେ। ଆସନ୍ତା ସେପ୍ଟେମ୍ବର ୭ ଓ ୮ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ସଂଗଠନର ୧୪ ତମ ରାଜ୍ୟ ସମ୍ମିଳନୀକୁ ଭଦ୍ରକ ଜିଲ୍ଲାରୁ ୧୫ ଜଣ ପ୍ରତିନିଧି ଓ ୨ ଜଣ ଦର୍ଶକଙ୍କ ସହ ୫୦୦ ମହିଳା ରାଜ୍ୟ ସମ୍ମିଳନୀ ପରିପ୍ରେକ୍ଷୀରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ମହିଳା ସମାବେଶରେ ଯୋଗଦେବେ ବୋଲି ସମ୍ମିଳନୀରେ ସ୍ଥିର ହୋଇଥିଲା।

## ଦୋକାନରୁ ଟଙ୍କା ଚୋରି କରି ଯୁବକ ଗିରଫ

ଭାପୁର,୨।୮ (ସମିସ): ଦୋକାନକୁ ସୌଦା କିଣିବାକୁ ଆସି ଦୋକାନରେ କେହି ନଥିବାର ସୁଯୋଗ ନେଇ ଦୋକାନରୁ ୫୦ ହଜାର ଟଙ୍କା ଚୋରି କରି ଖସି ଯିବାକୁ ବସିଥିବା ଯୁବକକୁ ସ୍ଥାନୀୟ ଦୋକାନୀମାନେ କାବୁକରି ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଛନ୍ତି। ପୁଲିସ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଚାଲୁ ରଖିଛି। ଶନିବାର ସକାଳ ୧୦ଟା ସମୟରେ ଫତେଗଡ ଥାନା ବାଇଗୁଣିଆ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟୁପଡା ଗ୍ରାମ ବରମୁଣ୍ଡା ଛକରେ ଘଟିଛି ଏହି ଘଟଣା। ଛକରେ ଥିବା ଖୁଣ୍ଟୁପଡ଼ା ଗ୍ରାମର ସନାତନ ବାଘସିଂଙ୍କ ଗ୍ରୋସରୀ ଦୋକାନକୁ ବନମାଳୀପୁର ପଞ୍ଚାୟତ ବାସୁଦେଇପୁର (କାଚେରା ସାହି) ଗ୍ରାମର ସଞ୍ଜୟ ଦାସ କିଛି ଜିନିଷ କିଣିବାକୁ ଆସିଥିଲା। ଦୋକାନରେ କେହି ନଥିବାର ସୁଯୋଗ ନେଇ ଦୋକାନର ଟଙ୍କା ବାକ୍ସରେ ଥିବା ୫୦ ହଜାର ଟଙ୍କା କାଢି ଦୋକାନ ସାଇଟକୁ ଫିଙ୍ଗି ଦେଇଥିଲା ସଞ୍ଜୟ। ଦୋକାନୀ ମାଲିକ ଦୋକାନକୁ ଆସିବା ପରେ ଯୁବକଙ୍କୁ ଦେଖି ତାଙ୍କର ସନ୍ଦେହ ହୋଇଥଲା। ଟଙ୍କା ବାକ୍ସ ଖୋଲି ଦେଖିଲା ବେଳକୁ ବାକ୍ସରେ ଟଙ୍କା ନାହିଁ। ଏନେଇ ଦୋକାନୀ ମାଲିକ ସନାତନ ସ୍ଥାନୀୟ ଲୋକଙ୍କୁ ଜଣେଇବା ସହ ଦୋକାନରେ ଲାଗିଥିବା ସିସିଟିଭି ଚେକ୍ କରିଥିଲେ। ପରେ ସବୁ ସତ ସାମ୍ନାକୁ ଆସିଥିଲା। ସତ ଜଣାପଡ଼ିବା ପରେ ସ୍ଥାନୀୟ ଲୋକ ସଞ୍ଜୟକୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରିଥିଲେ। ଖବର ପାଇ ଜଗନ୍ନାଥପ୍ରାସାଦ ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ଜଗଦ୍ଦେବ ଅଭିଯୁକ୍ତକୁ ଉଦ୍ଧାର କରି ଫାଣ୍ଡିରେ ଅଟକ ରଖି ତଦନ୍ତ କରୁଛନ୍ତି। ପୂର୍ବରୁ ସଞ୍ଜୟ ବିଭିନ୍ନ ସ୍ଥାନରେ ଚୋରି କରିଥିବା ବେଳେ ଧରା ପଡିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

## ପୋଖରୀରେ ବୁଡ଼ି ନାବାଳିକା ମୃତ

ଓଡ଼ଗାଁ,୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଗିରିଡିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ରାଜେନ୍ଦ୍ର ନାୟକଙ୍କ ୧୧ ବର୍ଷର ଝିଅ ଜ୍ୟୋତ୍ସ୍ନାରାଣୀ ନାୟକ ଶନିବାର ସକାଳ ପ୍ରାୟ ୧୦ ସମୟରେ ପୋଖରୀକୁ ସ୍ନାନ ପାଇଁ ଯାଇଥିବା ବେଳେ ପାଣିରେ ବୁଡିଯାଇଥିଲେ। ଗୁରୁତର ଅବସ୍ଥାରେ ବାଳିକାଙ୍କୁ ଉଦ୍ଧାର କରାଯାଇ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଓଡ଼ଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ପରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ନରସିଂହପୁର କ୍ଲଷ୍ଟରରେ ଦ୍ୱିତୀୟ ମାସିକ ବୈଠକ

ରଣପୁର,୨।୮ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ନରସିଂହପୁର କ୍ଲଷ୍ଟର ଅନ୍ତର୍ଗତ ହଂସରା ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ନରସିଂହପୁର କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣାଙ୍କ ନେତୃତ୍ୱରେ ଓ ହଂସରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଦେଇଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନରସିଂହପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଦାବରୀ ନାୟକ ଏବଂ ମୁଖ୍ୟବକ୍ତା ଭାବେ ହଂସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାଦ୍ରି ବିହାରୀ ସୁବୁଦ୍ଧି ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜକ ସୁଶୀଲ କୁମାର ରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦଯାପାନୀ ଅବସରରେ ଅତିଥି ତଥା ପର୍ଯ୍ୟବେକ୍ଷିକା ଭାବେ ନୟାଗଡ ଜିଲ୍ଲା ବାଳିକା ଶିକ୍ଷା ସଂଯୋଜିକା ଶ୍ରାବଣୀ ମିଶ୍ର ଓ ଆଦିବାସୀ ଜାତି ଜନଜାତି ଶିକ୍ଷା ସଂଯୋଜିକା ଶୁଭସ୍ମିତା ଦାଶ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ବିନୋଦିନୀ କୁଣ୍ଡ, ଆଶାମଣୀ ସାମନ୍ତରାୟ, ସୁକାନ୍ତ ବେହେରା, ଭାଗବତ ଜେନା, ପାଞ୍ଚାଳୀ ଦେଇ, ପୂର୍ଣ୍ଣଚନ୍ଦ୍ର ପତି, ମଧୁଛନ୍ଦା ମହାନ୍ତି, ଉର୍ମିଳା ଦେଇ, ସରସ୍ୱତୀ ରାଉତରାୟ, ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଅଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

**ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

# ହୋଇପାରୁନି ଇସିଜି; ଚିକିତ୍ସା ପୂର୍ବରୁ ରୋଗୀ ମୃତ

ନୟାଗଡ଼,୨।୮ (ସମିସ):




ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଯେତେ ଅଭିଯୋଗ କଲେ ବି କୌଣସି ପ୍ରକାର ସୁଧାର ଆସି ପାରୁନାହିଁ। ଗତ କିଛିଦିନ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇସିଜି ସୁବିଧା ମିଳି ପାରୁନଥିବା ଅଭିଯୋଗ ହୋଇଛି। କର୍ମଚାରୀ ଅଭାବ ପାଇଁ ଇସିଜି ହେଉନଥିବା ଅନ୍ୟ କର୍ମଚାରୀ କହୁଥିବା ବେଳେ ଡାକ୍ତରଖାନାର ବରିଷ୍ଠ ଡାକ୍ତରମାନେ ମେସନ୍ ଖରାପ ଥିବା କହୁଛନ୍ତି। କାହା କଥା ସହ କାହାର ତାଳମେଳ ରହୁନାହିଁ। ଆଜି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜଣେ ରୋଗୀଙ୍କୁ ଇସିଜି ସୁବିଧା ନ ମିଳିବାରୁ ତାଙ୍କୁ ବାହାରେ ଇସିଜି କରିବାକୁ ପଠାଯାଇଥିଲା। ଇସିଜି କରି ଫେରିବା ପୁଣି ଡାକ୍ତରଙ୍କୁ ଦେଖାଇବା ବେଳକୁ ରୋଗୀଙ୍କ ମୃତ୍ୟୁ ଘଟି ସାରିଥିବା ଦେଖିବାକୁ ମିଳିଛି। ରୋଗୀ ଜଣଙ୍କ ହେଲେ ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଚରିଡ଼ା ମାନପୁର ଗ୍ରାମର ଅନ୍ତର୍ଯ୍ୟାମୀ ମୁଦୁଲି। ଅନ୍ତର୍ଯ୍ୟାମୀଙ୍କୁ ଆଜି ମଧ୍ୟାହ୍ନରେ ତାଙ୍କ ପୁଅ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ଇସିଜି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ସମୟ ଇସିଜି କରିବା ପାଇଁ ସେ ଏପଟ ସେପଟ ହୋଇଥିଲେ। ସୁବିଧା ନମିଳିବାରୁ ବାହାରକୁ ଇସିଜି କରିବାକୁ ନେବା ସମୟରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ପୁଣି ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଡାକ୍ତରଖାନାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାଧାରଣ ଇସିଜି ସୁବିଧା ନମିଳିବା, ସ୍ୱାସ୍ଥ୍ୟ ବିଭାଗର ଅବହେଳା ଓ ଦାୟିତ୍ୱ ହୀନତାକୁ ସ୍ପଷ୍ଟ କରୁଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ସୁଧାର ଆଣିବାରେ କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରୁନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ବିଗତ ଦିନରେ ବାଲୁଗାଁ ଅଞ୍ଚଳର ଜଣେ ପ୍ରସୂତି ମହିଳା ଏବଂ ଗର୍ଭସ୍ଥ ଶିଶୁ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମୁଳକାଣ୍ଡ ହୋଇଥିଲା। ଏହି ଘଟଣାରେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଯୋଗାଇବାରେ ବ୍ୟାପକ ଅବହେଳା କରାଯାଉଛି।

### ଡାକ୍ତରଖାନାରୁ ଧରା ପଡ଼ିଲା ଦଲାଲ

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଳ ମାଳ ଦଲାଲଙ୍କ ରାଜୁତି ଚାଲୁଛି। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ଜନ୍ମ ପ୍ରମାଣ ପତ୍ର କେନ୍ଦ୍ର ନିକଟରେ ଦଲାଲି କରୁଥିବା ଜଣେ ବ୍ୟକ୍ତିଙ୍କୁ ଠକେଇର ଶୀକାର ହୋଇଥିବା ବ୍ୟକ୍ତି ଧରିଥିଲେ। ଦଲାଲ ଜଣଙ୍କ ହେଲେ ନୟାଗଡ଼ ପୌର ପରିଷଦ ଅନ୍ତର୍ଗତ ୩ ନମ୍ବର ୱାର୍ଡର ନବକିଶୋର ସାଥୁଆ ବୋଲି ଜଣାପଡ଼ିଛି। ସେ ଖଣ୍ଡପଡ଼ା ଥାନା ବରକୋଳି ଗ୍ରାମର ବିଭୂତି ଖଟୁଆଙ୍କ ପୁଅର ଜନ୍ମ ପ୍ରମାଣ ପତ୍ର ସଂଶୋଧନ କରାଇ ଦେବା ପାଇଁ ଦୀର୍ଘଦିନ ହେବ ୧ ହଜାର ଟଙ୍କା ନେଇଥିଲେ। ଜନ୍ମ ପ୍ରମାଣ ପତ୍ର ସଂଶୋଧନ କରିନଥିଲେ କି ଧରା ଛୁଆଁ ଦେଇନଥିଲେ। ଆଜି ବିଭୂତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପରେ ସେ ଜଣେ ଭୁଲ ଲୋକ ଦ୍ୱାରା ଠକେଇର ଶୀକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ଡାକ୍ତରଖାନାରେ ବୁଲୁଥିବା ନବକିଶୋରଙ୍କୁ ସେ ଧରି ପୁଲିସରେ ଦେଇଥିଲେ। ପୁଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ନବକିଶୋର ନିଜକୁ ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସ ସଦସ୍ୟ ବୋଲି ପରିଚୟ ଦେଇଥିଲେ। ପୁଲିସ ତାଙ୍କୁ ତାଗିଦ କରିବା ସହ ଲିଖିତ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିବା ସୂଚନା ମିଳିଛି।

**ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ତୁଳସୀପୁର ଗ୍ରାମବାସୀ**

## ମହିଳା କରୁଛନ୍ତି ନିଶା କାରବାର



ନୟାଗଡ଼,୨।୮ (ସମିସ): ନୟାଗଡ଼ ଜିଲ୍ଲା ଟାଉନଥାନା ପୁଲିସ ଗତକାଲି ରାତିରେ ତୁଳସୀପୁର ଗ୍ରାମର ମହେଶ୍ୱର ପ୍ରଧାନଙ୍କୁ ଥାନାକୁ ଉଠାଇ ଆଣିଥିବା ବେଳେ ଆଜି ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଦାବି ଜଣାଇଛନ୍ତି। ତାଙ୍କ ଗ୍ରାମର ଜଣେ ମହିଳା ଓ ତାଙ୍କ ଦୁଇ ଝିଅ ନିଶା କାରବାର ସହ ଅନୈତିକ ବ୍ୟବସାୟ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଯଦି ଏହାକୁ ଗ୍ରାମବାସୀ ବିରୋଧ କରୁଛନ୍ତି, ତେବେ ଉକ୍ତ ମହିଳା ଦୁଷ୍କର୍ମ ଅଭିଯୋଗ ଆଣୁଥିବା ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି। ସୂଚନାନୁସାରେ, ଗତକାଲି ରାତିରେ ତୁଳସୀପୁର ଗ୍ରାମର ଜଣେ ଯୁବତୀ ମାତ୍ରାଧିକ ଔଷଧ ସେବନ କରି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଶୁଣୁନଥିବା କହିଥିଲେ। ଯୁବତୀ ଓ ତାଙ୍କ ପରିବାରକୁ ଜଣେ ଯୁବକ କିଛି ସହଯୋଗୀଙ୍କ ଜରିଆରେ ହଇରଣା କରୁଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଯୁବତୀ ମାନସିକ ଅବସାଦରେ ମାତ୍ରାଧିକ ଔଷଧ ସେବନ କରିଥିଲେ। ଫଳରେ ପୁଲିସ ଉକ୍ତ ଯୁବକ ମହେଶ୍ୱରଙ୍କୁ ଥାନାକୁ ଉଠାଇ ଆଣିଥିଲା। ଆଜି ତୁଳସୀପୁର ଗ୍ରାମର ଶହ ଶହ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉକ୍ତ ଯୁବତୀ, ତାଙ୍କ ମାଆ ଓ ସାନଭଉଣୀ ନାମରେ ଜିଲ୍ଲା ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି। ଏହା ସହିତ ନୟାଗଡ଼ ଟାଉନଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଘରେ କେହି ପୁରୁଷ ଲୋକ ରହୁନଥିବାରୁ ଉକ୍ତ ଯୁବତୀ, ତାଙ୍କ ମାଆ ଓ ଭଉଣୀ ବ୍ୟାପକ ପରିମାଣରେ ନିଶା କାରବାର କରୁଥିବା ଏବଂ ଅନୈତିକ ବ୍ୟବସାୟ କରୁଥିବା ନେଇ ଗ୍ରାମବାସୀ ଏତଲା ଦେଇଛନ୍ତି। ତୁରନ୍ତ ସେମାନଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନତୁବା ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ନୟାଗଡ଼ ଜିଲ୍ଲା ଟାଉନଥାନା ପୁଲିସ ଆଜି ଅସଦାଚରଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତୁଳସୀପୁର ଗ୍ରାମର ମହେଶ୍ୱର ପ୍ରଧାନ। ସେ ଜଣେ ଯୁବତୀଙ୍କୁ ହଇରାଣ କରୁଥିବା ଏବଂ ଗାଳି ଗୁଲଜ କରି ମାନସିକ ନିର୍ଯାତନ ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଅସହ୍ୟ ହେବାରୁ ଯୁବତୀ ଜଣଙ୍କ ଗତକାଲି ମାତ୍ରାଧିକ ଔଷଧ ସେବନ କରି ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଆଜି ଟାଉନଥାନା ପୁଲିସ ମହେଶ୍ୱରଙ୍କୁ ଡାକ୍ତରୀ ମାଇନା କରିବା ସହ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

**ରଣ ଖିଲାପକାରୀଙ୍କ ଘର ନିଲାମ**

## ଆମରଣ ଅନଶନରେ ଗୃହ କର୍ତ୍ତା



ଓଡ଼ଗାଁ,୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ନିତ୍ୟାନନ୍ଦ ସାହିର ବାସିନ୍ଦା ପ୍ରଫୁଲ୍ଲ କୁମାର ସ୍ୱାଇଁ ଦୀର୍ଘ ଦିନ ଧରି ଋଣ ଖିଲାପ କରିଥିବା ଦର୍ଶାଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବନ୍ଧା ପଡ଼ିଥିବା ଘରକୁ ନିଲାମ କରିଥିଲେ। ଆଜି ଜଣେ ମାଜିଷ୍ଟ୍ରେଟ୍ ଓ ପୁଲିସ ଉପସ୍ଥିତିରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଘରର ଆସବାବପତ୍ର ବାହାରକୁ ବାହାର କରିଥିଲେ। ରେକର୍ଡ କାଗଜପତ୍ର ସହିତ ଘରର ଚାବିକୁ ନିଲାମଧାରି ରବିନ୍ଦ୍ର ପାତ୍ରଙ୍କୁ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ ସ୍ୱର୍ଗତ ବିଶ୍ୱନାଥ ସ୍ୱାଇଁଙ୍କ ପୁଅ ପ୍ରଫୁଲ୍ଲ ସ୍ୱାଇଁ ଉକ୍ତ ଘର ବାରଣ୍ଡାରେ ଆମରଣ ଅନଶନ ପାଇଁ ନିଷ୍ପତ୍ତିରେ ବସିଥିବା ବେଳେ ଅବିବାହିତ ଭିନ୍ନକ୍ଷମ ଭଉଣୀ ତାଙ୍କ ପାଖରେ ରହିଛନ୍ତି। ନଅ ବର୍ଷ ପାଇଁ ୪ ଲକ୍ଷ ଫିକ୍ସ ଡିପୋଜିଟ୍ ବଣ୍ଡ ଏବଂ ଘରଡିହ ବନ୍ଧକ ରଖି ୬ ଲକ୍ଷ ଟଙ୍କା ପରିବର୍ତ୍ତେ ୫ ଲକ୍ଷ ଟଙ୍କା ଆଣିଥିଲେ। ବ୍ୟାଙ୍କ ଉକ୍ତ ଟଙ୍କାକୁ ପ୍ରଫୁଲ୍ଲ ସ୍ୱାଇଁଙ୍କ ଖାତାରେ ଜମା କରିଥିଲେ। ପ୍ରଫୁଲ୍ଲ ସ୍ୱାଇଁ ଖାତାରୁ ୫ ଲକ୍ଷ ଟଙ୍କା ଉଠାଣ କରିଥିଲେ। ୨୦୧୫-୧୬ ମସିହାରେ ପ୍ରଫୁଲ୍ଲ ସ୍ୱାଇଁଙ୍କ ଜମାଥିବା ୪ ଲକ୍ଷ ଟଙ୍କା ତାଙ୍କ ଅଜାଣତରେ ଋଣ ବାବଦକୁ ଆଡଜଷ୍ଟ କରିଥିଲେ। ପ୍ରଫୁଲ୍ଲ ଏକଥା ଜାଣିବା ପରେ ବ୍ୟାଙ୍କ ସହିତ ତାଙ୍କର ସୁସମ୍ପର୍କ ଛିନ୍ନ ହୋଇଥିଲା। ଫଳରେ ସେ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ମାନ୍ୟବର କୋର୍ଟ, ମାନବିକ ଅଧିକାର କମିଶନ ଓ ଅନ୍ୟାନ୍ୟ ଫୋରମରେ ଅଭିଯୋଗ କରିଛନ୍ତି। ସେଥିରୁ ବର୍ତ୍ତମାନ ସୁଦ୍ଧା ତାଙ୍କୁ କୌଣସି ସୁଫଳ ମିଳିନାହିଁ। ବ୍ୟାଙ୍କ ତାଙ୍କ ସହ କରିଥିବା ଅବିଚାର ପଦାକୁ ଆସିବା ଆଶାରେ ସେ ଆମରଣ ଅନଶନରେ ବସିବା ନିଷ୍ପତ୍ତି କରିଛନ୍ତି।

## ପିଏମ୍ କିଷାନ୍ କିସ୍ତି ପ୍ରଦାନ



ନୟାଗଡ଼,୨।୮ (ସମିସ): ଜିଲ୍ଲାସ୍ତରୀୟ ୨୦ତମ ପ୍ରଧାନମନ୍ତ୍ରୀ କିଷାନ୍ ଯୋଜନାର ସିଧା ପ୍ରସାରଣ କାର୍ଯ୍ୟକ୍ରମ ପାଣିପୋଇଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣାସୀରୁ ସିଧା ପ୍ରସାରଣ ମାଧ୍ୟମରେ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁପାଳନ ଏବଂ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦାନ କରିଥିଲେ। ଜିଲ୍ଲାର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ସିଡିଭିଓ, ଉପ ନିର୍ଦ୍ଦେଶକ ଉଦ୍ୟାନ, ବନଖଣ୍ଡ ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ପ୍ରକାଶନ ଉନ୍ମୋଚନ କରାଯାଇଥିଲା।

**ଠିକାସଂସ୍ଥାର ମନମାନୀ; ନଷ୍ଟ ହେଉଛି ରାସ୍ତା**

## ପୁଣି ଦବିଗଲା ନୟାଗଡ଼ ଗୋଲେଇ ଛକ



ନୟାଗଡ଼,୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବହୁ ବିରୋଧ ସତ୍ତ୍ୱେ ନୟାଗଡ଼ ସହର ଦେଇ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଛି। ଠିକା ସଂସ୍ଥା ନୟାଗଡ଼ ଗୋଲେଇ ଛକରେ ଚ୍ୟାମ୍ବର ନିର୍ମାଣ କରିବା ସହ ଭୂତଳ ପାଇପ୍ ଲାଇନ ବିଛାଇବା କାର୍ଯ୍ୟ କରୁଛି। ନିର୍ମାଣଧୀନ ଚ୍ୟାମ୍ବରଠାରୁ ଗୋଲେଇ ଛକ ଦେଇ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଥିବା ବେଳେ ଗତ ୨୨ ତାରିଖରେ ଗୋଲେଇ ଛକ ରାସ୍ତା ଦବି ଯାଇଥିଲା। ୪ ଫୁଟ ଖାଲ ହେବା ସହ ମାଟି ଦବି ଯିବାରୁ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ କରାଯାଇଥିଲା। ଟ୍ରାଫିକକୁ ଏକ ପାଖିଆ କରାଯାଇଥିବା ବେଳେ ଏହାକୁ ପୁଣି ମରାମତି କରି କାମ ଚଳା ଯାଇଥିଲା। ଆଜି ପୁଣି ସମାନ ସ୍ଥାନରେ ମାଟି ଦବି ଯାଇଥିବା ଦେଖାଯାଇଛି। ପାଇପ ବିଛାଇବା ବେଳେ ମାଟି ଦବି ଯିବାରୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଠିକା ସଂସ୍ଥା ଏହାକୁ ଯୁଦ୍ଧକାଳୀନ ଭିତିରେ ମରାମତି କରୁଥିଲେ ମଧ ଅଘଟଣା ଆଶଙ୍କାକୁ ଏଡ଼ାଇ ହେଉନାହିଁ। ଦୁଇ ବର୍ଷ ତଳେ ଜାତୀୟ ରାଜପଥ ବିଭାଗ ଦ୍ୱାରା ୨ କୋଟି ଟଙ୍କା ବ୍ୟୟ କରାଯାଇ ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକକୁ ଗୋଲେଇ ଛକରେ ପରିଣତ କରାଯାଇଥିଲା। ଏହି କାର୍ଯ୍ୟ ନୟାଗଡ଼କୁ ଏକ ନୂତନ ସୌନ୍ଦର୍ଯ୍ୟ ଦେଇଥିଲା। ଗୋଲେଇ ଛକ ଦେଇ ପାଇପ ଲାଇନ ବିଛାଇବା ଦ୍ୱାରା ମାଟି ଦବି ଯାଇଛି। ଏହି ପାଇପ୍ ଲାଇନ ଦ୍ୱାରା ଭବିଷ୍ୟତରେ ମଧ ଅଘଟଣ ଆଶଙ୍କା କରାଯାଉଛି।

# ମିଳିତ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଦାବିପତ୍ର

ଗଣିଆ,୨।୮ (ସମିସ)



ଗଣିଆ ବ୍ଲକ ମିଳିତ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଶିକ୍ଷକମାନେ ସ୍ଥାନୀୟ ଡାକବଙ୍ଗଳା ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗଣିଆ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ସ୍ଥଗିତ ରଖିବା ପାଇଁ ସେମାନେ ଉଲ୍ଲେଖ କରିଥିଲେ। ଗଣିଆ ବ୍ଲକରେ ସମସ୍ତ ଅଞ୍ଚଳରେ ମୋବାଇଲ ସେବା, ଇଣ୍ଟରନେଟ ଓ ଦକ୍ଷ ପରିଚାଳକ ନଥିବାରୁ ବର୍ତ୍ତମାନ ପାଇଁ ଏହି ବ୍ୟବସ୍ଥା ଲାଗୁ ନକରିବାକୁ ଏହି ଦାବିପତ୍ରରେ ଦର୍ଶାଯାଇଛି। ଏପରିକି ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସରକାରଙ୍କ ତରଫରୁ ମୋବାଇଲ ପ୍ରଦାନ, ମାସିକ ଇଣ୍ଟରନେଟ ବ୍ୟବହାର ପାଇଁ ଆବଶ୍ୟକ ଖର୍ଚ୍ଚ ପ୍ରଦାନ, ଶିକ୍ଷକ କର୍ମଚାରୀଙ୍କୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଅଣଶିକ୍ଷକ କାର୍ଯ୍ୟରୁ ନିବୃତ ରଖିବାକୁ ସେମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ମହାରଣା, ସମ୍ପାଦକ ସୁରେଶ କୁମାର ବେହେରାଙ୍କ ସମେତ ଶତାଧିକ ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଓ ମାଧ୍ୟମିକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଅନ୍‌ଲାଇନ ଉପସ୍ଥାନ ବ୍ୟବସ୍ଥାକୁ ଦୃଢ଼ ବିରୋଧ କରାଯାଇଛି। ଏନେଇ ସଂଘର କର୍ମକର୍ତ୍ତାମାନେ ଆଜି ତ୍ରିନାଥ ଛକ ନିକଟରୁ ଏକ ରାଲି ବାହାର କରି ସ୍ଥାନୀୟ ବିଇଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଇଓ କୈଳାସ ଚନ୍ଦ୍ର କରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ ଜିଲ୍ଲା ଓଷ୍ଟା ସଭାପତି ଅଯୋଧ୍ୟାନାଥ ନାୟକ, ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ଦାସ, ସମ୍ପାଦକ ନିକୁଞ୍ଜ ବିହାରୀ ରଥ, ଓଷ୍ଟା ବ୍ଲକ ସମ୍ପାଦକ ପ୍ରଭାକର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଓଡ଼ଗାଁ:** ଓଡ଼ଗାଁ ବ୍ଲକ ମିଳିତ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ) ଅର୍ଥାତ୍ ଡିଜିଟାଲ ଉପସ୍ଥାନ ବ୍ୟବସ୍ଥାକୁ ସ୍ଥଗିତ ରଖିବା ନେଇ ଦାବି କରାଯାଇଛି। ଆବଶ୍ୟକ ଭିତ୍ତିଭୂମି ନଥାଇ ସିଷ୍ଟମ ଲାଗୁକରିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାଳୟକୁ ଇଣ୍ଟରନେଟ ସୁବିଧା ସହିତ ମୋବାଇଲ୍ ଓ ମାସିକ ଇଣ୍ଟରନେଟ ପ୍ୟାକ ପ୍ରଦାନ ବ୍ୟବସ୍ଥା କରାଗଲେ ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ରହିବ ନାହିଁ। ସଂଘ ତରଫରୁ ନୟାଗଡ଼ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇ ଦିଆଯାଇଛି ବୋଲି ମିଳିତ ଶିକ୍ଷକ ଓ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି ଠାରୁ ପ୍ରକାଶ।

**ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି**

## ନିଲମ୍ବିତ ପରିଚାଳନା କମିଟିକୁ ଉଚ୍ଛେଦ

ଓଡଗାଁ, ୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପ୍ରାଥମିକ କୃଷିଋଣ ସମବାୟ ସମିତିକୁ ନେଇ ଦୀର୍ଘବର୍ଷ ଧରି ହଟଚମ୍ପଟ ଲାଗିରହିଥିବା ବେଳେ ଓଡଗାଁ ପ୍ରାଥମିକ କୃଷିଋଣ ସମବାୟ ସମିତିର ନିଲମ୍ବିତ ପରିଚାଳନା କମିଟିକୁ ଶୁକ୍ରବାର କର୍ତ୍ତୃପକ୍ଷ ପୂର୍ଣ୍ଣରୂପରେ ରଦ୍ଦ କରିଛନ୍ତି। ସୂଚନା ଅନୁସାରେ ପରିଚାଳନା କମିଟି ସଭାପତିଙ୍କ ସହିତ ୧୪ ଜଣ ନିର୍ଦ୍ଦେଶକଙ୍କୁ କ୍ରମାଗତ ଭାବେ ଉଚ୍ଚ ନ୍ୟାୟାଳୟ ସହିତ ସମବାୟ ବିଭାଗ ଦ୍ୱାରା ପ୍ରଦାନ ନିର୍ଦ୍ଦେଶକୁ କ୍ରମାଗତ ଭାବେ ଅବହେଳା କରିବା ସହିତ କୃଷି ସମବାୟ ସମିତିର ଦୈନନ୍ଦିନ କାର୍ଯ୍ୟରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବାଧା ଉପଯାଇଥିଲେ। ଏପରିକି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମିଳିବା ପରେ ତାହାକୁ ଉପେକ୍ଷା କରି ଭାରପ୍ରାପ୍ତ ସମ୍ପାଦକଙ୍କ ଠାରୁ ସମିତିର ସଭା ବହି, ନୋଟିସ ବହି ସହିତ ଉପସ୍ଥାନ ଖାତା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଜିନିଷ ନେଇଯାଇଥିବା ଜଣାପଡ଼ିଥିଲା। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମିଳିବା ପରେ ଦାୟିତ୍ୱ ନେଇଥିବା ନିଲମ୍ବିତ ସମ୍ପାଦକ ଦୀପକ କୁମାର ଚୌଧୁରୀ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ନୂତନ ନଥିପତ୍ରରେ ଅଫିସ କାର୍ଯ୍ୟ ଆରମ୍ଭ କରିବାକୁ ବାଧ ହୋଇଥିଲେ। ଏଣୁ ଜିଲ୍ଲା ସମବାୟ କର୍ତ୍ତୃପକ୍ଷ ସମସ୍ତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ସଭାପତିଙ୍କ ସହିତ ପରିଚାଳନା କମିଟି ସଭ୍ୟମାନେ କୌଣସି ମତାମତ କିମ୍ବା ନଥିପତ୍ର ପ୍ରଦାନ କରିନଥିଲେ। ଫଳରେ ସମବାୟ କର୍ତ୍ତୃପକ୍ଷ ସମବାୟ ସମିତିର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମବାୟ ନିୟମ ଉଲଘଂନ କରିବା କାରଣରେ ୨୪ ଜାନୁଆରୀ ୨୦୨୫ରେ ପରିଚାଳନା କମିଟିକୁ ନିଲମ୍ବିତ କରିଥିଲେ। ଏପରିସ୍ଥଳେ ନୟାଗଡ଼ ଜିଲ୍ଲା ସମବାୟ ସମିତି ଉପ ନିବନ୍ଧକ ଅନନ୍ତ କୁମାର ନାୟକ ୧ ଅଗଷ୍ଟରେ ତାଙ୍କ କାର୍ଯ୍ୟାଳୟର ପତ୍ରାଙ୍କ ସଂଖ୍ୟା ୧୪୫୧ ଅନୁସାରେ ନିଲମ୍ବିତ ପରିଚାଳନା କମିଟିକୁ ଶୁକ୍ରବାର ପତ୍ର ମାଧ୍ୟମରେ ପୂର୍ଣଭାବେ ରଦ୍ଦ କରିଛନ୍ତି। ଏବଂ ସମିତିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ନିମନ୍ତେ ସମବାୟ ଅଧିକାରୀ ହିମାଂଶୁ ଶେଖର ରାଉତଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପରିଚାଳନା କମିଟି ଓ ସମବାୟ ବିଭାଗ ମଧ୍ୟରେ ରହିଥିବା ଦୀର୍ଘ ଦିନର ଛକାପଞ୍ଝାରେ ଏବେ ପୂର୍ଣ୍ଣଚ୍ଛେଦ ପଡିଥିବାରୁ ସମିତିର କାର୍ଯ୍ୟ ସୁରୁଖୁରୁରେ ଚାଲିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଅଗ୍ନିବୀରରେ ସାମିଲ ହେବା ନେଇ ସେମିନାର



ଖୋର୍ଦ୍ଧା, ୨।୮ (ସମିସ): ଏୟାରଫୋର୍ସ ଆସୋସିଏସନ ଖୋର୍ଦ୍ଧା ଶାଖା ତରଫରୁ ଅଗ୍ନିବୀରରେ ସାମିଲ ହେବା ନେଇ ଏକ ସେମିନାର ଗଡ଼ବାଣୀକିଲୋ କଲେଜ(+୨ ଓ +୩) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଣ୍ଟ ବିଦ୍ୟାଧର ଲେଙ୍କା, ଶିବପ୍ରସାଦ ମଜୁମ୍‌ଦାର, ରାଧାବଲ୍ଲଭ ରାୟ, ଗଡ଼ମାଣତ୍ରୀ ପଞ୍ଚାୟତର ସରପଞ୍ଚ କରୁଣାକର ଦଳସିଂହରାୟ ପ୍ରମୁଖ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ। ବକ୍ତାମାନେ ଅଗ୍ନିବୀର ଯୋଜନାର ଉଦ୍ଦେଶ୍ୟ, ସୁଯୋଗ ଓ ଲାଭ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇ ସେମାନଙ୍କୁ ଦେଶ ସେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେନାର ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ସନ୍ଦେହ ମୋଚନ କରିଥିଲେ କଲେଜର ଛାତ୍ରଛାତ୍ରୀ। କଲେଜର ଅଧ୍ୟକ୍ଷ ତଥା ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ଲଷ୍ଟରସ୍ତରୀୟ ବୈଠକ

ଟାଙ୍ଗୀ, ୨।୮ (ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟମ୍ବଦା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ଆୟେଶା ତନୱିର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ମାନତୀ ନାୟକ, ପ୍ରିୟଙ୍କା ମହାପାତ୍ର, କବିତା ମହାପାତ୍ର, ଅମିତ ଚକ୍ରବର୍ତ୍ତୀ, ପ୍ରକାଶ ବେହେରା, ଦୀପୁନ ପରିଡ଼ା ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ। କୁନ୍ତଳା ସାହୁ, ମଞ୍ଜୁ ଦେଇ, ମୋନାଲିସା ବେହେରା, ସବିତା ପୃଷ୍ଟି, ରୁପାଲୀ ପାତ୍ର, ଦୀପିକା ମଣ୍ଡଳ, ରଶ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିଶୁବାଟିକା ଶ୍ରେଣୀ ଶିକ୍ଷାଦାନ, ଏଫ୍‌ଏଲ୍‌ଏନ୍, ବହୁଶ୍ରେଣୀ ଶିକ୍ଷାଦାନ, ପାଠଟୀକା, ମାସିକ ଶୈକ୍ଷିକ କ୍ୟାଲେଣ୍ଡର ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟଟି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ହୋଇଥିବାରୁ ଏହା ମଡେଲ ସ୍କୁଲ ଅନ୍ୟମାନେ ଏହି ସ୍କୁଲଠାରୁ ପ୍ରେରଣା ପାଇବେ ବୋଲି ଶ୍ରୀମତୀ ତନୱିର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଇତିଶ୍ରୀ ରାଉତ, ବିଷ୍ଣୁପ୍ରିୟା ସେଠୀ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟରେ ଆଦର୍ଶ ଶ୍ରେଣୀ ଶିକ୍ଷାଦାନ ଦେଇଥିଲେ। ନୀଳାମ୍ବର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



ବେଗୁନିଆ, ୨।୮ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ଓ ଆଚାର୍ଯ୍ୟା ସ୍ୱାଗତିକା ପଣ୍ଡାଙ୍କ ଆବାହକତ୍ୱରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ତିନିଟି ବର୍ଗ ଯଥା- କନିଷ୍ଠ ବର୍ଗରୁ ୨୬ଟି, ଶିଶୁବର୍ଗରୁ ୨୩ଟି ଓ ବାଲ୍‌ବର୍ଗରୁ ୨୦ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୌଡ଼, ଭୋଗଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ପାଲଟାସିଂହ ଓ ବଡ଼ବେରଣା ଡିକେଏସ୍‌ଏନ୍ ବିଦ୍ୟାପୀଠର ବରିଷ୍ଠ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ମହାରଣା ବିଚାରକ ଭାବେ ଯୋଗଦେଇଥିଲେ। ଏହି ମେଳାରେ ମନୋନୀତ ହୋଇଥିବା ପ୍ରକଳ୍ପଗୁଡ଼ିକ ଜିଲ୍ଲା ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ। ପ୍ରାରମ୍ଭରେ ଖୋର୍ଦ୍ଧା ଜିଲ୍ଲା ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଓ ଜିଲ୍ଲା ସଙ୍କୁଳ ପ୍ରମୁଖ ତଥା ବରିଷ୍ଠ ସାମ୍ବାଦିକ ଡ. ନଳିନୀକାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ବିଜ୍ଞାନ ବଳରେ ମଣିଷ ଅସମ୍ଭବକୁ ସମ୍ଭବ କରି ପାରୁଛି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ତଥା ସାମ୍ବାଦିକ ଶ୍ରୀକାନ୍ତ କୁମାର ବାହିନୀପତି ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ଓ ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ସହଯୋଗ କରିଥିଲେ।

# ନିଅଣ୍ଟିଆ ବର୍ଷା: ଚିନ୍ତାରେ ବାଣପୁର ଓ ଚିଲିକା ଅଞ୍ଚଳ ଚାଷୀ

ବାଲୁଗାଁ, ୨।୮ (ସମିସ)



ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥଳେ ଚିଲିକା ଓ ବାଣପୁର ଅଞ୍ଚଳରେ ଧାରା ଶ୍ରାବଣରେ ବର୍ଷା ଲାଗି ରହିବା ପରିବର୍ତ୍ତେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ଚିଲିକା ଓ ବାଣପୁର ବ୍ଲକ ଅଞ୍ଚଳର ଚାଷୀ ଚିନ୍ତାରେ ରହିଛନ୍ତି। ସମଗ୍ର ଅଞ୍ଚଳରେ ସ୍ୱଳ୍ପ ବର୍ଷା ଯୋଗୁଁ ଧାନଚାଷ ଜମିଗୁଡ଼ିକରେ ଯେତିକି ପରିମାଣର ବର୍ଷା ପାଣି ଜମି ରହୁଛି ତାହା ପ୍ରଚଣ୍ଡ ଖରା ଯୋଗୁଁ ଶୁଖିଯାଉଥିବାରୁ ଜମିରେ କାଦୁଅ କରିବା ସମ୍ଭବ ହେଉ ନ ଥିବାବେଳେ ବିଶେଷ କରି ଢିପ ଜମିଗୁଡ଼ିକରେ ତଳି ରୋଇବା ସମ୍ଭବ ହୋଇପାରୁନାହିଁ।

ସୂଚନା ଅନୁସାରେ ଚିଲିକା ଓ ବାଣପୁର ବ୍ଲକର ବହୁ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ଅଣଜଳସେଚିତ ଜମିଗୁଡ଼ିକ ବର୍ଷା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ଫଳରେ ପର୍ଯ୍ୟାପ୍ତ ଜଳ ନ ପାଇ ଅଞ୍ଚଳର ବହୁ ଚାଷୀ ଅବହେଳିତ ହୋଇ ରହିଛନ୍ତି। ପାହାଡ଼ ଜଙ୍ଗଲ ଘେରା ବାଣପୁର ବ୍ଲକ ବର୍ତ୍ତମାନ ଗଛକଟା ଯୋଗୁଁ ଏକପ୍ରକାର ବୃକ୍ଷଶୂନ୍ୟ ହେବାକୁ ବସିଲାଣି। ବାଣପୁର ଉପର ଅଞ୍ଚଳ ଦାମିଆ ବରବର, ନୀଳାଦ୍ରିପ୍ରସାଦ, ଭେଟେଶ୍ୱର, କୁଲେଇ, ଗମ୍ଭାରୀମୁଣ୍ଡା ଓ ନାଚୁଣୀ ଆଦି ପଞ୍ଚାୟତର ଚାଷୀ ପ୍ରତ୍ୟେକ କିସମ ଜମିରେ ପୁରାତନ ପଦ୍ଧତି ତଥା ହଳ ଲଙ୍ଗଳ ସାହାଯ୍ୟରେ ଚାଷ ନ କରି ଆଧୁନିକ ପଦ୍ଧତି ତଥା ଟ୍ରାକ୍ଟର ମାଧ୍ୟମରେ ଜମି କାଦୁଅ କରିବା ପରେ ତଳିରୁଆ କାର୍ଯ୍ୟ କରୁଛନ୍ତି। ଏପରିସ୍ଥଳେ ଚଳିତ ବର୍ଷ ସ୍ୱଳ୍ପ ବର୍ଷା ତଥା ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷଜମିରେ ତଳିରୁଆ କାର୍ଯ୍ୟ ଆଗେଇ ପାରୁନାହିଁ। ବର୍ତ୍ତମାନ ପରିସ୍ଥିତିରେ କେବଳ ଖାଲୁଆ ଜମିରେ ଧାନ ତଳି ରୁଆ ଚାଲିଛି। ମାତ୍ର ଢିପ ଜମିରେ ପର୍ଯ୍ୟାପ୍ତ ପାଣି ନ ଥିବାରୁ ଶୁଖିଲା ପଡ଼ି କାଦୁଅ ହୋଇ ନ ପାରି ତଳିରୁଆ ହୋଇପାରୁ ନ ଥିବାରୁ ବର୍ତ୍ତମାନ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ଶାଳିଆ ଜଳସେଚନ ଉପରେ ସମୁଦାୟ ପ୍ରାୟ ୯ହଜାର ୬ଶହ ହେକ୍ଟର ଚାଷଜମି ନିର୍ଭର କରୁଥିବାବେଳେ ସେଥି ମଧ୍ୟରୁ ଗଞ୍ଜାମ ଜିଲ୍ଲର ୨ହଜାର ୮ଶହ ହେକ୍ଟର ଚାଷଜମିକୁ ବାଦ୍ ଦେଲେ ବାଣପୁର ବ୍ଲକ ଓ ଚିଲିକା ବ୍ଲକର ପ୍ରାୟ ୬ହଜାର ୮ଶହ ହେକ୍ଟର ଚାଷ ଜମିକୁ ଜଳସେଚିତ କରୁଥିବାରୁ ଶାଳିଆ ଜଳସେଚନ ଉପରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ଭର କରେ। ହେଲେ ଶାଳିଆ ସଂଲଗ୍ନ ବାଣପୁର ଓ ଚିଲିକା ଅଞ୍ଚଳରେ ଗୋଟିଏ ମୁଖ୍ୟ କେନାଲ ଓ ୧୭ଟି ସବ୍ କେନାଲ ସହ ବହୁ କାଡ଼ା ନାଳ ରହିଥିବା ବେଳେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ହେତୁ ଶାଳିଆ ଡ୍ୟାମ୍‌ରେ ସେଭଳି ପର୍ଯ୍ୟାପ୍ତ ପାଣି ନ ଥିବାରୁ ଜଳସ୍ତର ହ୍ରାସ ହୋଇ ଏବେ ସେଥିରେ ପାଣି ଆସୁନାହିଁ। ହେଲେ ନାମକୁ ମାତ୍ର କେନାଲ ରହିଛି। ଶାଳିଆ ଜଳସେଚନ ପ୍ରକଳ୍ପ କେନାଲ ରକ୍ଷଣାବେକ୍ଷଣ ଅଭାବରୁ କେନାଲରେ ପାଣି ଆସୁ ନ ଥିବା ଚାଷୀ ଅଭିଯୋଗ କରୁଛନ୍ତି। ସେହିପରି ଚିଲିକା ବ୍ଲକ ଅନ୍ତର୍ଗତ ନିମିଖେତା, ବଡ଼କୂଳ, ଶିଙ୍ଗେଶ୍ୱର ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟ ୧୨ଟି ପଞ୍ଚାୟତ ଅଞ୍ଚଳରେ ଜଳସେଚିତ ଜମି କମ୍ ଥିବାବେଳେ ଚିଲିକା ହ୍ରଦ ଉପକୂଳବର୍ତ୍ତୀ ପଞ୍ଚାୟତ ଅଞ୍ଚଳର ଚାଷ ଜମି ବର୍ଷା ପାଣି ଉପରେ ନିର୍ଭର କରେ। ୧୫ ଦିନ ତଳେ ଭଲ ବର୍ଷା ହୋଇଥିବାବେଳେ ଉପରମୁଣ୍ଡରୁ ବର୍ଷା ପାଣି ଗଡ଼ି ଆସି କିଛି ପରିମାଣରେ ଚାଷ ଜମିରେ ପାଣି ଜମିବାରେ ଚାଷୀ ଟ୍ରାକ୍ଟର ମାଧ୍ୟମରେ ଜମି କାଦୁଅ କରିବା ପରେ ଜମି ସମତୁଲ କରି ତଳିରୁଆ କାର୍ଯ୍ୟ ସାରି ଏବେ ବର୍ଷା ପାଣିକୁ ଅପେକ୍ଷା କରି ଚାଷୀ ଆକାଶକୁ ଚାତକ ପରି ଚାହିଁ ବସିଛି। ବାଣପୁର ଓ ଚିଲିକା ବ୍ଲକରେ ଉଠାଜଳସେଚନ ପଏଣ୍ଟ ନ ଥିବାରୁ ଚାଷୀ ହଇରାଣ ହରକତ ହେଉଛନ୍ତି ବୋଲି ବହୁ ଚାଷୀ ମତବ୍ୟକ୍ତ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ରାଜ୍ୟ ସରକାର ବାଣପୁର ଓ ଚିଲିକା ବ୍ଲକରେ ବ୍ୟାପକ ଭାବରେ ଜଳସେଚନର ବ୍ୟବସ୍ଥା କରିବା ପାଇଁ ଚାଷୀ ନିବେଦନ କରୁଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଚାଷୀଙ୍କର ସମସ୍ୟା ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦୃଢ଼ ଦାବି ହେଉଛି।

### ସାମ୍ବାଦିକଙ୍କୁ ମାରଣାନ୍ତକ ଆକ୍ରମଣ; ବିଭିନ୍ନ ମହଲରେ ନିନ୍ଦା

# ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବିକଲା ଓୟୁଡବ୍ଲୁଜେ

ଖୋର୍ଦ୍ଧା, ୨।୮ (ସମିସ): ଖବର ପ୍ରସାରଣ ପରେ ଆକ୍ରୋଶ ରଖି କାର୍ଯ୍ୟରତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରାଯାଇଛି। ଆହତ ସାମ୍ବାଦିକ ହେଲେ ବାଣପୁର ଅଞ୍ଚଳର ଦିଲ୍ଲୀପ ସ୍ୱାଇଁ (୪୩)। ଏନେଇ ନାଚୁଣୀ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ସାମ୍ବାଦିକ ସୁରକ୍ଷା ଓ ଆକ୍ରମଣକାରୀଙ୍କୁ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପିଙ୍କୁ ଭେଟି ଦାବି କରିଛି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)। ଶନିବାର ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ ହାତୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏସ୍‌ପିଙ୍କୁ ଭେଟି ଦାବି ଜଣାଇଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସଂଘ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

ପ୍ରକାଶ ଥାଉକି, ବାଣପୁର ଅଞ୍ଚଳର ଜଣେ ନାବାଳିକାକୁ ପ୍ରଲୋଭିତ କରି ତା'ର ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଲକ୍ଷାଧିକ ଟଙ୍କାରେ ବିକିବା ସହିତ ସେହି ଭିଜୁଆଲକୁ ଭାଇରାଲ କରିବା ଘଟଣାରେ ନାଚୁଣୀ ଥାନା ଅଧୀନ ହରିଚନ୍ଦନପୁର ଗ୍ରାମର ଦୋଳଗୋବିନ୍ଦ ଜେନାଙ୍କୁ ଦିଲ୍ଲୀ ସିବିଆଇ ଟିମ୍ ଖଜୁରିଆସ୍ଥିତ ଭିଣୋଇଙ୍କ ଘରୁ ଗିରଫ କରିଥିଲା। ଗତ ମେ' ମାସରେ ଏ ସମ୍ପର୍କିତ ଖବର ଦିଲ୍ଲୀପ ଖବର ପ୍ରକାଶ କରିଥିଲେ। ଏହାପରେ ଦିଲ୍ଲୀପଙ୍କୁ ଦୋଳଗୋବିନ୍ଦଙ୍କ ସମ୍ପର୍କୀୟ ଭିଣୋଇ ଓ ସମର୍ଥକମାନେ ବିଭିନ୍ନ ପ୍ରକାର ଧମକଚମକ ଦେଉଥିଲେ। ମାତ୍ର ଏହାକୁ ଦିଲ୍ଲୀପ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଶୁକ୍ରବାର ରାତିରେ ଖବର ପଠାଇ ଦୋକାନ ବନ୍ଦ କରି ଘରକୁ ଦିଲ୍ଲୀପ ଫେରିବା ସମୟରେ ରାସ୍ତାରେ ଜଗି ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ଦିଲ୍ଲୀପଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଗମ୍ଭାରୀମୁଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏନେଇ ଦିଲ୍ଲୀପ ନାଚୁଣୀ ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଏକ ଘଟଣାକୁ ବିଭିନ୍ନ ଗଣମାଧ୍ୟମଠାରୁ ନେଇ ରାଜନୈତିକ ଏବଂ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏହାକୁ ଗୁରୁତ୍ୱର ସହ ନେଇ ଶନିବାର ଓୟୁଡବ୍ଲୁଜେ ସଂଘ ସଦସ୍ୟ ଏବଂ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ପ୍ରମୁଖ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛନ୍ତି। ତେବେ ଅଭିଯୋଗର ତଦନ୍ତ ଜଣେ ଡିଏସ୍‌ପିଙ୍କ ଦ୍ୱାରା କରାଯିବ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ



ଟାଙ୍ଗୀ, ୨।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶା ବିଦ୍ୟାଳୟ, ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଶନିବାର ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଦାବିଗୁଡ଼ିକ ମଧ୍ୟରେ ରହିଛି ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରେଡ୍ ପେ'ରେ ଥିବା ଅସଂଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ସହିତ ଶୂନ୍ୟ ପଦଗୁଡ଼ିକରେ ତୁରନ୍ତ ନିଯୁକ୍ତି ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସ୍‌ନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନ୍‌ସନ୍ ପରିବର୍ତ୍ତେ ପୁରାତନ ପେନ୍‌ସନ୍ ପ୍ରଦାନ କରି ନୂତନ ପେନ୍‌ସନ୍ ସ୍କିମ୍‌କୁ ବାତିଲ୍ କରାଯିବା ପାଇଁ ଓଷ୍ଟା ଟାଙ୍ଗୀ ବ୍ଲକ ଶାଖାର ସଭାପତି ବଳରାମ ପାଇକରାୟ, ସମ୍ପାଦକ ଅଜୟ ପରିଡ଼ା, ଓଷ୍ଟା ରାଜ୍ୟ ସମ୍ପାଦକ ରମାକାନ୍ତ ମହାପାତ୍ର, ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଶିକ୍ଷକମାନେ ଏହି ଦାବିପତ୍ର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମଞ୍ଜୁଲତା ବେହେରାଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଆସନ୍ତା ୮ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ଏହି ଦାବିପତ୍ର ପ୍ରଦାନ କରାଯିବା ପରେ ୧୬ ତାରିଖ ଦିନ ଦାବି ଦିବସ ପାଳନ ଅବସରରେ ହଜାର ହଜାର ଶିକ୍ଷକଙ୍କ ସମାବେଶର ଦାବି ପୂରଣ ହୋଇ ନ ଥିଲେ ପରବର୍ତ୍ତୀ ଆନ୍ଦୋଳନାତ୍ମକ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସଂଘୀୟ ସୂତ୍ରରୁ ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା, ୨।୮ (ସମିସ): ୧୬ ନଂ ଜାତୀୟ ରାଜପଥର କୁରାଡ଼ମଲ୍ଲ ଓଭରବ୍ରିଜ୍ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ମହାରାଜପୁରର ଉତ୍ତମ ମହାରଣା (୨୪)। ପୁଲିସ ସୂଚନା ଅନୁସାରେ, ଉତ୍ତମ ଭୁବନେଶ୍ୱରରେ ଫର୍ଣ୍ଣିଚର କାମ କରୁଥିଲେ। ଶନିବାର ଗାଁରୁ ଭୁବନେଶ୍ୱର ଅଭିମୁଖେ ବାଇକ୍‌ରେ ଯାଉଥିଲେ। କୁରାଡ଼ମଲ୍ଲ ଓଭରବ୍ରିଜ୍ ଉପରେ ଏକ ଅଜଣା ଗାଡ଼ି ଧକ୍କା ଦେବାରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲ ପଠାଇବା ସହ ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଛି।

## ନାବାଳିକାକୁ ଅପହରଣ ଘଟଣାରେ ଯୁବକ ଗିରଫ

ଜଟଣୀ, ୨।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ କରିବା ସହ ଅସଦାଚରଣ କରିବା ଅଭିଯୋଗରେ ଯୁବକକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ସୁମନ୍ତ ମହାରଣା ଓରଫ ଧୁସା (୨୩)।

ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୯ ତାରିଖ ରାତିରେ ଅଭିଯୁକ୍ତ ନାବାଳିକାକୁ ଘରୁ ଅପହରଣ କରି ନେଇଥିଲା। ପରିବାର ଲୋକ ବହୁ ଖୋଜାଖୋଜି ପରେ ବି ଝିଅକୁ ପାଇନଥିଲେ। ପରଦିନ ଅର୍ଥାତ୍ ୩୦ ତାରିଖ ସକାଳୁ ଖୋର୍ଦ୍ଧା ମଳିପଡ଼ା ବସ୍‌ଷ୍ଟାଣ୍ଡରେ ନାବାଳିକା ଜଣକ ଥିବା ସଦର ଥାନାକୁ ଖବର ଆସିଥିଲା ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ପଚରାଉଚରା ବେଳେ ନାବାଳିକା ପୂରା ଘଟଣା ସମ୍ପର୍କରେ କହିଥିଲେ। ଅଭିଯୁକ୍ତ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଅସଦାଚରଣ କରିଥିଲେ ବୋଲି କହିଛନ୍ତି। ଥାନାରେ ପୁଲିସ ତାଙ୍କ ପରିବାର ଲୋକଙ୍କ ଆଗରେ ବୟାନ ରେକର୍ଡ କରିଛି। ଘଟଣା ପରେ ଶନିବାର ଜଟଣୀ ପୁଲିସ ଅଭିଯୁକ୍ତର ଗାଁ ଜୋରାକଣିରୁ ସୁମନ୍ତକୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍

ବେଗୁନିଆ, ୨।୮ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଖଣତି ନୂଆସାହିର ବସନ୍ତ କୁମାର ମହାନ୍ତିଙ୍କ ପତ୍ନୀ ପ୍ରିୟମ୍ବଦା ପରିଛଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଶନିବାର ମଧ୍ୟାହ୍ନରେ ବିଦ୍ୟାଳୟରୁ ଘରକୁ ଫେରୁଥିବାବେଳେ ଡିଙ୍ଗର ଚାରିଛକଠାରୁ ମାନପୁର ଯିବା ରାସ୍ତାରେ ନିଛାଟିଆ ସ୍ଥାନର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଛଡ଼ାଇ ଆଖି ପିଛୁଳାକେ ଫେରାର୍ ହୋଇଯାଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଜଣକ ଅତ୍ୟନ୍ତ ଭୟଭୀତ ହୋଇ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ସମାଜସେବୀଙ୍କ ଶ୍ରାଦ୍ଧବାର୍ଷିକୀ

ବାଣପୁର, ୨।୮ (ସମିସ): ବାଣପୁର ଅଞ୍ଚଳର ସମାଜସେବୀ ତଥା ରାଜନେତା ନୌକାରାଜୁ ଆଚାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବାଣପୁର ବଜାରସ୍ଥିତ କଳିଙ୍ଗ ବୈଶ୍ୟ ସଂଘ ଭବନରେ ଅନୁଷ୍ଠିତ ହୋଇଯାଇଛି। ବାଣପୁର ସତ୍ୟସାଇ ସଂଘର ସଭାପତି ରାଜକିଶୋର ଭାପାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦୀପ ସ୍ୱାଇଁ, ବ୍ରଜସୁନ୍ଦର ମିଶ୍ର, ବୈରାଗୀ ଚରଣ ବଳ, ରବୀନ୍ଦ୍ରନାଥ ମାନସିଂ, ସ୍ୱର୍ଗତ ଆଚାରୀଙ୍କ ସାନ ଭାଇ ଭି.କାମେଶ୍ୱର ଆଚାରୀ, ବଡ଼ ପୁଅ ଭେଙ୍କଟେଶ ଓ ପତ୍ନୀ ଗିରିଶ୍ୱରୀ ଆଚାରୀ ପ୍ରମୁଖ ଯୋଗଦେଇଥିଲେ।

# ୪୪ ଅତିରିକ୍ତ ନୂତନ ମତଦାନ କେନ୍ଦ୍ର ପାଇଁ ପ୍ରସ୍ତାବ

ଖୋର୍ଦ୍ଧା, ୨।୮ (ସମିସ)



ଜିଲ୍ଲାରେ ଅତିରିକ୍ତ ନୂତନ ମତଦାନ କେନ୍ଦ୍ର ସମ୍ପର୍କିତ ଏକ ବୈଠକ ଶନିବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନୂତନ ଭାବେ ଖୋଲାଯିବାକୁ ଥିବା ବୁଥ୍‌ଗୁଡ଼ିକ ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି ଯୋଗଦେଇ ୧୧୧-ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୧୨-ଭୁବନେଶ୍ୱର କେନ୍ଦ୍ର, ୧୧୩-ଭୁବନେଶ୍ୱର ମଧ୍ୟ, ୧୧୪-ଭୁବନେଶ୍ୱର ଏକାମ୍ର, ୧୧୫- ଜଟଣୀ, ୧୧୬-ବେଗୁନିଆ, ୧୧୭-ଖୋର୍ଦ୍ଧା ଏବଂ ୧୧୮-ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଯେଉଁ ନିର୍ବାଚନମଣ୍ଡଳୀରେ ନୂତନ ମତଦାନ କେନ୍ଦ୍ର ଖୋଲାଯିବାକୁ ସ୍ୱୀକୃତ ହୋଇଛି ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ରାଜନୈତିକ ଦଳ ପ୍ରତିନିଧିଙ୍କ ସହ କରିଥିଲେ। ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ପଞ୍ଜୀକରଣ ଅଧିକାରୀଙ୍କଠାରୁ ପ୍ରସ୍ତାବ ପାଇଲା ପରେ ସେଗୁଡ଼ିକ ନିର୍ବାଚନ କମିଶନଙ୍କ ନିକଟକୁ ସୁପାରିସ୍ କରାଯିବା ପାଇଁ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇ ସେମାନେ ଯେପରି ନିଜର ରାଜନୈତିକ ବିଏଲ୍‌ଓଙ୍କୁ ନିଯୁକ୍ତି ଦେବେ ସେଥିପ୍ରତି ଧ୍ୟାନ ଦେବାକୁ ରାଜନୈତିକ ନେତୃବର୍ଗଙ୍କୁ କୁହାଯାଇଥିଲା। ପ୍ରକାଶ ଥାଉକି, ନୂତନ ମତଦାନ କେନ୍ଦ୍ର ଖୋଲାଯିବାରେ ୧୧୩-ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୨ଟି, ୧୧୬-ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ୪ଟି, ୧୧୭-ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୨୦ଟି ଏବଂ ୧୧୮-ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ୧୮ଟି ବୁଥ୍ ରହିଛି। ଏହି ବର୍ଦ୍ଧିତ ୪୪ଟି ବୁଥ୍‌କୁ ମିଶାଇଲେ ଖୋର୍ଦ୍ଧା ଜିଲ୍ଲାରେ ଚୂଡ଼ାନ୍ତ ବୁଥ୍ ସଂଖ୍ୟା ୨୪୨୫ ହେବ।

ଉକ୍ତ ବୈଠକରେ ୧୧୨-ବିଧାନସଭା ଇଆର୍‌ଓ ଧନଞ୍ଜୟ ମହାନ୍ତି, ୧୧୩- ବିଧାନସଭା ଇଆର୍‌ଓ ମନ୍ମଥ କୁମାର ନାୟକ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଡେପୁଟି କଲେକ୍ଟର ରାଜେଶ କୁମାର ମହାନ୍ତି, ଡେପୁଟି କଲେକ୍ଟର (ନିର୍ବାଚନ) ମନୋଜ କୁମାର ସେନାପତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଓ କନିଷ୍ଠ ସହାୟକ, ସହାୟିକା ଯୋଗଦେଇଥିବା ବେଳେ ଆମ୍ ଆଦ୍‌ମୀ ପାର୍ଟିର ପ୍ରଶାନ୍ତ କୁମାର ରଣସିଂହ, ଭାରତୀୟ ଜାତୀୟ କଂଗ୍ରେସର ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟିର ବଦ୍ରି ନାରାୟଣ ଦାଶ ଏବଂ ବିଜୁ ଜନତା ଦଳର ହେମନ୍ତ କୁମାର ଗୋଛାୟତ ଯୋଗଦେଇଥିଲେ।

■ ଦୈନନ୍ଦିନ ଧାନ ତଳି ରୋଇବାକୁ ଆସୁଛନ୍ତି ଗଞ୍ଜାମ ମଜୁରିଆ

# ମଜୁରିକୁ କେନ୍ଦ୍ରକରି ଷ୍ଟେସନରେ ହଟ୍ଟଗୋଳ



ନିରାକାରପୁର, ୨।୮ (ସମିସ): ଦୈନନ୍ଦିନ ଗଞ୍ଜାମ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଦିନ ମଜୁରିଆ ଧାନ ଜମିରେ ମଜୁରୀ ଖଟିବାକୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳକୁ ଆସୁଛନ୍ତି। ସକାଳ ପାହିଲେ ବିଭିନ୍ନ ଟ୍ରେନ୍‌ରୁ ଦଳ ଦଳ ପୁରୁଷ ଓ ମହିଳା ଅଧିକ ଦୁଇ ପଇସା କମାଇବା ଆଶାରେ ନିରାକାରପୁର ରେଳ ଷ୍ଟେସନରେ ଓହ୍ଲାଉଥିବାବେଳେ ସେମାନଙ୍କୁ କାମ ପାଇଁ ନେବାକୁ ଜମି ମାଲିକମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲୁଛି। ସେମାନେ ମଜୁରିଆମାନଙ୍କୁ ଅଧିକ ମଜୁରୀ ଦେବାର ପ୍ରଲୋଭନ ଦେଖାଇ ନିରାକାରପୁର ଓ ତା'ର ୧୦/୧୫ କିଲୋମିଟର ଦୂର ଜାଗାକୁ ନେଇ ପୁନର୍ବାର ଟ୍ରେନ୍ ସମୟରେ ଆଣି ଷ୍ଟେସନରେ ଛାଡ଼ି ଦେଉଛନ୍ତି। ଏବେ ଧାନ ବିଲରେ ତଳିରୁଆ କାର୍ଯ୍ୟ ଚାଲୁଥିବାରୁ ଆଉ ଅଞ୍ଚଳରେ ମଜୁରିଆଙ୍କ ଅଭାବ ଦେଖାଦେଇଥିବାରୁ ସକାଳୁ ଟ୍ରେନ୍ ଆସିବା ପୂର୍ବରୁ ବହୁ ସଂଖ୍ୟାରେ ଗାଡ଼ି ମୋଟର ଷ୍ଟେସନ ପାଖରେ ଗଞ୍ଜାମ ମଜୁରିଆଙ୍କୁ ନେବାକୁ ଛିଡ଼ା ହେଉଛି। ପୂର୍ବରୁ ଏମାନେ ଏହି ଅଞ୍ଚଳରୁ ଦିନକୁ ୫୦୦ ଟଙ୍କା ନେଉଥିବାବେଳେ ଏବେ ଚାହିଦା ବଢ଼ିବାରୁ ସେମାନଙ୍କ ମଜୁରୀ ଲୋକ ଦେଖି ବଢ଼ାଇ ଦେଇଛନ୍ତି। ତେଣୁ ଏକ ନିର୍ଦ୍ଦିଷ୍ଟ ମଜୁରୀ ନେବା ପାଇଁ ଓ ଜମି ମାଲିକମାନଙ୍କୁ ଏକ ପ୍ରକାର ମଜୁରୀ ଦେବା ପାଇଁ ଶନିବାର ସକାଳୁ ଶତାଧିକ ସ୍ଥାନୀୟ ଚାଷୀ ଷ୍ଟେସନ ଆସି ହଟ୍ଟଗୋଳ କରିଥିଲେ। ମଜୁରିଆ ଓ ମାଲିକମାନଙ୍କ ମଧ୍ୟରେ ଏକ ହୋ-ହଲ୍ଲାର ପରିବେଶ ଷ୍ଟେସନ ପରିସରକୁ ବେଶ୍ ଗରମ କରି ରଖିଥିବା ଦେଖିବାକୁ ମିଳିଥିଲା।

# ବନ୍ୟା ଓ ଲଗାଣ ବର୍ଷାରେ ବାସଗୃହ ହରାଇଥିବା ପରିବାରକୁ ଥଇଥାନ ଦାବି



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨।୮ (ସମିସ): ଚଳିତ ବର୍ଷ ବନ୍ୟା ଓ ଲଗାଣ ବର୍ଷା କାରଣରୁ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳର ପେଣ୍ଠପାଳ ପଞ୍ଚାୟତ କୂଳସାହି ଗ୍ରାମରେ ବନ୍ୟା ଓ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଲୋକଙ୍କ କରୁଣ ଚିତ୍ର ଦେଖିବାକୁ ମିଳିଛି। କୂଳସାହି ଗ୍ରାମର ଡଲି ଅପା ଭାବେ ପରିଚିତ ଆଶା ଦିଦି ଜଣେ କର୍ମ ତତ୍ପର ମହିଳା ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇଆସିଛନ୍ତି। ଗାଁରେ ଯିଏବି ମାତୃତ୍ୱ ଲାଭ କରିବ ସେଠାରେ ଡଲି ଅପା ରାତିଦିନ ଖାତିର ନ କରି ରୋଗୀଙ୍କ ସହିତ ଉପସ୍ଥିତ ରହିଥା'ନ୍ତି। କିନ୍ତୁ ଲଗାଣ ବର୍ଷା ଓ ବନ୍ୟା କାରଣରୁ ତାଙ୍କ ଚାଳଛପର ଘରର କାନ୍ଥ ଗଳି ପଡିଛି। ଅନ୍ୟର ଦୁଃଖରେ ସହଭାଗୀ ହୋଇଆସୁଥିବା ଡଲି ଅପାଙ୍କ ରହିବାକୁ ଘର ନାହିଁ। ସେହିଭଳି କୂଳସାହି ଗ୍ରାମର ଶାନ୍ତନୁ ମଲିକ, ବୁଲା ମଲିକ, ତପନ ମଲିକଙ୍କ ଘର ଭାଙ୍ଗିଛି। କୂଳସାହି ଗ୍ରାମର ବିଧବା ମହିଳା କବି ମଲିକଙ୍କ ଦୁଃଖ ନ କହିବା ଭଲ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ ମିଳିବାରୁ ନିଜେ ମାଟି ଘର ତିଆରି କରି ରହୁଥିଲେ। କିନ୍ତୁ ବନ୍ୟା ଓ ଲଗାଣ ବର୍ଷା କାରଣରୁ ତାଙ୍କ ଘର କାନ୍ଥ ପଡ଼ିଯାଇଛି। ଏହି ଅସହାୟ ମହିଳାଙ୍କ ପାଖରେ ପ୍ରଶାସନ ପହଞ୍ଚି ନାହିଁ। ସେହି ଗ୍ରାମର ବଟକୃଷ୍ଣ ମଲିକ, ଶରତ ମଲିକଙ୍କ ବ୍ୟତୀତ ଆହୁରି ଦୁଇଜଣଙ୍କ ଘର କାନ୍ଥ ପଡିଯାଇଥିବା ଖବର ମିଳିଛି। ପ୍ରଶାସନିକ ଅଧିକାରୀ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଧୋୟାଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଘଟି ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ଥଇଥାନ କରିବାକୁ ସାଧାରଣରେ ଦାବି ହୋଇଛି।

## ମାସେ ଧରି ବାହ୍ୟଜଗତରୁ ବିଚ୍ଛିନ୍ନ ସିଂହଗାଁ ପଞ୍ଚାୟତ

# ପରିଦର୍ଶନ କଲେ ବିଧାୟକ ଓ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨।୮ (ସମିସ)

ଚଳିତବର୍ଷ ବ୍ରାହ୍ମଣୀ ଓ କାଣୀନଦୀରେ ଦୁଇଥର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ଗରିବ ଖଟିଖିଆ ଓ ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇଛି। ଚଳିତ ବନ୍ୟାରେ ଦୀର୍ଘ ୧ ମାସ ଧରି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ସବୁଠୁ ଅଧିକ କ୍ଷତିଗସ୍ତ ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତକୁ ଆଜି ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ପ୍ରିଦର୍ଶନୀ ତରାଇ ବନ୍ୟା ଘେରରେ ଥିବା ନୂଆପାଟଣା, ସିଂହଗାଁର ବିଭିନ୍ନ ପଡା ପରିଦର୍ଶନ କରି ବନ୍ୟା ସ୍ଥିତି ଓ ଲୋକଙ୍କ ଅବସ୍ଥା ଅନୁଧାନ କରିଥିଲେ। ବିଧାୟକ ଓ ଜିଲ୍ଲାପାଳଙ୍କ ସହିତ ବ୍ଲକ୍ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ପିଇଓ ସର୍ବେଶ୍ୱର ବରାଳ, ପେଣ୍ଠପାଳ ପୂର୍ବତନ ସରପଞ୍ଚ କୈଳାସ ସେଠୀ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ତରଡ଼ିପାଳ ସରପଞ୍ଚ ଦେବେନ୍ଦ୍ର ନାୟକ ଓ ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ପ୍ରମୁଖ ପଞ୍ଚାୟତ ପ୍ରତିନିଧି ସାମିଲ ଥିଲେ। ଏ ଅବସରରେ ବିଧାୟକ ଗଣେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ତାରିଣୀ ମନ୍ଦିର ନିକଟରେ ଏକ ବନ୍ୟା ସ୍ଥିତି ସମୀକ୍ଷା ଓ ଜନଅଭିଯୋଗ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ୟା ବିପନ୍ନ ଲୋକଙ୍କ ବିଭିନ୍ନ ସମସ୍ୟା ସହିତ କଣ୍ଡିଆନାଳ ସେତୁ, ରାଉଳିଆ ସେତୁ ଓ ଜଳ ନିଷ୍କାସନ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବନ୍ୟାଞ୍ଚଳ ଲୋକଙ୍କ ଗମନାଗମନ ପାଇଁ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଘାଟ ତୁରନ୍ତ ମରାମତି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ବିପନ୍ନ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସଭାରେ ପୂର୍ବତନ ସରପଞ୍ଚ କନକବାଳା ମଲିକ, ବ୍ରହ୍ମାନନ୍ଦ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ନାୟକ, ଉମେଶ ମହାନ୍ତି, ଅଭୟ ସାମଲ ଓ ଦୀପକ ନାୟକ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲପାଳଙ୍କୁ ଅଭାବ ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଫେରିବା ବାଟରେ ବାରହା ଆକ୍ରମଣରେ ଆଙ୍ଗୁଠି ହରାଇଥିବା କୃଷ୍ଣଦାସପୁର ଗ୍ରାମର ପ୍ରଦୀପ ଦାସଙ୍କୁ ଜିଲ୍ଲାପାଳ ଓ ବିଧାୟକ ଭେଟିଥିଲେ। ବିଧାୟକଙ୍କ ସହିତ ପୂର୍ବତନ ସରପଞ୍ଚ କାଙ୍ଗାଳୀ ସେଠୀ, ବରିଷ୍ଠ ନେତା କେଦାର ବିଶ୍ୱାଳ, ଯୁବନେତା ଜ୍ୟୋତିରଞ୍ଜନ ପ୍ରଧାନ, ଅଭିଷେକ ବିଶ୍ୱାଳ, ନିରଞ୍ଜନ ସୁନ୍ଦରାୟ, ସମ୍ବିତ ଶ୍ରୀଚନ୍ଦନ, ଅଭିମନ୍ୟୁ ମଲ୍ଲିକ, ରଂଜିତ ରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ହୋଇ ବନ୍ୟାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଟ୍ରେନ୍‌ରେ ଚଢ଼ିବାକୁ ଗଲାବେଳେ ଚାଲିଗଲା ଜୀବନ

ପାରାଦୀପ, ୨।୮ (ସମିସ) : ଆଜି ସାନ୍ଧ୍ୟ ୬ଟାରେ ପାରାଦୀପ ରେଲୱେ ଷ୍ଟେସନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଟ୍ରେନ୍‌ରେ ଚଢିବାକୁ ଗଲାବେଳେ ଅସୁସ୍ଥ ହୋଇପଡ଼ିଥିଲେ ଜଣେ ବ୍ୟକ୍ତି। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ବୋଲି ଡାକ୍ତର କହିଛନ୍ତି। ବରଗଡ ଜିଲ୍ଲା ଝରବନ୍ଧ ଥାନା ଅଧୀନ ଡୁମୁରିଚଡା ଗ୍ରାମର ପ୍ରଦ୍ୟୁମ୍ନ କେଉଟ (୪୩) ପାରାଦୀପରେ ରହୁଥିବା ଭିଣୋଇ ବୀରେନ୍ଦ୍ର ନାୟକଙ୍କ ପାଖକୁ ପାରାଦୀପ ବନ୍ଦର ବୁଲିବାକୁ ଆସିଥିଲେ। ସପ୍ତାହେ ରହି ବୁଲାବୁଲି କରିବା ପରେ ଆଜି ସନ୍ଧ୍ୟା ୬ଟାରେ ଟ୍ରେନ ଯୋଗେ ବରଗଡ ଯିବାକୁ ପାରାଦୀପ ଷ୍ଟେସନରେ ଟିକେଟ କାଟି ଟ୍ରେନ ନିକଟକୁ ଯିବାବେଳେ ସିଡିରୁ ଓହ୍ଲାଇବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏ ନେଇ ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜିଲ୍ଲାପାଳଙ୍କ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ପରିଦର୍ଶନ

ପଟ୍ଟାମୁଣ୍ଡାଇ,୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଆଜି ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଫେରିବା ପରେ ଅଚାନକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ବିଭିନ୍ନ ୱାର୍ଡ ବୁଲି ଚିକିତ୍ସା ବ୍ୟବସ୍ଥା ତଦାରଖ କରିବା ସହିତ ରୋଗୀ ସେବା ଉପରେ ରୋଗୀଙ୍କୁ ପଚାରି ବୁଝିଥିଲେ। ହସ୍‌ପିଟାଲ ପରିସର



ବୁଲି ଦେଖିବା ସହିତ ଔଷଧ ବିତରଣ କେନ୍ଦ୍ର, ପରୀକ୍ଷାଗାର ସମେତ ଆଉଟଡୋର, ଇନଡୋର ମଧ ବୁଲି ସ୍ଥିତି ଅନୁଧାନ କରିଥିଲେ। ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲାପାଳ ରୋଗୀ ସେବା, ମାଗଣା ଔଷଧ ବଣ୍ଟନ, ଇନଡୋର, ଆଉଟଡୋର ରୋଗୀ ଚିକିତ୍ସା, ପରିଷ୍କାର, ପରିଚ୍ଛନ୍ନତା ଓ ପିଇବା ପାଣି ଯୋଗାଣ ଉପରେ ସମୀକ୍ଷା କରି ଉତ୍ତମ ପରିବେଶ ବଜାୟ ରଖି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ସବଡିଭିଜନ ମେଡିକାଲ ଅଫିସର ଡା ନିରାକାର ପରିଡା ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ସାମିଲ ଥିଲେ।

## ବନ୍ୟାଞ୍ଚଳକୁ ସହାୟତା ନିମନ୍ତେ କଂଗ୍ରେସର ଦାବିପତ୍ର



ଆଳି, ୨।୮ (ସମିସ): ଆଳି ବ୍ଲକ୍ ବନ୍ୟାଞ୍ଚଳରେ ତୁରନ୍ତ ରିଲିଫ୍, ସ୍ୱାସ୍ଥ୍ୟସେବା, ପାନୀୟଜଳ, ଗୋଖାଦ୍ୟ ଓ ଚାଷୀଙ୍କୁ ସମ୍ପୂର୍ଣ୍ଣ ଋଣଛାଡ଼ ଓ ଚାଷ ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଆଳି କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ତଥା ରାଜ୍ୟ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଳି ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଆଳି ବ୍ଲକ୍‌ର ପାଳିନି, ଦେସାହି, କେନ୍ଦୁଆପାଳ, ଗୋବିନ୍ଦପୁର, ପେଡପଡା, ଜୁଆଣିଆ, ଡିମିରପାଳ, ଏରଡଙ୍ଗ, ଫସିଧା, ଅରଗଳ, ପଦିନିପାଳ, ଦଶିପୁର, କୋଳଡିହ, ମାଣିକପାଟଣା, ନରେନ୍ଦ୍ରପୁର, ଏକମାଣିଆ, ଦେମାଳ ଆଦି ପ୍ରାୟ ୧୭ଟି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏବେ ସୁଦ୍ଧା ଅନେକ ଜଳବନ୍ଦୀ ହୋଇରହିଛି। ଆଜି ସୁଦ୍ଧା ସେମାନଙ୍କ ପାଖରେ ପ୍ରଶାସନ ପକ୍ଷରୁ ଶୁଖୁଲା କିମ୍ବା ରନ୍ଧାଖାଦ୍ୟ ଯୋଗାଇ ଦେବାର କୌଣସି ବ୍ୟବସ୍ଥା ହୋଇନାହିଁ। ଲୋକେ ଜ୍ୱର, ଝାଡ଼ାବାନ୍ତି ଓ ପ୍ରସବ ଆଦି ଅବସ୍ଥାରେ ଥାଇ ଘରୁ ବାହାରି ଚିକିତ୍ସା ପାଇବାରେ ବହୁ କଷ୍ଟ ଭୋଗୁଛନ୍ତି। ନଳକୂପ ଓ ପାଇପ ଜଳଯୋଗାଣ ବ୍ୟବସ୍ଥା ପାଣିରେ ବୁଡ଼ି ରହିଥିବାରୁ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବନ୍ୟା ଯୋଗୁଁ ଫସଲ ନଷ୍ଟ ହୋଇଛି। ବନ୍ୟାଞ୍ଚଳର ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଅଞ୍ଚଳର ଲୋକଙ୍କୁ ବର୍ତ୍ତମାନ ଓ ବନ୍ୟା ପରବର୍ତ୍ତୀ ସମୟରେ ଉପରୋକ୍ତ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଆଳି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨।୮ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହନସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସମସ୍ତ ସିଡିପିଓ ଯୋଗ ଦେଇଥିଲେ। ବୈଠକରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଅଧିକାର, ଶିଶୁ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓ, ଲିଙ୍ଗ ଅନୁପାତ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଶିଶୁଙ୍କ କ୍ଷେତ୍ରରେ ଜିଲ୍ଲାର ଆଶାନୁରୂପ ସଫଳତା ନ ଥିବାରୁ ବିଭାଗୀୟ ଅଧିକାରୀ ଏ ସଂକ୍ରାନ୍ତରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ହେଲ୍‌ପ ଲାଇନରେ ଆସୁଥିବା ଅଭିଯୋଗକୁ ମଧ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଏ ସଂକ୍ରାନ୍ତରେ ଅଧିକାରୀଙ୍କୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶିଶୁ ଶ୍ରମିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚଢ଼ଉକୁ ଜୋରଦାର କରିବା, ବାଲ୍ୟ ବିବାହ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ, ଲିଙ୍ଗ ଅନୁପାତ ହ୍ରାସ ଇତ୍ୟାଦି ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

## ବନ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ



ରାଜନଗର,୨।୮ (ସମିସ): ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ବିଭିନ୍ନ ବନ୍ୟାଞ୍ଚଳରେ ପହଞ୍ଚି ବିପନ୍ନ ଲୋକଙ୍କୁ ଭେଟିଛନ୍ତି। ବ୍ରାହ୍ମଣୀରେ ଆସିଥିବା ପ୍ରଥମ ବନ୍ୟା ଓ ପୁଣି ଦ୍ୱିତୀୟ ବନ୍ୟା ଆସିବା ଦ୍ୱାରା ଲୋକେ ପାଣି ଘେରରେ ଥିବାବେଳେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଶୁଖିଲା ଖାଦ୍ୟ, ପିଇବା ପାଣି, ଗାଇଗୋରୁଙ୍କ ପାଇଁ ଖାଦ୍ୟ, ଚାଷୀଙ୍କ ପାଇଁ କୃଷି ଋଣ ଛାଡ, ସହିତ ସାର ବିହନ ଲୋକଙ୍କ ପାଖରେ କିପରି ପହଞ୍ଚିବ, ସେ ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ତଥା ପ୍ରଦେଶ କଂଗ୍ରେସ କୋଷାଧକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ ରାଉତ, ଯୁବ ନେତା ପ୍ରଦୀପ ପ୍ରଧାନ, ସତ୍ୟପ୍ରିୟ ସାମଲ, ବରିଷ୍ଠ ନେତା ଦାମୋଦର ବିଶ୍ୱାଳ, ପୃଥୀରାଜ ପାତ୍ର, ଆଶିଷ ଲେଙ୍କା, ବାସୁଦେବ ଜେନା, ସୁରେନ୍ଦ୍ର ସାହୁ, ମନୋରଞ୍ଜନ ଦାସ, ସୁଶୀଲ ପ୍ରଧାନ, କପିଳ ସ୍ୱାଇଁ, ଶରତ ସ୍ୱାଇଁ, ରଞ୍ଜିତ ସାହୁ, ସୁଶାନ୍ତ ରାଉତ, ପ୍ରଶାନ୍ତ ନାୟକ, ସ୍ମୃତିରଞ୍ଜନ ପାଢ଼ୀ, ପ୍ରଭାତ ପ୍ରଧାନ, ରମାକାନ୍ତ ଜେନା, ଦଳିତ ନେତା ସର୍ବେଶ୍ୱର ସେଠୀ ପ୍ରମୁଖ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଭେଟିଛନ୍ତି। ବନ୍ୟା ପାଣିରେ ପ୍ରାଣ ହରାଇଥିବା ପାଳପାଟଣା ଗ୍ରାମର ଦୀନବନ୍ଧୁ ଧଳଙ୍କ ଅସହାୟ ପରିବାରକୁ ଭେଟିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

## ୪୦ ପରିବାରକୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ଶୁଖିଲା ଖାଦ୍ୟ ବଣ୍ଟନ



ଗୋବିନ୍ଦପୁର, ୨।୮ (ସମିସ): ଆଳି ଧୋୟାଞ୍ଚଳର ଲୋକେ ପ୍ରାୟ ୨୦ରୁ ଅଧିକ ଦିନ ଧରି ବନ୍ୟା ପାଣି ଘେରରେ ରହିଛନ୍ତି। କେତେକ ଗ୍ରାମ ଜଳବନ୍ଦୀ ଅବସ୍ଥାରେ ରହି ହୀନସ୍ତା ଭୋଗୁଥିବା ଦେଖିବାକୁ ମିଳିଛି। ଅଧିକ ଦୁର୍ଦ୍ଦିନରେ ଅଛନ୍ତି ପେଡପଡ଼ା ଗ୍ରାମବାସୀ। ପ୍ରଶାସନ ପକ୍ଷରୁ କୌଣସି ସହାୟତା ପହଞ୍ଚିପାରିନି। ଆଜି ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା ପେଡପଡ଼ା ବିପନ୍ନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହିତ ୪୦ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ପଞ୍ଚାୟତ ବିଜେଡିର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା








ମାର୍ଶାଘାଇ,୨।୮ (ସମିସ)

ଓଡ଼ିଶା ଶିକ୍ଷକ ସଂଘ ଓଷ୍ଟା, ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ମିଳିତ ଭାବେ ୫ ଦଫା ଦାବିନେଇ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବ୍ଲକ୍ ଓଷ୍ଟା ସଂଘ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶିକ୍ଷକ ନେତା ଭ୍ରମର ରାଉତ, ଶିକ୍ଷକ ମହାସଂଘ ନେତା ନବଘନ ମହାରଣା, ବ୍ଲକ୍ ଓଷ୍ଟା ସମ୍ପାଦକ ପ୍ରସନ୍ନ ପରିଡ଼ା, ବ୍ଲକ ଯୁଗ୍ମସମ୍ପାଦକ ରଞ୍ଜନ ସ୍ୱାଇଁ, ଶାନ୍ତନୁ ବିଶ୍ୱାଳ, ଉମାକାନ୍ତ ଦାସ, ଧୀରପ୍ରସାଦ ପରିଜା, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍, ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଶିକ୍ଷକ ଓ କର୍ମଚାରୀଙ୍କ ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଶିକ୍ଷକଙ୍କ ଗ୍ରେଡେସନ ଅସଙ୍ଗତି ଦୂରୀକରଣ କରାଯିବାକୁ ଦାବି କରାଯାଇଛି। ଧାରଣାରତ ଶିକ୍ଷକ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ ବେଉରାଙ୍କୁ ଦାବିପତ୍ର ପ୍ରଦାନ କରି ଧାରଣା ପ୍ରତ୍ୟାହୃତ କରିଥିଲେ।

**ଆଳି:** ଆଳି ବ୍ଲକ୍‌ର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଳି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ୫ ଦଫା ଦାବି ପୂରଣ ନିମନ୍ତେ ଏକଦିବସୀୟ ଧାରଣା





ଦିଆଯାଇଥିଲା। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡପେରେ ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ବ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଆଦି ଦାବି ନେଇ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

**ରାଜକନିକା:** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଆଜି ସମସ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫ ଦଫା ଦାବି ପୂରଣ ନିମନ୍ତେ ଏହି ଧାରଣା ଦିଆଯାଇଥିଲା। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ବ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଆଦି ଦାବି କରାଯାଇଥିଲା।

**ରାଜନଗର:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ( ଓଷ୍ଟା) ଆହ୍ୱାନକ୍ରମେ ଆଜି ରାଜନଗର ବ୍ଲକ୍ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ୫ ଦଫା ଦାବି ନେଇ ଦିନିକିଆ ଧାରଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିଲା। ରାଜନଗର ବ୍ଲକ୍ ସମନ୍ୱୟ ସମିତି ସଭାପତି ଚିତ୍ତରଞ୍ଜନ ସାହୁ, ଆବାହକ ସମୀରଣ ମଣ୍ଡଳଙ୍କ ନେତୃତତ୍ୱରେ ରାଜନଗର ଓଷ୍ଟା ସଙ୍ଘ ସଭାପତି ମାନସ ରଞ୍ଜନ ମିଶ୍ର, ଶିକ୍ଷକ ନେତା ମହେଶ୍ୱର ରାଉତ, ସର୍ବେଶ୍ୱର ମହାନ୍ତି, ସୁବ୍ରଜ ବରାଳ, ତିତକାନ୍ତ ନାୟକ, ସୁଶାନ୍ତ ପ୍ରଧାନ, ଏସକେ ହେମତୁଲ୍ଲା, ବିଚିତ୍ର ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

**ଡେରାବିଶ:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଓ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଠାକୁରହାଟସ୍ଥ ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ଓ କର୍ମଚାରୀ ସଂଘ କର୍ମକର୍ତ୍ତା ଧାରଣାରେ ବସିଥିଲେ। ଡେରାବିଶ ବ୍ଲକ ଓଷ୍ଟା ସଂଘ ସଭାପତି ପୀତବାସ ପଣ୍ଡା, ସମ୍ପାଦକ ଗଗନ ବିହାରୀ ସୂତାର ଓ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟାର ପୂର୍ବତନ ସଭାପତି ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟସଦସ୍ୟା ଓ ବ୍ଲକ ଅନ୍ତର୍ଗତ ସ୍କୁଲ, କଲେଜର ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପକ ଅଧାପିକା ଓ କର୍ମଚାରୀ ଏହି ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିସହିତ ଅପରାହ୍ନରେ ସେମାନଙ୍କର ଏକ ଦାବିପତ୍ର ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସମ୍ପାଦକ ତପନ କୁମାର ସିଂ, ବ୍ଲକ ଓଷ୍ଟାର ପୂର୍ବତନ ଉପସଭାପତି ଗଜେନ୍ଦ୍ର ମହାନ୍ତି, ସଭ୍ୟ କରୁଣାକର ସ୍ୱାଇଁ, ଭାଗୀରଥି ମହାନ୍ତି, ରଘୁନାଥ ଦାଶ, ନିତ୍ୟାନନ୍ଦ ପାଣି, ଈଶ୍ୱର ପୃଷ୍ଟି, ପୁଷ୍ପଲତା ପଣ୍ଡା, ମହେଶ୍ୱେତା ବେହେରା, ଶକ୍ତିଶେଖର ରାଉତ, ସତ୍ୟବ୍ରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀଙ୍କୁ ପିଏମ କିଷାନ ସମ୍ମାନ ନିଧି ସହାୟତା ରାଶି ପ୍ରଦାନ




କେନ୍ଦ୍ରାପଡ଼ା,୨।୮ (ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଏମ କିଶାନ ସମ୍ମାନ ନିଧି ଅନ୍ତର୍ଗତ ଚାଷୀଙ୍କୁ ସହାୟତା ରାଶି ହସ୍ତାନ୍ତର କାର୍ଯ୍ୟକ୍ରମରେ ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ୯ କୋଟି ୭୦ ଲକ୍ଷରୁ ଅଧିକ ଚାଷୀ ଭାଇ ଭଉଣୀଙ୍କୁ ତାଙ୍କ ଜମା ଖାତାରେ ୨୦ତମ କିସ୍ତି ମାଧ୍ୟମରେ ୨୦,୫୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀଙ୍କ ଜମାଖାତାକୁ ୨୦୦୦ ଟଙ୍କା ପ୍ରଦାନ କରାଯାଇଛି।

## ଦେଶୀ ଓ ବିଦେଶୀ ମଦ ଜବତ; ୧ ଗିରଫ



ଡେରାବିଶ,୨।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଇନ୍ଦାଳୋ ପଞ୍ଚାୟତର ଫାଣ୍ଡିବର ଛକ ନିକଟରୁ ଆଜି ଅପରାହ୍ନରେ ଜଣେ ବ୍ୟକ୍ତି ଚୋରାରେ ମଦବିକ୍ରି କରୁଥିବାବେଳେ ଚାନ୍ଦୋଳ ପୁଲିସ୍ ମଦ ଜବତ କରାଯିବା ସହ ବିକ୍ରେତାଙ୍କୁ ଗିରଫ କରିଛି। ଚାନ୍ଦୋଳ ଫାଣ୍ଡିର କେତେକ କର୍ମଚାରୀ ଲୁଣାନଦୀ ସେପଟ ହରିଅଙ୍କ ଓ ଇନ୍ଦାଳୋ ପଞ୍ଚାୟତରେ ପାଟ୍ରୋଲିଂ କରୁଥିବା ସମୟରେ ଫାଣ୍ଡିବର ନିକଟସ୍ଥ ଏକ ଚାଳିଆ ଘରେ ଜଣେ ବ୍ୟକ୍ତି ବ୍ୟାଗ୍‌ରେ ମଦ ବିକ୍ରୟ କରୁଥିବା ଦେଖିଥିଲେ। ପୁଲିସ କର୍ମଚାରୀ ଚଢ଼ଉ କରିବାରୁ କୋଠାସାହି ଗ୍ରାମର ଗଣେଶ୍ୱର ବେହେରା (୫୦)ଙ୍କ ନିକଟରୁ ଏକ ବ୍ୟାଗରେ ୫ ବୋତଲ ବିୟର, ୨୭ ବୋତଲ ଆସ୍କାଫର୍ଟି, ୧୦ ବୋତଲ ହୁସ୍କି ଓ ୬ ବୋତଲ ରମ୍ ମୋଟ ୧୧ ଲିଟର ୫୩୦ ମିଲିଲିଟର ଚୋରା ମଦ ଜବତ କରିଥିଲେ। ମଦ ବିକ୍ରେତା ଶ୍ରୀ ବେହେରାଙ୍କୁ ଫାଣ୍ଡିକୁ ଆଣିଥିଲେ।

## ନବନିର୍ମାଣ କୃଷକ ସଂଗଠନର ଦାବି

# ଚାଷୀ ପଞ୍ଜୀକରଣ ସରଳୀକରଣ ଘୋଷଣାରେ ନୁହେଁ, କାମରେ ହେଉ

ଜଗତସିଂହପୁର, ୨।୮ (ସମିସ)




ଆସନ୍ତା ଖରିଫ୍ ଋତୁର ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ କିଛିଦିନ ହେବ ଆରମ୍ଭ ହୋଇଛି। ପୂର୍ବରୁ ଏହି ପଞ୍ଜୀକରଣ ପ୍ରକ୍ରିୟାରେ ବିଭିନ୍ନ କାରଣରୁ ଅନେକ ଚାଷୀଙ୍କ ନାମ ବାଦ୍ ପଡୁଥିଲା। ତେବେ ଚଳିତବର୍ଷ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ କିଛିଟା ପରିବର୍ତ୍ତନ ଆଣି ଏହାକୁ ସରଳିକରଣ କରାଯାଇଥିବା ଘୋଷଣା କରାଯାଇଛି। ତେବେ ଏହି ସରଳୀକରଣ ଘୋଷଣାରେ ନ ରହି ବାସ୍ତବରେ କାର୍ଯ୍ୟକାରୀ ହେବା ଉଚିତ ବୋଲି ନବନିର୍ମାଣ କୃଷକ ସଂଗଠନ ଦାବି କରିଛି।

ଜଗତସିଂହପୁର ଜିଲ୍ଲା ସଦର ମହକୁମାର ସିପି ନିକଟରେ ଥିବା ସଂଗଠନ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଧାନସଂଗ୍ରହ ପ୍ରକ୍ରିୟାରେ ରହିଆସିଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ କର୍ମକର୍ତ୍ତା ସୂଚନା ଦେଇଥିଲେ। କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଯୋଗଦେଇ ଚାଷୀ ପଞ୍ଜୀକରଣଠାରୁ ଧାନ ସଂଗ୍ରହ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଚାଷୀ ହଇରାଣ ହେଉଥିବା ପ୍ରକାଶ କରିଥିଲେ। ଗତ ୨୦୨୪-୨୫ ଖରିଫ ବର୍ଷରେ ଧାନବିକ୍ରି ପାଇଁ ଜଗତସିଂହପୁର ଜିଲ୍ଲାରେ ମୋଟ ୪୭, ୭୩୬ ଜଣ ଚାଷୀ ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫, ୬୪୨ ଜଣ ଚାଷୀଙ୍କଠାରୁ ୩୦ଟି ମିଲର ମାଧ୍ୟମରେ ୧୭ ଲକ୍ଷ ୧୫ ହଜାର ୧୯୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ବାକି ୨ ହଜାର ୯୪ ଜଣ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଲେ। ଯାହାକି ସେମାନଙ୍କ ପାଇଁ ପୀଡ଼ାଦାୟକ ଘଟଣା ବୋଲି ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ସେହିପରି ୨୦୨୫-୨୬ ଖରିଫ ବର୍ଷର ଧାନ ସଂଗ୍ରହ ପାଇଁ ଗତ ଜୁଲାଇ ୨୦ ତାରିଖରୁ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଇତିମଧ୍ୟରେ ୧୩ ଦିନ ବିତିଯାଇଥିଲେ ମଧ୍ୟ ମାତ୍ର ୧୨ ହଜାରରୁ ୧୩ ହଜାର ମଧ୍ୟରେ ଚାଷୀଙ୍କ ନାମ ପଞ୍ଜିକୃତ ହୋଇଥିବା ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଯଦି ଏଭଳି ଚାଲେ ତେବେ ହଜାର ହଜାର ସଂଖ୍ୟାରେ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଶଙ୍କା ରହିଛି ବୋଲି କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜସ୍ୱ, ସମବାୟ ଓ ଯୋଗାଣ ବିଭାଗ ମଧ୍ୟରେ ସଠିକ୍ ସମନ୍ୱୟ ରହୁ ନ ଥିବାରୁ ମୃତ ଚାଷୀଙ୍କ ଉତ୍ତରାଧିକାରୀ ବଂଶାବଳୀ ପ୍ରମାଣପତ୍ର ପାଇବାରେ ହଇରାଣ ହେଉଥିବା ସଂଗଠନ ଅଭିଯୋଗ କରିଛି। ବଂଶାବଳୀ ପ୍ରମାଣପତ୍ର ପ୍ରଦାନ ସମ୍ପର୍କରେ ଗତ ଜୁଲାଇ ୨୫ ତାରିଖ ଚିଠି ନମ୍ବର ୨୫୭୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତାରେ ଅବହେଳା ହେଉଥିବା କୃଷକ ସଂଗଠନ କ୍ଷୋଭ ପ୍ରକାଶ କରିଛି। କେବଳ କଥାରେ ନୁହେଁ, ଚାଷୀ ପଞ୍ଜୀକରଣଠାରୁ ଧାନସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଚାଷୀ ଆନ୍ଦୋଳନ ରାଜରାସ୍ତାକୁ ଆସିବ ବୋଲି ଚେତାବନୀ ଦେଇଛି ସଂଗଠନ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ବରିଷ୍ଠ ସଂଗଠକ ଭୁବନାନନ୍ଦ ନାୟକ, ପ୍ରମୋଦ କୁମାର ଦାସ ଓ ରଶ୍ମିରଞ୍ଜନ ରଥ ପ୍ରମୁଖ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଉଦ୍‌ଘାଟିତ



**ପାରାଦୀପ, ୨।୮ (ସମିସ):** ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର କୋଷାଧ୍ୟକ୍ଷ ରବୀନ୍ଦ୍ର ଦାସ ଯୋଗଦେଇ ବିଦ୍ୟାର୍ଥୀଙ୍କ ପାଇଁ ଜଳ ଶକ୍ତିକୁ ସଞ୍ଚୟ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହିତ ଜ୍ଞାନ ବିଜ୍ଞାନ ମେଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସହକାରୀ ପ୍ରଧାନଆଚାର୍ଯ୍ୟା ସୁଶ୍ରୀ ମମତା କର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଜିଜ୍ଞାସୁ ମନୋଭାବ ରହିଲେ ନୂଆ ନୂଆ କଥା ଜାଣିବା ଓ କଳ୍ପନା ଶକ୍ତି ବଳରେ ନୂଆ ନୂଆ ଜିନିଷ ଉଦ୍ଭାବନ କରିପାରିବେ ବୋଲି ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ କହିଥିଲେ। ଏହି ବିଜ୍ଞାନ ମେଳାରେ ୫୦୦ରୁ ପ୍ରତିଯୋଗୀ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ମୂର୍ତ୍ତି କଳା, ପତ୍ର ବାଚନ, ପ୍ରୟୋଗ ଗଣିତ ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ସେବକ ସେବିକା ଓ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିମା ଅଲେଖ ମାନବ ସେବା ସମିତିର ସମୀକ୍ଷା ବୈଠକ



**କୁଜଙ୍ଗ, ୨।୮ (ସମିସ):** ଗରିବ ଅସହାୟ ବିଶେଷକରି ଗୁଣବତ୍ତାଯୁକ୍ତ ଶିକ୍ଷାରୁ ବଞ୍ଚିତ ଅନାଥ ଶିଶୁଙ୍କ ସହ ଶିକ୍ଷା ଓ ସ୍ୱାସ୍ଥ୍ୟ ସହାୟତା କ୍ଷେତ୍ରରେ ଉତ୍ସର୍ଗୀକୃତ ଭାବେ କାମ କରୁଥିବା ମହିମା ଅଲେଖ ମାନବ ସେବା ସମିତିର ଏକ ସମୀକ୍ଷା ବୈଠକ ପଥୁରିଆସ୍ଥ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଶିକ୍ଷାବିତ୍ ଶେଷଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ମାର୍ଗଦର୍ଶକ ସାଧୁ ସୁଦର୍ଶନ ଦାସ ଯୋଗଦେଇ ଶ୍ରଦ୍ଧା ଭାବ ସହ ସେବା, ଉତ୍ସର୍ଗୀକୃତ ଭାବନା ଓ ଭଗବତ ବିଶ୍ୱାସ ଉପରେ ଦୃଢ଼ ନିଷ୍ଠିତ ହେବା ସହ ସମିତିର ସଦସ୍ୟ ନିରୀହ ଶିଶୁଟି ମୁହଁରେ ଅନିର୍ବଚନୀୟ ହସ ଫୁଟାଇବା ପାଇଁ ଦୃଢ଼ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଦୁଇ ଅନାଥ ମେଧାବୀ ଶିଶୁ ସ୍ୱର୍ଗତ ଖତୁଆ ଦାସଙ୍କ ନାତି ହୃଷିକେଶ ଦାସ ଓ ଏରସମା ବ୍ଲକ ଜାଲପଦାର ଗତବର୍ଷ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଚାଷୀ ଈଶ୍ୱର ଜେନାଙ୍କ ପୁଅ ରାମଚନ୍ଦ୍ର ଜେନାଙ୍କୁ ସମିତି ଦ୍ୱାରା ଅନୁଗୃହୀତ କରାଯିବା ସହ ଅନ୍ୟ ଶିଶୁଙ୍କ ଭଳି ସେମାନଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏ ଅବସରରେ ଦୁଇ ଅନାଥ ଶିଶୁଙ୍କ ମାଆ ଅନ୍ନପୂର୍ଣ୍ଣା ଦାସ ଓ ମଞ୍ଜୁଲତା ଜେନାଙ୍କ ସହ ସମିତିର ପ୍ରମୁଖ ତପନ କୁମାର ମହାନ୍ତି, ପ୍ରଦୀପ କୁମାର ସ୍ୱାଇଁ, ଗୋପୀନାଥ ଶତପଥି, ମଣ୍ଟୁ ନାଥ ପ୍ରମୁଖଙ୍କ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସାଧୁ ସୁଦର୍ଶନ ଦାସଙ୍କ ମାର୍ଗଦର୍ଶନରେ ନିରବଚ୍ଛିନ୍ନ ଭାବେ ବିଗତ ଏକ ଦଶନ୍ଧି ଧରି ସମିତି ଜିଲ୍ଲା ଓ ଜିଲ୍ଲା ବାହାରେ ୧୦ରୁ ଉର୍ଦ୍ଧ୍ୱ ମେଧାବୀ ଅସହାୟ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାରେ ସହଯୋଗ ସହ ଉତ୍ତମ ନାଗରିକ ପାଇଁ ଅନୁପ୍ରେରଣା ଯୋଗାଇ ଆସୁଛି।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର ପ୍ରଦାନ

**ରଘୁନାଥପୁର, ୨।୮ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ କଲେଜ ଶିକ୍ଷକ ସଂଘ (ଓଷ୍ଟା) ଓ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ରଘୁନାଥପୁର ବ୍ଲକ ଶାଖା ପକ୍ଷରୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ ଓ ଅନ୍ୟାନ୍ୟ କେତେକ ଦାବିରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତୀକ ଧାରଣା ସହ ଜିଲ୍ଲାପାଳ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ଦେବା, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିବା, ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତିପ୍ରାପ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃପ୍ରଚଳନ ଆଦି ଦାବି କରାଯାଇଛି। ଓଷ୍ଟା ବ୍ଲକ ସଭାପତି ଶରତ ପଣ୍ଡା ଓ ସମ୍ପାଦକ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପୂର୍ବାହ୍ନ ୧୧ଟା ୩୦ରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ଏସବୁ ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ବିଧାୟକଙ୍କୁ ଜଣାଇବା ପରେ କୌଣସି ସୁଫଳ ମିଳୁନାହିଁ। ଫଳରେ ଶିକ୍ଷକ, ଶିକ୍ଷା କର୍ମଚାରୀ ହତାଶା ଓ ନିରାଶା ଭିତରେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ଅନିଚ୍ଛା ସତ୍ତ୍ୱେ ଆମେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେଉଛୁ ବୋଲି ସମ୍ପାଦକ ମିଶ୍ର ପ୍ରକାଶ କରିଛନ୍ତି।



**ନାଉଗାଁ:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ନାଉଗାଁ ବ୍ଲକ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପଦେଷ୍ଟା ଶନିରଞ୍ଜନ ମହାନ୍ତି, ଓଷ୍ଟା ବ୍ଲକ ସଭାପତି ସୁକାନ୍ତ ଲେଙ୍କା, ସମ୍ପାଦକ ହିମାଂଶୁ ମହାନ୍ତି, ଉପସଭାପତି ଅଶୋକ ଫାରକ, ନୃସିଂହ ରାଉତ, ସହସମ୍ପାଦକ ଆଦର୍ଶ ଦାସ, ଅଜୟ ସ୍ୱାଇଁ, ଅନନ୍ତ ଗୋଚ୍ଛାୟତ, ପ୍ରଦ୍ୟୁମ୍ନ ସ୍ୱାଇଁ, ସନ୍ତୋଷ ଦାସ, ସଂଘମିତ୍ରା ନାୟକ, ବିଦ୍ୟୁତପ୍ରଭା ସ୍ୱାଇଁ, ଗୀତାଞ୍ଜଳି ଦାସ, ସୁରେଶ ରାଉଳ, ବାବୁଲାଲ ମଲ୍ଲିକ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଏରସମା:** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏରସମା ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଏରସମା ବ୍ଲକ ସମ୍ପାଦକ ପ୍ରଧାନ ଶିକ୍ଷକ ଅଜିତ ଲେଙ୍କାଙ୍କ ତତ୍ତ୍ୱାବଧାନରେ ତଥା ବ୍ଲକର ପୂର୍ବତନ ଓଷ୍ଟା ସମ୍ପାଦକ ଶିକ୍ଷାବିତ ଅଭୟ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓଷ୍ଟା ଯୁଗ୍ମ ସମ୍ପାଦକ ପ୍ରଧାନଶିକ୍ଷକ ଅନୀଲ ଜେନା, ଜିଲ୍ଲା ଓଷ୍ଟା ଉପସଭାପତି ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ, ଓଷ୍ଟା ବ୍ଲକ ଉପସଭାପତି ଶିକ୍ଷାବିତ୍ ପ୍ରମୋଦ ଲେଙ୍କା, ଉପସଭାପତି ଶିକ୍ଷାବିତ ରଞ୍ଜିତ ଜେନା ଓ ଏରସମା ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟ, ମଧ୍ୟଇଂରାଜୀ ବିଦ୍ୟାଳୟ, କଲେଜରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।




**ବାଲିକୁଦା:** ବାଲିକୁଦା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବାଲିକୁଦା ବ୍ଲକ ସ୍କୁଲ, କଲେଜ, ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ବ୍ଲକ ସମ୍ପାଦକ ନିହାର ରଞ୍ଜନ ନାୟକଙ୍କ ନେତୃତ୍ୱରେ ବ୍ଲକର ୧୦୦ରୁ ଅଧିକ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷକ ନୀତି ବିରୁଦ୍ଧରେ ଗର୍ଜିବା ସହ ପୁରୁଣା ପେନସନ ଲାଗୁ ସହ ସମାନ କାର୍ଯ୍ୟକୁ ସମାନ ଦରମା ଲାଗୁ କରିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓଷ୍ଟା ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ଜିଲ୍ଲା ସଭାପତି ନାରାୟଣ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାର ଯଦି ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ କରନ୍ତି, ଆସନ୍ତା ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ୧୬ ତାରିଖରେ ବିଧାନସଭା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଓଷ୍ଟା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅରୁଣ ମହାରଣା, ପ୍ରାଣକୃଷ୍ଣ ମିଶ୍ର, ଗୟାଧର ଜେନା, ପ୍ରଦୀପ ଆଚାର୍ଯ୍ୟ, ନବଘନ ମୁଦୁଲି, ବିଜୟ ବେହେରାଙ୍କ ସମେତ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଚାରୀ ଯୋଗ ଦେଇଥିଲେ।

## ପାରାଦୀପକୁ ସର୍ବଶ୍ରେଷ୍ଠ ବୃହତ୍ ବନ୍ଦରମାଳା ସମ୍ମାନ

**ପାରାଦୀପ, ୨।୮ (ସମିସ):** ଦେଶର ଏକନମ୍ବର ମାନ୍ୟତା ପାଇଥିବା ପାରାଦୀପ ବନ୍ଦରକୁ ଆଉଏକ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଛି। ମୁମ୍ବାଇଠାରେ ଏକଜିମ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ୧୫ତମ ବାର୍ଷିକ ସମାରୋହରେ ପାରାଦୀପ ବନ୍ଦରକୁ ମାଳା ଶ୍ରେଷ୍ଠ ବନ୍ଦର ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପ ବନ୍ଦର ସମଗ୍ର ଦେଶରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହି ସମ୍ମାନ ପାରାଦୀପ ବନ୍ଦରର ଦକ୍ଷତା, ପଣ୍ୟ ପରିବହନ କ୍ଷେତ୍ରରେ ଯେଉଁ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛି, ଏହା ତାହାର ପ୍ରତିଫଳନ। ପାରାଦୀପ ବନ୍ଦର ଯାତାୟତ ପ୍ରବନ୍ଧକ ଜି. ଏଡିସନ୍ ପାରାଦୀପ ବନ୍ଦର ପକ୍ଷରୁ ଏହି ସ୍ୱତନ୍ତ୍ର ସମ୍ମାନ ଗ୍ରହଣ କରିଛନ୍ତି। ମାଳା ସମ୍ମାନ ଏକ ମର୍ଯ୍ୟାଦାଜନକ ପୁରସ୍କାର ଦେଶର ବୃହତ୍ତ ଶିଳ୍ପ ସଂସ୍ଥାଙ୍କ ଦକ୍ଷତା ଓ କାର୍ଯ୍ୟଶୈଳିକୁ ଦେଖି ପୁରସ୍କୃତ କରିଥାଏ। ଏହି ପୁରସ୍କାର ପାରାଦୀପ ବନ୍ଦରକୁ ମିଳିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କଠିନ ପରିଶ୍ରମର ଫଳ ପାରାଦୀପ ବନ୍ଦରକୁ ମିଳିଛି ବୋଲି କହିଛନ୍ତି। ପାରାଦୀପ ବନ୍ଦରକୁ ଏହା ଏକ ପ୍ରେରଣା ବୋଲି କହିଛନ୍ତି। ଆଗାମୀ ଦିନରେ ଆମେ ଏଭଳି କାର୍ଯ୍ୟଧାରାକୁ ବଜାୟ ରଖିବୁ ବୋଲି କହିଛନ୍ତି।



## ମଦ ଜବତ, ବ୍ୟବସାୟୀ ଗିରଫ

**ପାରାଦୀପ, ୨।୮ (ସମିସ) :** ପାରାଦୀପଗଡ଼ ଗେଟ୍ ବଜାରରେ ଲକ୍ ଥାନା ପୁଲିସ ଚଢ଼ଉ କରି ଜଣେ ଚୋରାମଦ ବ୍ୟବସାୟୀକୁ ଗିରଫ କରିଛି। ଗିରଫ ଯୁବକ ନିମିଡି ଗ୍ରାମର କୈଳାସ ସାହୁଙ୍କ ପୁଅ ସଂଗ୍ରାମ ସାହୁ (୩୧) ବୋଲି ଜଣାପଡ଼ିଛି। ତା' ନିକଟରୁ ୨୩ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି ପୁଲିସ। ଯୁବକ ଜଣକ ଏଭଳି ଚୋରାମଦ ବ୍ୟବସାୟ ରୀତିମତ କରୁଥିବାବେଳେ ପୂର୍ବରୁ ମଧ୍ୟ ପୁଲିସ ଦ୍ୱାରା ଧରାପଡ଼ିଛି। ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ଦଣ୍ଡାସାହିରେ ଆଉ ୪ ଜଣ୍ଡିସ ରୋଗୀ ଚିହ୍ନଟ

**ଜଗତସିଂହପୁର, ୨।୮ (ସମିସ):** ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ଅନ୍ତର୍ଗତ ପୂରଣ ପଞ୍ଚାୟତ ଦଣ୍ଡାସାହି ଗ୍ରାମରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ପ୍ରଥମ ଦିନ ୧୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୭ ଜଣଙ୍କର ଜଣ୍ଡିସ ବାହାରିଥିଲା। ସେହିପରି ଦ୍ୱିତୀୟ ଦିନରେ ୧୧ ରକ୍ତ ନମୁନାରୁ ଜଣଙ୍କର ଓ ୩ୟ ଦିନରେ ୧୦ ରକ୍ତ ନମୁନାରୁ ୪ ଜଣଙ୍କର ଜଣ୍ଡିସ ଚିହ୍ନଟ କରାଯାଇଛି। ମୋଟ ୩୩ ରକ୍ତ ନମୁନାରୁ ଅଦ୍ୟାବଧି ୧୨ ଜଣଙ୍କର ଜଣ୍ଡିସ ଚିହ୍ନଟ ହୋଇଥିବାବେଳେ ସମସ୍ତେ ସୁସ୍ଥ ଥିବା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶତ୍ରୁଘ୍ନ ଦାସ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଡା. ଦାସ କହିଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ରମାକାନ୍ତ ଭୋଇ, ବିରିଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର ଓ ସ୍ଥାନୀୟ ବିଡ଼ିଓ ଦଣ୍ଡାସାହିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୂଷିତ ପାଣି ଓ ଖାଦ୍ୟର ପ୍ରଭାବରେ ଜଣ୍ଡିସ ବ୍ୟାପିଥିବା ଆକଳନ ପରେ ଉକ୍ତ ଗ୍ରାମର ସମସ୍ତ କୂଅ ଓ ନଳକୂପକୁ ବିଶୋଧନ କରାଯାଇଛି।



**ମହିଳା ସଂଯୋଜିକାଙ୍କୁ ଅସଦାଚରଣ**

## ସିଡବ୍ଲ୍ୟୁସି ସଦସ୍ୟ ଗିରଫ

**ଜଗତସିଂହପୁର, ୨।୮ (ସମିସ):** ଜଗତସିଂହପୁର ଜିଲ୍ଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ର ସଦସ୍ୟ ବିବେକାନନ୍ଦ ବଳଙ୍କୁ ଗିରଫ କରାଯାଇଛି। ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ରୁଚିକା ସମାଜ ମଙ୍ଗଳ ସଂଗଠନର ମହିଳା କୋଡ଼ିନେଟରଙ୍କୁ ଅସଦାଚରଣ ଅଭିଯୋଗରେ ପୁଲିସ ଶ୍ରୀ ବଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶ୍ରୀ ବଳ ଗତ ଫେବୃଆରୀ ମାସରୁ ସମ୍ପୃକ୍ତ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିବା ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିଥିଲେ ପୀଡ଼ିତା। ଜଗତସିଂହପୁର ଜିଲ୍ଲାରେ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ରୁଚିକା ସମାଜ ମଙ୍ଗଳ ସଂଗଠନ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନର ଜିଲ୍ଲା କୋଡ଼ିନେଟର ଭାବେ ସମ୍ପୃକ୍ତ ଯୁବତୀ କାର୍ଯ୍ୟ କରିଆସୁଥିଲେ। ଗତ ଫେବୃଆରୀ ମାସରୁ ସେହି କାର୍ଯ୍ୟାଳୟରେ କାର୍ଯ୍ୟରତ ସଭ୍ୟ ବିବେକାନନ୍ଦ ବଳ ଅଶାଳୀନ ବ୍ୟବହାର ସହିତ ପୀଡ଼ିତାଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିଲେ। ପୀଡ଼ିତା ଏ ସମ୍ପର୍କରେ ରୁଚିକା ସମାଜ ମଙ୍ଗଳ ସଂଗଠନ ଅଧିକାରୀଙ୍କୁ ଜଣାଇଥିଲେ। ସଂଗଠନ କର୍ମକର୍ତ୍ତାଙ୍କ ସହ ପୀଡ଼ିତା ଯୁବତୀ ଜଗତସିଂହପୁର ଥାନାରେ ଅଭିଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ପିଏମ୍ କିଷାନର କିସ୍ତି ବଣ୍ଟନ ଓ କିଷାନ ସମ୍ମାନ ସମାରୋହ

# ଜିଲ୍ଲାର ୧,୨୧,୨୫୪ ଚାଷୀ ଲାଭାନ୍ୱିତ

ଜଗତସିଂହପୁର, ୨।୮ (ସମିସ)



ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ବାରଣାସୀଠାରେ ଆୟୋଜିତ ପିଏମ କିଷାନ ସମ୍ମାନ ନିଧି ପାଳନ ସମାରୋହରେ ଦେଶର ୯ କୋଟି ୭୦ ଲକ୍ଷରୁ ଅଧିକ ଚାଷୀଙ୍କୁ ୨୦ ହଜାର ୫୦୦କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏ ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କିଷାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ଓ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ଜଗତସିଂହପୁର ଜିଲ୍ଲାକୁ ବରପୁତ୍ରଙ୍କ ମାଟି ତଥା ରାଜନୈତିକ, ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧିର ପୃଷ୍ଠପୋଷକ ବୋଲି ସମ୍ବୋଧନ କରିଥିଲେ। ଜିଲ୍ଲାର ବିକାଶ କୃଷକଙ୍କ ବିକାଶରେ ସମ୍ଭବ। ଯାହା ଏକ ବିକଶିତ ରାଷ୍ଟ୍ର ଗଠନରେ ସହାୟକ ବୋଲି ସେ କହିଥିଲେ। ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେବା ସହ ସେମାନଙ୍କର ଗୁଣାତ୍ମକ ବିକାଶ ଦିଗକୁ ପ୍ରୋତ୍ସାହନ ଦେବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ଜିଲ୍ଲାରେ ମାଛଚାଷ କିପରି ଭାବେ ବୃଦ୍ଧି ପାଇବ, ବନ୍ଦର, ପର୍ଯ୍ୟଟନ ସ୍ଥଳୀ, ଶିଳ୍ପର ବିକାଶ ସାଧନ କରିବା ନିମନ୍ତେ ମନ୍ତ୍ରୀ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ କୃଷକ ସମାଜର ଉନ୍ନତି ହେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଦ୍ୱିଗୁଣିତ ହେବ ବୋଲି କହିଥିଲେ। ଏତଦବ୍ୟତୀତ ବିଧାୟକ ଦାସ ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମର ଉନ୍ନତୀକରଣ ନିମନ୍ତେ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ଅବସରରେ ଉପସ୍ଥିତ ସମସ୍ତ ଅତିଥି ଓ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ବାରଣାସୀଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଜଗତସିଂହପୁର ଜିଲ୍ଲାର ୧, ୨୧, ୨୫୪ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆଜି ପ୍ରତ୍ୟେକ ୨୦୦୦ ଟଙ୍କା ଲେଖାଏଁ ହସ୍ତାନ୍ତର ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୃଷକଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପିଏମ କିଷାନ ଯୋଜନା ଏକ କଲ୍ୟାଣକାରୀ ଯୋଜନା। ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବେ ବର୍ଷକୁ ୬୦୦୦ ଟଙ୍କା ତିନୋଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଜିଲ୍ଲା ଅଧିକାରୀ, ତିର୍ତ୍ତୋଲ ବ୍ଲକ କୃଷି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ବହୁ ଉଦୀୟମାନ ଯୁବ କ୍ରୀଡାବିତ୍ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିଦର୍ଶନ କରିଥିଲେ।

## ସାମ୍ବାଦିକ ପ୍ରଭାକର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ବାଲିକୁଦା, ୨।୮ (ସମିସ):** ବାଲିକୁଦା ବ୍ଲକର ପ୍ରଥମ ସାମ୍ବାଦିକ ପ୍ରଭାକର ଦାସଙ୍କ ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ କୃଷ୍ଣଦାସପୁର ପଞ୍ଚାୟତ ଖାଙ୍କରପୁରସ୍ଥ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନଜୀବୀ ଡଃ ବୀରନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ପଦ୍ମଚରଣ ସ୍ୱାଇଁ, ରଞ୍ଜନ ମହାନ୍ତି, ବାବନ ସ୍ୱାଇଁ, ରଞ୍ଜିତ ଦାସ, ସୁରେଶ ଚୌଧୁରୀ, ଶଙ୍କର ନନ୍ଦ, ଶଙ୍କର ମହାରଣା, ସୁରେନ୍ଦ୍ର ସାହୁ, ପବିତ୍ର ମୋହନ ସାହୁ, ସାମ୍ବାଦିକ ତୀର୍ଥବାସୀ ଦାସ, ବିଧାନ ରାଉଳ, ପରେଶ ଦାସ, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରାକେଶ ଦାସ, ରାଜେଶ ଦାସ, ପ୍ରତ୍ୟୁଷ ଦାସ, ବିଶାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ

# ଶିକ୍ଷକ ବଦଳିରେ ଅନିୟମିତତା; ତେଜୁଛି ଅସନ୍ତୋଷ

**ବାରିପଦା, ୨।୮ (ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗରେ ଶିକ୍ଷକ ବଦଳି ନିୟମକୁ ଅଣଦେଖା କରାଯାଉଛି। ଫଳରେ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବାରେ ଲାଗିଛି। ବିଭାଗୀୟ ନିୟମକୁ ଅଣଦେଖା କରାଯାଇ ଦୁର୍ଗମ ଅଞ୍ଚଳ ତଥା ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଅଞ୍ଚଳ ସ୍କୁଲର ଶିକ୍ଷକଙ୍କୁ ବଦଳି କରାଯାଇ ବାରିପଦା ସହର ନିକଟ ଅଞ୍ଚଳରେ ଥଇଥାନ କରାଯାଉଛି। ରେସନାଲାଇଜେସନ ନିୟମକୁ ଅଣଦେଖା କରାଯାଇ ମୋଟା ଅଙ୍କର ଅର୍ଥ କାରବାର ମାଧ୍ୟମରେ ଶିକ୍ଷକଙ୍କୁ ବଦଳି କରାଯାଉଛି। ଫଳରେ ଉଭୟ ଉପଖଣ୍ଡ ଅଞ୍ଚଳରେ ଶିକ୍ଷକ ଅଭାବ ପରିଲକ୍ଷିତ ହୋଇଛି। ଏପରିକି ଆବଶ୍ୟକ ଅନୁପାତଠାରୁ ଢେର କମ ଶିକ୍ଷକ ରହୁଛନ୍ତି। ଏପରି ଅବ୍ୟବସ୍ଥାକୁ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅଧୀନରେ ୫୪ଟି ଉଚ୍ଚ ବିଦ୍ୟାଳୟ, ୭୫ଟି ଆଶ୍ରମ ବିଦ୍ୟାଳୟ ରହିଥିବା ବେଳେ ୨୭୦ଟି ହଷ୍ଟେଲ ପରିଚାଳିତ ହେଉଛି। ଉକ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ଅନୁପାତରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ନିୟମ ରହିଛି। ତେବେ ପ୍ରଥମେ ଜୁନରେ ୧୪୭, ପରେ ଜୁଲାଇ ୨୦୨୫ରେ ମୋଟ ୬୨ଜଣଙ୍କୁ ମିଶାଇ ମୋଟ ୨୦୯ ଶିକ୍ଷକଙ୍କ ବଦଳି କରାଯାଇଛି। ଫଳରେ ଉପରୋକ୍ତ ଦୁଇ ଉପଖଣ୍ଡ ଅଞ୍ଚଳର ବିଭାଗୀୟ ସ୍କୁଲ ଗୁଡ଼ିକରେ ଶିକ୍ଷକ ଅଭାବ ପାଇଁ ପାଠପଢ଼ା ପ୍ରହସନ ପାଲଟିଛି। ଉଦାହରଣ ସ୍ୱରୂପ ଗୋରୁମହିଷାଣୀ ବ୍ଲକ କୁକୁଡ଼ିମୁଣ୍ଡି ଆଶ୍ରମ ବିଦ୍ୟାଳୟର ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୩୦୯ ଛାତ୍ରଛାତ୍ରୀଙ୍କ ପାଇଁ ୮ଜଣଙ୍କ ସ୍ଥାନରେ ୪ଜଣ ଶିକ୍ଷକ ରହିଛନ୍ତି। ବିଶୋଇ ବ୍ଲକ ଧାତିକିଡିହୀ ଆଶ୍ରମ ବିଦ୍ୟାଳୟର ୧ମରୁ ୮ମ ଶ୍ରେଣୀରେ ୧୭୫ ଛାତ୍ରଛାତ୍ରୀଙ୍କ ପାଇଁ ୩ଜଣ, ନୋବଲ ମେଟା ପୋଖରିଆ ସ୍କୁଲରେ ୩୫୨ ଛାତ୍ରଛାତ୍ରୀଙ୍କ ପାଇଁ ୧୦ଜଣଙ୍କ ପରିବର୍ତ୍ତେ ୫ଜଣ, ଚାରୁପାଣି ଆଶ୍ରମ ସ୍କୁଲରେ ୪୧୦ଙ୍କ ପାଇଁ ୧୨ଜଣଙ୍କ ସ୍ଥାନରେ ୫ଜଣ ରହିଛନ୍ତି। ସେହିପରି ଶୁକ୍ଳି ବ୍ଲକ ରାଉତାଳୀପାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ୫୪୦ ଜଣ ପିଲାଙ୍କ ପାଇଁ ମାତ୍ର ୩ ଜଣ ପଢ଼ାଉଛନ୍ତି। କରଞ୍ଜିଆ ବ୍ଲକ ଚମକପୁର ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ୩୭୫ ପିଲାଙ୍କ ପାଇଁ ୬ଜଣ, ସାତକୋଶିଆ ଆଶ୍ରମ ସ୍କୁଲରେ ୩୭୦ ପିଲାଙ୍କ ପାଇଁ ୫ଜଣ, ବୋଙ୍ଗି ଆଶ୍ରମ ବିଦ୍ୟାଳୟରେ ୩୪୦ ପିଲାଙ୍କ ପାଇଁ ୩ଜଣ, ନୋଦା ଆଶ୍ରମ ବିଦ୍ୟାଳୟରେ ୪୩୦ ପିଲାଙ୍କ ପାଇଁ ୬ଜଣ, ମୋତା ଆଶ୍ରମ ସ୍କୁଲରେ ୨୯୫ ପିଲାଙ୍କ ପାଇଁ ୪ଜଣ, ଟାଙ୍ଗିଆ ଆଶ୍ରମ ସ୍କୁଲରେ ୪୧୦ ପିଲାଙ୍କ ପାଇଁ ୫ଜଣ ରହିଛନ୍ତି। ମାତ୍ର ଶିକ୍ଷକ ବଦଳି ଯୋଗୁଁ ବାରିପଦା ଉପଖଣ୍ଡରେ ଥିବା ବଡ଼ସାହି ବ୍ଲକ ଯୋଗୀନୂଆଗାଁ ଆଶ୍ରମ ବିଦ୍ୟାଳୟରେ ୩୧୦ ପିଲାଙ୍କ ପାଇଁ ୧୦ ଜଣ, ଖଇରବଣୀ ଆଶ୍ରମ ବିଦ୍ୟାଳୟରେ ୩୪୫ ପିଲାଙ୍କ ପାଇଁ ୮ଜଣ, ଲାଲଗଞ୍ଜ ଆଶ୍ରମ ବିଦ୍ୟାଳୟରେ ପିଲା ସଂଖ୍ୟା ୨୭୦ପାଇଁ ୮ଜଣ ଶିକ୍ଷକ ରହିଛନ୍ତି। ପିଲାସଂଖ୍ୟା ଅଧିକ ଥିବା ଅଞ୍ଚଳରୁ ଶିକ୍ଷକ ବଦଳି କରାଯାଇଥିବାରୁ ରେଶୋନାଇଶନ ରୁଲରେ ବ୍ୟାପକ ଅନିୟମିତତା କରାଯାଇଛି। ବଦଳି କମିଟି ଡକାଯାଇ ସ୍କୁଲ ପିଲା ସଂଖ୍ୟାକୁ ଦୃଷ୍ଟିରେ ରଖି ଶିକ୍ଷକମାନଙ୍କୁ ନିଯୁକ୍ତି କିମ୍ବା ବଦଳି ପାଇଁ ସୁପାରିସ ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରାଯାଇଥାଏ। ମାତ୍ର କମିଟିରେ ବିଭାଗୀୟ ଜିଲା ଶିକ୍ଷାଧିକାରୀ ଓ ମଣ୍ଡଳ ଶିକ୍ଷା ଅଧିକାରୀ ପଦବୀ ଫାଙ୍କା ପଡ଼ିଥିବା ବେଳେ ଉଭୟ ଦାୟିତ୍ୱ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ (ପିଏ ଆଇଡିଏ)ଙ୍କ ଉପରେ ନ୍ୟସ୍ତ ରହିଛି। ଏହି କମିଟିରେ ୪ଟି ଉପଖଣ୍ଡର ପିଏଆଇଟିଡିଏ, ଡିଆଇ, ସିଆଇ, ଡିଡବ୍ଲୁଓ ଏବଂ ଅଧ୍ୟକ୍ଷ ଭାବେ ଅତିରିକ୍ତ ଜିଲ୍ଲାପାଳ ରହିଛନ୍ତି। ମାତ୍ର ଏମାନଙ୍କୁ ନେଇ କୌଣସି ବୈଠକ କରାଯାଇନାହିଁ। ଫଳରେ ରେସନାଲାଇଜେସନ ରୁଲକୁ ବାଟବଣା କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଏ-ୱାନ ଗ୍ରେଡରେ ଉତ୍ତୀର୍ଣ୍ଣ କରିବା ପାଇଁ ଉତମ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରୁଥିବା ବେଳେ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଏବଂ କଳା ଶିକ୍ଷକଙ୍କୁ ଆଣି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି କରାଯାଉଛି। ନିୟମାନୁଯାୟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେବା ପାଇଁ ଅନ୍ୟୁନ ଭାବେ ପ୍ରାଥମିକ ସ୍ତରରେ ୧୩ବର୍ଷର ଅଭିଜ୍ଞତା ରହିବା କଥା। ମାତ୍ର ଏହାକୁ ଅବମାନନା କରି କନିଷ୍ଠ ଶିକ୍ଷକମାନଙ୍କୁ ଆଣି ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯିବା କେଉଁ ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିବର୍ଷ ଦୁଇ ଥର ଡିପିସି ବସି ପଦୋନ୍ନତି ଦେବାର ନିୟମ ରହିଅଛି। ମାତ୍ର ସରକାରଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ମୟୂରଭଞ୍ଜରେ ଆଜକୁ ତିନି ବର୍ଷ ଧରି କୌଣସି ପଦୋନ୍ନତି ପ୍ରତି ଅଣଦେଖା କରାଯାଇଛି। ଯାହା ଦ୍ୱାରା ମନ୍ଦ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବରିଷ୍ଠ ଶିକ୍ଷକ ଥାଉ ଥାଉ କନିଷ୍ଠ ବର୍ଗର ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ନ୍ୟସ୍ତ କରାଯାଉଛି। ତେବେ ଏଭଳି ଅବ୍ୟବସ୍ଥାକୁ ନେଇ ସୁଧାର ଆଣିବା ସହିତ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି। ଏ ସମ୍ପର୍କରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ କମିଟି ପକ୍ଷରୁ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ ପରେ କାର୍ଯ୍ୟକାରୀ କରାଯାଇଛି। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ କହନ୍ତି, ସମାନତା ଅନୁସାରେ ବଦଳି ହୋଇଥିଲା; ମାତ୍ର ନିଜର ବିଭିନ୍ନ ଯୁକ୍ତିଯୁକ୍ତ ଅଭିଯୋଗ ଦର୍ଶାଇ ନିର୍ବାଚିତ ପ୍ରତିନିଧିଙ୍କ ସୁପାରିସ ଓ ମେଡିକାଲ ଗ୍ରାଉଣ୍ଡରେ କିଛି ଶିକ୍ଷକ/ଶିକ୍ଷୟିତ୍ରୀ ଦୂର ଅଞ୍ଚଳ ସ୍କୁଲକୁ ଯାଇନାହାନ୍ତି। ନିକଟରେ ୧୭୦ଜଣ ନୂତନ ଶିକ୍ଷକ ନିଯୁକ୍ତ ହେଲେ ସେହି ସମସ୍ତ ସ୍କୁଲରେ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି।

- ପିଲାଙ୍କ ଅନୁପାତରେ ନାହାନ୍ତି ଶିକ୍ଷକ
- ବାରିପଦା ଆଖପାଖ ସ୍କୁଲରେ ହାଉଯାଉ; ଦୁର୍ଗମ ଅଞ୍ଚଳରେ ଖାଲି

## ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବିକ୍ଷୋଭ



**ରାଇରଙ୍ଗପୁର, ୨।୮ (ସମିସ):** ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି (ଓଷ୍ଟା), ରାଇରଙ୍ଗପୁର ଶାଖା ପକ୍ଷରୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ଶନିବାର ବିକ୍ଷୋଭ କରାଯାଇଥିଲା। ପରେ ଶିକ୍ଷକମାନେ ବିଇଓଙ୍କ ଜରିଆରେ ୬ ଦଫା ଦାବିନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର୍ ନେଇଥିବା ଏବଂ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷ ବୃଦ୍ଧି, ଗ୍ରେଡ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ନୂତନ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀ କରଣ ଏବଂ ଶିକ୍ଷକ ନିଯୁକ୍ତି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ ଟି ନ୍ୟାସନାଲ୍ ଇନକ୍ରିମେଣ୍ଟ ସହିତ ଗରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମର ପୁନଃ ପ୍ରଚଳନ ଆଦି ଦାବି ରହିଛି। ଦାବିପତ୍ର ସମୟରେ ମୟୂରଭଞ୍ଜ -୨ର ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା, ଅନିଲ ମହାନ୍ତ, ସୁବାସ ମହାନ୍ତ, ମୀନାକ୍ଷୀ ମହାନ୍ତ, ସପନ ମହାନ୍ତ, ରଣଜିତ କୁମ୍ଭକାର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ କୁଇଜ୍ ପ୍ରତିଯୋଗିତା



**ବାରିପଦା, ୨।୮ (ସମିସ):** ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାହିତ୍ୟ ପରିଷଦ ସଦସ୍ୟ ବିଶିଷ୍ଟ ଗାଳ୍ପିକ ଧନେଶ୍ୱର ପଣ୍ଡାଙ୍କ ଦିବଂଗତ ଅମର ଆମବାର ସଦଗତି ନିମନ୍ତେ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ସମ୍ପାଦକ ଇଂ. ମନୋଜ ଦଳବେହେରା, ଉପସଭାପତି ଜୟନ୍ତ କୁମାରୀ ଦ୍ୱାରୀ, ପୂର୍ବତନ ସଭାପତି ଅଜିତ କୁମାର କବାଟ, ପୂର୍ବତନ ଉପସଭାପତି ବୀଣାପାଣି ପଣ୍ଡା ଓ ବରିଷ୍ଠ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର, ଡ. ଶଶିଧର ବିଶ୍ୱାଳ, ନରସିଂହ ବାରିକ, ବାସନ୍ତିଲତା ମହାପାତ୍ର, ଭାଗବତ ପଣ୍ଡା, ଶୈଳେନ୍ଦ୍ର ନାରାୟଣ ଜ୍ୟୋତିଷୀ, ଭାସ୍ୱତୀ ପଣ୍ଡା, ଏବଂ ମିତାରାଣୀ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ଆଦର୍ଶ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀ ସ୍ମିତି ଟିପିରିଆ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳର ଅଷ୍ଟମ ଶ୍ରେଣୀ ଛାତ୍ରୀ ତୃପ୍ତିମୟୀ ବିଶ୍ୱାଳ ଏବଂ ମହାରାଣୀ ତକତକୁମାରୀ ସରକାରୀ ଉପ୍ରା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱାତୀ ରଣା ଯୁଗ୍ମ ଦ୍ୱିତୀୟ ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରାର ନବମ ଶ୍ରେଣୀ ଛାତ୍ର ଆୟୁଷ ସାମଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଗାମୀ ଅଗଷ୍ଟ ୧୫ ତାରିଖରେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସ ପାଳନ ଶୁଭାବସରରେ ଏହି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ମା' ତୁଳସୀ ଫାଉଣ୍ଡେସନର ବାର୍ଷିକ ପ୍ରତିଷ୍ଠା ଦିବସ

**ବାରିପଦା, ୨।୮ (ସମିସ):** ଷ୍ଟେସନ ବଜାର ସ୍ଥିତ ମା' ତୁଳସୀ ଫାଇଣ୍ଡେସନର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ଦୁଇଦିନ ଧରି ପାଳିତ ହୋଇଯାଇଛି। ମହିଳାଙ୍କ ଦ୍ୱାରା ଗଠିତ ଏହି ସେବାସଂସ୍ଥା ନିଆରା ଢଙ୍ଗରେ ପ୍ରତିଷ୍ଠା ଦିବସ ପାଳନ କରିଛି। ଫାଉଣ୍ଡେସନର ପ୍ରତିଷ୍ଠାତା ରଞ୍ଜିତା ଦଳେଇଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ଡିଡିଆରସିକୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦିବ୍ୟାଙ୍ଗ ଓ ତାଙ୍କ ପରିଜନଙ୍କୁ ଫାଉଣ୍ଡେସନ ତରଫରୁ ଶୁଖିଲାଖାଦ୍ୟ, ପିଇବାପାଣି ଏବଂ ଓଆରଏସ ବଣ୍ଟନ କରାଯାଇଥିଲା। ଲାଲପାଟ ସାଲପାଟ ଦେବୀ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଚାରାଗଛ ରୋପଣ କରାଯାଇଥିଲା। ସେହିପରି ଅମ୍ବିକା ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶନି ମନ୍ଦିରରେ ବସିଥିବା ଦୁଃଖିଜନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ବନ୍ଦିତା ସାହୁ, ନିଭା ସାହୁ, ଭାରତୀ ମହାନ୍ତ, ସଞ୍ଜୁଲତା ସାହୁ, ଶୁଚିସ୍ମିତା ମିଶ୍ର, ବିକାଶ ସାହା, ଚନ୍ଦନା ବେହେରା ପ୍ରମୁଖ ସହଯୋଗ କରିଥିଲେ।




## ସରକାରୀ କଟକଣାକୁ ବେଖାତିର

# ଦୋକାନରେ ପ୍ଲାଷ୍ଟିକ୍ ବୋତଲରେ ମିଳୁଛି ପେଟ୍ରୋଲ

**ବାରିପଦା, ୨।୮ (ସମିସ):** ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ରାଜ୍ୟ ସରକାର ପ୍ଲାଷ୍ଟିକ ବୋତଲରେ ଦୋକାନରେ ପେଟ୍ରୋଲ ମିଳିବ ନାହିଁ ବୋଲି ଘୋଷଣା କରିଲେ; କିନ୍ତୁ ଏହି କଟକଣାକୁ କେହି ମାନୁ ନ ଥିବା ପରି ଜଣାପଡ଼ିଛି। ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ଥିବା ଦୋକାନରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଉପଲବ୍ଧ ହେଉଛି; ଯାହାକି ସରକାରୀ କଟକଣାକୁ କେହି ମାନୁନାହାନ୍ତି। ରାଜ୍ୟ ସରକାର କୌଣସି ପମ୍ପରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କିମ୍ବା ଡିଜେଲ ଦିଆଯିବ ନାହିଁ ବୋଲି ନିୟମ କରିଛନ୍ତି। ତାହା ପ୍ରାୟତଃ ସହରାଞ୍ଚଳ ପେଟ୍ରୋଲ ପମ୍ପରେ ପାଳନ କରାଯାଉଛି। କିନ୍ତୁ ଯେଉଁ ଦୋକାନୀମାନେ ପ୍ଲାଷ୍ଟିକ ବୋତଲରେ ଖୁଚୁରାରେ ପେଟ୍ରୋଲ ବିକ୍ରି କରୁଥିଲେ, ସେମାନଙ୍କ ବେପାର ଜାରି ରହିଛି। ବାରିପଦା ସହର ଓ ଆଖପାଖ ଅଞ୍ଚଳର ଲକ୍ଷ୍ମୀପୋଷି, ତକତପୁର, ତୁଳସୀଚୌରା, କ୍ଷେତ୍ରପାଟଣା, ଦାମୋଦରପୁର ଓ ଚିପଟ



ଅଷ୍ଟିଆ ଆଦି ସ୍ଥାନରେ ଥିବା ତେଜରାତି ଓ ପାନ ଦୋକାନରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଉପଲବ୍ଧ ରହୁଛି। ଜନ ଗହଳି ନଥିବା ସମୟରେ ପେଟ୍ରୋଲ ପମ୍ପରୁ ବଡ଼ ବୋତଲରେ ତେଲ ଆଣି ପ୍ଲାଷ୍ଟିକ ବୋତଲରେ ଭାଗ କରି ବିକ୍ରି କରୁଛନ୍ତି। ପୂର୍ବ ଅପେକ୍ଷା ଅଧିକ ଚଢ଼ାଦରରେ ବିକ୍ରି ହେଉଛି। ଆବଶ୍ୟକ ସ୍ଥଳେ ଲୋକେ ବାଧ୍ୟ ହୋଇ ଅଧିକ ଟଙ୍କା ଦେଇ ପେଟ୍ରୋଲ କିଣୁଛନ୍ତି। ସରକାର ନିୟମ କରିଛନ୍ତି; କିନ୍ତୁ ତାହାକୁ କିପରି କାର୍ଯ୍ୟକାରୀ କରାଯିବ ସେ ବାବଦରେ କୌଣସି ପଦକ୍ଷେପ କିମ ଚଢଉ କରୁନାହାନ୍ତି। ଯାହାକୁ ନେଇ ସରକାରୀ କଟକଣାକୁ ବେଖାତିର କରି ପୂର୍ବ ପରି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି ହେଉଛି। କେବଳ ବାରିପଦା ନୁହେଁ, ଜିଲ୍ଲାବ୍ୟାପୀ ଗ୍ରାମାଞ୍ଚଳରେ ମିଳୁଛି। ଆଜି ମଧ୍ୟ ରରୁଆଁ ଥାନା ଅଞ୍ଚଳରେ ଆତ୍ମାହୁତି ଘଟଣା ସମ୍ମୁଖକୁ ଆସିଛି। ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାରରେ ରାଜ୍ୟ ସରକାର ପୂର୍ବରୁ କଟକଣା ଜାରି କରିଛନ୍ତି। ତାହାକୁ ମଧ୍ୟ ଧଜିଆ ଉଡାଇ ନିୟମକୁ ଫୁ କରି ବେପାର ହେଉଛି। ଯାହାକୁ ରୋକିବାରେ ପ୍ରଶାସନିକ ସ୍ତରରେ ବିଫଳ ହୋଇଛନ୍ତି।

## ପିଏମ୍ କିଷାନ ସମ୍ମାନ ନିଧିର ୨୦ତମ କିସ୍ତି ହସ୍ତାନ୍ତର

# ଉପକୃତ ହେଲେ ୨.୪୨ ଲକ୍ଷ ଚାଷୀ



**ବାରିପଦା, ୨।୮ (ସମିସ):** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୬ ବର୍ଷ ପୂର୍ତ୍ତି ଅବସରରେ ଶନିବାର ଉତ୍ତର ପ୍ରଦେଶର ବାରଣାସୀରୁ ଆୟୋଜିତ ଏକ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ପିଏମ କିଷାନ ଯୋଜନାର ୨୦ତମ କିସ୍ତିକୁ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଆଭାସୀ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କୃଷକ କଲ୍ୟାଣ ଯୋଜନା ଯାହାକି କୃଷକଙ୍କ ଅର୍ଥନୈତିକ ଉନ୍ନତି ନିମିତ୍ତ ୬ବର୍ଷ ପୂର୍ବେ ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦ୍ୱାରା ଆରମ୍ଭ କରାଯାଇଥିଲା। ଚାଷୀଙ୍କୁ ଗୋଟିଏ ବର୍ଷରେ ୩ଟି କିସ୍ତିରେ ୨୦୦୦ ହଜାର ଟଙ୍କା ଲେଖାଏଁ ମୋଟ ୬୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଏହି ଅବସରରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନେକ୍ସ ହଲରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ। ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଏହି ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମୟୂରଭଞ୍ଜ ଜିଲ୍ଲାର ୨, ୪୨, ୧୧୫ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆଜି ୪୮, ୪୨, ୩୦, ୦୦୦ ଟଙ୍କା ହସ୍ତାନ୍ତର ହୋଇଛି। ଚାଷୀମାନେ ଏହି ସହାୟତା ରାଶିକୁ ଉପଯୋଗ କରି ଚାଷ କାର୍ଯ୍ୟ ସମୟରେ ସମ୍ମୁଖୀନ ହେଉଥିବା ଆର୍ଥିକ ଅସୁବିଧାକୁ ଦୂର କରିବେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦୀପକ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳା ଏବଂ କାର୍ଯ୍ୟାଳୟର ତୁଷାର କାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ସରୋଜ ଦାସ, ରାଜାରାମ ସାହୁ ଓ ଭାଗ୍ୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବାରିପଦା, ୨।୮ (ସମିସ):** ରଙ୍ଗାମାଟିଆ ଛକ ନିକଟରେ ଶନିବାର ଏକ ଅଜଣା ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବେତନଟୀ ଥାନା ଅନ୍ତର୍ଗତ ଜାମଦାପାଳ ଅଞ୍ଚଳର କୁନା ସୋରେନ(୩୦)। ସେ ସାଙ୍ଗର ବିବାହରେ ଯୋଗ ଦେବାକୁ ରଙ୍ଗାମାଟିଆ ଯାଇଥିଲେ। ସେଠାରୁ ଘରକୁ ଫେରିବା ସମୟରେ ଏକ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରର ଅଭିଯୋଗକ୍ରମେ ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି।

## ଶ୍ରୀ ସତ୍ୟସାଇ ବାଳବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ



**ବାରିପଦା, ୨।୮ (ସମିସ):** ଶ୍ରୀ ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ସାଇଶାନ୍ତି ବିଦ୍ୟାନିକେତନ ଠାରେ ବାଳବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ନିକେତନର ଅଧ୍ୟକ୍ଷା ଚନ୍ଦନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଭାବକ/ଅଭିଭାବିକାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ଜିଲ୍ଲା ଶିକ୍ଷା ସଂଯୋଜକ/ସଂଯୋଜିକା ତାପସ ରଞ୍ଜନ ମହାପାତ୍ର, ମିନାକ୍ଷୀ ମହାପାତ୍ର, ଆବାହକ ମାନସ ରଞ୍ଜନ ମହାପାତ୍ର, ସମିତିର ଆଧ୍ୟାତ୍ମିକ ସଂଯୋଜିକା ସୁଜାତା ବେହେରା ଏବଂ ବାଳବିକାଶ ଗୁରୁ ସାଇସ୍ମୃତି ବେହେରା ଅଂଶଗ୍ରହଣ କରିଥିଲେ। ବୈଠକରେ ବାଳବିକାଶ କାର୍ଯ୍ୟକ୍ରମ ପ୍ରତ୍ୟେକ ଶନିବାର ଆୟୋଜିତ କରିବା ପାଇଁ ସ୍ଥିର କରାଗଲା। ବାଳବିକାଶର ଗୁରୁମା'ଭାବେ ଜିଲ୍ଲା ଭଜନ ଟ୍ରେନିଂ ନିର୍ବାହୀକା ପ୍ରୀତିମୟୀ ଜେନାଙ୍କୁ ଦାୟିତ୍ୱ ଦିଆଗଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାନିକେତନର ଶିକ୍ଷୟିତ୍ରୀ ପଦ୍ମିନୀ ଭଞ୍ଜ, ସୁଜାତା ଦାସ, ଛନ୍ଦାରାଣୀ ତ୍ରିପାଠୀ, ଭାଗ୍ୟଶ୍ରୀ ପାତ୍ର, ପୂର୍ଣ୍ଣିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଡ୍‌ଭାନ୍ସ ପୋଷ୍ଟାଲ ଟେକ୍ନୋଲୋଜି ୨.୦ ପାଇଁ ବନ୍ଦ ରହିଲା ଡାକସେବା

**ବାରିପଦା, ୨।୮ (ସମିସ):** ଡାକ ବିଭାଗ ଗ୍ରାହକଙ୍କୁ ଅଧିକ ସୁବିଧା ଓ ଉତ୍କୃଷ୍ଟ ମାନର ତ୍ୱରିତ ସେବା ପ୍ରଦାନ ନିମନ୍ତେ ମୟୂରଭଞ୍ଜ ଡାକ ମଣ୍ଡଳ ଅଧୀନ ସମସ୍ତ ଡାକଘରେ ଏପିଟି (ଆଡ଼ଭାନ୍ସ ପୋଷ୍ଟାଲ ଟେକ୍ନୋଲୋଜି ) ୨.୦ ଲାଗୁ ହୋଇଛି। ଏଣୁ ଶନିବାର ମୟୂରଭଞ୍ଜ ଡାକ ମଣ୍ଡଳ ଅଧୀନସ୍ଥ ବାରିପଦା ମୁଖ୍ୟ ଡାକ ଘର ସମେତ ସମସ୍ତ ଉପଡ଼ାକ ଘର ତଥା ଶାଖା ଡାକଘରେ ଦୈନନ୍ଦିନ ସେବା ବନ୍ଦ ରହିଥିଲା। ମୟୂରଭଞ୍ଜ ଡାକ ମଣ୍ଡଳ ଅଧୀକ୍ଷକ ଜଗଦୀଶ ଦାଶ ସମସ୍ତ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ଦୁଷ୍କର୍ମ ଅଭିଯୁକ୍ତ କୋର୍ଟଚାଲାଣ

**ମହୁଲଡିହା, ୨।୮ (ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ କେଶଡିହା ଗ୍ରାମପଞ୍ଚାୟତର ଏକ ଗ୍ରାମରେ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀକୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପାଟୋ କାୟମ (୩୦)। ନାବାଳିକାଙ୍କ ଘରେ କେହି ନ ଥିବା ସମୟରେ ପାଟୋ ଗତ ୧୫ ଓ ୨୧ ତାରିଖରେ ଦୁଷ୍କର୍ମ କରିଥିବା ନେଇ ପୀଡିତା ନିଜ ବାପାକୁ ଜଣାଇଥିଲେ। ପରେ ସମାଧାନ ପାଇଁ ଗାଁରେ ଏକ ବୈଠକ ବସିଥିଲା। ଗାଁ ବୈଠକ ସଫଳ ନ ହେବାରୁ ଶୁକ୍ରବାର ମହୁଲଡିହା ଥାନାରେ ନାବାଳିକାର ବାପା ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ଆଇଆଇସି ଅରୁଣ କୁମାର ଟୁଡୁ ଘଟଣାର ତଦନ୍ତ କରି ପକ୍ସୋ ଆଇନ ବଳରେ ପାଟୋକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛନ୍ତି।

## ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ୫ ଡାକ୍ତରଙ୍କୁ ନେଇ ଚାଲିଛି ସେବା; ୧୧ ପଦ ଖାଲି

**ଠାକୁରମୁଣ୍ଡା, ୨।୮ (ସମିସ)**



ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେବ ବହୁ ଡାକ୍ତର ପଦବୀ ଖାଲି ରହିଛି। ଏଠାରେ ୧୬ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ୧୧ଟି ପଦ ଖାଲି ରହିଛି। ଫଳରେ ମାତ୍ର ୫ଟି ଡାକ୍ତରଙ୍କୁ ନେଇ ଚାଲିଛି ଏହି ଡାକ୍ତରଖାନା। ଏହାଛଡା ୩ଟି ବିଶେଷଜ୍ଞ ପଦବୀ ମଧ୍ୟ ଖାଲି ପଡ଼ିଛି। ଡାକ୍ତର ଏବଂ କର୍ମଚାରୀ ଅଭାବରୁ ଲୋକେ ଠିକ୍‌ରୂପେ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏହି ଡାକ୍ତରଖାନା ଉପରେ ବ୍ଲକର ୧୮ଟି ପଞ୍ଚାୟତ ଏବଂ ଆନନ୍ଦପୁର ବ୍ଲକ ୩ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସ-ରେ ମେସିନ, ଅଲଟ୍ରାସାଉଣ୍ଡ ମେସିନ ନଥିବା ବେଳେ ଦୁର୍ଘଟଣା ଜନିତ ସେବା ମିଳିପାରୁନାହିଁ। ସେହିପରି ଏହି କେନ୍ଦ୍ର ଅଧୀନରେ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି। ଦୀର୍ଘ ଦିନ ହେବ ମେଡିସିନ ସ୍ପେଶାଲିଷ୍ଟ ଓ ସର୍ଜିକାଲ ସ୍ପେଶାଲିଷ୍ଟ ପଦବୀ ଖାଲି ପଡ଼ିଛି। ସେହିପରି ୧୨ଟି ଏମବିବିଏସ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୪ ଜଣ ଅଛନ୍ତି। ସେହିପରି ୯ ଜଣ ଷ୍ଟାଫ ନର୍ସ ମଧ୍ୟରୁ ୩ ଜଣ ଅଛନ୍ତି। ସେହିପରି ପୁରୁଷ ସ୍ୱାସ୍ଥ୍ୟକର୍ମୀ ୩୪ ଜଣରୁ ୩ ଏବଂ ମହିଳା କର୍ମୀ ୩୬ଟି ପଦବୀ ଥିଲା ବେଳେ ୨୦ ଜଣ ଅଛନ୍ତି। ଏହି ଡାକ୍ତରଖାନାରେ ପ୍ରତ୍ୟେକ ମାସକୁ ୧୬୦ରୁ ୧୭୦ ମଧ୍ୟରେ ପ୍ରସୂତି ଶିଶୁ ଜନ୍ମ କରିଥାନ୍ତି। ମେଡ଼ିକାଲରେ ୧୬ଟି ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ମା' ଓ ଶିଶୁ ପାଇଁ ୩୦ଟି ଶଯ୍ୟା ରହିଛି। ବିଭିନ୍ନ ସମୟରେ ବହୁ ରୋଗୀ ଶଯ୍ୟା ନ ପାଇ ତଳେ ଗଡୁଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ନାଏକ ପ୍ରକାଶ କରିଥିଲେ। ହେଲେ ଆଜିଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ।



# ପ୍ରଧାନଶିକ୍ଷକଙ୍କ ବହିଷ୍କାର ପାଇଁ କାରଣ ଦର୍ଶାଅ ନୋଟିସ

ହାଟଡ଼ିହୀ,୨।୮ (ସମିସ):

ହାଟଡ଼ିହୀ ଶିକ୍ଷା ମଣ୍ଡଳ ଅଧୀନ ବ୍ରାହ୍ମଣୀକଳା ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ବହିଷ୍କାର ପାଇଁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ଦଶମ ଶ୍ରେଣୀ ଛାତ୍ରୀଙ୍କୁ ମନ୍ଦ ଉଦ୍ଦେଶ୍ୟରେ ଛୁଟିଦିନରେ ଟିଉସନ କରିବା ବାହାନାରେ ଏ-୧ରେ ପାସ କରାଇ ଦେବାର ପ୍ରଲୋଭନ ଦେଖାଇ ଅସଦାଚରଣ କରିଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଧାନଶିକ୍ଷକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୨ଦିନ ତଳେ ପ୍ରଧାନଶିକ୍ଷକ ଜାମିନରେ ଆସିଛନ୍ତି । ପ୍ରଧାନଶିକ୍ଷକଙ୍କୁ କାହିଁକି ବହିଷ୍କାର କରା ନଯିବ ସେଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ କମିଟିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଗତ ମେ ମାସ ୨୪ ତାରିଖରେ ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀକଳା ମା' ତାରିଣୀ ଠାକୁରାଣୀ ଉଚ୍ଚବିଦ୍ୟାଳୟର



ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ପାଣି ଦେବା ବାହାନାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗିରଥୀ କବି କାର୍ଯ୍ୟାଳୟକୁ ଡାକିଥିଲେ । ପରେ ଛାତ୍ରୀଙ୍କୁ ମାଟ୍ରିକ ପରୀକ୍ଷାରେ ଏ-ୱାନ୍ ଗ୍ରେଡ୍‌ରେ କୃତକାର୍ଯ୍ୟ କରାଇଦେବାର ପ୍ରଲୋଭନ ଦେଖାଇ ପ୍ରଧାନଶିକ୍ଷକ ଶ୍ରୀ କବି ଛାତ୍ରୀଙ୍କ ସହ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ନନ୍ଦିପଦା ପୁଲିସ୍ କେସ୍ ନଂ ୧୪୬/୨୦୨୫ରେ ଏକ ମାମଲା ରୁଜୁ କରିଛି । ଅଭିଯୁକ୍ତ ପ୍ରଧାନଶିକ୍ଷକ ଫେରାର ଥିବାବେଳେ ଦୀର୍ଘ ଦେଢ଼ ମାସ ପରେ ଗତ ଶନିବାର ନନ୍ଦିପଦା ପୁଲିସ୍ ଅଭିଯୁକ୍ତଙ୍କୁ ଯାଜପୁର ଟାଉନ୍ ଥାନାଞ୍ଚଳରୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଥିଲା । ଅପରପକ୍ଷରେ ଏହି ଘଟଣାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇ ପୀଡ଼ିତା ଛାତ୍ରୀଙ୍କ ଅଭିଯୋଗ ଓ ଥାନାରେ ଦିଆଯାଇଥିବା ଏତଲାକୁ ଭିତ୍ତି କରି ତଦନ୍ତ କରାଯାଇଥିଲା । କମିଟିର ସୁପାରିସକ୍ରମେ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରାଯିବା ସହ ତାଙ୍କୁ ଚାକିରିରୁ କାହିଁକି ବହିଷ୍କାର କରା ନଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶିକ୍ଷା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଥାଉକି, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ସରକାରୀ ଶିକ୍ଷକମାନଙ୍କୁ ଟିଉସନ୍ କରିବା ନିମନ୍ତେ ମନା କରାଯାଇଥିବାବେଳେ ବିଦ୍ୟାଳୟ ପରିସରରେ ଛୁଟି ଦିନରେ କୋଚିଂ ନିମନ୍ତେ ପ୍ରଧାନଶିକ୍ଷକଙ୍କୁ କିଏ ଅନୁମତି ଦେଇଥିଲା ତାହାର ମଧ୍ୟ ତଦନ୍ତ କରାଯିବା ଆବଶ୍ୟକ । ଏ ସମ୍ପର୍କରେ ବିଦ୍ୟାଳୟର ସଭାପତି ପରମାନନ୍ଦ ବେହେରା କହିଛନ୍ତି ଯେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ପାଇଛୁ, ସୋମବାର ନୋଟିସର ଉତ୍ତର ଦେବୁ ।

## ଏକକ ବ୍ୟବହାର ପ୍ଲାଷ୍ଟିକ୍‌କୁ ନା



ବେଲବାହାଲି,୨।୮ (ସମିସ): ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଅନ୍ତର୍ଗତ କାନପୁର ନନ୍ଦିନୀଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ଇକୋକ୍ଲବ ତରଫରୁ ଆସନ୍ତୁ ଆମର ପରିବେଶକୁ ସୁରକ୍ଷା ଦେବା ଏକକ ବ୍ୟବହାର ପ୍ଲାଷ୍ଟିକକୁ ନା କହିବା ସମେତ ସଚେତନତା ରାଲି, ପ୍ଲାଷ୍ଟିକର ବିକଳ୍ପ ପ୍ରକଳ୍ପ ପ୍ରଦର୍ଶନୀ ଓ ଛାତ୍ରଛାତ୍ରୀଙ୍କ ସମୂହ ଶପଥ ସଭା ଅନୁଷ୍ଠିତ ହୋଇଯାଇଛି । ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ଚକ୍ର, ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣି ଚକ୍ର, ପଞ୍ଚଶିକ୍ଷାସେତୁ ଅଭିଯାନର ସଭାପତି ବାବାଜୀ ଚରଣ ଜେନା ଯୋଗଦାନ କରିଥିଲେ । ପ୍ଲାଷ୍ଟିକର ବିକଳ୍ପ ପ୍ରକଳ୍ପ ପ୍ରଦର୍ଶନୀରେ ୬ଟି ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶିତ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନଶିକ୍ଷୟତ୍ରୀ ମୌସୁମୀ ରାଉତ, ଇକୋକ୍ଲବର ଇନଚାର୍ଜ ଶ୍ରଦ୍ଧାଞ୍ଜଳି ମିଶ୍ର, ସିଦ୍ଧାର୍ଥ ଶଙ୍କର ସାହୁ, ତୃପ୍ତିମୟୀ ରାଉତ, ସୁକନ୍ୟା ଲୋପାମୁଦ୍ରା ପହି, ସନ୍ତୋଷ ସାହୁ, ବିଜୟ ସାହୁ, ପଦ୍ମାବତୀ ଖଟୁଆ ସହଯୋଗ କରିଥିଲେ ।

## ଶବକୁ ଖଟିଆରେ ବୋହି ନଇ ପାରି କରାଇଲେ ଗ୍ରାମବାସୀ

ତେଲକୋଇ, ୨।୮ (ସମିସ): ସମାକୋଇ ନଦୀରେ ପୋଲ ନଥିବାରୁ ଗାଁକୁ ଯାଇପାରିଲାନି ମହାଯାତ୍ରା ଗାଡ଼ି । ଖଟିଆରେ ଭାର କରି ଶବକୁ ନଦୀ ପାର କରାଇଲେ ଗ୍ରାମବାସୀ । ଏଭଳି



ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ବଡଖମଣ ଗାଁରେ । ଗାଁର ବୃଦ୍ଧ ଚୈତନ ହେମ୍ବ୍ରମ ରୋଗାକ୍ରାନ୍ତ ହେବାରୁ ଗତ ୩୦ ତାରିଖ ସମାକୋଇ ନଦୀରେ ୪ଜଣ ବୋହି ନଦୀ ପାର କରାଇ ଆମ୍ବୁଲାନ୍ସ ଯୋଗେ ତେଲକୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ତାଙ୍କର ଶୁକ୍ରବାର ମେଡ଼ିକାଲରେ ମୃତ୍ୟୁ ଘଟିଥିଲା । ତାଙ୍କୁ ମହାଯାତ୍ରା ଗାଡ଼ି ଯୋଗେ ବଡଖମଣ ଗାଁକୁ ନିଆଯାଇଥିଲା । ସମାକୋଇ ନଦୀ ଥିବା ଯୋଗୁଁ ମହାଯାତ୍ରା ଗାଡ଼ି ଗାଁକୁ ଯାଇପାରିନଥିଲା । ନଦୀକୂଳରେ ଅଟକି ରହିଥିଲା ମହାଯାତ୍ରା ଗାଡ଼ି । ଗାଁ ଲୋକେ ଖଟିଆରେ ଭାର କରି ଶବକୁ ନଦୀ ପାର କରାଇ ସେଠାରୁ ୪ କିଲୋମିଟର ଜଙ୍ଗଲ ରାସ୍ତାରେ ବଡଖମଣ ଗାଁରେ ପହଞ୍ଚାଇଥିଲେ । ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ପରେ ମଧ୍ୟ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବଡଖମଣ ଗ୍ରାମବାସୀ । ଗତ ୩୦ ତାରିଖ ମଧ୍ୟ କିଛି ଗ୍ରାମବାସୀ ଖାଦ୍ୟ ସୁରକ୍ଷା ଯୋଜନାରେ ପଞ୍ଚାୟତରୁ ଚାଉଳ ନେଇ ବିପଦସଂକୁଳ ଅବସ୍ଥାରେ ଭରା ନଦୀରେ ପାର ହୋଇ ଯାଉଥିବା ଖବର ପ୍ରକାଶିତ ହୋଇସାରିଛି ।

## ସିବିଏସ୍‌ଇ ଇଷ୍ଟଜୋନ ହ୍ୟାଣ୍ଡବଲରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଚାମ୍ପିଅନ




କେନ୍ଦୁଝର, ୨।୮ (ସମିସ): ଆସାମ ଗୁଆହାଟିସ୍ଥିତ ପ୍ରାକଜ୍ୟୋତିଷ ସିନିୟର ସେକେଣ୍ଡାରୀ ସ୍କୁଲରେ ଅନୁଷ୍ଠିତ ହୋଇଥିବା ସିବିଏସ୍‌ଇ ପୂର୍ବ ରାଜ୍ୟ ସମୂହ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟରେ କେନ୍ଦୁଝର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୭ ବର୍ଷରୁ କମ୍ ବାଳକ ହ୍ୟାଣ୍ଡବଲ ଦଳ ଇଷ୍ଟଜୋନରେ ଚାମ୍ପିଅନ୍ ହୋଇ ସ୍ୱର୍ଣ୍ଣପଦକ ହାସଲ କରିବା ସହ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି । ଫାଇନାଲରେ ଛତିଶଗଡର ଆଧାରଶିଳା ବିଦ୍ୟାମନ୍ଦିରକୁ ୧୮-୧୬ ଗୋଲରେ ପରାସ୍ତ କରି ବିଜୟ ଲାଭ କରିଛି । ରାଜରାମ ପଣ୍ଡା, ଗୌରୀଶଙ୍କର ଜେନା(କୋଚ୍), ରେଫରୀ ମନୋଜ ବିଶ୍ୱାସ, ତାଜ୍ମିରା ଗାଜୀ ପ୍ରଶିକ୍ଷକ ଥିବାବେଳେ ସହଯୋଗୀ ଶିକ୍ଷକ ଅନ୍ତର୍ଯ୍ୟାମୀ ପ୍ରଧାନ ଓ ଶିକ୍ଷୟିତ୍ରୀ ଶଶିରେଖା ସାହୁ ସହାୟତା କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଇଂ ଦେବବ୍ରତ ବେହେରା କୃତୀ ଛାତ୍ରଛାତ୍ରୀଙ୍କ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି । ଟ୍ରଷ୍ଟି ସସ୍ମିତା ବେହେରା, କାଞ୍ଚି କେୟା, ଶରତଚନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ପଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନଅଧ୍ୟକ୍ଷ ଡ. ଦିବ୍ୟକିଶୋର ପ୍ରଧାନ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ ମୃତ୍ୟୁଞ୍ଜୟ ନାୟକ, ଉପସଭାପତି ଇଂ କୀରନ ଭାରତୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କାର୍ଯ୍ୟକର୍ତ୍ତା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସାର କଳାବଜାରରେ ଚଢ଼ଉ



ତୁରୁମୁଙ୍ଗା, ୨।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡ଼ାର ଏକ ସାର ଦୋକାନରେ ଚଢ଼ା ଦରରେ ବିକ୍ରି ଅଭିଯୋଗରେ ଏନ୍ଫୋର୍ସମେଣ୍ଟ ଟିମ ଚଢ଼ଉ କରିଥିଲା । ଟାଙ୍ଗରପଡ଼ା ସହଦେବ ସାହୁଙ୍କ ସାରଦୋକାନରେ ଚଢଉ କରି କୃଷି ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏହି ଚଢଉରେ ଘଟଗାଁ କୃଷି ଅଧିକାରୀ ତୁଷାରକାନ୍ତ ମହାନ୍ତ, ପାଟଣା କୃଷି ଅଧିକାରୀ ବର୍ଷା ବୈଶାଳୀ, ସହକାରୀ କୃଷି ଅଧିକାରୀ ପରେଶ ଦାଶ, ଘଟଗାଁ ସହକାରୀ କୃଷି ଅଧିକାରୀ ସୁବ୍ରତ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

## ୫୦ ଫୁଟ ତଳକୁ ଖସିଲା ହାଇୱା; ଡ୍ରାଇଭର ମୃତ

ଯୋଡ଼ା, ୨।୮ (ସମିସ): କେନ୍ଦୁଝର ଜିଲ୍ଲା ବାମେବରି ଥାନା ସିଲଯୋଡା ଖଣି ନିକଟରେ ଏକ ହାଇୱା (ଓଡି ୦୯ ଏକ୍ସ ୯୮୯୦) ପ୍ରାୟ ୫୦ ଫୁଟ ତଳକୁ ଖସିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଡ୍ରାଇଭର ହେଲେ ସିଲଯୋଡ଼ା ଅଞ୍ଚଳର ଶ୍ୟାମସୁନ୍ଦର ସିଙ୍କୁ(୩୮) । ଶ୍ୟାମସୁନ୍ଦର ଶନିବାର ଉକ୍ତ ଗାଡ଼ିର ବ୍ରେକ ସମ୍ବନ୍ଧୀୟ ତ୍ରୁଟି ଯୋଗୁଁ ଖଣି ମଧ୍ୟରେ ଥିବା ଗ୍ୟାରେଜରେ ପ୍ରଥମେ ମରାମତି କରାଇଥିଲେ । ଏଥିରେ ତ୍ରୁଟି ହେବାରୁ ପୁନର୍ବାର ଗ୍ୟାରେଜରେ ମରାମତି କରାଇ ଗାଡ଼ି ନେଇଯାଉଥିବା ବେଳେ ଖଣି ସିଲ୍‌ଯୋଡା-କାଳିମାଟି ରାସ୍ତାରେ ବ୍ରେକ ଫେଲ ହୋଇଯିବାରୁ ଭାରସାମ୍ୟ ହରାଇ ପ୍ରାୟ ୫୦ ଫୁଟ ତଳକୁ ଗାଡ଼ିଟି ଖସି ପଡ଼ିଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା । ପୁଲିସ ଏବଂ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରିଛନ୍ତି ।

## ଗ୍ୟାସ୍ ସିଲିଣ୍ଡର ଚୋରି

ହାଟଡ଼ିହୀ,୨।୮ (ସମିସ): ହାଟଡ଼ିହୀ ବ୍ଲକ୍ ସୋସୋ ଥାନା କାନପୁର ଗ୍ରାମରୁ ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଛି । ଗୁରୁବାର ରାତିରେ ଗ୍ରାମର ଜଗନ୍ନାଥ ବେହେରାଙ୍କ ଘରେ ଏକାଦଶାହ ଭୋଜି ହୋଇଥିଲା । ପରିବାର ଲୋକେ ରାତି ୨ଟାରେ ଖାଇପିଇ ଶୋଇଥିଲେ । ବାଡ଼ିରେ ଗ୍ୟାସ୍ ସିଲିଣ୍ଡର ଗୁଡ଼ିକୁ ରଖିଥିଲେ । ଶୁକ୍ରବାର ସକାଳୁ ୯ଟି ସିଲିଣ୍ଡର ଚୋରି ହୋଇଥିବା ଜଣାପଡ଼ିଛି । ଏନେଇ ପରିବାର ଲୋକେ ସୋସୋ ଥାନାରେ ଅଭିଯୋଗ କରିଛନ୍ତି । ମାସକ ଭିତରେ ଗ୍ରାମର ଆଉ ଦୁଇତିନି ଜଣଙ୍କ ଘରୁ ୮ଟି ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଗ୍ୟାସ୍ ସିଲିଣ୍ଡର ଚୋର ସକ୍ରିୟ ହୋଇଉଠିଥିବା ବେଳେ ପୁଲିସ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି ।

## ପ୍ରାଣୀଧନ ନିରୀକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାଲିବନ୍ଧ,୨।୮ (ସମିସ): ଝୁମ୍ପୁରା ବ୍ଲକ ବାଲିବନ୍ଧ ପ୍ରାଣୀଧନ ସହାୟକ କେନ୍ଦ୍ରର ପ୍ରାଣୀଧନ ନୀରିକ୍ଷକ ଦାମୋଦର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବାଲିବନ୍ଧ ହାଟ ପଡ଼ିଆଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ପଞ୍ଚାୟତସମିତି ସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ସମାଜସେବୀ ମକମଲ୍ ବାରିକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଶ୍ରୀ ବେହେରା ୧୯୯୦ରେ ନବରଙ୍ଗପୁର ଜିଲ୍ଲାରୁ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । ୧୯୯୭ରେ ବାଲିବନ୍ଧ ପ୍ରାଣୀଧନ ସହାୟକ କେନ୍ଦ୍ରକୁ ବଦଳି ହୋଇ ଆସିଥିଲେ । ପ୍ରାଣୀଧନ ନିରୀକ୍ଷକ ଭାବେ ଦୀର୍ଘ ୨୮ ବର୍ଷ ଧରି ଏହି ଅଞ୍ଚଳରେ ସେବା ଯୋଗାଇ ଆସୁଥିଲେ । ବାଲିବନ୍ଧ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଏହି ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ । ପରେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ । ନରୋତ୍ତମ ମହାନ୍ତ ସଭା ସଞ୍ଚାଳନ କରିଥିବାବେଳେ ଦୋଳଗୋବିନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦର୍ଶ ବିଦ୍ୟାଳୟରେ ପଦ ଗ୍ରହଣ ଉତ୍ସବ

ତେଲକୋଇ, ୨।୮ (ସମିସ): ଓରିଆସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ପିଲାମାନଙ୍କ ପଦ ଗ୍ରହଣ ଉତ୍ସବ ଖେଳ ଶିକ୍ଷକ ସତ୍ୟକୃଷ୍ଣ ଦାସ ଓ କଳା ଶିକ୍ଷକ ଜ୍ୟୋତିରଦେବ ସିଂ ସହାୟତାରେ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆଡିସନାଲ ତହସିଲଦାର ଗୋପବନ୍ଧୁ ନାଏକ ଓ ଚାରିଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ ଯୋଗଦାନ କରିଥିଲେ । ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ପୂଜା ସିଂ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ସଭାକୁ ପରିଚାଳନା କରିଥିବା ବେଳେ ସୁଦର୍ଶନ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।






ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅମଲା ସଂଘ ପକ୍ଷରୁ ଆନନ୍ଦପୁର ବିଧାୟକଙ୍କୁ ସେମାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି ।

## ଓଡିଶା ସ୍କୁଲକଲେଜ ଶିକ୍ଷକକର୍ମଚାରୀ ସଂଘର ଆନ୍ଦୋଳନ

ଆନନ୍ଦପୁର, ୨।୮ (ସମିସ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଡକରାରେ ବିଭିନ୍ନ ଦାବିନେଇ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି । ଓଷ୍ଟା ଆନନ୍ଦପୁର ସଭାପତି ବିଜୟ କୁମାର ସୁର, ସମ୍ପାଦକ ପ୍ରଦୀପ ହଜାରୀ ନେତୃତ୍ୱ ନେଇଥିଲେ । ଦାବିଗୁଡିକ ମଧ୍ୟରେ ସମସ୍ତ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ, ପେନସନ ଲାଗୁ, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ୬୨କୁ ବୃଦ୍ଧି, ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ନୂଆ ନିଯୁକ୍ତି ଆଦି ରହିଛି । ଏନେଇ ଏକ ସ୍ମାରକପତ୍ର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତରେ ଏଷ୍ଟାବ୍ଲିସମେଣ୍ଟ ଅଫିସର ରବିନାରାୟଣ ମିଶ୍ର ଗ୍ରହଣ କରିଥିଲେ । ଶିକ୍ଷକ ନେତା ରଞ୍ଜନ କୁମାର ଜେନା, ପ୍ରଦୀପ ମିଶ୍ର, ନିରାକାର ମହାପାତ୍ର ଉଦବୋଧନ ଦେଇଥିଲେ । ଏହି ଧାରଣାରେ ପୂର୍ବତନ କେନ୍ଦୁଝର ଓଷ୍ଟା ସଭାପତି ଶାନ୍ତନୁ ମିଶ୍ର ଏବଂ ଓଷ୍ଟା କେନ୍ଦୁଝର ସମ୍ପାଦକ ରଞ୍ଜନ ଘଡେଇ ଯୋଗଦେଇଥିଲେ । ଅଲଓଷ୍ଟା ସଭାପତି ଦାମୋଦର ସାମଲ, ସମ୍ପାଦକ ସୁଶାନ୍ତ ସାମଲ ଯୋଗଦେଇଥିଲେ । ଶିକ୍ଷକ ଅରୁଣ ବାରିକ, ସତ୍ୟନାରାୟଣ ଚାନ୍ଦ, ଅଲେଖ ସାହୁ, ବିନୋଦ ଘଡେଇ, ବେଣୁଧର ନାଥ, ଜଗବନ୍ଧୁ ସାହୁ, ସନ୍ତୋଷ ସେଠୀ, ଯୁଧିଷ୍ଠିର ବେହେରା, ସ୍ୱାଧୀନ ସାହୁ, ଧର୍ମେନ୍ଦ୍ର ସାମଲଙ୍କ ସମେତ ପ୍ରାୟ ୫୦ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ ।



# ଶିଶୁ ମନ୍ଦିର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା










କେନ୍ଦୁଝର, ୨।୮ (ସମିସ):

ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କେନ୍ଦୁଝର ବିଡିଓ ଓଁକାର ଅନ୍ୱେଷ ଯୋଗ ଦେଇଥିଲେ । ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ୍ ବକ୍ତବ୍ୟ ପ୍ରଦାନ କରିଥିଲେ । ଗଣିତ ପ୍ରକଳ୍ପରେ ୧୦୦ ଜଣ, ବିଜ୍ଞାନ ପ୍ରକଳ୍ପରେ ୧୮୦ ଜଣ, ପ୍ରଶ୍ନମଞ୍ଚରେ ୪୦୩ ଜଣ, ପ୍ରୟୋଗରେ ୧୪୩ ଜଣ,ପତ୍ରବାଚନରେ ୯୦ ଜଣ, ମୂର୍ତ୍ତୀ କଳାରେ ୫୨ ଜଣ,କଥାକଥନ ୫୬ ଜଣ ଓ ନିବନ୍ଧ ଲିଖନରେ ୪୭ଜଣ ଏହି ପରି ସର୍ବମୋଟ ୧୦୭୧ ଜଣ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ବର୍ଗରେ ପ୍ରଥମ ସ୍ଥାନ ଅଧିକାର ଶିଶୁମାନେ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ । ସମାପନ ସମାରୋହରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଚାଳନା ସମିତିର ଉପସଭାପତି ପ୍ରିୟବ୍ରତ ସାମଲ, ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ସହସଂପାଦକ ଦୀପକ ମହାକୁଳ ଉପସ୍ଥିତ ଥିଲେ । ବିଜ୍ଞାନ ଆଚାର୍ଯ୍ୟ ମନୋରଂଜନ ପରିଡା ବିବରଣୀ ପାଠ କରିଥିବାବେଳେ ବିଦ୍ୟାମନ୍ଦିର ପର୍ଯ୍ୟାୟ ପ୍ରମୁଖ ଦେବାଶିଷ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**ଆନନ୍ଦପୁର:** ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୩୭ତମ ଜ୍ଞାନ ବିଜ୍ଞାନମେଳାର ପ୍ରଥମ ପର୍ଯ୍ୟାୟ ପାଳିତ ହୋଇଛି । ଆନନ୍ଦପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି ମୁଖ୍ୟଅତିଥି ଏବଂ କ୍ଷେତ୍ରମୋହନ ବିଦ୍ୟାପୀଠର ପ୍ରଧାନଶିକ୍ଷକ କାଳୀପଦ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ସମ୍ପାଦକ ରଶ୍ମିରଞ୍ଜନ ନନ୍ଦ, ସଭାପତି ମଦନ ମୋହନ ରାଉତ ଏବଂ କୋଷାଧ୍ୟକ୍ଷ ଅକ୍ଷୟ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ବାବାଜୀ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ବିଚାରକ ଭାବରେ ଅଞ୍ଚଳର ବରିଷ୍ଠ ବିଜ୍ଞାନ ଶିକ୍ଷକ ରାଜକିଶୋର ବେହେରା, ବ୍ରହ୍ମାନନ୍ଦ ଜେନା, ପ୍ରଦ୍ୟୁମ୍ନ ଶତପଥୀ, ବିନୋଦ ବିହାରୀ ଜେନା ଏବଂ ପ୍ରକାଶଚନ୍ଦ୍ର ମହାପାତ୍ର ବିଚାରକ ଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ତପନ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଇଥିଲା । ୫୦ଟି ବିଜ୍ଞାନ ପ୍ରକଳ୍ପ ଏବଂ ୨୦ଟି ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବରିଷ୍ଠ ଆଚାର୍ଯ୍ୟା ନମିତା ମିଶ୍ର, ଗୀତାଞ୍ଜଳି ରଣା, ପ୍ରତିମା ବାରିକ, ମନୋରମା ମହାପାତ୍ର, ସସ୍ମିତାରାଣୀ ପତି, ପ୍ରମୋଦିନୀ ଓଝା ଏବଂ ଗୁରୁଜୀ ଭାନୁଦେବ ସାହୁ, ଦୟାନନ୍ଦ ସାହୁ, ମନୋରଂଜନ ସା, ଦେବେନ୍ଦ୍ର ମିଶ୍ର ଏବଂ ଭାଗୀରଥି ରାଉତ ସହଯୋଗ କରିଥିଲେ ।

**ଚମ୍ପୁଆ:** ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୯ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ଅନ୍ୟାନ୍ୟ ବିଭାଗକୁ ମିଶାଇ ୨୩୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଚାରକ ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅଖିଳ ଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ଗିରି ଓ କଳାକାର ମହାନ୍ତ ପ୍ରକଳ୍ପ ଗୁଡିକରେ ମୂଲ୍ୟାଙ୍କନ କରିଥିଲେ । ଅନ୍ୟତମ ଅତିଥି ଭାବେ ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ, ସମିତି ସଦସ୍ୟା ପ୍ରଭାତିମଂଜରୀ ନାୟକ, ମୋନାଲିଶା ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସକାଳ
THE SAKALA



# ଜାତୀୟସ୍ତରରେ ଆକାଂକ୍ଷୀ ବ୍ଲକ୍ ଭାବେ ନାକଟିଦେଉଳ ପୁରସ୍କୃତ

## ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

ସମ୍ବଲପୁର, ୨।୮ (ସମିସ)



ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଶନିବାର ପୂର୍ବାହ୍ଣରେ କେନ୍ଦ୍ର ସରକାରଙ୍କ ନୀତି ଆୟୋଗର ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ଉଲ୍ଲେଖନୀୟ ସଫଳତାକୁ ସମ୍ମାନିତ କରିବା ପାଇଁ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ନାଉରି ନାୟକ, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ ସମ୍ବଲପୁରର ଗୋଟିଏ ବ୍ଲକ ଦେଶରେ ଆଙ୍କାକ୍ଷୀ ବ୍ଲକ ଭାବରେ ପୁରସ୍କୃତ ହୋଇଛି, ତାହା ଆମ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଜାତୀୟସ୍ତରରେ ଆକାଂକ୍ଷୀ ବ୍ଲକ ଭାବରେ ନାକଟିଦେଉଳ ବ୍ଲକ ଚତୁର୍ଥ ସ୍ଥାନରେ ରହି ୧ କୋଟି ଟଙ୍କାର ରାଶି ପାଇଛି ବୋଲି ସୂଚନା ଦେଇଥିଲେ। ସେଥିପାଇଁ ଆଗାମୀ ଦିନରେ ପ୍ରତି ଗାଁକୁ ରାସ୍ତା, ପ୍ରତି ଘରକୁ ବିଜୁଳି, ପ୍ରତି ବ୍ୟକ୍ତିକୁ ପାନୀୟ ଜଳ ଇତ୍ୟାଦି ସୁବିଧା ସୁଯୋଗ ଯୋଗାଇଦେଇ ଦେଶର ଗୋଟେ ଅଗ୍ରଣୀ ବ୍ଲକରେ ପରିଣତ କରିବାକୁ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ।

ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ନୀତି ଆୟୋଗ ଦ୍ୱାରା ନିର୍ଦ୍ଧାର୍ଯ୍ୟ ପ୍ରମୁଖ ବିକାଶମୂଳକ ସୂଚକାଙ୍କରେ ୧୦୦% ସନ୍ତୃପ୍ତି ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନାକଟିଦେଉଳ ବ୍ଲକର ଆଗଧାଡ଼ିର କର୍ମୀ, ପଞ୍ଚାୟତ ଅଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ଏବଂ ପ୍ରଶାସକଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ସମାରୋହରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାସ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ଡିପିଏମୟୁର ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ, ଆରଡବ୍ଲ୍ୟୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ରୀତେଶ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ସୌରଭ ଚନ୍ଦ୍ର ପାଣି, ଏଏସ୍‌ଡବ୍ଲୁଓ ଜୟନ୍ତୀ ଗଡ଼ତିଆ, ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା, ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡା. ଶିବପ୍ରସାଦ ଦାଶ, ଓଏଲଏମ ଡିପିଏମ ସଞ୍ଜୟ ମହାପାତ୍ର, ଓରମାସ ଯୁଗ୍ମ ସିଇଓ ଶ୍ରୀମନ୍ତ ହୋତା, ଡିପିଏମ୍‌ୟୁ ବରିଷ୍ଠ ନୀରିକ୍ଷକ ସଞ୍ଜିବନୀ ନାୟକ ଓ ଫାଇନାନ୍ସ ଏକ୍ସପାର୍ଟ ଉଷାରାଣୀ ମିଶ୍ର ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇ, ଧନକଉଡା, ମାନେଶ୍ୱର, ନାକଟିଦେଉଳ ଆଦିର ବିଡିଓ, ବ୍ଲକ ଶିକ୍ଷାଧିକାରୀ, ବିପିଏମ ତଥା ବ୍ଲକର ଅଙ୍ଗନୱାଡି କର୍ମୀ, ସହାୟକ, ଏମବିକେ, ସିଆରପି ଓ କୃଷକ ସାଥୀ ଆଦି ତୃଣମୂଳସ୍ତରର କର୍ମୀଙ୍କୁ କର୍ମନିପୁଣତା ପାଇଁ ସମ୍ମାନିତ କରାଯାଇଥିଲା।

# ପିଏମ କିସାନ୍‌ରେ ଜିଲ୍ଲାର ୬୦ ହଜାର ଚାଷୀଙ୍କୁ ୧୨ କୋଟି

**ସମ୍ବଲପୁର, ୨।୮ (ସମିସ):** ଉତ୍ତରପ୍ରଦେଶର ବାରଣାସୀ ଠାରେ ଆୟୋଜିତ ପିଏମ କିସାନ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୯କୋଟି ଚାଷୀଙ୍କୁ ୨୦ତମ କିସ୍ତି ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ କରାଯାଇଥିଲା। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେବାସହ ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ ଅବସରରେ ଆମ ସମ୍ବଲପୁର ଜିଲ୍ଲାର ୬୦ ହଜାର ଜଣ ଚାଷୀଙ୍କୁ ପ୍ରାୟ ୧୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ସୂଚନା ଦେଇଥିଲେ। ଏହି ସହାୟତା ରାଶି ସାହାଯ୍ୟରେ ଆବଶ୍ୟକ ସମୟରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି କିଣିବା ଏବଂ ସେମାନଙ୍କ ଘରୋଇ ଆବଶ୍ୟକତା ପୂରଣ କରି କୃଷକ ମାନେ ନିଜର ଚାଷ ଉତ୍ପାଦନକୁ ଦ୍ୱିଗୁଣିତ କରି ଆୟ ବଢ଼ାଇପାରିବେ ବୋଲି ଜିଲ୍ଲାପାଳ ଆଶାପ୍ରକାଶ କରିଥିଲେ। ଚାଷରେ ବିକେନ୍ଦ୍ରୀକରଣ, ବିଭିନ୍ନୀକରଣ କରିବାକୁ ପଡ଼ିବ, ତେବେ ଯାଇ ଆୟରେ ବୃଦ୍ଧି ହେବ। ଆଗାମୀ ଦିନରେ ୧୩୮ ପଞ୍ଚାୟତରୁ ଅତିକମରେ ଗୋଟେ ପଞ୍ଚାୟତରେ ସମନ୍ୱିତ କୃଷି (ଇଣ୍ଟିଗ୍ରେଟେଡ ଫାର୍ମିଙ୍ଗ) କରି ଅନ୍ୟ ଗ୍ରାମ ପଞ୍ଚାୟତ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ଚେଷ୍ଟା କରୁଛୁ ବୋଲି ସେ କହିଥିଲେ। ସୂଚନା ଅନୁଯାୟୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଧନକଉଡା (୨୬୫୫), ରେଢାଖୋଲ (୬୯୪୫), ନାକଟିଦେଉଳ (୮୧୩୫), ରେଙ୍ଗାଲି (୫୫୭୫), ବାମରା (୯୬୦୨), ଯୁଯୋମୁରା (୭୧୧୬), ମାନେଶ୍ୱର (୪୩୨୯), କୁଚିଣ୍ଡା (୮୫୧୫) ଓ ଜମନକିରା (୭୯୦୫) ବ୍ଲକ ସମେତ ସମ୍ବଲପୁର ଜିଲ୍ଲାର ପ୍ରାୟ ୬୦ ହଜାର ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୨ କୋଟି ଟଙ୍କା ହସ୍ତାନ୍ତର ହୋଇଛି।

# କ୍ଷେତରାଜପୁରରୁ ନିଖୋଜ ନାବାଳକ ବଲାଙ୍ଗିରରୁ ଉଦ୍ଧାର

**ସମ୍ବଲପୁର, ୨।୮ (ସମିସ) :** ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ପୋଦ୍ଦାର କଲୋନୀରୁ ନିଖୋଜ ଥିବା ନାବାଳକ ବଲାଙ୍ଗିରରୁ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ସେ ପୋଦ୍ଦାର କଲୋନୀ ୮ ନମ୍ବର ଗଳିର ରାକେଶ ସିଂଙ୍କ ପୁଅ ଆଦିତ୍ୟ ସିଂ ବୋଲି ଜଣାପଡ଼ିଛି। ତାଙ୍କୁ ଶନିବାର ରାତିରେ ବଲାଙ୍ଗୀର ରେଳଷ୍ଟେସନରୁ ଇଷ୍ଟକୋଷ୍ଟ ରେଲୱେର ମାନବ ଚାଲାଣ ବିରୋଧି ୟୁନିଟ ଦ୍ୱାରା ଉଦ୍ଧାର କରାଯାଇଛି। ଶନିବାର ଅପରାହ୍ଣରୁ ନାବାଳକ ଜଣକ ନିଖୋଜ ହୋଇଯାଇଥିଲେ। ତେବେ, ସେ ସେଠାକୁ କେମିତି ଗଲେ ଜଣାପଡ଼ିନାହିଁ। ଏନେଇ କ୍ଷେତରାଜପୁର ଥାନାରେ ଏତଲା ଦେବାପରେ ପୁଲିସ ଅନୁସନ୍ଧାନ ଆରମ୍ଭ କରିଥିଲା। ଖବରପାଇ ପରିବାର ଲୋକେ ବଲାଙ୍ଗିର ଅଭିମୁଖେ ବାହାରିଥିବା ସୂଚନା ମିଳିଛି।

# କୁକୁରକୁ ଧକ୍କା ଦେଇ ବାଇକ୍ ଆରୋହୀ ଗୁରୁତର

**କୁଚିଣ୍ଡା, ୨।୮ (ସମିସ):** ଶୁକ୍ରବାର ସନ୍ଧ୍ୟାରେ କୁଚିଣ୍ଡା-କୁସୁମୀ ରାସ୍ତାର କୁଣ୍ଡାପୋଷି ରାସ୍ତାକଡ଼ରେ ଥିବା କୁକୁଡ଼ା ଦୋକାନ ସମ୍ମୁଖରେ କୁଣ୍ଡାପୋଷିକୁ କୁଣିଆ ହୋଇ ଆସିଥିବା ଦେବଗଡ଼ ଜିଲ୍ଲା ବରହା ମୂଷା ଗ୍ରାମର ଲୋଚନ କିସାନଙ୍କ ପୁଅ ବିଜୟ କିସାନ(୨୪) ଏକ ବାଇକ ଯୋଗେ ଘରୁ ବାହାରି ଆସୁଥିବା ବେଳେ କୁକୁର ସହ ଧକ୍କା ହେବା ଫଳରେ ବାଇକରୁ ଛିଟିକି ପଡ଼ି ଯୁବକ ଗୁରୁତର ହୋଇଥିବା ବେଳେ ଦୁର୍ଘଟଣାରେ କୁକୁରର ମୃତ୍ୟୁ ହୋଇଯାଇଛି। ଯୁବକକୁ ତୁରନ୍ତ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ, ଯୁବକର ମୁଣ୍ଡ, ଗୋଡ଼, ହାତରେ ଗଭୀର ଆଘାତ ଥିବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ନିଆ ଯାଇଛି।

# ଦେଶୀମଦ ଜବତ, ଜଣେ ଗିରଫ

**ସମ୍ବଲପୁର, ୨।୮ (ସମିସ):** ବରେଇପାଲି ପୁଲିସ ଚଢଉ କରି ୨୫ ଲିଟର ଦେଶୀମଦ ଜବତ କରିଛି। ଏହି ଘଟଣାରେ ରାଣୀବଗିଚା ଅଞ୍ଚଳର ରାଜେଶ୍ୱର ମୁଣ୍ଡାଙ୍କୁ ଗିରଫ କରିଛି । ସୂଚନା ଅନୁସାରେ, ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ରାଜେଶ୍ୱର ଘରେ ଚଢଉ କରିଥିଲା। ସେଠାରୁ ଦେଶୀମଦ ଜବତ କରିବା ସହିତ ୧୩୮/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।

# ଭତ୍ତା ବଣ୍ଟନରେ ଅନିୟମିତତା

**ଜମନକିରା, ୨।୮ (ସମିସ):** ଜମନକିରା ବ୍ଲକ ଅନ୍ତର୍ଗତ କସଡ଼ା ପଞ୍ଚାୟତରେ ଭତ୍ତା ବଣ୍ଟନରେ ଅନିୟମିତତା ବିଷୟରେ ବିଡ଼ିଓଙ୍କୁ ଅଭିଯୋଗ ହୋଇଛି ।ଜୁନ ମାସ ଭତ୍ତା ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣିଛନ୍ତି ଲଙ୍ଗାବାହାଲ ଗ୍ରାମର ବିପିନ ବିହାରୀ ଚୌଧୁରୀ। ଶ୍ରୀ ଚୌଧୁରୀ ଲେଖି ଜଣାଇଛନ୍ତି ଯେ ପିଇଓ ମେଡମ୍ ଟିପ ଚିହ୍ନ ଦେଇ ଟଙ୍କା ଉଠାଇ ନେଇଛନ୍ତି। ଆଜି ପର୍ଯ୍ୟନ୍ତ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରି ନାହାନ୍ତି। ଏ ଦିଗରେ ଉଚ୍ଚ ପଦାଧିକାରୀ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ପ୍ରଭାତ ମଞ୍ଜରୀ ଦେବୀଙ୍କ ପରଲୋକ

**ସମ୍ବଲପୁର, ୨।୮ (ସମିସ):** କଟରଧୁଆ ମାଲିପଡ଼ା ନିବାସୀ ସ୍ୱର୍ଗତ ଶିବ ପ୍ରସାଦ ନାୟକଙ୍କ ପତ୍ନୀ ପ୍ରଭାତ ମଞ୍ଜରୀ ଦେବୀ (୯୦)ଙ୍କ ଶନିବାର



ପୂର୍ବାହ୍ଣରେ ପରଲୋକ ହୋଇଯାଇଛି। ସେ କେଇମାସ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ସୁଶାନ୍ତ, ସୁଧାଂଶୁ, ସଞ୍ଜୟ ଏବଂ ପୁତ୍ରବଧୂ ଶାରଦା, ଚିନ୍ମୟୀ, ସ୍ମିତାରାଣୀ, ଝିଅ ସବିତା, ସଂଯୁକ୍ତା, ସୁଜାତା, ମଧୁସ୍ମିତା ଏବଂ ଜ୍ୱାଇଁ ଗିରିଧାରୀ ହୋତା, ସୂର୍ଯ୍ୟ ମହାପାତ୍ର, ଗଣନାଥ ପଣ୍ଡା, ଗୋଲକ ବିହାରୀ ପଣ୍ଡା ତଥା ନାତିନାତୁଣୀ ଉପସ୍ଥିତ ଥିଲେ। ସାନପୁଅ ସନ୍ଦୀପ୍ତ ନାୟକ ଆସିବାପରେ ଆସନ୍ତାକାଲି ସ୍ଥାନୀୟ ରାଜଘାଟରେ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

# ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ସମ୍ବଲପୁରୀ ଦିନ୍




**ସମ୍ବଲପୁର, ୨।୮ (ସମିସ):** ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ, ସମ୍ବଲପୁରରେ ସମ୍ବଲପୁରୀ ଦିନ୍‌କୁ ଉତ୍ସାହ ଏବଂ ସାଂସ୍କୃତିକ ଗର୍ବର ସହିତ ପାଳନ କରାଯାଇଛି। ଛାତ୍ରଛାତ୍ରୀମାନେ ସମ୍ପୂର୍ଣ୍ଣ ସମ୍ବଲପୁରୀ ଭାଷାରେ ଆୟୋଜିତ ଏହି ଉତ୍ସବରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, ଯେଉଁଥିରେ ପଶ୍ଚିମ ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ପ୍ରତିଫଳିତ କରୁଥିବା ପାରମ୍ପରିକ ନୃତ୍ୟ, ସଙ୍ଗୀତ ଏବଂ ପୋଷାକ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବ ପାଇଁ ବାସ୍କେଟବଲ୍ ଇଣ୍ଡିଆ ପ୍ରଶିକ୍ଷକ ଶ୍ରୀ ସାଗର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେ ନୃତ୍ୟ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଧାନଶିକ୍ଷକ ଗୀତା ଡି. ରାଜନ ଏବଂ ଉପାଧ୍ୟକ୍ଷ ମୋନେନ୍ ଈଶ୍ୱରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ଜାତୀୟ ସଙ୍ଗୀତ ସହିତ ଶେଷ ହୋଇଥିଲା।

# ଷଡ଼ାସିଂଘାରେ ଗ୍ରାମଦେବତାଙ୍କ ବାର୍ଷିକ ପୂଜା ସମ୍ପନ୍ନ

**ସମ୍ବଲପୁର, ୨।୮ (ସମିସ):** ସମ୍ବଲପୁର ଜିଲ୍ଲା ଧନକକଡ଼ା ବ୍ଲକ ଅନ୍ତର୍ଗତ ଶାସନ ନିକଟସ୍ଥ ଷଡ଼ାସିଙ୍ଘାଠାରେ ଗ୍ରାମ୍ୟ ଦେବତା ବୁଢ଼ାପଥର-ଲଣ୍ଡାବୀର ବାବାଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୀଠରେ ଗ୍ରାମବାସୀ ମାନସିକ କରି ଗ୍ରାମ ଦେବତାଙ୍କୁ ଛାଗ ବଳିଦେବା ପରମ୍ପରା ବହୁକାଳରୁ ରହିଆସିଛି। ଏଠାରେ ପୂଜାର୍ଚ୍ଚନା ପାଇଁ ଗ୍ରାମବାସୀ ପୂଜା ସାମଗ୍ରୀ ନେଇ ପହଞ୍ଚିବା ପରେ ପୂଜକ ଅଶୋକ ଝାଙ୍କର ଓ ସହଯୋଗୀ ସୀତାରାମ ପଟା ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁ ମାନଙ୍କ ମାନସିକ ଛାଗ ଗୁଡ଼ିକ ଗ୍ରାମ ଦେବତାଙ୍କଠାରେ ସମର୍ପଣ କରିଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ପୌଷ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଗ୍ରାମଦେବତା ବୁଢ଼ାପଥର-ଲଣ୍ଡାବୀର ବାବାଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ଗ୍ରମାର ସୁରଜ ନନ୍ଦ, ଅମନ ବାଗ, ବିଜୟ ଷଡ଼ଙ୍ଗୀ, ବୁଲୁ ପଟା, ମୁନୁ ମରେଇ, ସନାତନ ପ୍ରଧାନ, ସତ୍ୟ ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।



# ଯାଦବ ସଂଘ ପକ୍ଷରୁ ଚାରାରୋପଣ

**ସମ୍ବଲପୁର, ୨।୮ (ସମିସ):** ଗୁରୁ ସତ୍ୟନାରାୟଣ ବୋହିଦାରଙ୍କ ଜନ୍ମଦିନ ଅବସରରେ ସମ୍ବଲପୁର ଯାଦବ ସଂଘ ପକ୍ଷରୁ ସଂଘର ସଦସ୍ୟମାନେ ଚାଉଁରପୁରରେ ୧୦୧ଚାରା ରୋପଣ କରି



ସମ୍ବଲପୁରୀ ଦିନ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ସଂଘର ସଭାପତି ଭୋଲା ଶଙ୍କର ମହତମ, ସାଧାରଣ ସମ୍ପାଦକ ହେମନ୍ତ ଗହିର, ଜୟକିଶୋର ଜାଲ, ମହେଶ୍ୱର ଷଣ୍ଢ, ବିଜୟଲକ୍ଷ୍ମୀ ବେହେରା, ଶିବ ସଂଭୁ ଯାଦବ, ନରେଶ ବଗର୍ତି, ହରିହର ଷଣ୍ଢ, ନବକିଶୋର ଜାଲ, ନିଖିଳ ନାଗ, ଲୋକନାଥ ବଗର୍ତି, ଅଲେଖ ଘିବେଲା, ଲୋକନାଥ ଅହିର, ଘନଶ୍ୟାମ ମହାକୁର, ଜଗଦୀଶ ମାଲ୍ଲିକ, ରାଜେଶ ବଗର୍ତି, କ୍ରିଷ୍ଣା ଦୀପ ନିରଞ୍ଜନ ଦୀପ, ସନ୍ତୋଶ ବାଗ, ଗିରିଧାରୀ ବଗର୍ତି, ପ୍ରଦ୍ୟୁମ୍ନ ପ୍ରଧାନ, ତୁଫାନ ବେହେରା ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ମାପ ଓଜନ ବିଭାଗର ନିଷ୍କ୍ରିୟତା

# ଓଜନରେ ଗ୍ରାହକ ଠକାମୀର ଶିକାର

**କୁଚିଣ୍ଡା, ୨।୮ (ସମିସ):** କୁଚିଣ୍ଡାରେ ମାପ ଓଜନ ବିଭାଗର ନିଷ୍କ୍ରିୟତା ଯୋଗୁଁ ଦୈନିକ ପନିପରିବା ଛତୁ କିମ୍ବା ବିଭିନ୍ନ ସାମଗ୍ରୀ କିଣା ବିକାରେ ଗ୍ରାହକ ଠକାମୀର ଶିକାର ହେଉଛନ୍ତି। ବର୍ଷକୁ ଥରେ ମାପ ଓଜନ ବିଭାଗ ପକ୍ଷରୁ ଧର ପଗ? କରି ତରାଜୁ ବଟକରା ଆଦି ଯାଞ୍ଚ କରାଯିବ ସହ ଓଜନରେ କିମ୍ବା ତରାଜୁ ବଟକରାରେ ଯଦି ସାମାନ୍ୟ ତ୍ରୁଟି ଥାଏ ତେବେ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବା ସହ ତରାଜୁ ବଟକରା ରେନ୍ୟୁ କରିବା ପାଇଁ ଉକ୍ତ ଦୋକାନୀ ମାପ ଓଜନ ଅଧିକାରୀ ତାଗିତ କରୁଥିଲେ। କିନ୍ତୁ ବର୍ତ୍ତମାନ ଉକ୍ତ ବିଭାଗ କୁଚିଣ୍ଡା ଉପଖଣ୍ଡରେ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ହୋଇଯିବାରୁ ଏବେ ଦୋକାନୀ ବା ବେପାରୀର ଓଜନରେ ବହୁ ତାର ତମ୍ୟ ଘଟି ଅଧ କିଲୋ ବୋଲି ଗ୍ରାହକଙ୍କୁ କହି ଚାରି ଶହ ଗ୍ରାମ ଓଜନର ସାମଗ୍ରୀ ଦେଇ ୫ ଶହ ଗ୍ରାମର ମୂଲ୍ୟ ନେଉଛନ୍ତି। କୁଚିଣ୍ଡାର ରାସ୍ତା କଡ଼ରେ ପସରା ମେଲାଇ କିଛି ଦୋକାନୀ ପାଳ ଛତୁ କିମ୍ବା ଅନ୍ୟ ଓଜନ ସାମଗ୍ରୀ ଗୁଡିକ ଓଜନ କରି ଗ୍ରାହକଙ୍କୁ ଉପଯୁକ୍ତ ମୂଲ୍ୟ ଦାବି କରୁଛନ୍ତି।ଏଣୁ ଗ୍ରାହକ ଯେ କୌଣସି ଓଜନ ସାମଗ୍ରୀ କିଣୁଛନ୍ତି ପ୍ରଥମେ ତାର ଓଜନ ଦେଖନ୍ତୁ ଏବଂ ତାର ମୂଲ୍ୟ ପ୍ରଦାନ କରନ୍ତୁ, ବିଶେଷ କରି ପ୍ଲାଷ୍ଟିକ ଥଳିରେ ଅଧ କିଲୋ କହି ଚାରି ଶହ ଗ୍ରାମ ଦେବା ସହ ଅଧ କିଲୋ ବାବଦକୁ କେଜି ପ୍ରତି ୪୮୦ ଦରରେ ଅଧ କିଲୋକୁ ୨୪୦ ଟଙ୍କା ଦାବି କରୁଛନ୍ତି।ଗ୍ରାହକ ସାବଧାନ ଓଜନରେ ଠକୁଛନ୍ତି ବ୍ୟବସାୟୀ। ସମ୍ମୁଖରେ ଓଜନ କରି ଦେବା ବୁଦ୍ଧି ମାନ କାମ।

# ଗୋଟିଏ ଗେଟ୍ ଦେଇ ହୀରାକୁଦ ଜଳ ନିଷ୍କାସନ

**ସମ୍ବଲପୁର, ୨।୮ (ସମିସ):** ଉପରମୁଣ୍ଡରେ ବର୍ଷା କମିବା ପରେ ପର୍ଯ୍ୟାୟକ୍ରମେ ହୀରାକୁଦ ଜଳଭଣ୍ଡାରର ଗେଟ୍ ଗୁଡ଼ିକ ବନ୍ଦ କରାଯାଉଛି। ହୀରାକୁଦ ଜଳସ୍ତର ୬୧୧.୦୮ ରହିଛି ଏବଂ ମାତ୍ର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇ ଜାରିରହିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୮.୫୬ ଫୁଟ୍ ରହିଥିଲା।

ଆଜି ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୦୮ ଫୁଟ୍ ରହିଛି। ନଦୀବନ୍ଧର ବାମପଟର ଗୋଟିଏ ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୮, ୦୮୨ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୩, ୯୪୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୪, ୯୫୨ ଘନଫୁଟ, ପାୱାର ଚେନାଲ ଦେଇ ୩୪, ୭୨୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪, ୦୩୬ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨, ୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୨, ୭୮୦ କ୍ୟୁସେକ୍, ଖଇରମାଳଠାରେ ୯୦, ୦୦୦ କ୍ୟୁସେକ୍, ବାରମୁଲଠାରେ ୧, ୨୦, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨, ୦୫, ୭୨୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଦେବଝରଣର ବିକାଶ ସହ ପର୍ଯ୍ୟଟକଙ୍କ ସୁରକ୍ଷା ଦାବି

**ସମ୍ବଲପୁର, ୨।୮ (ସମିସ):** ସମ୍ବଲପୁର ଯୁଯୁମୁରା ବ୍ଲକ ଅଧିନସ୍ଥ ଦେବ୍‌ଝରନ ପର୍ଯ୍ୟଟନ ସ୍ଥଳୀର ସର୍ବାଙ୍ଗୀନ ବିକାଶ କରିବା ସହିତ ପର୍ଯ୍ୟଟକ ସୁରକ୍ଷା ଦେବାକୁ ଦାବି ହୋଇଛି। ଡିଏଫ୍‌ଓ କାଲୁଙ୍ଗେ ଗୋରଖ ଓମାନଙ୍କୁ ଭେଟି ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଯୁଯୁମୁରା ବିଜେପି ମଣ୍ଡଳ ସଭାପତି ଓମ ପ୍ରକାଶ ବିଶ୍ୱାଳ, ହମିତ୍ ବିଶ୍ୱାଳ, ବଣ୍ଟି ପ୍ରଧାନ, ଅପୁ ପ୍ରଧାନ, କିରଣ ପ୍ରଧାନ, ସଞ୍ଜୟ ବିଶ୍ୱାଳ ପ୍ରମୁଖ ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କିଛି ଦିନ ପୂର୍ବରୁ ଦୁଇ ଜଣ ଡାକ୍ତର ଛାତ୍ରୀଛାତଙ୍କ ମୃତ୍ୟୁ ଘଟିଥିଲା। ଆଗକୁ ପର୍ଯଟନ ଋତୁ ଆସୁଛି। ଦେବଝରଣ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ପ୍ରବଳ ସମାଗମ ହୋଇଥାଏ। ତେଣୁ ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ। ଜଳଭଣ୍ଡାରରେ ବୋଟିଂ ବ୍ୟବସ୍ଥା ଆରମ୍ଭ କରାଯାଉ। ଦୀର୍ଘଦିନର ଦାବି ପରେ ବୋଟିଂ ପାଇଁ ବୋଟ୍ ଆସିଥିଲା। ସେଗୁଡ଼ାକ ପୁରୁଣା ଥିବାରୁ ରାତାରାତି ଯୋଗାଣକାରୀ ସଂସ୍ଥା ବୋଟକୁ ନେଇ ଉଭାନ ହୋଇ ଯାଇଥିଲା। ପରବର୍ତ୍ତୀ ସମୟରେ ବୋଟ୍ ଆସି ପଡ଼ି ରହିଛି। ଉକ୍ତ ବୋଟ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରି ଆଗାମୀ ପିକନିକ୍ ଋତୁରେ ବୋଟ ଚଳାଚଳ ବ୍ୟବସ୍ଥା କରାଯାଉ। ପୁଲିସ ନିୟୋଜିତ କରିବା, ପାଇଖାନା, ଜଳଭଣ୍ଡାରରେ ସୁରକ୍ଷା ବାଡ ଲଗାଇବା ଭଳି କାମକୁ ଗୁରୁତ୍ୱ ଦେବାକୁ ଦାବି କରିଥିଲେ। ଡିଏଫ୍‌ଓ ନଭେମ୍ବର ମାସ ସୁଦ୍ଧା କାମ ଶେଷ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



# ଲଇଡ଼ା କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ରେଙ୍ଗାଲି/ସମ୍ବଲପୁର, ୨।୮ (ସମିସ)

ସମ୍ବଲପୁର ଜିଲ୍ଲା ଲଇଡ଼ାସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଡଃ ପ୍ରଶାନ୍ତ କୁମାର ପଟେଲ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାସଙ୍କ ଉପସ୍ଥିତିରେ ନୂତନ ଅଧ୍ୟକ୍ଷ ଡଃ ପଟେଲଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ବସନ୍ତ ନାଏକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ା ଶିକ୍ଷା ବିଭାଗରେ କାର୍ଯ୍ୟରତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ତଦନ୍ତ ରିପୋର୍ଟ ଦାଖଲ କଲା ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ



ଅନ୍ୟପକ୍ଷରେ ଦୁତିକା ସାହୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ ନାଏକଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଏବଂ ବିଭିନ୍ନ ଅଭିଯୋଗ ହେବାପରେ ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ, ସମ୍ବଲପୁର ଏହାର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦାଖଲ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୧୪ ତାରିଖ ପରିଚାଳନା କମିଟି (ଗଭର୍ଣ୍ଣିଂ ବଡି) ସଭାପତି ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ଅଚାନକ ଲଇଡ଼ାସ୍ଥିତ ଦୂତିକା ସାହୁ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଲୋକାଲ୍ ଫଣ୍ଡ ଅଡିଟ୍ ବିଷୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସଭାପତି ତଥା ଉପଜିଲ୍ଲାପାଳଙ୍କୁ ଜଣାଇନଥିବା ଏବଂ ଅଡିଟର୍ ଦେଇଥିବା ଆପତ୍ତି ଗୁଡ଼ିକର ଅନୁପାଳନ କରାଯାଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରଦିନ ୧୫ ତାରିଖ କତରବଗା ଥାନାରେ ଜଣେ ମହାବିଦ୍ୟାଳୟ କର୍ମଚାରୀ ଓ ଜଣେ ଅଧ୍ୟାପିକା ଅଭିଯୋଗ କରିଥିଲେ ଯେ, ୧୪ ତାରିଖ ଅପରାହ୍ଣରେ ଅଧ୍ୟକ୍ଷ ମହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀଙ୍କ ବୈଠକ ଡାକିଥିଲେ। ବୈଠକରେ ବ୍ୟକ୍ତିଗତ ଓ ଅନୁଷ୍ଠାନର ଆର୍ଥିକ କଥାକୁ କେହି ଜଣେ ଦୁଇଜଣ ବାହାରେ ପ୍ରଘଟ କରୁଥିବାର ଆଲୋଚନା କରିଥିଲେ। ଏଥିରେ ସେ ଜଣେ ଦୁଇଜଣଙ୍କୁ ଇଙ୍ଗିତ କରି ଧମକଚମକ ଦେଇଥିଲେ ବୋଲି ଥାନା ଅଭିଯୋଗରେ ଉଲ୍ଲେଖ କରିଥିଲେ। କତରବଗା ପୁଲିସ ମହାବିଦ୍ୟାଳୟକୁ ଯାଇ ଏହାର ତଦନ୍ତ କରିଥିଲେ। ଏନେଇ ଦଫା ୧୦୭ ଅନୁଯାୟୀ ପଦକ୍ଷେପ ନିଆଯାଇଥିଲା। ଏହାପରେ ଗତ ୧୮ ତାରିଖ ସମିତିସଭ୍ୟ, ସରପଞ୍ଚ ଆଦି ଜନପ୍ରତିନିଧି ମାନଙ୍କ ସହ ଅଞ୍ଚଳବାସୀ ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ନାଏକଙ୍କ ବିରୋଧରେ ଆର୍ଥିକ ଅନିୟମିତତାର ତଦନ୍ତ ଏବଂ ବଦଳି ସକାଶେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ।

# ଓଲଟିଲା ବସ୍; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



**ଭେଡେନ, ୨।୮ (ସମିସ):** ଭେଡେନ ବ୍ଲକ ଗୋଡ଼ଭଗା ତୁରୁମ ରାସ୍ତାର ବୋଇପୁର ଛକ ନିକଟରେ ମା ମଙ୍ଗଳା ନାମକ ଏକ ଘରୋଇ ବସ୍ ଶନିବାର ଅପରାହ୍ଣରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଗାଡି ଭିତରେ ବସିଥିବା ପ୍ରାୟ ୨୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ବସ୍ ଭିତରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ସାମାନ୍ୟ ଆହତ ହୋଇଥିବା ୪ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ଗାଡିଟି ପ୍ରତ୍ୟକ ଦିନ ବିଜେପୁର ରୁ ଭେଡେନ ପପାଙ୍ଗା ଦେଇ ଗୋଡ଼ଭଗା ଯାଇଥାଏ। ଗାଡିଟି ଫେରିଲା ବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।

# ପିଏମ୍ କିସାନ ସମ୍ମାନ ନିଧି ଯୋଜନାର କିସ୍ତି ପ୍ରଦାନ

**ବରଗଡ଼, ୨।୮ (ସମିସ):** ଆଜି ପୂର୍ବାହ୍ଣରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପିଏମ୍ କିଶାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ହସ୍ତାନ୍ତର ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏହାସହ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।



ମୁଖ୍ୟଅତିଥି ସାଂସଦ ପିଏମ୍ କିଶାନ ସମ୍ମାନ ନିଧି ଯୋଜନାର ଆଭିମୁଖ୍ୟ ଓ ଏହାର ବିଶିଷ୍ଟ ଲାଭ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବରଗଡ଼ ଜିଲ୍ଲାର କୋଣ ଅନୁକୋଣରୁ ୧୪୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ଏହି ୨୦ତମ କିସ୍ତି ହସ୍ତାନ୍ତର ଅବସରରେ ଜିଲ୍ଲାର ୧, ୬୫, ୮୮୩ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨ ହଜାର ଟଙ୍କା ସିଧାସଳଖ ଭାବରେ ପ୍ରଦାନ କରାଯାଇଛି। ଏହି ଅବସରରେ ୬ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ନୃସିଂହ ଚରଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଲେ ଉପଜିଲ୍ଲାପାଳ



**ପାଇକମାଳ, ୨।୮ (ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ପାଇକମାଲକୁ ଗୋଟିଏ ସରକାରୀ କାମରେ ଯାଇଥିବା ସମୟରେ ଅଚାନକ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଗୋଟିଏ ଶ୍ରେଣୀରେ ଇଂରାଜୀ ପାଠ ପଢ଼ା ଚାଲିଥିବା ଦେଖି ସେ ନିଜେ ସେଠାରେ ପିଲାମାନଙ୍କୁ ଇଂରାଜୀରେ ପତ୍ର ଲିଖନ ତଥା ରଚନା ଲିଖନ ବିଷୟରେ ପାଠ ପଢ଼ାଇଥିଲେ।

## ରାଜସ୍ୱମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଓ ସମୀକ୍ଷା

# ରେଜିଷ୍ଟ୍ରି ଓ ତହସିଲ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ନିର୍ଦ୍ଦେଶ

**ବରଗଡ଼, ୨।୮ (ସମିସ)**

ଆଜି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୁଜାରୀ ଦିନିକିଆ ବରଗଡ଼ ଗସ୍ତ କରି ସ୍ଥାନୀୟ ଅମ୍ବାପାଲି ସର୍କିଟ ହାଉସ ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଭୂମିହୀନଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ, ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୪୬ ଗୋଟି ଅଭିଯୋଗ ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମନ୍ତ୍ରୀ ୪ ଜଣ ରୋଗୀଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଲେଖାଏଁ ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଥିଲେ। ଏଥିସହ ବରଗଡ଼ ତହସିଲର ୭ ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା, ୪ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ନିଜ ବିଭାଗର ବିଭିନ୍ନ ଯୋଜନା ତଥା ସରକାରୀ ସୁବିଧାର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବାକୁ ଯାଇ ଜିଲ୍ଲାରେ ବସୁନ୍ଧରା ସର୍ଭେ, ପଟ୍ଟା ବଣ୍ଟନ ଓ ଜମି ହସ୍ତାନ୍ତର ସ୍ଥିତି, ବରଗଡ଼ ନୂଆପଡ଼ା ରେଳ ଲାଇନ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟାର ପ୍ରଗତି, ଜାତୀୟ ରାଜପଥ ନିର୍ମାଣ ତଥା ଆଧାରିତ ସମସ୍ୟା ଗୁଡ଼ିକର ସମାଧାନ, ପ୍ରାଥମିକ ବିଦ୍ୟାଳୟର ଜମି ପଟ୍ଟା ପ୍ରଦାନ, ଜମି ପଟ୍ଟା କଲମ-୨ କରେକ୍ସନ, ବସ୍ତି ଜମି ପଟ୍ଟା ପ୍ରଦାନ, ଠିକ ସମୟରେ ଯୋଗ୍ୟ ଲୋକଙ୍କୁ ଜାତିଗତ ବାସିନ୍ଦା ଓ ଆୟ ପ୍ରମାଣ ପତ୍ର ପ୍ରଦାନ, ରେଜିଷ୍ଟ୍ରି ଓ ତହସିଲ କାର୍ଯ୍ୟାଳୟରେ ଦଲାଲ ମୁକ୍ତ କରିବା ସହ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଓ ମହେନ୍ଦ୍ର ମହାପାତ୍ର, ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଉପସ୍ଥିତ ଥିଲେ।



# ନୂତନ ବନଖଣ୍ଡ ଅଧିକାରୀଙ୍କ ଯୋଗଦାନ

**ବରଗଡ଼, ୨।୮ (ସମିସ):** ବରଗଡ଼ ଜିଲ୍ଲାରେ ବରଗଡ଼ ବନଖଣ୍ଡ ଅଧିକାରୀ ଭାବରେ ସରୋଜ କୁମାର ପଣ୍ଡା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି।



ସେ ପୂର୍ବରୁ ହୀରାକୁଦ ବନ୍ୟପ୍ରାଣୀ ବିଭାଗର ବନାଞ୍ଚଳ ଅଧିକାରୀ, ସାତକୋଶିଆ ଅଭୟାରଣ୍ୟରେ ବନଖଣ୍ଡ ଅଧିକାରୀ ଭାବରେ ଦାୟିତ୍ୱ ନିର୍ବାହ କରିଆସିଛନ୍ତି। ଶ୍ରୀ ପଣ୍ଡାଙ୍କ ଦାୟିତ୍ୱ ଗ୍ରହଣ ପରେ ବରଗଡ଼ ଜିଲ୍ଲାର ଜୈବ ଉନ୍ନୟନ କାର୍ଯ୍ୟରେ ଆଉ ଆଗକୁ ବଢ଼ିବ ବୋଲି ଜିଲ୍ଲାର ସମସ୍ତ ବନ ସଂରକ୍ଷଣ ସମିତିର ସଦସ୍ୟ, ପ୍ରକୃତି ପ୍ରେମୀ ସଞ୍ଜୟ ଖମାରୀ, ଅଶୋକ ଡନସନା, ଗିରିଧାରୀ ଡନସନା, ଗଣେଶ ମହାକୁଡ଼, ସୁରେନ୍ଦ୍ର ପୋଢ଼, ଉଚ୍ଛବ ଭୁଏ, ଖତୁ ବିଶ୍ୱାଳ, ଶୋଭାରାମ ସାହୁ, ଚିତ୍ତରଞ୍ଜନ ଭୋଇ ଆଶାବ୍ୟକ୍ତ କରିଛନ୍ତି।

# 'ଆଦିକଳା' ସମ୍ମାନରେ ସମ୍ବର୍ଦ୍ଧିତ ହେବେ ୯ କଳାକାର



**ବରଗଡ଼, ୨।୮ (ସମିସ):** ବରଗଡ଼ ଜିଲ୍ଲାର ବିଭିନ୍ନ ବର୍ଗର ୯ ଜଣ କଳାକାର ରବିବାର ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଦିକଳା ସମ୍ମାନରେ ସମ୍ବର୍ଦ୍ଧିତ ହେବେ। ପୁରୀ ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ଭାରତ ସରକାରଙ୍କ ପଞ୍ଜୀକୃତ ସଂସ୍ଥା କଲଚର୍ ଡେଭଲପମେଣ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ଅଗଷ୍ଟ ୩ ତାରିଖରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଜିଲ୍ଲାର ସଙ୍କୀର୍ତ୍ତନ କଳାକାର ଗୁରୁ ପ୍ରମୋଦ ଦାଶ, ଢ଼ୋଲ୍ ବାଦକ ସତରଙ୍ଗି ବାଗ, ଅନିରୁଦ୍ଧ ପାଇକ, ମାଦଲ ବାଦକ ଖଗେଶ୍ୱର ସାହୁ, କରମ୍ ସାନି, ଗାୟକ ନରେନ୍ଦ୍ର କଣ୍ଡା, ସୁଶାନ୍ତ ବାରିକ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ମୁହୁରି ବାଦକ ବାବୁଲାଲ ଲୁହା, କଣ୍ଠ ଶିଳ୍ପୀ ସୁନୀତା ପଟ୍ଟନାୟକ ପ୍ରମୁଖ ୯ ଜଣ କଳାକାର ସମ୍ବର୍ଦ୍ଧିତ ହେବେ। ଏମାନେ ବରଗଡ଼ ରେଲଷ୍ଟେସନରୁ ପୁରୀ ଅଭିମୁଖେ ଶନିବାର ଯାତ୍ରା କରିଛନ୍ତି। ତେବେ ଉକ୍ତ କଳାକାରମାନଙ୍କୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧକ୍ଷ ଚୈତନ୍ୟ ପାଇକ, ସମ୍ପାଦକ ଗୋପବନ୍ଧୁ ପୁରୋହିତ, ମିଳିତ କଳାକାର ମଞ୍ଚ ଅଧ୍ୟକ୍ଷ ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ ପ୍ରମୁଖ ବରଗଡ଼ ରେଲଷ୍ଟେସନରେ ଉପସ୍ଥିତ ରହି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# 'ସ୍ୱଚ୍ଛ ବରଗଡ଼ ସବୁଜ ବରଗଡ଼' ପାଇଁ ଶୋଭାଯାତ୍ରା

**ବରଗଡ଼, ୨।୮ (ସମିସ):** ବରଗଡ଼ ସହରକୁ ସ୍ୱଚ୍ଛ ସବୁଜ ଓ ସୁନ୍ଦର ଗଢ଼ି ତୋଳିବା ସକାଶେ ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ତରଫରୁ ଏକ ସଚେତନତା ଶୋଭାଯାତ୍ରା ବରଗଡ଼ ସହର ପରିକ୍ରମା କରିଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ବେନର, ପ୍ଲାକାର୍ଡ ଓ ସ୍ଲୋଗାନ ସହ ଗଙ୍ଗାଧର ନଗରରୁ ରାଲିରେ ବାହାରି କାଳୀ ମନ୍ଦିର ଛକ, ଥାନା ଛକ, ଏସପି ଅଫିସ ଛକ, ମିନି ଷ୍ଟାଡିଅମ ଦେଇ ବୈଦିକ ସ୍କୁଲକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ଗାର୍ଗୀ ଚଟର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ରାଲିକୁ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରାଲିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ପୌର ଅଧ୍ୟକ୍ଷା ଶ୍ରୀମତୀ ମାଝୀ, ପ୍ରିନ୍ସିପାଲ ଶ୍ରୀମତୀ ଚଟର୍ଜୀ, କାଉନସିଲର ନିତୁ ମାହାଣା, ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ସାମିଲ ହୋଇଥିଲେ।

# ସମାଜସେବୀଙ୍କ ଦେହାନ୍ତ

**ଜମନକିରା, ୨।୮ (ସମିସ):** ଜମନକିରା ଗ୍ରାମର ଅରୁଣ କୁମାର ପଟ୍ଟନାୟକ ଓରଫ ବାବୁଲୁଙ୍କ ଗତକାଲି ହୃଦଘାତ ଜନିତ ରୋଗ କାରଣ ରୁ ତାଙ୍କର ଦେହାନ୍ତ ହୋଇଯାଇଛି। ସେ ଜଣେ ନିଷ୍ପାପର, ସହୃଦୟ, ମିଷ୍ଟଭାଷୀ, ପରୋପକାରୀ ମଣିଷ ଟିଏ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ଦୁଇ ଦିନ ପୂର୍ବରୁ ତାଙ୍କର ଛାତି ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନା କୁ ନେଇ ଚିକିତ୍ସା କରାଇଥିଲେ। ତେବେ ଗତକାଲି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ଘଟିଛି। ଆଜି ତାଙ୍କର ଶେଷ କୃତ୍ୟ ହୋଇ ଯାଇଛି ଲ ବଡ଼ ପୁଅ ମୁଖଗ୍ନି ଦେଇଥିଲେ।

# ବରିଷ୍ଠ ସାମ୍ବାଦିକ ଅର୍ଜୁନ ପଣ୍ଡା ସମ୍ବର୍ଦ୍ଧିତ

**ସମ୍ବଲପୁର, ୨।୮ (ସମିସ):** ମ୍ୟୁନିସିପାଲିଟି ଛକସ୍ଥିତ ସାମ୍ବାଦିକ ଭବନରେ ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ନନ୍ଦ କିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସଂସ୍କୃତ ଜ୍ଞାନ ସାଙ୍ଗକୁ ସମ୍ବଲପୁରୀ ଭାଷା ଉପରେ ଦଖଲ ଓ ଶବ୍ଦକୋଷର ସେ ସ୍ରଷ୍ଟା ଓ ମୂଳଦୁଆର ପ୍ରତୀକ ଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାମ୍ବାଦିକତା ପାଇଁ ବର୍ଷିଆନ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ସୁବାସ ପାଣିଗ୍ରାହୀ ଅର୍ଜୁନ ରଞ୍ଜନ ପଣ୍ଡା ସାମ୍ବାଦିକ ଜୀବନର ବିଶେଷତ୍ୱ, କର୍ତ୍ତବ୍ୟନିଷ୍ଠା ଓ ଦୀର୍ଘ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକଙ୍କ ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିକ୍ଷାବିତ୍ ଡଃ ନିଳେନ୍ଦ୍ରୀ ପଣ୍ଡା ତାଙ୍କ ଜୀବନବ୍ୟାପୀ ଅନୁଭୂତି ବ୍ୟାଖା କରିଥିଲେ। ଡ. ଜୟଦେବ ମେହେର, ଡ. ମୁରଲୀ ନାୟକ, ଡ. ପଞ୍ଚାନନ ନାୟକ ସ୍ୱରଚିତ କବିତା ଓ କଥାନି ପରିବେଷଣ କରିଥିଲେ। ବରିଷ୍ଠ ସଦସ୍ୟ ଡା. ନାରାୟଣୀ ପଣ୍ଡା, ନାରାୟଣ ନାଏକ, ରାଜଲକ୍ଷ୍ମୀ ମିଶ୍ର, ଶାନ୍ତି ନାଏକ, ଡ.ଲକ୍ଷ୍ମୀନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହୀରାଖଣ୍ଡ ନାଗରିକ ପରିଷଦ ସମ୍ପାଦକ ସୀତାଂଶୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ନୃତ୍ୟ ଗୀତର ମଜାନେଲେ ଦର୍ଶକ



**ସମ୍ବଲପୁର, ୨।୮ (ସମିସ) :** ସମ୍ବଲପୁରୀ ଏକତା ମଞ୍ଚ, ବୁର୍ଲା ଆନୁକୂଲ୍ୟରେ ସମ୍ବଲପୁରୀ ଭାଷା ସାହିତ୍ୟର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅବସରରେ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସମ୍ବଲପୁରୀ ଦିନ୍ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜଏସ୍ୱାଲ, ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ। ବୁର୍ଲା ଭୀମସାରର ପ୍ରାକ୍ତନ ଅଧ୍ୟକ୍ଷ ସମ୍ବଲପୁରୀ ଏକତା ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ବ୍ରଜ ମୋହନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ଉପଦେଷ୍ଟା ପ୍ରସନ୍ନ କୁମାର ସାହୁ, ଯଶୋବନ୍ତ ମାଝି, ରଜନୀ ନାଗ, ଚନ୍ଦ୍ରାବତି ନାୟକ, ଅର୍ଜୁନ ମେହେର ଉପସ୍ଥିତ ରହିଥିଲେ। କମିଟିର ସଭାପତି ପ୍ୟାରୀମୋହନ ପୂଜାରୀଙ୍କ ଅଧ୍ୟକ୍ଷତାରେ ସଭା ପରିଚାଳନା ହୋଇଥିବାବେଳେ ସମ୍ପାଦକ ଦେବାଶିଷ ନନ୍ଦ, ଉପସଭାପତି ପ୍ରେମାନନ୍ଦ ଷଣ୍ଢ ଓ ନୟନ କୁମାର ନାୟକ, ଯୁଗ୍ମ ସମ୍ପାଦକ ଆକାଶ ଆଚାର୍ଯ୍ୟ ଓ ଜୟନ୍ତ କୁମାର ନନ୍ଦ, ଯୁଗ୍ମ ସାଂସ୍କୃତିକ ସମ୍ପାଦକ ସତ୍ୟବ୍ରତ ସାହୁ, କୋଷାଧ୍ୟକ୍ଷ ସତ୍ୟବ୍ରତ ନାୟକ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ ସଂଯୋଜକ ରାଜେଶ ମିଶ୍ର ଓ ସୁଧୀର ମହାରଣା ସଂଯୋଜନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ତରଣିସେନ ଚାନ୍ଦ ସଭା ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନାର ସହିତ ସମ୍ବଲପୁରୀ ଦିନ୍ ପାଳିତ ହୋଇଥିଲା। ପାରମ୍ପରିକ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସମସ୍ତ ସମ୍ପ୍ରଦାୟ, ବିଭିନ୍ନ ଅନୁଷ୍ଠାନ, ସାଂସ୍କୃତିକ ଜନକଲ୍ୟାଣ ସଂସ୍ଥାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା।

ସନ୍ଧ୍ୟାରେ ପଦ୍ମଶ୍ରୀ ଡଃ ହଳଧର ନାଗଙ୍କୁ ସମ୍ମାନିତ କରାଯାଇଥିବାବେଳେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ତଥା ସମ୍ବଲପୁରୀ ଦିନ୍ ପାଳନର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ।

## ଶିଶୁ ପୁତ୍ରକୁ ଛାଡ଼ି ପ୍ରେମିକ ସହ ମହିଳା ଫେରାର

# ପୁଅକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଛି ବାପା

**ଜମନକିରା, ୨।୮ (ସମିସ):** ବୈଦିକ ରୀତିରେ ଯାହାକୁ ବିବାହ କଲେ ଦୁଇ ବର୍ଷର ଶିଶୁ ପୁତ୍ରକୁ ଛାଡ଼ି ପ୍ରେମିକ ସାଙ୍ଗରେ ଫେରାର ହେଲା। ତେଣେ ୭୦ ବର୍ଷର ବୃଦ୍ଧ ବାପା ଘରେ ଏକାକୀ ଥିବା ବେଳେ ତାଙ୍କର ୨ ବର୍ଷିୟ ଶିଶୁପୁତ୍ର ପୀୟୁଷକୁ ପାଳି ପୋଷି ମଣିଷ କରିବାକୁ ହେବ ? ବୃଦ୍ଧ ବାପା ଓ ପୁଅକୁ ଛାଡ଼ି ଘରୁ ବାହାରକୁ କାମ ଧନ୍ଦା ପାଇଁ ଯିବାକୁ ମନବଳୁ ନାହିଁ। ତେଣେ କାମ ନ କଲେ ପେଟପାଟଣା ଚଳିବ କେମିତି ଏଭଳି ଚିନ୍ତାରେ ପ୍ରତ୍ୟକ୍ଷ କୁଆ (୩୪) ନିରାଶ ହେବାରୁ ଦୁଇ ବର୍ଷର ଶିଶୁପୁତ୍ରକୁ ବିକ୍ରି ପାଇଁ ଚରମ ନିଷ୍ପତ୍ତି ନେଇଛନ୍ତି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଧୀନ ଢୁଡ଼ିପାଲି ବାସିନ୍ଦା ପ୍ରତ୍ୟକ୍ଷ ଶିଶୁପୁତ୍ର ବିକ୍ରି ପାଇଁ ଗ୍ରାହକ ଖୋଜୁଛନ୍ତି। ସୂଚନା ଅନୁଯାୟୀ, ଗତ ୨୦୧୯ ମସିହାରେ ଏପ୍ରିଲ ୧୩ ତାରିଖରେ ଚକୁଳିଆବା। ହାଲ ମରାଲମାଲ ଗ୍ରାମରୁ ଜଣକୁ ଅଗ୍ନିକୁ ସାକ୍ଷୀ କରି ବୈଦିକ ରୀତିରେ ବାହା ହୋଇଥିଲେ। ତାଙ୍କ ଔରଷରୁ ଶିଶୁପୁତ୍ର ଜନ୍ମ ହୋଇଥିଲା। ହେଲେ ଗତ ଜୁଲାଇ ୧୪ ତାରିଖରେ ଘରୁ ଫେରାର ହୋଇ ଯାଇଥିଲା। ଘରୁ ଯିବା ବେଳେ ଟଙ୍କା, ସୁନା ଗହଣା ସବୁ କିଛି ସାଙ୍ଗରେ ନେଇ ଯାଇଛି। ରାସନ କାର୍ଡ, ଆଧାର କାର୍ଡ, ପାନ କାର୍ଡ ଇତ୍ୟାଦି ଧରି ଫେରାର ମାରିଛି। କୁଚିଣ୍ଡା ଥାନା, ସମ୍ବଲପୁର ଏସପି, କୁଚିଣ୍ଡା ଏସଡିପିଓଙ୍କ ଠାରୁ ନିରାଶ ହେବା ପରେ ଏପରି ଚରମ ନିଷ୍ପତ୍ତି ନେଇ ଥିବା ବେଳେ ଆଗକୁ କଣ ହେବ ଦେଖିବାକୁ ମିଳିବ।

# ହୀରାକୁଦ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

**ହୀରାକୁଦ, ୨।୮ (ସମିସ):** ହୀରାକୁଦ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଏମ୍ସ କଲେଜର ସିଇଓ ମନୋଜ କୁମାର ବଢ଼େଇ ଯୋଗଦେଇ ଶିଶୁମାନେ ଆଗାମୀ ଦିନରେ କିଭଳି ବିଜ୍ଞାନର ସଦୁପଯୋଗ କରି ସୁନାମ ଅର୍ଜନ କରିବେ ସେଥିପ୍ରତି ଚେଷ୍ଟିତ ହେବାକୁ କହିଥିଲେ। ପ୍ରଧାନଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧକ୍ଷ୍ୟ ଅଜିତ ସିଂହ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ପ୍ରତିଯୋଗିତାରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ମୂର୍ତ୍ତି କଳା, ପତ୍ରବାଚନ, ବିଭିନ୍ନ ପ୍ରଶ୍ନମଞ୍ଚ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮୭ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିକାଶ କଲେଜର ଅଧ୍ୟାପକ ମନୋରଞ୍ଜନ ମିଶ୍ର ଯୋଗଦେଇ କୁନି ବୈଜ୍ଞାନିକଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପରିଚାଳନା ସମିତିର ସଦସ୍ୟା ଭବାନୀ ସିଂ ବିଜ୍ଞାନ କ୍ଷେତ୍ରରେ ଆଗେଇବା ପାଇଁ ଶିଶୁଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ମୀନା ବାରିକ ବୃତ୍ତ କଥନ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର, ସଂଯୁକ୍ତା ମିଶ୍ର ବୌଦ୍ଧିକ ପରିଚାଳନା କରିଥିଲେ।




# ହୀରାକୁଦ ସମସ୍ୟା ନେଇ ନୂତନ କମିଶନରଙ୍କୁ ସାକ୍ଷାତ



**ସମ୍ବଲପୁର, ୨।୮ (ସମିସ):** ସମ୍ବଲପୁର ମହାନଗର ନିଗମରେ ନୂତନ କମିଶନର ଭାବେ ଯୋଗଦେଇଥିବା ରେହନ ଖାତ୍ରୀଙ୍କୁ ହୀରାକୁଦ ଅଞ୍ଚଳର ପ୍ରତିନିଧିଦଳ ଭେଟି ସ୍ୱାଗତ ଜଣାଇଛନ୍ତି। ହୀରାକୁଦ ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ସମାଜସେବୀ କାର୍ତ୍ତିକ କଲେତ, ଉତ୍ତମ ବାଗ, ମହେଶ ଗର୍ଡ଼ିଆ, ରାହୁଲ ସା, ଅଶୋକ ମହାରଣା, କୁନାଲ କଲେତ, ମୋହିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ଠକେଇରେ କେବେ ଲାଗିବ ଅଙ୍କୁଶ

# ଇନଭେଷ୍ଟ ନାଁରେ ନେଇଗଲେ ୮୮ ଲକ୍ଷ

**ସମ୍ବଲପୁର, ୨।୮ (ସମିସ)**

ସମ୍ବଲପୁରରେ ବଡ ଧରଣର ଠକେଇ। ପାଞ୍ଚ ଲକ୍ଷ କିମ୍ବା ଦଶ ଲକ୍ଷ ଠକେଇ ନୁହେଁ, ଏକାଥର କେ ୮୮ ଲକ୍ଷ ଟଙ୍କା। ଅନଲାଇନ ଲୁଟେରାଙ୍କ ଜାଲରେ ଜଣେ ବ୍ୟକ୍ତି ୮୮ ଲକ୍ଷ ଟଙ୍କା ହରାଇଛନ୍ତି। ସରକାର, ପ୍ରଶାସନ ଓ ପୁଲିସ ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ ସାଇବର ଲୁଟେରାଙ୍କୁ କବଳରୁ ରକ୍ଷା କରିପାରୁନି। ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଏ ନେଇ ଖବର ପ୍ରକାଶ ହେଉଥିଲେ ମଧ୍ୟ ଏହି ଠକେଇ ଉପରେ କୌଣସି ଅଙ୍କୁଶ ଲାଗିପାରୁନି। ସେହି ସମାନ ଢଙ୍ଗରେ ଲୁଟେରା ଇନଭେଷ୍ଟ କରିବାକୁ କହି ସବୁ ନେଇ ଯାଉଛନ୍ତି। ଲୋଭର ଶିକାର ହୋଇ ସାଧରଣ ଲୋକଟି ଜୀବନ ଯାକ ପୁଞ୍ଜି ଲଗାଇ ଶେଷରେ ସର୍ବସ୍ୱ ହରାଇବାକୁ ବାଧ ହୋଇଛି। ଅଇଁଠାପାଲି ଥାନା ଅଞ୍ଚଳରେ ଏପରି ଘଟିଯାଇଛି। ଅଇଁଠାପାଲି ଥାନାଞ୍ଚଳର ଜଣେ ୫୬ ବର୍ଷିୟ ବ୍ୟକ୍ତି ନିବେଶ ଆଳରେ ୮୮ ଲକ୍ଷରୁ ଅଧିକ ଟଙ୍କା ଲୁଟର ଶିକାର ହୋଇଛନ୍ତି। ଶେଷରେ ବାଧ ହୋଇ ସମ୍ବଲପୁର ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ମିଶାଇ ସମ୍ବଲପୁରରେ ୬ ମାସରେ ୫ କୋଟିରୁ ଅଧିକ ଟଙ୍କା ଲୁଟିଲେଣି ଲୁଟେରା। ଅଭିଯୋଗ ଅନୁସାରେ ବ୍ୟକ୍ତି ଜଣକ ନିବେଶ ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିବା ପାଇଁ ଇଣ୍ଟରନେଟରେ ଖୋଜିଥିଲେ। ସେଠାରେ ସେ ଏକ ଲିଙ୍କ ମାଧ୍ୟମରେ ହ୍ୱାଟ୍ସଆପ ଗ୍ରୁପରେ ପହଞ୍ଚିଥିଲେ। ଏହି ଗ୍ରୁପକୁ ଶାହା ଇନଭେଷ୍ଟମେଣ୍ଟର ପ୍ରତିଷ୍ଠାତା ରୋହନ ଶାହା ଚଳାଉଥିଲେ। ଏଥିରେ ନିବେଶ କିପରି କରାଯିବ, କେତେ ଟଙ୍କା କିଣାବିକା ହେବ ସେ ବିଷୟରେ କୁହାଯାଉଥିଲା। ୧୭୮ ଜଣ ଏହି ଗ୍ରୁପରେ ସକ୍ରିୟ ଭାବେ ଥିଲେ। ସେ ୨୦ ଦିନ ଏଥିର ତାଲିମ ନେଇଥିଲେ। ପରେ ତାଙ୍କୁ ଆମେରିକାର ଏକ କମ୍ପାନୀରେ ନିବେଶ କରିବାକୁ କୁହାଯାଇଥିଲା। ତାଙ୍କର ଭାରତୀୟ ଡିମାଟ ଆକାଉଣ୍ଟ ହୋଇଥିବାରୁ ସେ ନିବେଶ କରିପାରିଲେ ନାହି। ରୋହନର କହିବାଅନୁଯାୟୀ ସେବା ସେ ଡିମାଟ ଆକାଉଣ୍ଟ ଖୋଲିଲେ ଯାହାକି ସେବାରେ ପଞ୍ଜିକୃତ ହୋଇଥିଲା। ସେବା ତରଫରୁ ଏକ ପଞ୍ଜିକୃତ ନମ୍ବର ପ୍ରଦାନ କରାଯାଇଥିଲା। ଏହାପରେ ବିଶ୍ୱାସ ଜମିଥିଲା। ସେ ଧିରେ ଧିରେ ଏଥିରେ ନିବେଶ କରିବା ଆରମ୍ଭ କରିଥିଲେ। ମୋଟ ୮୮ ଲକ୍ଷ ଟଙ୍କାର ନିବେଶ କରିବା ପରେ ସେ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ କିନ୍ତୁ କରିପାରିନଥିଲେ। ଯେତେବେଳେ କୌଣସି ଟଙ୍କା ଫେରିପାଇଲେ ନାହିଁ ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଥିଲେ। ସମ୍ବଲପୁର ପାଇଁ ଲୁଟ୍‌ର ଶିକାର ହେବା କିଛି ନୂଆ କଥା ନୁହଁ ନିୟମିତ ଭାବେ ଏଭଳି ଅନେକ ଘଟଣା ସାମ୍ନାକୁ ଆସୁଛି। ଏନେଇ ସମ୍ବଲପୁର ଏସପି ମୁକେଶ ଭାମୂ କହିଛନ୍ତି, ସମସ୍ତେ ସଚେତନ ରହିବା ଆବଶ୍ୟକତା ରହିଛି। ପଞ୍ଜିକୃତ ୱେବ୍ ସାଇଟ୍ ଓ ଆପରେ ନିବେଶ କରିବାର ଆବଶ୍ୟକତା ରହିଛି। ଯଦି କିଛି ସ୍ଥାନରେ ସନ୍ଦେହ ସୃଷ୍ଟି ହେଉଛି ତେବେ ତୁରନ୍ତ ନିକଟସ୍ଥ ପୁଲିସ ଷ୍ଟେସନରେ ଜଣାନ୍ତୁ ବୋଲି ଶ୍ରୀ ଭାମୂ କହିଛନ୍ତି।

**ଲୋକଙ୍କୁ ସଚେତନ କରିପାରୁନି ପ୍ରଶାସନ**

**୬ ମାସରେ ଅନ୍‌ଲାଇନ୍ ଲୁଟେରା ନେଲେଣି ୫ କୋଟି**